# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୨/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, September 12/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 288 | ମୂଲ୍ୟ ₹୭/-




**ଜୋକୋଭିଚ୍‌ଙ୍କୁ ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ**

ସର୍ବୀୟ ଖେଳାଳି ନୋଭାକ୍ ଜୋକୋଭିଚ୍ ୟୁଏସ୍ ଓପନ୍‌ରେ ତାଙ୍କ କ୍ୟାରିୟର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

୦୯

୦୮

**୭ ବର୍ଷ ହେବ ରିଲେଶନଶିପ୍‌ରେ ଅଛନ୍ତି ସୁରଜ**

ଅଭିନେତ୍ରୀ ଜିଆ ଖାନ୍ ଆତ୍ମହତ୍ୟା ମାମଲାରେ ଛନ୍ଦି ହୋଇଥିବା ଅଭିନେତା ସୁରଜ ପାଞ୍ଚୋଲି ୭ବର୍ଷ ହେବ ଏକ ରିଲେଶନଶିପ୍‌ରେ ଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି।



## ଶିକ୍ଷାନୁଷ୍ଠାନରୁ ଉଦ୍ୟୋଗୀ ସୃଷ୍ଟି ଲକ୍ଷ୍ୟ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍‌କୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

### ଷ୍ଟାର୍ଟଅପ୍ ଯାତ୍ରା, ଷ୍ଟାର୍ଟଅପ୍ ଏକ୍ସପ୍ରେସର ଶୁଭାରମ୍ଭ

ଭୁବନେଶ୍ୱର,୧୧।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରରେ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଷ୍ଟାର୍ଟଅପ୍ ଏକ୍ସପ୍ରେସ-୨୦୨୩ର ଶୁଭାରମ୍ଭ କରିଛନ୍ତି। ତୃଣମୂଳ ସ୍ତରରୁ ପୁଞ୍ଜିନିବେଶକ ଏବଂ ଉଦ୍ୟୋଗୀ ସୃଷ୍ଟି ସହ ୨୦୨୫ ସୁଦ୍ଧା ରାଜ୍ୟରେ ୫ ହଜାର ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିବା ରାଜ୍ୟ ସରକାରଙ୍କର ମୂଳ ଲକ୍ଷ୍ୟ।

ଷ୍ଟାର୍ଟଅପ୍ ଏକ୍ସପ୍ରେସ୍ ରାଜ୍ୟର ୨୬୦ ଶିକ୍ଷାନୁଷ୍ଠାନର ୨୫ ହଜାର ଛାତ୍ରୀଛାତ୍ରଙ୍କୁ ଭେଟି ସେମାନଙ୍କ ନୂତନ ଆଇଡିଆ ସଂଗ୍ରହ କରିବ। ତାହାକୁ ଭିତ୍ତିକରି ୩୫୦୦ ନୂତନ ଉଦ୍ୟୋଗୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଷ୍ଟାର୍ଟଅପ୍ ଓଡ଼ିଶାର ୪ଟି ଭ୍ୟାନ୍ ୩୦ ଜିଲାରେ ଭିନ୍ନ ଭିନ୍ନ ଭାବେ ଭ୍ରମଣ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ଏବଂ ନିର୍ଦ୍ଦେଶକ ଓମ୍‌କାରେ ରାୟ ଯୋଗ ଦେଇଥିଲେ। ଷ୍ଟାର୍ଟଅପ୍ ଯାତ୍ରାର ୩ ଦିନିଆ କାର୍ଯ୍ୟକ୍ରମରେ ୫୦-ଟି ଉତ୍ତମ ଚିନ୍ତାଧାରାକୁ ତାଲିକାଭୁକ୍ତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ନକଲି ଡିଫିଟାଲିଓ

# ବିନା ଅନୁମତିରେ ବାବୁଙ୍କ ବିରୋଧରେ ହେବ ମାମଲା

**କେନ୍ଦ୍ର ସରକାରଙ୍କ ଅଧୀନରେ ଯୁଗ୍ମ ସଚିବ ଏବଂ ଏହାଠାରୁ ବଡ଼ ପଦବୀରେ କାର୍ଯ୍ୟ କରୁଥିବା ବାବୁଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଲେ ଏବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ତଦନ୍ତ ଏବଂ ମାମଲା ରୁଜୁ ହୋଇପାରିବ। ସୋମବାର ସୁପ୍ରିମକୋର୍ଟର ୫ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଏହି ନିର୍ଦ୍ଦେଶକୁ ୨୦୦୩ ସେପ୍ଟେମ୍ବର ୧୧ରୁ ପିଛିଲା ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ପରେ ବାବୁମାନେ ଏବେ ଚିନ୍ତାରେ।**

### ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ



ନୂଆଦିଲ୍ଲୀ,୧୧।୯(ପି.ଟି.)

କେନ୍ଦ୍ର ସରକାରଙ୍କ ଅଧୀନରେ ନିଯୁକ୍ତ ଯୁଗ୍ମ ସଚିବ ଓ ତଦୂର୍ଦ୍ଧ୍ୱ ପାହ୍ୟାର ଅଫିସରମାନେ ଦୁର୍ନୀତିରେ ସମ୍ପୃକ୍ତ ଥିଲେ, କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେମାନଙ୍କ ବିରୋଧରେ ତଦନ୍ତ କରାଯିବା ସହ ମାମଲା ରୁଜୁ କରାଯାଇପାରିବ। ୨୦୧୪ରେ ସୁପ୍ରିମକୋର୍ଟ ଦେଇଥିବା ଏହି ରାୟକୁ ୨୦୦୩ ସେପ୍ଟେମ୍ବର ୧୧ରୁ ପିଛିଲା ଭାବେ ଲାଗୁ କରିବା ପାଇଁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ନୀତି ମାମଲାରେ ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠାନ (ଡିଏସ୍‌ପିଇ) ଅଧିନିୟମ, ୧୯୪୬ ଉପରୋକ୍ତ ଅଧିକାରୀମାନଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ଆଣିବାର ବ୍ୟବସ୍ଥା ରହିଥିଲା। ସର୍ବୋଚ୍ଚ ଅଦାଲତ ୨୦୧୪ ମେ'ରେ ଏହି ବ୍ୟବସ୍ଥାକୁ ଖାରଜ କରିଦେଇଥିଲେ। ଏବେ ଉକ୍ତ ରାୟକୁ ପିଛିଲା ଭାବେ ଲାଗୁ କରିବା ଲାଗି ଜଷ୍ଟିସ ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ସର୍ବସମ୍ମତ ରାୟ ପ୍ରଦାନ କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ୨୦୧୪ର ରାୟ ୨୦୦୩ ସେପ୍ଟେମ୍ବର ୧୧ରୁ ଲାଗୁ ହେବ, ଯେତେବେଳେ ଡିଏସ୍‌ପିଇ ଅଧିନିୟମରେ ଧାରା ୬(ଏ)କୁ ଯୋଡ଼ାଯାଇଥିଲା। ଏହି ଧାରାରେ ଉଚ୍ଚ ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ ତଦନ୍ତ ଓ ମାମଲା ରୁଜୁ ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ଆବଶ୍ୟକ ବୋଲି ଉଲ୍ଲେଖ ରହିଥିଲା। ଉକ୍ତ ଧାରା ଅବୈଧ ବୋଲି ☞ପୃଷ୍ଠା-୨







## ସଂକ୍ଷେପରେ

### ୨୧ ଟିଡିପି ବିଧାୟକ ଗୃହବନ୍ଦୀ

**ହାଇଦ୍ରାବାଦ,୧୧।୯:** ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଦୁର୍ନୀତି ମାମଲାରେ ସିଆଇଡି ଗିରଫ କରିବା ପରେ ଦଳର ସମସ୍ତ ୨୧ବିଧାୟକଙ୍କୁ ଗୃହବନ୍ଦୀ ରଖାଯାଇଛି। ଆନ୍ଧ୍ରର ବିଭିନ୍ନ ସହରରେ ଥିବା ସେମାନଙ୍କ ଘର ବାହାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଚନ୍ଦ୍ରାବାବୁଙ୍କ ଗିରଫଦାରି ପ୍ରତିବାଦରେ ଟିଡିପି ପକ୍ଷରୁ ସୋମବାର ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଥିବାବେଳେ ସହରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଲୋକେ ଏକାଠି ନ ହେବା ଲାଗି ୧୪୪ ଧାରା ଜାରି ହୋଇଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉକରି ବହୁସଂଖ୍ୟାରେ ଟିଡିପି ନେତାଙ୍କୁ ଅଟକ ରଖିଛି। ବହୁକୋଟି ଟଙ୍କା ଆନ୍ଧ୍ରପ୍ରଦେଶ ରାଜ୍ୟ ଦକ୍ଷତା ବିକାଶ ନିଗମ ଦୁର୍ନୀତି ମାମଲାରେ ସମ୍ପୃକ୍ତ ଚନ୍ଦ୍ରାବାବୁଙ୍କୁ ଶନିବାର ଗିରଫ କରାଯାଇଥିଲା। ତାଙ୍କୁ ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଭ୍ୟାନ୍ ମାଡ଼ିଯାଇ ୭ ମହିଳା ମୃତ

**ତିରୁପାତ୍ତୁର,୧୧।୯:** ତାମିଲନାଡୁର ତିରୁପାତ୍ତୁର ଜିଲା ଅନ୍ତର୍ଗତ ନାଟ୍ରାମପାଲ୍ଲୀ ନିକଟରେ ସୋମବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ୭ ମହିଳାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଗତ ୮ ତାରିଖରେ ଜିଲାର ଅମ୍ବୁର ନିକଟବର୍ତ୍ତୀ ଏକ ଗ୍ରାମରୁ ୪୫ ଜଣ ଦୁଇଟି ଭ୍ୟାନ୍‌ରେ ବେଙ୍ଗାଲୁରୁ ବୁଲିଯାଇଥିଲେ। ସୋମବାର ସକାଳେ ସେମାନେ ଘରକୁ ଫେରୁଥିବାବେଳେ ଚେନ୍ନାଇ-ବେଙ୍ଗାଲୁରୁ ଜାତୀୟ ରାଜପଥର ସାଣ୍ଡିଉର ଛକରେ ଗୋଟିଏ ଭ୍ୟାନ୍‌ର ଟାୟାର ଫାଟିଯିବାରୁ ଡ୍ରାଇଭର ଗାଡ଼ି ଅଟକାଇ ଟାୟାର ବଦଳାଉଥିଲା। ଏହି ସମୟରେ ଯାତ୍ରୀମାନେ ଓହ୍ଲାଇ ଭ୍ୟାନ ଆଗରେ ରାସ୍ତାରେ ବସିଥିବାବେଳେ ଏକ ଦ୍ରୁତଗାମୀ ଟ୍ରକ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଫଳରେ ଭ୍ୟାନ୍ ଆଗରେ ବସିଥିବା ଲୋକଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ୭ ମହିଳା ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଲରି ଡ୍ରାଇଭର ଓ କ୍ଲିନରଙ୍କ ସମେତ ୧୦ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

### ମାନବାଧିକାର, ପ୍ରେସ୍ ସ୍ୱାଧୀନତା ପ୍ରସଙ୍ଗ ଉଠାଇଥିଲେ ବାଇଡେନ୍



**ହାନୋଇ,୧୧।୯:** ନୂଆଦିଲ୍ଲୀରେ ଜି୨୦ ସମିଟ୍ ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସହ ଭାରତ-ଆମେରିକା ସହଭାଗୀତାକୁ ମଜଭୁତ୍ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ବୋଲି ଭିଏତ୍‌ନାମ ରାଜଧାନୀ ହାନୋଇଠାରେ ଖବରଦାତାମାନଙ୍କୁ କହିଛନ୍ତି। ଏଥିସହିତ ମାନବାଧିକାରକୁ ସମ୍ମାନ ଦେବା, ସିଭିଲ ସୋସାଇଟିର ଭୂମିକା ଏବଂ ପ୍ରେସ୍ ସ୍ୱାଧୀନତା ପ୍ରସଙ୍ଗରେ ସେ ମୋଦିଙ୍କ ସହ ଆଲୋଚନା କରିଥିଲେ। ଉଭୟ ନେତା ଦ୍ୱିପାକ୍ଷିକ ସାମରିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଜି୨୦ର ଆୟୋଜନ ଓ ଆତିଥେୟତା ପାଇଁ ବାଇଡେନ୍ ମୋଦିଙ୍କ ନେତୃତ୍ୱକୁ ପୁନର୍ବାର ଧନ୍ୟବାଦ ଜଣାଇଛନ୍ତି।



ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଜାରି ହାୱାଇରେ ବିଶ୍ୱର ସବୁଠୁ ସକ୍ରିୟ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ସମୟର ୱେବ୍‌କ୍ୟାମ୍ ଭିଡିଓର ସ୍କ୍ରିନ୍ ଶଟ୍।

## ଏ.ଆର୍. ରହମନଙ୍କ ଶୋ'ରେ ହଙ୍ଗାମା

### ଆୟୋଜକଙ୍କୁ ଦୋଷ ଦେଲେ ପ୍ରଶଂସକ

**ଚେନ୍ନାଇ,୧୧।୯**

ଓସ୍କାର ବିଜେତା ସଙ୍ଗୀତଜ୍ଞ ଏ.ଆର୍. ରହମନଙ୍କ ଲାଇଭ୍ କାର୍ଯ୍ୟକ୍ରମ ଦେଖିବାକୁ ପ୍ରଶଂସକଙ୍କ ମଧ୍ୟରେ ସବୁବେଳେ ସ୍ୱତନ୍ତ୍ର ଉତ୍ସାହ ରହିଥାଏ। ରବିବାର ଚେନ୍ନାଇରେ ତାଙ୍କର ଏକ ସଙ୍ଗୀତ କାର୍ଯ୍ୟକ୍ରମବେଳେ ପ୍ରବଳ ଭିଡ଼ ହୋଇଥିଲା। ଆୟୋଜକଙ୍କ ଅପାରଗତାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କାର୍ଯ୍ୟକ୍ରମବେଳେ ଲୋକଙ୍କ ମଧ୍ୟରେ ହାତାହାତି ଭଳି ଘଟଣା ଘଟିଥିବାବେଳେ ସୋସିଆଲ୍ ମିଡିଆରେ ଏବେ ଲୋକେ ଆୟୋଜକଙ୍କୁ ଗାଳି କରୁଛନ୍ତି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଲୋକମାନେ ସୋସିଆଲ ମିଡିଆରେ କାର୍ଯ୍ୟକ୍ରମର ବିଭିନ୍ନ ଭିଡିଓ ଓ ଫଟୋ ଶେୟାର କରିବା ସହ ଆୟୋଜକମାନେ ଅତି ନିମ୍ନମାନର ବ୍ୟବସ୍ଥା କରିଥିଲେ



ବୋଲି ଅଭିଯୋଗ କରିଛନ୍ତି। ସେହିପରି ପଛରେ ବସିଥିବା କେତେଜଣ ଲୋକ ସାଉଣ୍ଡ ଠିକ୍ ନଥିବାରୁ ସଙ୍ଗୀତ ଶୁଣିପାର ନ ଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ରହମନ ଦୁଃଖ ପ୍ରକାଶ କରିବା ସହ ଯେଉଁମାନେ କାର୍ଯ୍ୟକ୍ରମ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଟିକେଟର ପୂରା ଅର୍ଥ ଫେରସ୍ତ କରାଯିବ ବୋଲି କହିଛନ୍ତି।

## ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ

# କାର୍ଯ୍ୟସୂଚୀକୁ ନେଇ ଅନ୍ଧାରରେ ଦେଶ

**ନୂଆଦିଲ୍ଲୀ,୧୧।୯**

କେନ୍ଦ୍ର ସରକାର ଆସନ୍ତା ୧୮ରୁ ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏହି ଅଧିବେଶନରେ କେଉଁସବୁ ପ୍ରସଙ୍ଗରେ ଆଲୋଚନା ହେବ ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରାଯାଉ ନାହିଁ। ଏହି ଅଧିବେଶନରେ ଦେଶର ନାଁ ପରିବର୍ତ୍ତନ ନେଇ ସରକାର ପ୍ରସ୍ତାବ ଆଣିପାରନ୍ତି ବୋଲି କେତେଜଣ କହୁଥିବାବେଳେ କେହି କେହି ଏକ ରାଷ୍ଟ୍ର ଏକ ନିର୍ବାଚନ, ସମାନ ଦେୱାନି ସଂହିତା, ମହିଳା ସଂରକ୍ଷଣ ବିଲ୍, ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ନେଇ ଆଲୋଚନା ହୋଇପାରେ ବୋଲି ଅନ୍ୟମାନେ ଚର୍ଚ୍ଚା କରୁଛନ୍ତି। ତେବେ ପ୍ରକୃତରେ କେଉଁ ପ୍ରସଙ୍ଗରେ ଆଲୋଚନା ହେବ ସେ ନେଇ ସମ୍ପୂର୍ଣ୍ଣ ଦେଶ ଅନ୍ଧକାରରେ ରହିଛି।

ଦେଶବାସୀଙ୍କୁ ଅନ୍ଧକାରରେ ରଖିବା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପାଇଁ ଏହା ନୂଆ ଘଟଣା ନୁହେଁ। ୨୦୧୪ରେ ଗୈରିକ ଦଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ଦିନଠାରୁ ବିଭିନ୍ନ ସମୟରେ ସେମାନେ ବିଭିନ୍ନ କାର୍ଯ୍ୟସୂଚୀକୁ ଲୁଚାଇ ରଖି ବିରୋଧୀଙ୍କୁ ଅନ୍ଧକାରରେ ରଖିଆସିଛନ୍ତି। ଜି୨୦ ସମିଟ୍‌ର ସଫଳତା ପାଇଁ ଗତ କିଛି ସପ୍ତାହ ହେଲା ଭାଜପା



ଏବଂ କେନ୍ଦ୍ର ସରକାର ପ୍ରସ୍ତୁତିରେ ବ୍ୟସ୍ତ ରହିଥିଲେ। ଏହାକୁ ପୁଞ୍ଜିକରି ସେମାନେ ଆଗାମୀ ନିର୍ବାଚନ ସମେତ ୨୦୨୪ ଲୋକ ସଭା ନିର୍ବାଚନ ବୈତରଣୀ ପାରହେବାକୁ ଉଦ୍ୟମ କରିପାରନ୍ତି ବୋଲି କୁହାଯାଉଛି। ସ୍ୱତନ୍ତ୍ର ଅଧିବେଶନକୁ ନେଇ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଯେଉଁସବୁ ଚର୍ଚ୍ଚା ଲାଗିରହିଛି, ତାହା କେବଳ କଳ୍ପନାଜଳ୍ପନା ବୋଲି ଶାସକ ଦଳ କହିଛି। ଏପରିକି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀଙ୍କ ଅଫିସ ମଧ୍ୟ ସ୍ୱତନ୍ତ୍ର ଅଧିବେଶନର ଏଜେଣ୍ଡାକୁ ନେଇ ନିଶ୍ଚିତ ନ ଥିବା ଜଣାପଡୁଛି। ଦେଶରେ ଏକକାଳୀନ ସମସ୍ତ ନିର୍ବାଚନ କରାଇବା ଲାଗି ସରକାର ଏହି ଅଧିବେଶନରେ ବିଲ୍ ଆଣିପାରନ୍ତି ବୋଲି ପ୍ରଥମେ ଆଲୋଚନା ହେଉଥିଲା। ଜି୨୦ ସମିଟ୍ ବେଳେ ରାଷ୍ଟ୍ରପତିଙ୍କ ନୈଶଭୋଜି ନିମନ୍ତ୍ରଣ ପରେ ପ୍ରେସିଡେଣ୍ଟ ଅଫ୍ ଭାରତ ଲେଖାଯିବା ପରେ ସରକାର ସ୍ଥାୟୀ ଭାବେ ଦେଶର ନାଁ ଇଣ୍ଡିଆରୁ ଭାରତ କରିପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ତଥାପି ସ୍ୱତନ୍ତ୍ର ଅଧିବେଶନର ଉଦ୍ଦେଶ୍ୟ ରହସ୍ୟ ହୋଇ ରହିଛି। ସରକାର ଜି୨୦ ସମିଟର ସଫଳତା ଏବଂ ଚନ୍ଦ୍ରୟାନ-୩ର ସଫଳ ସଫ୍ଟଲ୍ୟାଣ୍ଡିଂ ସମ୍ପର୍କରେ ଏହି ଅଧିବେଶନରେ ବଖାଣିବା ଲାଗି ଅଧିବେଶନକୁ ବ୍ୟବହାର କରିପାରନ୍ତି ବୋଲି କେତେଜଣ ଭାଜପା ନେତା କହିଛନ୍ତି। ଅଧିବେଶନରେ ଏକ ବଡ଼ ପ୍ରସ୍ତାବ ଆସିବ, ଯାହା ଆଗାମୀ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ଅନ୍ୟ କେତେଜଣ କହୁଛନ୍ତି। ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନ ପାର୍ଲାମେଣ୍ଟର ପୁରୁଣା ବିଲ୍ଡିଂରେ ଅନୁଷ୍ଠିତ ହେବାକୁ ଥିବାବେଳେ ୧୯ ତାରିଖରେ ନୂଆ ବିଲ୍ଡିଂକୁ ସ୍ଥାନାନ୍ତର ହେବ।

### 'ବାସ୍ତବ ପ୍ରସଙ୍ଗରେ ଧ୍ୟାନ ଦେଉ କେନ୍ଦ୍ର'

ଜି୨୦ ସମିଟ୍ ଶେଷ ହୋଇଛି। ଏବେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଲୋକଙ୍କ ବାସ୍ତବ ପ୍ରସଙ୍ଗରେ ଧ୍ୟାନଦେବା ଲାଗି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମନେ ପକାଇଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସତ୍ୟକୁ ଲୁଚାଇବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ହେଲେ ଜନସାଧାରଣ ଏହା ଜାଣିବାକୁ ଚାହାନ୍ତି। ଦେଶରେ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଅଗଷ୍ଟରେ ଖାଦ୍ୟସାମଗ୍ରୀ ଦର ୨୪% ବଢ଼ିଛି। ବେରୋଜଗାରି ହାର୍ ୮ ପ୍ରତିଶତରେ ପହଞ୍ଚିଛି। ଯୁବବର୍ଗଙ୍କ ଭବିଷ୍ୟତ ନୈରାଶ୍ୟଜନକ। ମୋଦି ସରକାରଙ୍କ କୁଶାସନ ଯୋଗୁ ଦୁର୍ନୀତି ବଢ଼ିଛି। ଜମ୍ମୁ-କଶ୍ମୀରରେ ଜଳଜୀବନ ଯୋଜନାରେ ୧୩,୦୦୦ କୋଟି ଟଙ୍କା ଦୁର୍ନୀତିକୁ ପଦାକୁ ଆଣିବାରୁ ଜଣେ ଦଳିତ ଆଇଏଏସ୍ ଅଫିସରଙ୍କୁ ନିର୍ଯାତନା ଦିଆଗଲା। ସିଏଜି ରିପୋର୍ଟରେ ସରକାରଙ୍କ ଅନେକ ଦୁର୍ନୀତି ନଜରକୁ ଆସିଛି। ପ୍ରଧାନମନ୍ତ୍ରୀଙ୍କ ଘନିଷ୍ଠ ବନ୍ଧୁଙ୍କ ଦ୍ୱାରା ହେଉଥିବା ଲୁଟ୍ ପୁଣିଥରେ ଲୋକଲୋଚନକୁ ଆସିଛି।



ମଲ୍ଲିକାର୍ଜୁନ ଖାର୍ଗେ

୨୦୧୯ ନିର୍ବାଚନ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଟ୍ରେଜେରିରୁ ୩ ଲକ୍ଷ କୋଟି ଟଙ୍କା ମୋଦି ସରକାରଙ୍କୁ ଟ୍ରାନ୍ସଫର କରିବା ପାଇଁ ଚାପ ପକାଯାଇଥିଲା, ଯାହାକୁ ପୂର୍ବତନ ଡେପୁଟି ଗଭର୍ନର ଭିରାଲ ଆଚାର୍ଯ୍ୟ ବିରୋଧ କରିଥିଲେ ବୋଲି ଏବେ ଜଣାପଡ଼ିଛି। ମଣିପୁରରେ ନିକଟରେ ପୁଣି ହିଂସାକାଣ୍ଡ ଘଟିଛି। ହିମାଚଳପ୍ରଦେଶରେ ବିପର୍ଯ୍ୟୟ ଲାଗିରହିଥିବାବେଳେ ମୋଦି ସରକାର ଏହାକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ କୁଣ୍ଠାବୋଧ କରୁଥିବା ରାଜ୍ୟ ସଭାର ବିରୋଧୀ ଦଳ ନେତା କହିଛନ୍ତି।

### ସ୍ତ୍ରୀଙ୍କ ମୃତଦେହ ସହ ୩୬ ଘଣ୍ଟା ବିତାଇଲେ ସ୍ୱାମୀ



ରେଣୁ ସିହ୍ନା

**ନୂଆଦିଲ୍ଲୀ,୧୧।୯**

ବଙ୍ଗଳା ବିକ୍ରି କରିବାକୁ ମନା କରିବାରୁ ଆଇନଜୀବୀ ସ୍ତ୍ରୀଙ୍କୁ ହତ୍ୟାକଲେ ସ୍ୱାମୀ। ନୂଆଦିଲ୍ଲୀର ନୋଏଡ଼ା ସେକ୍ଟର-୩୦ରେ ଏଭଳି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସୁପ୍ରିମକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟରତ ରେଣୁ ସିହ୍ନାଙ୍କ ନୋଏଡ଼ା ସେକ୍ଟର-୩୦ ଅଞ୍ଚଳରେ ଏକ ବଙ୍ଗଳା ରହିଛି। ଏହାକୁ ବିକ୍ରି କରିବାକୁ ତାଙ୍କ ସ୍ୱାମୀ ନୀତିନ ନାଥ ସିହ୍ନା ଚାହୁଁଥିଲେ। ରେଣୁ ରାଜି ହେଉ ନ ଥିବାରୁ ଏହାକୁ ନେଇ ବିଭିନ୍ନ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଗତ ଶନିବାର କଳି ହେବାରୁ ନୀତିନ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ପରେ ତାଙ୍କ ମୃତଦେହକୁ ୩୬ ଘଣ୍ଟା ଧରି ଗୋଦାମ ଘରେ ଲୁଚାଇବା ସହ ନିଜେ ଲୁଚି ରହିଥିଲେ। ତେବେ ମହିଳାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ୧୨ ବୈଜ୍ଞାନିକଙ୍କୁ ଶାନ୍ତି ସ୍ୱରୂପ ଭଟ୍ଟନାଗର ସମ୍ମାନ

**ନୂଆଦିଲ୍ଲୀ,୧୧।୯**

ଆଗକୁ କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ(ସିଏସ୍‌ଆଇଆର୍)ର ପ୍ରତିଷ୍ଠା ଦିବସ ରହିଛି। ଏହି ଅବସରରେ ଦେଶର ୧୨ଜଣ ଯୁବ ବୈଜ୍ଞାନିକ ମାନଙ୍କୁ ଶାନ୍ତି ସ୍ୱରୂପ ଭଟ୍ଟନାଗର ସମ୍ମାନ-୨୦୨୨ ପ୍ରଦାନ ଲାଗି ସୋମବାର ସିଏସ୍‌ଆଇଆର୍ ପକ୍ଷରୁ ଘୋଷଣା କରାଯାଇଛି। ୪୫ବର୍ଷରୁ କମ୍ ବୟର ବୈଜ୍ଞାନିକମାନଙ୍କୁ ପ୍ରତିବର୍ଷ ଏଭଳି ସମ୍ମାନ ପ୍ରଦାନ କରାଯାଉଛି। ଏଥିରେ ପୁରସ୍କାର ରାଶି ସ୍ୱରୂପ ୫ଲକ୍ଷ ଟଙ୍କା ଦିଆଯାଉଛି।

## ଦିଲ୍ଲୀ ସେବା ନିୟନ୍ତ୍ରଣ ଆଇନ ବିରୋଧରେ ପିଆଇଏଲ୍

### ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୧।୯(ପି.ଟି.)**

ଦିଲ୍ଲୀ ସେବା ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଣିଥିବା ଆଇନକୁ ଚ୍ୟାଲେଞ୍ଜ କରି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ସୋମବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଉକ୍ତ ଆଇନରେ ଜାତୀୟ ରାଜଧାନୀର ସେବା ନିୟନ୍ତ୍ରଣ କ୍ଷମତା ନିର୍ବାଚିତ ସରକାରଙ୍କୁ ନିଆ ନ ଯାଇ ଦିଲ୍ଲୀର ଉପରାଜ୍ୟପାଳଙ୍କ ଉପରେ ନ୍ୟସ୍ତ କରାଯାଇଥିବାରୁ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା।



ଦିଲ୍ଲୀ ସରକାରଙ୍କ ଏଭଳି ଏକ ଆବେଦନକୁ ଖାରଜ କରିଦିଆଯାଇଥିବା ସୁପ୍ରିମକୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଥିଲେ, ଦିଲ୍ଲୀ ସରକାର ସଂଶୋଧିତ ଆଇନକୁ ଚ୍ୟାଲେଞ୍ଜ କରିଥିବାରୁ ସାନି ପିଆଇଏଲ୍‌ର ଆବଶ୍ୟକତା ନାହିଁ। ଆଇନଜୀବୀ ମୁକେଶ କୁମାର ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

## ଜି୨୦ ଘୋଷଣାନାମାକୁ ଚାଇନାର ପ୍ରଶଂସା

### ବୈଶ୍ୱିକ ଚ୍ୟାଲେଞ୍ଜକୁ ମୁକାବିଲା କରିବାର ସକାରାତ୍ମକ ସଙ୍କେତ ଦେଉଛି

**ବେଜିଂ,୧୧।୯(ପି.ଟି.)**

ଜି୨୦ ସମିଟ୍ ଅବସରରେ ନୂଆଦିଲ୍ଲୀ ଘୋଷଣାନାମାକୁ ଚାଇନା ପ୍ରଶଂସା କରିଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ବୈଶ୍ୱିକ ଚ୍ୟାଲେଞ୍ଜର ମୁକାବିଲା କରିବା ଏବଂ ଅର୍ଥନୀତିରେ ସୁଧାର ପାଇଁ ହାତ ମିଳାଇଥିବାରୁ ଏହା ଏକ ସକାରାତ୍ମକ ସଙ୍କେତ ଦେଉଛି ବୋଲି ସୋମବାର ବେଜିଂ କହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଲାଗି ରହିଥିବା ମତଭେଦକୁ ଏଡ଼ାଇଯାଇ ଅଧ୍ୟକ୍ଷତା କରୁଥିବା ଭାରତ ସମସ୍ତଙ୍କ ସହମତିରେ ଘୋଷଣାନାମା ଗୃହୀତ କରାଇବାରେ ବଡ଼ କୂଟନୈତିକ ବିଜୟ ହାସଲ କରିଛି। 'ବୈଶ୍ୱିକ ବିଶ୍ୱାସ ହ୍ରାସ'ର ଅବସାନ ଘଟିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ନୂଆଦିଲ୍ଲୀ ଘୋଷଣାନାମାକୁ ନେଇ ପ୍ରଶ୍ନ ହେବାରୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ ଏହାକୁ ଏକ ଭଲ ସଙ୍କେତ ବୋଲି କହିଥିଲେ।

## ବିଶ୍ୱ ସ୍ଥିରତା ପାଇଁ ଭାରତ-ସାଉଦି ଭାଗୀଦାରିତା ଗୁରୁତ୍ୱପୂର୍ଣ୍ଣ

### ସାଉଦି କ୍ରାଉନ୍ ପ୍ରିନ୍ସଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

**ନୂଆଦିଲ୍ଲୀ,୧୧।୯**

ଭାରତ ଗସ୍ତରେ ଥିବା ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ ଅଲ୍ ସାଉଦ ସୋମବାର ଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବାଣିଜ୍ୟ, ଅର୍ଥନୀତି, ପ୍ରତିରକ୍ଷା, ସାଂସ୍କୃତିକ ସହଯୋଗ ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏଥିସହିତ ଷ୍ଟ୍ରାଟେଜିକ୍ କାଉନସିଲ୍ ବୈଠକରେ ଉଭୟ ନେତା ସହଅଧ୍ୟକ୍ଷତା କରିଥିଲେ। ଏଥିପାଇଁ ୨୦୧୯ରେ ରିୟାଧରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଥିଲେ। ଭାରତ ପାଇଁ ସାଉଦି ଆରବ ଅତି ଘନିଷ୍ଠ ଏବଂ ସର୍ବବୃହତ୍ ରଣନୀତିକ ସହଯୋଗୀ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିବା ସହ ଆଞ୍ଚଳିକ ତଥା ବିଶ୍ୱରେ ସ୍ଥିରତା, କଲ୍ୟାଣ ପାଇଁ ଦୁଇଦେଶର ସହଭାଗିତା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସମୟ ବଦଳିବା ସହ ଆମ ସମ୍ପର୍କକୁ ଏକ ନୂଆ ଦିଗ ମିଳିଛି। ଆମର ଘନିଷ୍ଠ ବନ୍ଧୁତାକୁ ପରବର୍ତ୍ତୀ ସ୍ତରକୁ ନେଇଯିବା ଲାଗି ଅନେକେ ଇନିସିଏଟିଭ୍ ଚିହ୍ନଟ ହୋଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ଅବସରରେ ଉଭୟ ନେତା ଷ୍ଟ୍ରାଟେଜିକ୍ ପାର୍ଟନରଶିପ୍ କାଉନସିଲର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ ଅଲ୍ ସାଉଦ।

ଦୁଇଟି ମନ୍ତ୍ରୀସ୍ତରୀୟ କମିଟିର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ରାଜନୈତିକ, ସୁରକ୍ଷା, ସାମାଜିକ ଓ ସାଂସ୍କୃତିକ ସହଯୋଗ କମିଟି ଏବଂ ଅର୍ଥନୀତି ଓ ନିବେଶ ସହଯୋଗ କମିଟି ଗଠନ କରାଯାଇଛି। ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବା ସହ ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ପାରସ୍ପରିକ ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ସାଉଦି କ୍ରାଉନ୍‌ପ୍ରିନ୍ସଙ୍କର ଏହା ଦ୍ୱିତୀୟ ଭାରତ ଗସ୍ତ। ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପୂର୍ବରୁ ତାଙ୍କୁ ରାଷ୍ଟ୍ରପତି ଭବନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଉତ୍ତରପ୍ରଦେଶରେ ବର୍ଷା ବିପ୍ରାତ: ୧୯ ମୃତ

**ଲକ୍ଷ୍ନୌ,୧୧।୯:** ବର୍ଷା ବିପ୍ରାତ ଯୋଗୁ ଉତ୍ତର ପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ରାଜ୍ୟ ରିଲିଫ୍ କମିଶନର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବଜ୍ରପାତରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାଣିରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟର ଆଭ୍ୟନ୍ତରଣ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ରବିବାର ଠାରୁ ଜୀବନଯାତ୍ରା ବ୍ୟାହତ ହୋଇଛି। ମୃତକଙ୍କ ମଧ୍ୟରେ ୪ ଜଣ ହାରଡ଼ି, ବରବାଙ୍କିର ୩, ପ୍ରତାପଗଡ଼ ଓ କନୌଜର ୨ ଜଣ ଲେଖାଏ ରହିଛନ୍ତି।



ପ୍ରବଳ ବର୍ଷା ଯୋଗୁ ୟୁପିର ବାରବାଙ୍କୀ ଜିଲାର ରାସ୍ତା ଜଳାର୍ଣ୍ଣବ।

## ୧୩ରେ 'ଇଣ୍ଡିଆ' ସମନ୍ୱୟ ସମିତିର ପ୍ରଥମ ବୈଠକ

### ପ୍ରଚାର, ରାଲି ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ

**ନୂଆଦିଲ୍ଲୀ,୧୧।୯**

ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ସମନ୍ୱୟ ସମିତିର ପ୍ରଥମ ବୈଠକ ଆସନ୍ତା ୧୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ୧୪ ସଦସ୍ୟ ବିଶିଷ୍ଟ କମିଟିର ବୈଠକ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ବାସଭବନରେ ବସିବ। ଏଥିରେ ମେଣ୍ଟର ରଣନୀତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବା ସହ ଆଗାମୀ ଦିନର ପ୍ରଚାର ଏବଂ ରାଲି ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ମନୋଜ ଝା ସୋମବାର କହିଛନ୍ତି। ନିକଟରେ ଶେଷ ହୋଇଥିବା ୭ ବିଧାନସଭା ଆସନର ଉପନିର୍ବାଚନରେ ଇଣ୍ଡିଆ ମେଣ୍ଟକୁ ୪ ଆସନ ମିଳିଥିବାବେଳେ ଭାଜପା ୩ଟିରେ ବିଜୟୀ ହୋଇଥିଲା। ଜନମତ ଇଣ୍ଡିଆ ବ୍ଲକ୍ ସପକ୍ଷରେ ଯାଇଥିବା ଝା କହିଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ୨୬ ବିରୋଧୀ ଦଳକୁ ନେଇ ଗଠିତ 'ଇଣ୍ଡିଆ'ର ନେତାମାନେ ମୁମ୍ବାଇ ବୈଠକରେ ୧୪ ଜଣିଆ ସମନ୍ୱୟ ସମିତି ଗଠନ କରିଥିଲେ। ଏହି କମିଟି ବିରୋଧୀ ମେଣ୍ଟର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ରୂପେ କାର୍ଯ୍ୟ କରିବ। ବୈଠକରେ ଯୋଗଦେବାକୁ ଥିବା ନେତାମାନେ ହେଲେ କେ.ସି. ବେଣୁଗୋପାଳ(କଂଗ୍ରେସ), ଟି.ଆର୍. ବାଲୁ (ଡିଏମ୍‌କେ), ହେମନ୍ତ ସୋରେନ୍ (ଜେଏମ୍‌ଏମ୍), ସଞ୍ଜୟ ରାଉତ୍ (ଶିବସେନା-ୟୁବିଟି), ତେଜସ୍ୱୀ ଯାଦବ (ଆର୍‌ଜେଡି), ରାଘବ ଚଡ୍ଢା (ଏଏପି), ଜାଭେଦ ଅଲୀ ଖାନ୍ (ଏସ୍‌ପି), ଲଲନ ସିଂ (ଜେଡିୟୁ), ଡି.ରାଜା (ସିପିଆଇ), ଓମାର ଅବ୍‌ଦୁଲ୍ଲା (ନ୍ୟାଶନାଲ କନ୍‌ଫରେନ୍ସ), ମେହବୁବା ମୁଫ୍ତି (ପିଡିପି) ଏବଂ ସିପିଆଇଏମ୍‌ର ଜଣେ ନେତା। ବୈଠକରେ ଯୋଗଦେବାକୁ ଥିବା ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଥିବା ନେଇ ପ୍ରଶ୍ନ ହେବାରୁ ଝା କହିଥିଲେ, ବିରୋଧୀଙ୍କୁ ରାଜନୈତିକ ଭାବେ ପରାସ୍ତ କରିବାରେ ଅସମର୍ଥ ସରକାର ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଛନ୍ତି।

# ଧରିତ୍ରୀ
DHARITRI




# ଆଗେଇପାରୁନି 'ମୋ ଘର' ଯୋଜନା

ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)

- ୩.୪୫ ଲକ୍ଷ ଆବେଦନ ମଧ୍ୟରୁ ୭୮୬ଟିକୁ ମିଳିଛି ବ୍ୟାଙ୍କ ମଞ୍ଜୁରୀ
- ଜିଲାପାଳଙ୍କ ବୈଠକରେ ମୁଖ୍ୟମନ୍ତ୍ରୀ କରିବେ ଆଲୋଚନା

ରାଜ୍ୟରେ ଯେଉଁ ଗରିବ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ପାଇବାରୁ ବଞ୍ଚିତ ଅଛନ୍ତି କିମ୍ବା ଅନ୍ୟ କୌଣସି କାରଣରୁ ପକ୍କାଘର ଖଣ୍ଡେ କରିପାରୁନାହାନ୍ତି ସେମାନଙ୍କ ଲାଗି ରାଜ୍ୟ ସରକାର 'ମୋ ଘର' ଯୋଜନା ଆରମ୍ଭ କରିଛନ୍ତି। ହେଲେ ସରକାରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ଏହି ଯୋଜନା ଆଗେଇ ପାରୁନାହିଁ। ଗତ ଜୁନ୍ ୧୬ରୁ ଏହି ଯୋଜନାରେ ହିତାଧିକାରୀଙ୍କୁ ଆବେଦନ କରିବା ଲାଗି ଏକ ୱେବ୍‌ସାଇଟ୍ ଆରମ୍ଭ କରାଯାଇଥିଲା। ସେପ୍ଟେମ୍ବର ୮ ତାରିଖ ସୁଦ୍ଧା ଘର ପାଇବାକୁ ୩ ଲକ୍ଷ ୪୫ ହଜାର ୬୬୭ ଜଣ ଆବେଦନ କରିଥିବାବେଳେ ସେଥିରୁ ୭୮୬ ଜଣଙ୍କ ଆବେଦନକୁ ବ୍ୟାଙ୍କ ଅନୁମୋଦନ ମିଳିଛି। ଅଧିକ ହିତାଧିକାରୀଙ୍କ ଆବେଦନକୁ ଗ୍ରହଣକରି ଋଣ ଦେବା ଲାଗି ଗତ ୩ ତାରିଖରେ ବ୍ୟାଙ୍କଗୁଡିକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ନିର୍ଦ୍ଦେଶ ଦେବା ସତ୍ତ୍ୱେ ସେଭଳି କିଛି ଆଖିଦୃଶିଆ ସଫଳତା ଦେଖିବାକୁ ମିଳିନାହିଁ; ଯେଉଁଥିଲାଗି ଏହି ଯୋଜନାର ଭବିଷ୍ୟତକୁ ନେଇ ସରକାର ଏକ ପ୍ରକାର ଚିନ୍ତାରେ ପଡିଲେଣି।

ମୋ ଘର ଯୋଜନାରେ ସରକାରଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁଯାୟୀ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ୨ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇଦେବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ଯୋଜନାର ଅଗ୍ରଗତି ଯେପରି ହେଉଛି ତାହାକୁ ଦେଖିବା ପରେ ଏହି ଲକ୍ଷ୍ୟ ଗୋଟିଏ ନୁହେଁ, ୨ଟି ଆର୍ଥିକ ବର୍ଷରେ ପୂରଣ କରିବାକୁ ଯୋଜନା କରିଛନ୍ତି। ରାଜ୍ୟରେ ଏହି ଯୋଜନାରେ ଗତ ୮ ତାରିଖ ସୁଦ୍ଧା ୪,୭୧,୦୧୯ ଲୋକ ୱେବ୍‌ସାଇଟ୍‌ରେ ରେଜିଷ୍ଟର କରିଛନ୍ତି। ସେଥିମଧ୍ୟରୁ ୩,୪୫,୬୬୭ ଜଣ ମୋ ଘର ଯୋଜନା ଲାଗି ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧,୫୪,୨୨୨ ହିତାଧିକାରୀଙ୍କ ଆବେଦନକୁ ତୃଣମୂଳସ୍ତରରେ ଯାଞ୍ଚ କରିବା ପରେ ବ୍ଲକ ଅଫିସ୍‌କୁ ପଠାଯାଇଛି। ସେଥିରୁ ୧,୨୯,୫୦୬ ହିତାଧିକାରୀଙ୍କ ଆବେଦନକୁ ଜିଓ ଟ୍ୟାଗ୍ କରାଯାଇଛି। ସେହି ଜିଓ ଟ୍ୟାଗିଂ ହୋଇଥିବା ଘର ମଧ୍ୟରୁ ☞ପୃଷ୍ଠା-୨

# ଆସନ୍ତାବର୍ଷ ସମୁଦ୍ରାୟନ 'ମତ୍ସ୍ୟ'

ନୂଆଦିଲ୍ଲୀ,୧୧।୯




ଚନ୍ଦ୍ର ମିଶନର ସଫଳତା ପରେ ଭାରତୀୟ ବୈଜ୍ଞାନିକମାନେ ଏବେ ସମୁଦ୍ରାୟନ ପ୍ରୋଜେକ୍ଟ ଲାଗି ପ୍ରସ୍ତୁତ ହେଉଛନ୍ତି। ଏହି ପ୍ରୋଜେକ୍ଟ ଅଧୀନରେ ୩ଜଣ ଲୋକଙ୍କୁ ସମୁଦ୍ରର ୬ହଜାର ମିଟର ଗଭୀରକୁ ଏକ ବୁଡ଼ା ଜାହାଜ ସାହଯ୍ୟରେ ଛଡ଼ାଯିବ। ଏହି ଯନ୍ତ୍ରର ନାମ 'ମତ୍ସ୍ୟ ୬୦୦୦'। ଏହା ସମୁଦ୍ରର ଗଭୀରତା ମଧ୍ୟରୁ ନିକେଲ୍, ମାଙ୍ଗାନିଜ୍, କୋବାଲ୍ଟ ଭଳି ମୂଲ୍ୟବାନ ଧାତୁ ତଥା ଖଣିଜ ପଦାର୍ଥର ସନ୍ଧାନ କରିବ। 'ମତ୍ସ୍ୟ ୬୦୦୦'କୁ ପ୍ରସ୍ତୁତ କରିବା ଲାଗି ପ୍ରାୟ ୨ବର୍ଷ ଲାଗିଥିଲା। ବଙ୍ଗୋପସାଗର ତଥା ଚେନ୍ନାଇ ଉପକୂଳରେ ୨୦୨୪ ପ୍ରଥମାର୍ଦ୍ଧରେ ଏହାର ପ୍ରଥମ ପରୀକ୍ଷଣ କରାଯିବ। ଏହାର ଡିଜାଇନ୍ ଆଟ୍‌ଲାଣ୍ଟିକ ମହାସାଗରରେ ବୁଡ଼ିଥିବା ପାଣି ଜାହାଜ 'ଟାଇଟାନିକ' ସହ ସାମଞ୍ଜସ୍ୟ ରହିଛି। ☞ପୃଷ୍ଠା-୨

# କମୁନି ପିଲାଙ୍କ ବସ୍ତାନି ବୋଝ

**ପାଠପଢ଼ା ସହ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ମା'ବାପା ବିଶେଷ ଧ୍ୟାନ ଦେଉଥିଲେ ମଧ୍ୟ ବସ୍ତାନି ବୋଝର ଲାଘବ କରିପାରୁ ନାହାନ୍ତି। ବୟସ ତୁଳନାରେ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଓଜନର ବସ୍ତାନି ସ୍କୁଲ୍‌କୁ ନେବା ନିୟମ ରହିଛି। ହେଲେ ଅଧିକାଂଶ ସ୍କୁଲରେ ପିଲାମାନେ ସେମାନଙ୍କ ଶରୀରର ସାମର୍ଥ୍ୟଠାରୁ ଅଧିକ ଓଜନର ବସ୍ତାନି ନେଉଥିବା ଦେଖିବାକୁ ମିଳୁଛି। ଏହା ସେମାନଙ୍କ ଶରୀର ଏବଂ ମନ ଉପରେ ଗଭୀର ପ୍ରଭାବ ପକାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଛନ୍ତି।**



ଭୁବନେଶ୍ୱର,୧୧।୯(ଅସମାପିକା ସାହୁ)

ଛୋଟ ଛୋଟ ପିଲାମାନେ ଓଜନିଆ ବ୍ୟାଗ୍ ନେଇ ବିଦ୍ୟାଳୟକୁ ଯାଉଛନ୍ତି। ତାହା ପୁଣି ନିଜ ଓଜନର ପାଖାପାଖି ୩୦ପ୍ରତିଶତ। ସ୍କୁଲ ବ୍ୟାଗ୍ ଓଜନ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ନିୟମ କରିଥିଲେ ମଧ୍ୟ ତାହାକୁ ପାଳନ କରାଯାଉ ନାହିଁ। ଅଧିକାଂଶ ଘରୋଇ ସ୍କୁଲ ଛାତ୍ରୀଛାତ୍ର ଏହି ବସ୍ତାନି ବୋଝର ଶିକାର ହେଉଛନ୍ତି। କେନ୍ଦ୍ର ସରକାରଙ୍କ ନିୟମାନୁସାରେ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ର ଦେଢ଼ କେଜି, ତୃତୀୟରୁ ପଞ୍ଚମ ପର୍ଯ୍ୟନ୍ତ ୨-୩କେଜି, ଷଷ୍ଠ ଓ ସପ୍ତମ ପାଇଁ ୪କେଜି, ଅଷ୍ଟମ ଓ ନବମ ପାଇଁ ୪.୫କେଜି ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ବହିଖାତା ସହିତ ବ୍ୟାଗ୍‌ର ଓଜନ ୫କେଜି ରହିବା ଉଚିତ୍। କିନ୍ତୁ ଏହାକୁ ଅଧିକାଂଶ ବିଦ୍ୟାଳୟ ପାଳନ କରୁ ନ ଥିବା ଦେଖାଯାଉଛି। ଓଡ଼ିଶାରେ ଏହାକୁ ପାଳନ କରାଯାଉ ନ ଥିବାରୁ ଏ ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ୨୦୧୯ରେ ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏ ନେଇ ଏକ ବିଜ୍ଞପ୍ତି ଜାରି କରିଥିଲା। ନିୟମ ପାଳନ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଜିଲାସ୍ତରରେ କମିଟି କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲା। ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ସୁଦ୍ଧା ସେହି ସମାନ ସ୍ଥିତି ଦେଖାଯାଉଛି। ପ୍ରଥମେ ପ୍ରଥମେ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲଗୁଡ଼ିକୁ ତାଗିଦ୍ କରାଯାଇଥିଲା। ଅଧିକାରୀମାନେ ଅଚାନକ ପରିଦର୍ଶନ କରି ଯାଞ୍ଚ କରୁଥିଲେ। କିନ୍ତୁ ଏବେ ତାହା କରାଯାଉନାହିଁ। ଫଳରେ ପିଲାଙ୍କ ବ୍ୟାଗ୍ ପୁଣି ସେହିଭଳି ଅଧିକ ଓଜନର ରହୁଥିବା ଦେଖିବାକୁ ମିଳୁଛି। ଏପରି କି ଏହି ଅଧିକ ଓଜନର ବସ୍ତାନିକୁ ନେଇ ପିଲାମାନେ ଅଧିକାଂଶ ସମୟରେ ଚିଡ଼ି ଚିଡ଼ି ହେଉଥିବା ମଧ୍ୟ ଅଭିଭାବକମାନେ ପ୍ରକାଶ କରୁଛନ୍ତି।

ପିଲାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଜନିଆ ବ୍ୟାଗ୍‌ର କ'ଣ କୁପ୍ରଭାବ ରହିଛି ତାହାକୁ ନେଇ ବୈଜ୍ଞାନିକମାନେ ମଧ୍ୟ ତଥ୍ୟ ରଖିଛନ୍ତି। ୧୯୭୭ରେ ଜର୍ମାନୀର ବୈଜ୍ଞାନିକ ଏଚ୍. ଭଲ୍ ଏବଂ ଏଫ୍. କ୍ଲିଷ୍ଟ ଏହା ଉପରେ ଗବେଷଣା କରି କହିଥିଲେ, ଜଣେ ପିଲା ତା' ନିଜ ଓଜନର ୧୦ ପ୍ରତିଶତ ଓଜନର ବ୍ୟାଗ୍ ନେବା ଉଚିତ। ତା'ଠାରୁ ଅଧିକ ଓଜନର ବ୍ୟାଗ୍ ନେଲେ ଶରୀରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବ। ଓଜନିଆ ☞ପୃଷ୍ଠା-୨

## ବ୍ୟାଗ ଓଜନ: କ'ଣ କହୁଛି ଏନ୍‌ଇପି

ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ୨୦୨୦ ଅନୁସାରେ ପିଲାଙ୍କ ବ୍ୟାଗର ଓଜନକୁ ସ୍କୁଲରେ ନିୟମିତ ଭାବେ ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସ୍କୁଲ ବ୍ୟାଗ ଏଭଳି ଭାବେ ତିଆରି ହୋଇଥିବା ଆବଶ୍ୟକ, ଯାହାକୁ ପିଲାମାନେ ଧରିଥିବାବେଳେ ଆଡଜଷ୍ଟ କରି ନେଇପାରୁଥିବେ। ବ୍ୟାଗ ଛାତ୍ରୀଛାତ୍ରଙ୍କ ଶରୀର ଓଜନ ତୁଳନାରେ ୧୦%ରୁ ଅଧିକ ହୋଇ ନ ଥିବ। ଉଦାହରଣ ସ୍ୱରୂପ ଜଣେ ପିଲାର ଓଜନ ୧୫ରୁ ୨୨ କେ.ଜି. ହୋଇଥିଲେ ବସ୍ତାନି ଓଜନ ୧.୫ରୁ ୨.୨ କେ.ଜି. ମଧ୍ୟରେ ସୀମିତ ରହିବା ଉଚିତ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗ ଓଜନ ୧.୬ କେ.ଜି.ରୁ ୨.୨ କେ.ଜି. ଭିତରେ ରହିବା ଉଚିତ। ସେହିପରି ତୃତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗର ଓଜନ ୧.୭ କେ.ଜି.ରୁ ୨.୫ କେ.ଜି, ଚତୁର୍ଥ ଶ୍ରେଣୀ ପିଲାଙ୍କ ବସ୍ତାନି ଓଜନ ୨ରୁ ୩ କେ.ଜି., ପଞ୍ଚମ ଶ୍ରେଣୀ ପିଲାଙ୍କ ବସ୍ତାନି ଓଜନ ୨.୫ରୁ ୪ କେ.ଜି., ଷଷ୍ଠ ଶ୍ରେଣୀ ପିଲାଙ୍କ ବସ୍ତାନି ଓଜନ ୨.୫ରୁ ୪.୫ କେ.ଜି., ୭ମରୁ ୧୦ଶ୍ରେଣୀ ପିଲାଙ୍କ ବସ୍ତାନି ୩.୫ରୁ ୫ କେ.ଜି. ରହିବା ଆବଶ୍ୟକ। ଏପରି କି ପାଠ୍ୟ ପୁସ୍ତକର ଓଜନ ମଧ୍ୟ ପ୍ରକାଶକମାନେ ସେଥିରେ ଛପାଇବା ଆବଶ୍ୟକ ବୋଲି ନିୟମ ରହିଛି। ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ନୋଟିସ ବୋର୍ଡରେ ବସ୍ତାନି ଓଜନ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ। ଏନ୍‌ସିଇଆର୍‌ଟି ଦ୍ୱାରା କରାଯାଇଥିବା ଅନେକ ସର୍ବେକ୍ଷଣ ଓ ଅଧ୍ୟୟନ ପରେ ଏହି ସୁପାରିସ କରାଯାଇଥିଲା। ଏଥିପାଇଁ ୩୫୨ ସ୍କୁଲର ୩,୬୨୬ ଛାତ୍ରୀଛାତ୍ର ଓ ୨,୯୯୨ ମାତା ପିତାଙ୍କ ମତାମତ ନିଆଯାଇଥିଲା।







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ଖର ବୋଝ ମୋଟ**
**ତାକୁ ଜାଣିବ କପା**
**ବହୁତ ଲୋକରେ ଭାତ ପରଷେ**
**ତାକୁ ଜାଣିବ ଅପା**
**ମା' ଆଗରେ ଯେ ପୁଅକୁ ମାରେ**
**ତାକୁ ଜାଣିବ ବୋପା।**

କପା ବୋଝର ଆକାର ଦେଖିବାକୁ ଅଧିକ ଲାଗୁଥିଲେ ମଧ୍ୟ ଆକାର ଅନୁସାରେ ଏହାର ଓଜନ ଅପେକ୍ଷାକୃତ କମ ହୋଇଥାଏ।ବଡ଼ ଭଉଣୀ ଘରକୁ ଆସୁଥିବା ଅତିଥୀଙ୍କ ଚର୍ଚ୍ଚା କରିଥାଏ। ମା' ନିଜ ଜନ୍ମିତ ସନ୍ତାନକୁ ପ୍ରାଣଠୁ ଅଧିକ ସ୍ନେହ ଆଦର କରିଥାଏ। ମା' ଆଗରେ ପୁଅକୁ ଭଲମନ୍ଦ କରି କେହି କିଛି କହିଦେଲେ ମାଆ ଦେହରେ କଣ୍ଟା ଫୋଡିହୋଇଯାଏ। କେବଳ ସନ୍ତାନର ବାପା ହିଁ ପୁଅକୁ ଆକଟ କରି କହିପାରେ ବା ମାଡ଼ଗାଳି ଦେଇପାରେ। ଅନ୍ୟ କେହି କହିଲେ ମାଆ ଆଦୌ ସହ୍ୟକରି ପାରୁନଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୂନ ରଗ ପାନେ ମରୁ**
**ମନ ରଗ ମନେ ମରୁ।**

ଚୂନ ପାଟିକୁ ଟିକେ କଡା ଲାଗିଥାଏ। ଏହାର କଡା ବା ତିଖା ପଣ ପାନରେ ମିଳାଇଯାଇଥାଏ। ସେହିପରି ମନର ରାଗ ବା କ୍ରୋଧ ବେଳେବେଳେ ପ୍ରକାଶ ହୋଇନପାରି ନିଜ ମନ ମଧ୍ୟରେ ଛପି ହୋଇ ରହି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨୦ ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୧୧।୯(ଅସମାପିକା ସାହୁ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୨୦ ହଜାର ପ୍ରାଥମିକ ଶିକ୍ଷକ ଯୋଜନାଭିତ୍ତିକ(ସିମାଟିକ୍) ନିଯୁକ୍ତି ପାଇବେ। ଏଥିପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ୱେବ୍‌ସାଇଟ୍ https://osepa.odisha.gov.inରେ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆଶାୟୀ ପ୍ରାର୍ଥୀମାନେ ୧୩ ତାରିଖରୁ ଓସେପା ୱେବ୍‌ସାଇଟ୍‌ରେ ଶିକ୍ଷକ ପଦବୀ ପାଇଁ ଆବେଦନ କରିପାରିବେ। ଅକ୍ଟୋବର ୧୦ ତାରିଖ ହେଉଛି ଆବେଦନର ଶେଷ ସମୟ। କିଛିବର୍ଷ ବ୍ୟବଧାନରେ ଏହି ବଡ଼ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାପରେ ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର ହେବା ସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ବିଭାଗ ଆଶା ରଖିଛି।

**୧୩ରୁ ଆବେଦନ**

ବିଭାଗ ଅଧୀନରେ ହେବାକୁ ଥିବା ଏହି ୨୦ ହଜାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ୍‌ରେ କରାଯିବ। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ମାଧ୍ୟମରେ ଲିଖିତ ପରୀକ୍ଷା କରାଯାଇ ଆଶାୟୀ ପ୍ରାର୍ଥୀଙ୍କୁ ଚୟନ କରାଯିବ। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଜିଲା ଅନୁସାରେ ଜିଲା ପରିଷଦ ପକ୍ଷରୁ ସମସ୍ତ ପ୍ରାଥମିକ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଓସେପା ୱେବ୍‌ସାଇଟ୍‌ରେ ନିଯୁକ୍ତି ପାଇଁ ଜିଲାୱାରି ପଦବୀ, ଲିଖିତ ପରୀକ୍ଷାର ସିଲାବସ୍, କେଉଁ କେଉଁ ତଥ୍ୟ ଅପଲୋଡ୍ କରାଯିବ ଆଦି ସବିଶେଷ ବିବରଣୀ ଉପଲବ୍ଧ ରହିଛି। ଉକ୍ତ ୱେବସାଇଟ୍‌ରେ ଆଶାୟୀମାନେ ଆବେଦନ କରିବେ। ଅନ୍ୟ କୌଣସି ମାଧ୍ୟମରେ ଆବେଦନକୁ ଗ୍ରହଣ କରାଯିବ ନାହିଁ। ଆଶାୟୀମାନେ ଉପଯୁକ୍ତ ଇମେଲ୍ ଆଇଡି ଏବଂ ମୋବାଇଲ ନମ୍ବର ଦେଇ ନିଜ ନାମ ପଞ୍ଜୀକରଣ କରିବେ। ଏହାପରେ ଆବଶ୍ୟକ ତଥ୍ୟ ଅପଲୋଡ୍ କରିବାକୁ ହେବ। ଆବେଦନ ସମୟରେ ଯଦି କୌଣସି ସମସ୍ୟା ଦେଖାଯାଏ, ତେବେ ଆଶାୟୀମାନେ ହେଲ୍ପଡେସ୍କ ନଂ.୭୩୫୩୯୨୭୭୭୯ରେ ସପ୍ତାହର ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଯୋଗାଯୋଗ କରିପାରିବେ ବୋଲି ଓସେପା ପକ୍ଷରୁ କୁହାଯାଇଛି।




# ଦେଶୀ ମଦ କାରବାରକୁ ନେଇ ଯୁବକଙ୍କୁ ଗୁଳିମାଡ଼

**ବାଲେଶ୍ୱର,୧୧।୯(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଶୋଭାରାମପୁରର ଅନ୍ଧାରୀ ମଙ୍ଗଳା ଠାକୁରାଣୀ ଗଳିରେ ସୋମବାର ଅପରାହ୍ନରେ ଦେଶୀ ମଦ କାରବାରକୁ ନେଇ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁଳିମାଡ଼ର ଶୀକାର ହୋଇଥିବା ଯୁବକ ହେଲେ ବିନୟ କୁମାର ବିହାରୀ।

ସୂଚନା ଅନୁଯାୟୀ, ବିନୟ ଅନ୍ଧାରୀ ମଙ୍ଗଳା ଠାକୁରାଣୀ ଗଳିରେ ଆସୁଥିବା ବେଳେ ତାଙ୍କୁ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ କରି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳି ବିନୟଙ୍କ ଡାହାଣ ହାତରେ ବାଜିଥିଲା। ଆହତ ବିନୟ ସେଠାରେ କିଛିସମୟ ରହିବା ପରେ ବିଳମ୍ବରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସହଦେବଖୁଣ୍ଟା ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତି ଖବରପାଇ ହସ୍ପିଟାଲରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଖବର ଲେଖାଯିବା ବେଳକୁ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା।

# ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କଲେ ୫-ଟି ସଚିବ




**ଭୁବନେଶ୍ୱର,୧୧।୯(ଅନିଲ ଦାସ)**

## କେନ୍ଦୁଝର ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଥମ ବ୍ୟାଚ୍ ପ୍ରଶିକ୍ଷଣ ଆରମ୍ଭ

କେନ୍ଦୁଝର କୌଶଳ ବିକାଶ କେନ୍ଦ୍ରରେ ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୮୦ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏହା ଓଡ଼ିଶା ଅପ୍-ସ୍କିଲିଂ ଏବଂ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ ଅଧୀନରେ କରାଯାଉଛି। ପ୍ରଥମ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଟେକ୍ ମହିନ୍ଦ୍ରା ନିଯୁକ୍ତି ଦେବ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି। ସେ କହିଛନ୍ତି, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତୁମ୍ଭମାନଙ୍କ ପାଇଁ ଆରମ୍ଭ କରାଯାଇଛି। ଯେଉଁଠି ବି ଥାଅ ସୁଯୋଗ ମିଳିଲେ ଓଡ଼ିଶାର ସେବା କରିବାକୁ କେବେ ବି ହାତଛଡ଼ା କରିବ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୫-ଟି ଅଧୀନରେ ଓଡ଼ିଶା ଅପ୍-ସ୍କିଲିଂ ଏବଂ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ କରାଯାଉଛି। ଆଇଟି କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସମ୍ପୂର୍ଣ୍ଣ ମାଗଣାରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଜରିଆରେ ଯୁବଗୋଷ୍ଠୀଙ୍କୁ ଅତ୍ୟାଧୁନିକ ବୈଷୟିକ ଶିକ୍ଷା ଜାଭା, ଫୁଲ୍ ଷ୍ଟାକ, କ୍ଲାଉଡ୍ ଟେକ୍ନୋଲୋଜି ଏବଂ ଡାଟା ଆନାଲିଟିକ୍ସ ଟୁଲ୍ ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯିବ। ପ୍ରତ୍ୟେକ ବ୍ୟାଚ୍‌କୁ ୬ ମାସିଆ ଟ୍ରେନିଂ ଦିଆଯିବ। ଛାତ୍ରୀଛାତ୍ରମାନେ ସଫଳତାର ସହ ପ୍ରଶିକ୍ଷଣ ନେବା ପରେ ଟେକ୍ ମହିନ୍ଦ୍ରା ଶତ ପ୍ରତିଶତ ନିଯୁକ୍ତି ପ୍ରଦାନ କରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଯେକୌଣସି ପରିସ୍ଥିତି ହେଲେ ମଧ୍ୟ ନିକଟସ୍ଥ ବ୍ୟକ୍ତିଙ୍କୁ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବନ୍ଧୁମାନଙ୍କ ପରାମର୍ଶ କ୍ରମେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦ୍ୱିଜା ନକ୍ଷତ୍ର ପ୍ରଶାସନିକ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ହିତୈଷୀମାନଙ୍କ ତରଫରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ରୋହିଣୀ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସମସ୍ୟା ହେତୁ ନିର୍ମାଣ ଓ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ସାମାଜିକ ସ୍ତରରେ ନୂତନ ଯୋଜନାରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ କାମକରିବା ସକାଶେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଆଜିର ଉଦ୍ୟମ ସଫଳ ଦିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ଅର୍ଥ ସମ୍ପର୍କିତ ଚିନ୍ତା କରୁଥିବା କାମରେ ସଫଳତା ପାଇବେ। ଆର୍ଦ୍ରା ନକ୍ଷତ୍ର ଯାତ୍ରା କାଳରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ପାରିପାର୍ଶ୍ୱିକ ସ୍ଥିତିର କୌଣସି ବ୍ୟତିକ୍ରମ ସକାଶେ ମାନସିକ ସ୍ଥିତି ଭଲ ରହିବ ନାହିଁ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଈର୍ଷାପରାୟଣ ମନୋଭାବ ନେଇ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ସୂଚନା ରହିଛି। ପୁନର୍ବସୁ ନକ୍ଷତ୍ର ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ**
ପୂର୍ବାଫାଲଗୁନୀର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା କାରଣରୁ ସାମୟିକ ଖୁସୀ ରହିବେ। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ ଅସୁବିଧା କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
ଆଜିର ଆଲୋଚନା କାଳରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଚିତ୍ରା ନକ୍ଷତ୍ରର କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**
ସାଧାରଣ କଥାରେ ଉତ୍ତେଜିତ ନ ହୋଇ କଳହ ଲାଗିଥିବା ବନ୍ଧୁ ପ୍ରତି ସତର୍କ ରୁହନ୍ତୁ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ସମ୍ଭାବନା ରହିଛି। ସ୍ୱାତୀ ନକ୍ଷତ୍ରର ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବିଛା**
ଜ୍ୟେଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ଲାଗିରହିଥିବା ବ୍ୟସ୍ତତା ଦୂର ହୋଇଯିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ଛୋଟ କଥାକୁ କେନ୍ଦ୍ରକରି ପରିବାରରେ କଳହ ସୃଷ୍ଟିର ଆଶଙ୍କା ଦେଖାଦେବ। ମୂଳା ନକ୍ଷତ୍ର ସକାଶେ ଭଲ ସମ୍ପର୍କଥିବା ବ୍ୟକ୍ତିଟି ସାମାନ୍ୟ କଥାରେ ମୁହଁ ଫେରାଇ ନେଇପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି, ସଭାସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
ଭୁଲ୍ ବୁଝାମଣାବଶତଃ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପୂର୍ବ ସ୍ଥିରୀକୃତ ଯୋଜନାଗୁଡ଼ିକ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଶୁଭପ୍ରଦ ରହିବ।

**କୁମ୍ଭ**
ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ଉପୁଜିପାରେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ଦ୍ୱାରା ସମସ୍ୟା ବଢ଼ିବ ସିନା କମିବ ନାହିଁ। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ର ପୂର୍ବ ଦିନମାନଙ୍କ ଭଳି ଆଜି ମଧ୍ୟ ରହିବ।

**ମୀନ**
ଆଜି ଉତ୍ତରଭାଦ୍ରପଦ ନକ୍ଷତ୍ରର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଅନ୍ୟମାନଙ୍କଠାରୁ ପରାମର୍ଶ ଗ୍ରହଣ କରିବା ସହ ନିଜ ମନକୁ ଯେପରି ଆସୁଛି ସେପରି କରନ୍ତୁ।

ଆଜି ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ମଙ୍ଗଳବାର, ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ବଳରାମ ବେଶ, ସେପ୍ଟେମ୍ବର ୧୨ ତାରିଖ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୩୯ ଗତେ ଘ.୧୦।୨୯ ମଧ୍ୟେ, ଘ.୧୨।୫୬ ଗତେ ଘ.୦୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୬ ଗତେ ଘ.୦୪।୧୭ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## କମ୍ନି ପିଲାଙ୍କ...

ବ୍ୟାଗ୍ ବୋହିବା ଦ୍ୱାରା କାନ୍ଧ ଫୁଲିଯିବା ସାଙ୍ଗକୁ ପିଠି ବଙ୍କା ହୋଇଯାଉଛି। କାନ୍ଧ, ବେକ ଓ ପିଠିରେ ଯନ୍ତ୍ରଣା ହେଉଛି। ମେରୁଦଣ୍ଡରେ ଥିବା ଲୁମ୍ବାର ପାର୍ଟ(ପିଠିର ମଝି ଭାଗ)ରେ ଅସୁବିଧା ହେଉଛି। ମେରୁଦଣ୍ଡଜନିତ ରୋଗ ବାହାରୁଛି। କିନ୍ତୁ ଭାରତରେ ୮୭ ପ୍ରତିଶତ ଛାତ୍ରୀଛାତ୍ର ତାଙ୍କ ଶରୀରର ୧୦ ପ୍ରତିଶତରୁ ଅଧିକ ଓଜନର ବ୍ୟାଗ୍ ନେଉଛନ୍ତି। ତେବେ କେତେକ ବିଦ୍ୟାଳୟରେ ପିଲାମାନଙ୍କୁ ସ୍କୁଲ ବ୍ୟାଗ ଓଜନରୁ ମୁକ୍ତି ଦେବା ପାଇଁ ଲକର୍ ବ୍ୟବସ୍ଥା କରାଯାଇଛି। ଫଳରେ ସେମାନେ ପ୍ରତିଦିନ ସବୁ ବହିଖାତାକୁ ଘରକୁ ନେବା ଆଣିବା ନ କରି ସ୍କୁଲ ଲକରରେ ରଖିପାରିବେ। ଯେଉଁ ପୁସ୍ତକର ହୋମ୍ ୱାର୍କ ଦିଆଯାଇଥିବ ସେହି ବହି ଏବଂ ଖାତା କେବଳ ଘରକୁ ନେବେ। ଏହାଦ୍ୱାରା ସେମାନଙ୍କ ଉପରେ ପଡୁଥିବା ଓଜନ ବୋଝ ଲାଘବ ହୋଇପାରୁଛି।

ଏ ନେଇ ଢେଙ୍କାନାଳର ଜଣେ ଅଭିଭାବକ ତୃପ୍ତି ପଣ୍ଡା କହିଛନ୍ତି, ମୋର ଦୁଇଟି ସନ୍ତାନ। ପିଲାଙ୍କ ବ୍ୟାଗ୍ ଏତେ ଓଜନ ହେଉଥିବାରୁ ତାଙ୍କୁ ପାଣି ବୋତଲ ଦେଇପାରୁନି। ଦୀର୍ଘ ମାସ ହେଲାଣି ଏହାକୁ ନେଇ ଆମେ ପ୍ରତିବାଦ କଲେ ମଧ୍ୟ ସୁଫଳ ମିଳୁ ନାହିଁ। କରୋନା ପୂର୍ବରୁ ସରକାରଙ୍କ ପକ୍ଷରୁ ସ୍କୁଲରେ ପିଲାଙ୍କ ବ୍ୟାଗ୍ ଯାଞ୍ଚ ହେଉଥିଲା। ଏବେ କିନ୍ତୁ ତାହା ହେଉନାହିଁ। ଫଳରେ ପିଲା ପୁଣି ସେହିଭଳି କଷ୍ଟ ପାଉଛନ୍ତି। ଏନ୍‌ସିଇଆର୍‌ଟି ବହି ଛଡ଼ା ଅନ୍ୟ ପ୍ରକାଶକଙ୍କ ପୁସ୍ତକ ବ୍ୟବହାର କରାଯାଉଥିବାରୁ ପିଲାଙ୍କ ବ୍ୟାଗ୍ ଓଜନ ବଢ଼ିଯାଉଛି। ତେଣୁ ଏହାକୁ ରୋକାଯାଇପାରିଲେ ବହୁ ପିଲା ଉପକୃତ ହୁଅନ୍ତେ। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ସ୍କୁଲ ବ୍ୟାଗ୍ ଓଜନ ପିଲାମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। କିଛିବର୍ଷ ହେବ ଓଡ଼ିଶାରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମୁନାଫାଖୋର ମନୋଭାବ ଯୋଗୁ ପିଲାଙ୍କ ସ୍କୁଲ ବ୍ୟାଗ ଓଜନ ଅହେତୁକ ବୃଦ୍ଧି ପାଇଛି। ଅଭିଭାବକମାନେ ଏନ୍‌ସିଇଆର୍‌ଟି ବହି ଲାଗୁ କରିବା ପାଇଁ ଦୃଢ଼ ଦାବି କଲେ ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇପାରିବ। ସରକାରଙ୍କ ମଧ୍ୟ ଏଥିପ୍ରତି ଦୃଢ଼ ମନୋଭାବ ରହିବା ଆବଶ୍ୟକ। ମହାସଂଘ ସରକାରୀ ନିୟମ ଲାଗୁ ପାଇଁ ଲଢ଼େଇ କରି ଆସୁଛି, ମାତ୍ର ସରକାରୀ ଅବହେଳା ଯୋଗୁ ଏହା ଲାଗୁ ହୋଇପାରୁ ନ ଥିବା ସେ କହିଛନ୍ତି। କଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ କହିଛନ୍ତି, ସ୍କୁଲ ବ୍ୟାଗ୍ ଓଜନକୁ ନେଇ କରିଥିବା ନିୟମର ପାଳନ କରାଯାଉଛି କି ନାହିଁ ତାହା ତଦାରଖ କରିବା ପାଇଁ ଆମେ ପ୍ରାଥମିକ ନିର୍ଦ୍ଦେଶାଳୟ ଏବଂ ଓସେପାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲୁ। ଏନେଇ ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହ କହିଛନ୍ତି, ପୂର୍ବରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା, ଆମେ ସେଥିପାଇଁ ଯାଞ୍ଚ କରୁଥିଲୁ। ଏବେ ସେପରି କିଛି ଯାଞ୍ଚ ନିର୍ଦ୍ଦେଶ ନାହିଁ, ଆଗକୁ ଆସିଲେ କରିବୁ ବୋଲି ଶାହ କହିଛନ୍ତି।

## ଆସନ୍ତାବର୍ଷ ସମୁଦ୍ରାୟନ...

ଜାତୀୟ ମହାସାଗର ଉଦ୍ୟୋଗିକ ସଂସ୍ଥାନ(ଏନ୍‌ଆଇଓଏସ୍)ର ବୈଜ୍ଞାନିକମାନେ ମତ୍ସ୍ୟ ୬୦୦୦କୁ ବିକଶିତ କରିଛନ୍ତି। ଏଥିସହ ଏହାର ଡିଜାଇନ୍, ଉପକରଣ, ପରୀକ୍ଷଣ ଓ ପରିଚାଳନା ପ୍ରକ୍ରିୟା ବିଷୟରେ ମଧ୍ୟ ବୈଜ୍ଞାନିକମାନେ ସମୀକ୍ଷା କରିଛନ୍ତି। ସମୁଦ୍ରାୟନ ମିଶନ, ଗଭୀର ମହାସାଗର ମିଶନର ଏକ ଅଂଶ। ୨୦୨୪ ପ୍ରଥମାର୍ଦ୍ଧରେ ଆମେ ଏହାକୁ ସମୁଦ୍ରର ୫୦୦ ମିଟର ଗଭୀରକୁ ଛାଡ଼ିବା ସହ ପ୍ରଥମ ପରୀକ୍ଷଣ କରିବୁ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ୍ କହିଛନ୍ତି। ୨୦୨୬ ସୁଦ୍ଧା ଏହି ମିଶନ ଶେଷ ହେବ ବୋଲି ଆଶା କରାଯାଉଛି। ଆମେରିକା, ରୁଷିଆ, ଜାପାନ, ଫ୍ରାନ୍ସ ଏବଂ ଚାଇନା ପୂର୍ବରୁ ମତ୍ସ୍ୟ ୬୦୦୦ ଭଳି ଜାହାଜ ବିକଶିତ କରିଥିବାବେଳେ ଏବେ ଭାରତ ଏହି ତାଲିକାରେ ସ୍ଥାନ ପାଇଛି। ମତ୍ସ୍ୟ ୬୦୦୦ ନିକେଲ୍, କୋବଲ୍ଟ, ମାଙ୍ଗାନିଜ୍ ବ୍ୟତୀତ ହାଇଡ୍ରୋଥର୍ମାଇଲ ସଲ୍‌ଫାଇଡ ଏବଂ ଗ୍ୟାସ୍ ହାଇଡ୍ରେଟ୍ ବିଷୟରେ ମଧ୍ୟ ସନ୍ଧାନ କରିବ। ଏନ୍‌ଆଇଓଟି ନିର୍ଦ୍ଦେଶକ ଜି.ଏ. ରାମଦାସ୍ କହିଛନ୍ତି, ୩ ଜଣ ଲୋକଙ୍କ ଲାଗି ସେମାନେ ମତ୍ସ୍ୟ ୬୦୦୦ ମଧ୍ୟରେ ୨.୧ ମିଟର ବ୍ୟାସର ଏକ ସ୍ଥାନ ନିର୍ମାଣ କରିଛନ୍ତି। ଏହି ଜାହାଜ ଯେପରି ୧୨ରୁ ୧୬ ଘଣ୍ଟା ଅନବରତ ଚାଲିପାରିବ ତାକୁ ଦୃଷ୍ଟିରେ ରଖି ବିକଶିତ କରାଯାଇଛି। ତେବେ ଏହି ଯାନକୁ ଅମ୍ଳଜାନ ଯୋଗାଣ ଅନବରତ ଚାଲିବ। ସେହିପରି ଏହି ଯାନରେ ଆବଶ୍ୟକତା ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି, ଯାହା ପରିସ୍ଥିତି ଅନୁସାରେ ବଦଳିପାରିବ ବୋଲି ନିର୍ଦ୍ଦେଶକ ରାମଦାସ କହିଛନ୍ତି।

## ବିନା ଅନୁମତିରେ...

ସେତେବେଳେ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିବା ସହ ଏଥିରେ ଦୁର୍ନୀତି ଘୋଡ଼ାଇବା ପ୍ରବୃତ୍ତି ରହିଥିବା ଟିପ୍ପଣୀ ଦେଇଥିଲେ। ଉକ୍ତ ବ୍ୟବସ୍ଥାକୁ ହଟାଇଦିଆଯିବା ଦ୍ୱାରା ଅଧିକାରର ସୁରକ୍ଷା କରୁଥିବା ସମ୍ବିଧାନର ଅନୁଚ୍ଛେଦ ୨୦କୁ ଏହା ପ୍ରଭାବିତ କରିପାରେ କି ପ୍ରସଙ୍ଗ ଉପରେ ସୋମବାର ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି। ୨୦୧୪ ମେ'ରେ ସୁବ୍ରମଣ୍ୟମ ସ୍ୱାମୀ ମାମଲାରେ ସାମ୍ବିଧାନିକ ପୀଠ ଦେଇଥିବା ରାୟକୁ ପିଛିଲା ଭାବେ କାର୍ଯ୍ୟକାରୀ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ଶିକ୍ଷାନୁଷ୍ଠାନରୁ ଉଦ୍ୟୋଗୀ...

କରାଯିବ। ଏହାପରେ ୨୫ଟି ନୂତନ ଚିନ୍ତାଧାରାକୁ ଓ-ହବ୍‌କୁ ଆମନ୍ତ୍ରଣ କରାଯିବ। ସେଥିରୁ ୧୦ଟିକୁ ପୁରସ୍କୃତ କରାଯିବ। ସେହି ନୂତନ ଚିନ୍ତାଧାରାକୁ ନେଇ ହେବାକୁ ଥିବା ଉଦ୍ୟୋଗଗୁଡ଼ିକ ପାଇଁ ପ୍ରତ୍ୟେକକୁ ୩ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ସେହିପରି ଷ୍ଟାର୍ଟଅପ୍ ଏକ୍ସପ୍ରେସ ୨୦୨୩କୁ ୨୦ଟି ଚିନ୍ତାଧାରକୁ ଆମନ୍ତ୍ରଣ କରାଯିବ। ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ସେଥିରୁ ୧୦ଟିକୁ ୧୦ ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଯୁବ ଉଦ୍ୟୋଗୀମାନେ ଏକ ଶକ୍ତି ଭାବେ ରାଜ୍ୟର ଭବିଷ୍ୟତ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ପାଇଁ କାର୍ଯ୍ୟ କରିବେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ଷ୍ଟାର୍ଟଅପ୍ ପଲିସି-୨୦୧୬ କାର୍ଯ୍ୟକାରୀ ହେବା ପରଠାରୁ ରାଜ୍ୟର ଷ୍ଟାର୍ଟଅପ୍ ସୃଷ୍ଟି କରିବା କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ଏକ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ସହ ରାଜ୍ୟରେ ଏକ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଏବଂ ଦେଶର ସର୍ବୋତ୍ତମ ଷ୍ଟାର୍ଟଅପ୍ ହବ୍ ସୃଷ୍ଟି କରିବା ଲକ୍ଷ୍ୟରେ ଷ୍ଟାର୍ଟଅପ୍ ନୀତି କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ଓଡ଼ିଶାର ଯୁବଗୋଷ୍ଠୀ ନଯୁକ୍ତି ସୃଷ୍ଟିକର୍ତ୍ତା ହେବା ସହ ନିଯୁକ୍ତି ସୃଷ୍ଟିରେ ସହାୟକ ହୋଇପାରିବେ। ଷ୍ଟାର୍ଟଅପ୍ ନୀତି କାର୍ଯ୍ୟକାରୀ ହେବା ପରଠାରୁ ୧୭୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଥିବା ବେଳେ ସେଥିରୁ ୬୦୦ ମହିଳା ନିର୍ଦ୍ଦେଶକ, ପ୍ରତିଷ୍ଠାତା ଏବଂ ସହ ପ୍ରତିଷ୍ଠାତା ହୋଇ ପାରିଛନ୍ତି। ଗତ ୩ ବର୍ଷ ମଧ୍ୟରେ ଓଡ଼ିଶା ଦେଶରେ ପ୍ରମୁଖ ସର୍ବୋତ୍ତମ ଷ୍ଟାର୍ଟଅପ୍ ହବ୍‌ର ମାନ୍ୟତା ପାଇଆସୁଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଭାଗ ନେବା ପାଇଁ ଷ୍ଟାର୍ଟଅପ ଓଡ଼ିଶା ସ୍ୱୀକୃତି ପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକୁ ମାସିକ ଭତ୍ତା, ଉତ୍ପାଦର ବିକାଶ ସହ ବଜାର ସୁବିଧା, ରିହାତି, ଆର୍ଥିକ ସହାୟତା ଓ ଆନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଆସୁଛି। ରାଜ୍ୟରେ ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହନ ଦେବା ଲାଗି ୪ ଲକ୍ଷ ବର୍ଗଫୁଟର ଓ-ହବ୍ ଇନ୍‌କ୍ୟୁବେଶନ ସେଣ୍ଟର ସ୍ଥାପନ କରାଯାଇଛି। ଏଥିସହିତ ୨୭ ଇନ୍‌କ୍ୟୁବେଟର, ୧୫ ନୋଡାଲ ଏଜେନ୍ସି, ୨୦୦ରୁ ଊର୍ଦ୍ଧ୍ୱ ମେଣ୍ଟର, ୭୫ରୁ ଊର୍ଦ୍ଧ୍ୱ ଇ-ସେଲ, ୧୫ଟି ଆର ଆଣ୍ଡ ଡି ସେଣ୍ଟର ହୋଇଥିବାବେଳେ ୧୫ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୩୫୦.୪୨ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇପାରିଛି। ଏହାଛଡ଼ା ୧୦୦ କୋଟି ଟଙ୍କାର ଓଡ଼ିଶା ଷ୍ଟାର୍ଟଅପ୍ ଅଭିବୃଦ୍ଧି ପାଣ୍ଠି ଗଠନ କରାଯାଇଛି। ଏଥିସହିତ ଷ୍ଟାର୍ଟଅପ ଦ୍ୱାରା ୩୫୭ କୋଟି ଟଙ୍କାର ବାହ୍ୟ ନିବେଶ ମଧ୍ୟ ବୃଦ୍ଧି ପାଇଛି। ଓଡ଼ିଶା ସାମାଜିକ-ଅର୍ଥନୈତିକ ସଶକ୍ତୀକରଣ ଦିଗରେ ଅଗ୍ରଗତି ହେଉଛି। ବିଭିନ୍ନ କ୍ଷେତ୍ର ଯଥା- ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ ଓ ଭିତ୍ତିଭୂମି, ପୁଞ୍ଜିନିବେଶ ଆଦି କ୍ଷେତ୍ରରେ ରୂପାନ୍ତରୀକରଣ ହୋଇଛି।

## ଆଗେଇପାରୁନି 'ମୋ ଘର'...

୧,୦୨,୭୦୩ ଆବେଦନକୁ ବ୍ଲକ୍ ଅଫିସ ଯାଞ୍ଚକରି ବ୍ୟାଙ୍କକୁ ପଠାଇ ଦେଇଛି। ଯେଉଁଥିରୁ ରାଜ୍ୟରେ ମାତ୍ର ୭୮୬ ଆବେଦନକାରୀଙ୍କୁ ବ୍ୟାଙ୍କ ମୋ ଘର ଯୋଜନାରେ ପକ୍କାଘର ଲାଗି ଋଣ ପ୍ରଦାନ ଲାଗି ମଞ୍ଜୁର କରିଛି। ସରକାରଙ୍କ ଏହି ତଥ୍ୟରୁ ଏହି ଯୋଜନାର ଅଗ୍ରଗତି କିପରି ହେଉଛି ସେକଥା ସ୍ପଷ୍ଟ ବାରି ହୋଇପଡୁଛି।

ତଥ୍ୟ ମୁତାବକ, ସୁନ୍ଦରଗଡ଼, କନ୍ଧମାଳ, ଦେବଗଡ଼ ଏବଂ ବରଗଡ଼ରେ ଗୋଟିଏ ବି ହିତାଧିକାରୀଙ୍କୁ ଏ ପର୍ଯ୍ୟନ୍ତ ବ୍ୟାଙ୍କ ଏହି ଯୋଜନାରେ ପକ୍କାଘର କରିବାକୁ ଋଣ ପ୍ରଦାନ କରିନାହାନ୍ତି। ସେହିପରି ନୂଆପଡ଼ା, ଝାରସୁଗୁଡ଼ା ଏବଂ ଗଜପତି ଜିଲାରେ ଗୋଟିଏ ଲେଖା ଆବେଦନକୁ ଏ ପର୍ଯ୍ୟନ୍ତ ମଞ୍ଜୁରୀ ମିଳିଛି। ପୁରୀ, କେନ୍ଦ୍ରାପଡ଼ା ଏବଂ ଖୋର୍ଦ୍ଧା ଭଳି ୩ଟି ଜିଲାରେ ଶହେରୁ ଅଧିକ ଲୋକଙ୍କ ଆବେଦନକୁ ବ୍ୟାଙ୍କ ମଞ୍ଜୁର କରିଥିବାବେଳେ ୧୭ଟି ଜିଲାରେ ଆବେଦନକୁ ମଞ୍ଜୁରୀ ମିଳିବା କ୍ଷେତ୍ରରେ ଏକ ଅଙ୍କ ବିଶିଷ୍ଟ ସଂଖ୍ୟା ବି ଅତିକ୍ରମ କରିପାରି ନାହିଁ। ମୁଖ୍ୟତଃ ଋଣ ଦେବା ପୂର୍ବରୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ନିୟମକୁ ଅନୁପାଳନ କରିବା ବେଳକୁ ହିଁ ବହୁ ହିତାଧିକାରୀ ତାଲିକାରୁ ବାଦ୍ ପଡୁଥିବା ଜଣାପଡୁଛି। ଏହାବାଦ୍ ବହୁ ଆବେଦନ ଗ୍ରହଣ ନ କରିବା ପଛରେ ଆହୁରି ଅନେକ କିଛି କାରଣ ବ୍ୟାଙ୍କ ପାଖରେ ରହିଛି। ତାହାକୁ ନେଇ ସରକାରୀସ୍ତରରେ ବ୍ୟାଙ୍କର୍ସମାନଙ୍କ ସହ ଏକାଧିକ ବୈଠକ ହେବା ସତ୍ତ୍ୱେ କିଛି ସୁଫଳ ମିଳିପାରୁ ନାହିଁ।

କିଛିଦିନ ତଳେ ଷ୍ଟେଟ୍ ଲେଭଲ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି) ବୈଠକ ହୋଇଥିଲା। ସେଥିରେ ବ୍ୟାଙ୍କଗୁଡ଼ିକ ଯେପରି ମୋ ଘର ଯୋଜନାରେ ଅଧିକ ଆବେଦନକୁ ଗ୍ରହଣ କରି ସେଗୁଡ଼ିକୁ ଋଣ ଦେବେ ସେନେଇ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କୋପରେଟିଭ ସୋସାଇଟି ବ୍ୟାଙ୍କକୁ ଅଧିକ ଟାର୍ଗେଟ ଦିଆଯାଇଛି। ତଥାପି ଯୋଜନା ସଫଳ ହୋଇପାରିବା ଭଳି ମନେ ହେଉନାହିଁ। ଅନ୍ୟପକ୍ଷରେ ମଙ୍ଗଳବାର ଅପରାହ୍ନରେ ଏହି ଯୋଜନାକୁ ନେଇ ଜିଲାପାଳ ସ୍ତରୀୟ ବୈଠକ ବସିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ ବସିବାକୁ ଥିବା ଏହି ବୈଠକରେ ସବୁ ଜିଲାର ଜିଲାପାଳଙ୍କୁ ଯେପରି ମୋ ଘର ଯୋଜନାର ଆବେଦନ ବ୍ଲକ ଅଫିସରୁ ଅଧିକ ମାତ୍ରାରେ ଗ୍ରହଣକରି ବ୍ୟାଙ୍କକୁ ପଠାଯିବ ଏବଂ ହିତାଧିକାରୀମାନେ ଋଣ ପାଇପାରିବେ ସେନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ସଂଶୋଧିତ ବିଜ୍ଞପ୍ତି

**ଭୁବନେଶ୍ୱର, ୧୧ା୯(ଅସମାପିକା ସାହୁ):** ୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ୩ ପ୍ରଥମ ପର୍ଯ୍ୟାୟରେ ନାମଲେଖାଇଥିଲେ ବି ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖା ପାଇଁ ଆବେଦନ କରିପାରିବେ। ଛାତ୍ରୀଛାତ୍ରଙ୍କଠାରୁ ଅଭିଯୋଗ ପାଇବା ପରେ ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନ ପ୍ରକ୍ରିୟା ୪ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ୧୬ ତାରିଖ ରାତି ୧୧ଟା ୪୫ରେ ଶେଷ ହେବ। ସୂଚନାଯୋଗ୍ୟ, ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବରୁ ଆବେଦନ ଶେଷ ତାରିଖ ୧୩ ଥିବାବେଳେ ଏବେ ତାହା ୧୬କୁ ଘୁଞ୍ଚାଇ ଦିଆଯାଇଛି। ୨୬ ତାରିଖ ଅପରାହ୍ନ ୧୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୭ତାରିଖ ସକାଳ ୯ଟାରୁ ୩୦ତାରିଖ ଅପରାହ୍ନ ୫ଟା ଭିତରେ(ଛୁଟିଦିନ ବ୍ୟତୀତ) ନାମଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ଅକ୍ଟୋବର ୬ ଅପରାହ୍ନ ୨ଟାରେ ପୁନର୍ବାର ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୦ତାରିଖ ଦିନ ନାମଲେଖାଇବେ।

**ପ୍ରଥମ ପର୍ଯ୍ୟାୟରେ ନାମଲେଖାଇଥିଲେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆବେଦନ କରିପାରିବେ**

DIRECT ADMISSION NO DONATION
For ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in

## ଝିଅ, ପୁଅ ପରେ ମା' ଆଖିବୁଜିଲେ



ମୃତକଙ୍କ ଘରେ ସାଇଣ୍ଟିଫିକ୍ ଟିମ୍ ଛାନଭିନ୍ କରୁଛି।

**ଗୋଟିଏ ପରିବାରର ୩ କୀଟନାଶକ ପିଇବା ଘଟଣା**

- ମୃତକଙ୍କ ଘରେ ତଦନ୍ତ ଆରମ୍ଭ
- ମାନସିକ ଚାପକୁ ନେଇ ସନ୍ଦେହ

**ସୋହେଲା, ୧୧ା୯(ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା ସୋହେଲା ମାଷ୍ଟରପଡ଼ାରେ ରବିବାର କୀଟନାଶକ ପିଇ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ରବିବାର ବୁର୍ଲାସ୍ଥିତ ଭିମ୍‌ସାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱର୍ଗତ ଅର୍ଜୁନ ସାହୁଙ୍କ ପୁଅ ବଂଶୀଧର(୨୫) ଏବଂ ଝିଅ ସୁବର୍ଣ୍ଣ ମହାଜନ(୨୩)ଙ୍କ ମୃତ୍ୟୁ ହୋଇଥିଲା। ସୋମବାର ଚିକିତ୍ସାଧୀନ ଥିବା ସେମାନଙ୍କ ମା' କୁମୁଦିନୀ(୫୦)ଙ୍କ ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ପୃଥକ୍ ଭାବେ ଦାହ କରାଯାଇଛି। ତେବେ ମୃତ ସୁବର୍ଣ୍ଣଙ୍କ ଶିଶୁକନ୍ୟା (୨ବର୍ଷ) ଜୀବତି ଅଛନ୍ତି। ସେ ଏବେ ସ୍ୱର୍ଗତ ଅର୍ଜୁନଙ୍କ ଭାଇ ଦେବାର୍ଚ୍ଚନଙ୍କ ପାଖରେ ରହୁଛନ୍ତି। ଅନ୍ୟପଟେ କେଉଁ ପରିସ୍ଥିତିରେ ସେମାନେ କୀଟନାଶକ ପିଇଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ପରିବାରର ମୁଖ୍ୟ ଅର୍ଜୁନଙ୍କ ଦେହାନ୍ତ ପରେ ମାନସିକ ଚାପ ଯୋଗୁ ସେମାନେ ଏଭଳି ଚରମ ପଦକ୍ଷେପ ନେଇଥିବା ସାଧାରଣରେ ଆଲୋଚନା ହେଉଛି। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି। ସୋମବାର ସାଇଣ୍ଟିଫିକ୍ ଟିମ୍ ସହିତ ସୋହେଲା ପୋଲିସ ମୃତକଙ୍କ ଘରେ ପହଞ୍ଚି ତଦନ୍ତ କରିଛି। ଏ ସମ୍ପର୍କରେ ସୋହେଲା ଥାନାଧିକାରୀ ପ୍ରଣୟ ମୁର୍ମୁଙ୍କୁ ପଚାରିବାରୁ କୌଣସି ସନ୍ଦେହଜନକ ଜିନିଷ ମିଳିନାହିଁ। ବ୍ୟବଚ୍ଛେଦ ଏବଂ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ସ୍ୱର୍ଗତ ଅର୍ଜୁନଙ୍କ ଭାଇ ଦେବାର୍ଚ୍ଚନ କହିଛନ୍ତି, ଗତ ୬ତାରିଖରେ ବଡ଼ଭାଇ ଅର୍ଜୁନଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ବଂଶୀଧର, ସୁବର୍ଣ୍ଣ ଏବଂ କୁମୁଦିନୀ ଧୈର୍ଯ୍ୟ ହରାଇ ବସିଥିଲେ। ଗତ ୭ତାରିଖରେ ସେମାନେ କୀଟନାଶକ ପିଇ ଆତ୍ମହତ୍ୟା କରିବୁ ବୋଲି କହିବା ସହ କୀଟନାଶକ ଦେଖାଇଥିଲେ। ଖବର ପାଇ ସୋହେଲା ପୋଲିସ ସେମାନଙ୍କୁ ଥାନାକୁ ଡାକି ବୁଝାଶୁଝା କରି ଛାଡ଼ି ଦେଇଥିଲା ବୋଲି ଦେବାର୍ଚ୍ଚନ କହିଛନ୍ତି।

ପ୍ରକାଶଥାଉକି, ବାସନକୁସନ ବିକ୍ରି କରିବା ମୃତ ପରିବାରର ଜୀବିକା ଥିଲା। ଗତ ୮ମାସ ତଳେ ସୋହେଲାରେ ସେମାନେ ଏକ ବାସନକୁସନ ଦୋକାନ ଦେଇଥିଲେ। ଦୋକାନରେ ଅର୍ଜୁନ ବସୁଥିବାବେଳେ ବଂଶୀଧର ବାସନକୁସନ ଧରି ବିଭିନ୍ନ ଗାଁକୁ ବିକ୍ରି କରିବାକୁ ଯାଉଥିଲେ। ସେହିପରି ମୃତା ସୁବର୍ଣ୍ଣ ଛତିଶଗଡ଼ରେ ୨୦୧୮ରେ ବିବାହ କରିଥିଲେ। ମାତ୍ର ପାରିବାରିକ ବିବାଦ ଯୋଗୁ ସେ ପ୍ରାୟ ୨ବର୍ଷ ହେଲା ଶିଶୁକନ୍ୟାକୁ ଧରି ସୋହେଲାସ୍ଥିତ ବାପଘରେ ରହୁଥିଲେ।

## ୧,୦୬୫ ଅଧ୍ୟାପକ ପଦବୀ ପାଇଁ ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧୧ା୯(ଅସମାପିକା ସାହୁ)**

ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୧,୦୬୫ ଅଧ୍ୟାପକ ପଦବୀ ପୂରଣ ହେବ। ଏଥିପାଇଁ ସୋମବାରଠାରୁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଆବେଦନ ପ୍ରକ୍ରିୟା ଅକ୍ଟୋବର ୧୩ ରାତି ୧୧ଟା ୪୫ ଯାଏ ଚାଲିବ। ଏ ନେଇ ସୋମବାର ଷ୍ଟେଟ୍ ସିଲେକ୍ସନ ବୋର୍ଡର ୱେବ୍‌ସାଇଟ୍ www.ssbodisha.ac.inରେ ସମସ୍ତ ତଥ୍ୟ ଉପଲବ୍ଧ ହୋଇଛି। ସୂଚନାଯୋଗ୍ୟ, ୧,୦୬୫ ପଦବୀ ମଧ୍ୟରେ ୩୪୭ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଏସ୍‌ଟି ବର୍ଗ ପାଇଁ ମୋଟ ୨୩୬ଟି ପଦବୀ ସଂରକ୍ଷିତ ରହିଥିବାବେଳେ ଏସ୍‌ସି ପାଇଁ ୧୭୦, ଏସ୍‌ଇବିସି ପାଇଁ ୧୧୭ ଏବଂ ସାଧାରଣ ବର୍ଗ ପାଇଁ ୫୪୨ଟି ପଦବୀ ସଂରକ୍ଷିତ ରହିଛି।

ବୈଦ୍ୟନାଥ
ଘରେ ଡାକ୍ତର
ପ୍ରାକୃତିକ ଆୟୁର୍ବେଦିକ ପ୍ରତିକାର

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳା ସମସ୍ୟା | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରରୋଗ | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
KENDRAPADA: 9853631559 GANJAM: 9583088964 JAGATSINGHPUR: 9439281532, 9438616702 BARGARH: 7894630209 KENDUJHAR: 6370698870, 9337238557 KEONJHAR: 6370698870 MAYURBHANJ: 9437350156 KORAPUT: 9438765344 MALKANGIR: 9556935213 RAYAGADA: 9937649097

DSPL - 230
ଓଡ଼ିଶା ସରକାର
ନିଯୁକ୍ତି ପର୍ବ
ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ
୪୫ ବୀମା ଚିକିତ୍ସା ଅଧିକାରୀ ନିଯୁକ୍ତ
୧୨ ସେପ୍ଟେମ୍ବର ୨୦୨୩ ॥ ଅପରାହ୍ନ ୫ ଟା ୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ବୀମାଭୁକ୍ତ କର୍ମଚାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ନିରନ୍ତର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଏକ ସୁସ୍ଥ ସମାଜ ଗଢିବା।
କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟ, ଓଡ଼ିଶା
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-17005/13/0014/2324

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**



# ନକଲି ଡିଫିଟାଲିଓ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ନିୟମ ଅନୁଯାୟୀ ହଜାରେ ରୋଗୀଙ୍କ ପାଇଁ ଜଣେ ଡାକ୍ତର ରହିବା କଥା। ଭାରତରେ ଏହି ଅନୁପାତ ଉତ୍ତମ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ଦେବା ବେଳେ ଗତବର୍ଷ କହିଥିଲେ ଯେ, ଏଠାରେ ୮୫୪ ରୋଗୀଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ଅର୍ଥାତ୍ ଚିକିତ୍ସା ସେବା ଉନ୍ନତ ହେବାରେ ଲାଗିଛି। ମନ୍ତ୍ରୀଙ୍କ ମନ୍ତବ୍ୟ ବାସ୍ତବତାକୁ କେଉଁଭଳି ଭାବେ ପ୍ରତିଫଳିତ କରୁଛି, ତାହା ଦେଶର କୋଣଅନୁକୋଣରେ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀଙ୍କ ପ୍ରାଣହାନି ଘଟୁଥିବା ଘଟଣାରୁ ଜଣାପଡ଼େ। ଦୂରକୁ ଯିବା ଦରକାର ନାହିଁ। ଓଡ଼ିଶାର କୋରାପୁଟ, କଳାହାଣ୍ଡି, ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ ଭଳି ଜିଲାରେ ରୋଗୀଙ୍କୁ ୧୦ କିଲୋମିଟର ଯାଏ ଖଟିଆରେ ବୁହାହୋଇ ଯାଉଥିବାର ଦୃଶ୍ୟ ଗଣମାଧ୍ୟମରୁ ଦେଖିବାକୁ ମିଳେ। ଯଦିବା ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି କୁହାଯାଉଛି, ଏଠାରେ ମନେରଖିବାକୁ ହେବ ଯେ ସ୍ୱାସ୍ଥ୍ୟସେବାର ଉନ୍ନତି ଉତ୍ତମ ଭିତ୍ତିଭୂମି, ଗମନାଗମନ, ସୁଲଭ ମୂଲ୍ୟରେ ଔଷଧ ଯୋଗାଣ ଉପରେ ନିର୍ଭର କରେ। ଏବେ ଖବର ମିଳିଛି ଭାରତରେ କ୍ୟାନସର ଓ ଲିଭରଜନିତ ରୋଗ ପାଇଁ ଉପଲବ୍ଧ ଔଷଧ ଅନେକାଂଶରେ ନକଲି ରହିଛି। କ୍ୟାନସର ଚିକିତ୍ସାରେ ବ୍ୟବହୃତ ଇଞ୍ଜେକଶନ ଆଡ୍‌ସେଟ୍ରିସ୍ ଓ ଲିଭର ଲାଗି ଉଦ୍ଦିଷ୍ଟ ଡିଫିଟାଲିଓର ନକଲି ପ୍ରତି ସାବଧାନ ରହିବାକୁ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ସମସ୍ତ ରାଜ୍ୟକୁ ସତର୍କ କରାଇଦେଇଛି। ଡବ୍ଲ୍ୟୁଏଚ୍ଓ କହିଛି ଏସବୁ ଔଷଧର ପ୍ରକୃତ ଉତ୍ପାଦନ ଜର୍ମାନୀ ଓ ଅଷ୍ଟ୍ରିଆରେ ହେଉଥିବା ବେଳେ ବ୍ରିଟେନ୍ ଓ ଆୟର୍ଲାଣ୍ଡରେ ଏହାର ନକଲି ପ୍ରସ୍ତୁତି କରାଯାଉଛି। ଉଦ୍‌ବେଗର ବିଷୟ ହେଉଛି ଯେ, ଏସବୁ ନକଲି ଔଷଧରେ ଲେଖାଯାଉଥିବା ଏକ୍ସପାଏରି ଡେଟ୍ ମଧ୍ୟ ଭୁଲ ରହୁଛି। ବିଶେଷକରି ଭାରତ ଓ ତୁର୍କୀରେ ଡିଫିଟାଲିଓର ବଜାର ପ୍ରବେଶ ଅଧିକାର ନ ଥିବା ବେଳେ ସେଗୁଡ଼ିକ ବ୍ୟାପକ ମାତ୍ରାରେ ଉପଲବ୍ଧ ହେଉଛି। ସେହିଭଳି ଆଡ୍‌ସେଟ୍ରିସ୍ ନକଲି ଔଷଧ ଭାରତ ସମେତ ତୁର୍କୀ, ବ୍ରିଟେନ୍ ଓ ଆୟର୍ଲାଣ୍ଡରେ ମିଳୁଛି।

> **ସାଧାରଣରେ ହତ୍ୟା କରୁଥିବା ବ୍ୟକ୍ତିଙ୍କୁ ଯେଉଁ ଦଣ୍ଡ ଦିଆଯାଇଥାଏ, ନକଲି ଔଷଧ କାରବାରରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ ଗଣହତ୍ୟା ସମ୍ବନ୍ଧୀୟ ଦଣ୍ଡ ଦିଆଯିବା ଦରକାର। କାରଣ ନକଲି ଔଷଧ ଦ୍ୱାରା ଅସଂଖ୍ୟ ଲୋକଙ୍କ ମୃତ୍ୟୁ ଲାଗି ପୂର୍ବ ପ୍ରସ୍ତୁତି କରାଯାଇଥାଏ।**

ଭାରତରେ ଦୁରାରୋଗ୍ୟ ବ୍ୟାଧିର ଔଷଧ ପ୍ରସ୍ତୁତି ଲାଗି ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି) କାର୍ଯ୍ୟକୁ ସେଭଳି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଠୁସେଠୁ ମାଗିଆଣି କିମ୍ବା ନକଲି କରି ନିର୍ମାତା ଓ ବ୍ୟବସାୟୀମାନେ ମୋଟା ଲାଭ ଅର୍ଜନ କରୁଛନ୍ତି। ଏହା ସିଡିଏସ୍‌ସିଓ ଅଜାଣତରେ ହେଉଥିବ ବୋଲି ବିଶ୍ୱାସ ହେଉନାହିଁ। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାବେ ଭାରତ ପରିଚିତି ହାସଲ କରିଥିଲେ ମଧ୍ୟ ଏହାର ଲୋକଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପହଞ୍ଚାଯାଇପାରୁ ନାହିଁ। କାରଣ ରୋଗୀଙ୍କ ଚାହିଦାକୁ ଦେଖି ଔଷଧ ନିର୍ମାତା ଓ ଅସାଧୁ ବ୍ୟବସାୟୀମାନେ ସକ୍ରିୟ ରହିଛନ୍ତି। ଗତବର୍ଷ ଅକ୍ଟୋବରରେ ଭାରତ ପ୍ରସ୍ତୁତ କାଶ ସିରପ୍ ସେବନ କରି ଗାମ୍ବିଆର ୬୬ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ପଶ୍ଚିମ ଓଡ଼ିଶାରୁ ଆରମ୍ଭ କରି କଟକ ଯାଏ ନକଲି ଔଷଧ କାରବାର ବିଷୟରେ ସମସ୍ତେ ଜାଣିଛନ୍ତି। କାଁ ଭାଁ କେତେ ଜଣଙ୍କୁ ଧରାଯିବା ପରେ ଘଟଣା କିଛିଦିନ ଥମିଯାଉଛି। କଡ଼ା କାର୍ଯ୍ୟାନୁଷ୍ଠାନ ଅଭାବରୁ ପରବର୍ତ୍ତୀ ସମୟରେ ବେଆଇନ ଯୋଗାଣ ଶୃଙ୍ଖଳ ପୁଣି ସକ୍ରିୟ ହୋଇପାରୁଛି। ତେଣୁ ସିଡିଏସ୍‌ସିଓ କେବଳ ରାଜ୍ୟଗୁଡ଼ିକୁ ନକଲି ଔଷଧ କାରବାର ରୋକିବା ଲାଗି ସତର୍କତା ଜାରିକରି ରହିଗଲେ ସମସ୍ୟାର ସମାଧାନ ଆସିପାରିବ ନାହିଁ। ରାଜ୍ୟଗୁଡ଼ିକରେ ଥିବା ଅନେକ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଅସାଧୁ ବ୍ୟବସାୟୀଙ୍କ ସହ ସମ୍ପର୍କ ଥିବାରୁ ଏଭଳି ବେଆଇନ କାର୍ଯ୍ୟକୁ ରୋକାଯାଇପାରୁ ନାହିଁ।

କୁହାଯାଇଥାଏ ଅନ୍ୟ ଯେଉଁ କ୍ଷେତ୍ରରେ ଭେଜାଲ ହେଲେ ମଣିଷ ଯେତେ ମାତ୍ରାରେ ମାରାତ୍ମକତାର ଶିକାର ହୋଇ ନ ଥାଏ, ନକଲି ଖାଦ୍ୟ ଓ ଔଷଧ ତତ୍‌କ୍ଷଣାତ୍ ପ୍ରାଣ ନେଇଯାଇଥାଏ। ଖାଦ୍ୟଦ୍ରବ୍ୟ ଏବଂ ଔଷଧ ପ୍ରସ୍ତୁତ କରୁଥିବା ନିର୍ମାତା, ଯୋଗାଣ କାର୍ଯ୍ୟରେ ନିୟୋଜିତ ସଂସ୍ଥା ବା ବ୍ୟକ୍ତିଙ୍କ ଉପରେ ସର୍ବାଧିକ ଦୃଷ୍ଟି ରହିବା କଥା। ଯେଉଁମାନେ ନିୟମ ବିରୁଦ୍ଧ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇ ଦଣ୍ଡିତ କରାଯିବା ଆବଶ୍ୟକ। ଏ ଦିଗରେ ଆଇନକୁ ଅଧିକ କଠୋର କରିବାର ଦାୟିତ୍ୱ କେନ୍ଦ୍ର ସରକାର ଉପରେ ରହିଥିବା ସତ୍ତ୍ୱେ ସେଥିରେ କୌଣସି ଇଚ୍ଛାଶକ୍ତି ଥିବାଭଳି ମନେହୁଏ ନାହିଁ। ବ୍ୟବସାୟ, ରପ୍ତାନି, ବ୍ୟାଙ୍କ, ଜମି ଅଧିଗ୍ରହଣ ଭଳି ବିଷୟଗୁଡ଼ିକ ଉପରେ ଘନ ଘନ ଆଇନ ସୃଷ୍ଟି ହେଉଥିବା ବା ସଂଶୋଧନ କରାଯାଉଛି। କିନ୍ତୁ ନାଗରିକ ସୁସ୍ଥ ଭାବେ ବଞ୍ଚିବା ପାଇଁ ମୌଳିକ ଚାହିଦା ପ୍ରତି ଦୃଷ୍ଟିଦେବାକୁ କାହାର ସମୟ କିମ୍ବା ଇଚ୍ଛା ଥିବା ଲକ୍ଷ୍ୟ କରାଯାଉ ନାହିଁ। ସାଧାରଣରେ ହତ୍ୟା କରୁଥିବା ବ୍ୟକ୍ତିଙ୍କୁ ଯେଉଁ ଦଣ୍ଡ ଦିଆଯାଇଥାଏ, ନକଲି ଔଷଧ କାରବାରରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ ଗଣହତ୍ୟା ସମ୍ବନ୍ଧୀୟ ଦଣ୍ଡ ଦିଆଯିବା ଦରକାର। କାରଣ ନକଲି ଔଷଧ ଦ୍ୱାରା ଅସଂଖ୍ୟ ଲୋକଙ୍କ ମୃତ୍ୟୁ ଲାଗି ପୂର୍ବ ପ୍ରସ୍ତୁତି କରାଯାଇଥାଏ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | 7 | | | | | 4 |
| | | | | | 4 | | | |
| 5 | | | | | | 3 | 7 | |
| | | | | 4 | | | 2 | |
| | | 1 | | 9 | 3 | | | |
| | 3 | 9 | | | 2 | | | 6 |
| | | | | | | | | |
| 4 | | 5 | | 1 | | 8 | | 7 |
| 3 | | | | | | | 1 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 5 | 8 | 9 | 2 | 4 | 1 |
| 1 | 9 | 5 | 6 | 2 | 4 | 3 | 7 | 8 |
| 4 | 2 | 8 | 1 | 7 | 3 | 6 | 5 | 9 |
| 8 | 3 | 2 | 9 | 6 | 5 | 7 | 1 | 4 |
| 5 | 1 | 6 | 8 | 4 | 7 | 9 | 2 | 3 |
| 9 | 7 | 4 | 2 | 3 | 1 | 8 | 6 | 5 |
| 6 | 4 | 7 | 3 | 5 | 8 | 1 | 9 | 2 |
| 2 | 8 | 9 | 4 | 1 | 6 | 5 | 3 | 7 |
| 3 | 5 | 1 | 7 | 9 | 2 | 4 | 8 | 6 |

ଗତକାଲିର ଉତ୍ତର

# ପୁନର୍ମୂଷିକ ଭବ



ଅକ୍ଷୟ କୁମାର ମିଶ୍ର

ଆମ ରାଜ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣା ହୋଇଥିଲା। ସମସ୍ତେ ସରକାରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସମଗ୍ର ଦେଶରେ ଆମ ରାଜ୍ୟ ଠିକା ନିଯୁକ୍ତି ଉଚ୍ଛେଦ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲା। ଅବଶ୍ୟ କିଛି ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ସେତେବେଳେ ଆଶଙ୍କା ପ୍ରକାଶ କରିବା ସହିତ କିଛି କେଁ ଅଛି ବୋଲି ଅଭିଯୋଗ କରିଥିଲେ। ଆଜି ସେମାନଙ୍କ କଥା ସତ୍ୟ ହେଲା। ସରକାର ନିଜ କଥା ନିଜେ ପ୍ରତ୍ୟାହାର କରିନେଲେ। ପୁଣି ସେହି କଥା। ଠିକା ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଅର୍ଥାତ୍ ପୁନଃ ମୂଷିକ ଭବ।

ପ୍ରାଥମିକ ଶିକ୍ଷା ହେଉଛି ଶିକ୍ଷା ସୌଧର ମୂଳଭିତ୍ତି। ମୂଳଦୁଆ ଦୁର୍ବଳ ରହିଲେ ଯେକୌଣସି ଅଟ୍ଟାଳିକା ଭୁଶୁଡ଼ି ପଡ଼ିବା ସ୍ଥିର ନିଶ୍ଚିତ; ପରବର୍ତ୍ତୀ ସମୟରେ ଯେତେ ଉତ୍ତମ ଇଟା, ଦାମୀ ଲୁହାଛଡ଼ ଓ ବେଶି ସିମେଣ୍ଟ ଦେଲେ ମଧ୍ୟ ଅବିକଳ ପ୍ରାଥମିକ ଶିକ୍ଷା ଗୁଣାତ୍ମକ ନ ହେଲେ ମାଧ୍ୟମିକ ଶିକ୍ଷା ଏବଂ ଉଚ୍ଚ ଶିକ୍ଷା କଦାପି ଉନ୍ନତ ମାନର ହେବା ସମ୍ଭବ ନୁହେଁ। ଆମ ରାଜ୍ୟର ପ୍ରାଥମିକ ଶିକ୍ଷା ସମ୍ପର୍କିତ ଅନେକ ତଥ୍ୟ ବିଭିନ୍ନ ସଂସ୍ଥା ପକ୍ଷରୁ ସର୍ଭେ କରାଯାଇ ପ୍ରକାଶ କରାଯାଇଛି। ଏକ ସର୍ଭେ ରିପୋର୍ଟରେ କୁହାଯାଇଥିଲା ରାଜ୍ୟରେ ଥିବା ୫୦୫୨୬ଟି ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୪୦୯୫୫ଟି ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ସ୍ୱତନ୍ତ୍ର ଶ୍ରେଣୀ କକ୍ଷ, ଶୌଚାଳୟ, ଖେଳପଡ଼ିଆ ନାହିଁ। ଏ ବାବଦରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ହସ୍ତକ୍ଷେପ କରି ଶିକ୍ଷା ବର୍ଷ ଆରମ୍ଭରୁ ସମସ୍ତ ବିଦ୍ୟାଳୟର ଏହି ଅଭାବ ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଇଥିପାଇଁ ବୋଧହୁଏ ସରକାର ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ହେବ ବୋଲି କହିଛନ୍ତି। ଅପରପକ୍ଷେ ଶିକ୍ଷକ ଅଭାବଜନିତ ଘଟଣାର ଦୟନୀୟ ସ୍ଥିତି ଖବର ଆକାରରେ ପ୍ରକାଶ ପାଇବା ଦୈନନ୍ଦିନ ଘଟଣା ପାଲଟି ଗଲାଣି। 'ପଢ଼ିବା ଆଗକୁ ବଢ଼ିବା' ସ୍ଲୋଗାନ ପ୍ରତି ବିଦ୍ୟାଳୟ କାନ୍ଥରେ ଲେଖାଯାଇଛି। ଅଥଚ ସାତଟି ଶ୍ରେଣୀକୁ ଜଣେ ଶିକ୍ଷକରେ ଚାଲିଛି ଶିକ୍ଷାଦାନ। କେବଳ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସତୁରି ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ୨୦୧୬ଠାରୁ ଅଦ୍ୟାବଧି ଜଣେ ବି ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ। ଅଥଚ ସରକାର ଗର୍ବର ସହିତ କହୁଛନ୍ତି ଏକା ଥରକେ କୋଡ଼ିଏ ହଜାର ଶିକ୍ଷକ ନିଯୁକ୍ତି ଦେବା ଏକ ଐତିହାସିକ ପଦକ୍ଷେପ। ବିଗତ ସାତ ବର୍ଷ ଧରି ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ ରଖି କୋଡ଼ିଏ ହଜାର ନିଯୁକ୍ତି ଦେବା ଏକ ବଡ଼ ନିଷ୍ପତ୍ତି ନୁହେଁ ବୋଲି ଯେକୌଣସି ଶିକ୍ଷାବିତ୍ କହିବେ।

ଅଜବ କଥା ହେଲା ସବୁ ସ୍ତରରୁ ଠିକା ନିଯୁକ୍ତି ଉଚ୍ଛେଦ କରାଗଲା ବୋଲି ଦଶ ମାସ ତଳେ ଘୋଷଣା କରି ଏବେ ପୁଣି ସେହି ଠିକା ନିଯୁକ୍ତିକୁ ଆପଣେଇବା। ଏହାକୁ ସହଜରେ କେହି ଗ୍ରହଣ କରିବେ ନାହିଁ। ପୂର୍ବରୁ କେତେ ଜାତିର ଶିକ୍ଷକ ସୃଷ୍ଟି କରାଯାଉଛି ତାହା ଠିକ୍ ଭାବେ କହିବା ମୁସ୍କିଲ। ଏବେ




ପୁଣି ସେହି ଚିଠାରେ ଆଉ ଏକ ନୂତନ ଜାତି ସ୍କିମାଟିକ ଶିକ୍ଷକ ନାମଧାରୀ ଶିକ୍ଷକ ଯୋଡ଼ିବାକୁ ସରକାର ମନ ବଳେଇଛନ୍ତି। ଦ୍ୱିତୀୟରେ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଛି ସେଥିରେ କିଛି ଆଇନଗତ ତ୍ରୁଟି ପରିଲକ୍ଷିତ ହେଉଛି। ଯେକୌଣସି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ବେଳେ ସେଥିରେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଉଲ୍ଲେଖ ଥାଏ। ଫଳରେ ଏହାଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ ଏହି ପଦବୀ ନିମନ୍ତେ ଆବେଦନ କରିବ କି ନାହିଁ ତାହା ତା'ର ଇଚ୍ଛାଧୀନ ବିଷୟ ହୋଇଥାଏ। କିନ୍ତୁ ଏହି ବିଜ୍ଞପ୍ତିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ସର୍ବନିମ୍ନଠାରୁ ଆରମ୍ଭ କରି ଆଉ କେଉଁ କେଉଁ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ ଆବେଦନ କରିପାରିବେ ତାହା ଉଲ୍ଲେଖ ଅଛି। ଉଚ୍ଚଡିଗ୍ରୀଧାରୀ ଛାତ୍ରୀଛାତ୍ରର ନିଯୁକ୍ତି ସୁଯୋଗ ରହିବ କିନ୍ତୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ଦାବି କରିବାର ଅଧିକାର ରହିବ ନାହିଁ, ଏହା ସମସ୍ତଙ୍କୁ ବିସ୍ମିତ କରିଛି। ବିଭିନ୍ନ ଶିକ୍ଷାଧାରୀ ଏବଂ ବିଭିନ୍ନ ତାଲିମପ୍ରାପ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ ବୋଲି ଉଲ୍ଲେଖ ରହିବା, ପରବର୍ତ୍ତୀ ସମୟରେ ଆଉ ଏକ ବିବାଦ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହା ପୁଣି ଏକ ବର୍ଷିଆ ଚୁକ୍ତିନାମାରେ ନିଯୁକ୍ତି। ଉତ୍ତମ ଦକ୍ଷତା ପ୍ରମାଣପତ୍ର ଦେଲେ ନବୀକରଣ ହେବ ନଚେତ ସେଇଠି ଚାକିରି ଶେଷ।

ସାତ ବର୍ଷ ଧରି ଲକ୍ଷ ଲକ୍ଷ ଉପଯୁକ୍ତ ତାଲିମପ୍ରାପ୍ତ ଶିକ୍ଷିତ ଯୁବତୀ ଯୁବକ ଅପେକ୍ଷା କରି ବସିଥିଲେ ବିଜ୍ଞପ୍ତିକୁ। ଭାବିଥିଲେ ସିଧାସଳଖ ନିୟମିତ ଶିକ୍ଷକ ହେବାର ସୌଭାଗ୍ୟ ଅର୍ଜନ କରିବେ। କିନ୍ତୁ ହେଲା କ'ଣ ? ପ୍ରାଥମିକ ଶିକ୍ଷାରେ ଠିକା ନିଯୁକ୍ତି, ମାଧ୍ୟମିକ ଶିକ୍ଷାରେ ନିୟମିତ ନିଯୁକ୍ତି? ଅନେକେ କହୁଛନ୍ତି ଏହାକୁ ବିରୋଧ କଲେ ସରକାର ଯଦି ବିଜ୍ଞପ୍ତି ବାତିଲ କରିଦେଲେ ତେବେ ହଜାର ହଜାର ଯୁବତୀ ଯୁବକଙ୍କ ସ୍ୱପ୍ନ ଧୂଳିସାତ ହୋଇଯିବ। ବୟସ ଚାଲିଯିବ। ନାହିଁ ମାମୁଠାରୁ କଣା ମାମୁ ଭଲ ନ୍ୟାୟରେ ପ୍ରଥମେ ନିଯୁକ୍ତି ସରୁ, ତା'ପରେ ଦେଖିବା। ଅର୍ଥାତ୍ ନିଯୁକ୍ତି ପରେ ଏହି ଶିକ୍ଷକମାନେ ମେଳି ବାନ୍ଧିବେ। ନୂଆ ଏକ ସଂଗଠନ ଗଢ଼ିବେ କିମ୍ବା ରାଜ୍ୟରେ ଥିବା ପୁରାତନ ଶିକ୍ଷକ ସଂଗଠନରେ ମିଶି ଆନ୍ଦୋଳନ କରିବେ। ଯେତେଥର ବିଧାନସଭା ବସିବ ସେତେଥର ରାଜଧାନୀ ଧାଇଁବାର ବ୍ୟବସ୍ଥା ସରକାର କରିଦେଲେ। ଶିକ୍ଷାଦାନ କେମିତି ହେବ ଏବେଠାରୁ ଜଣା ପଡ଼ିଗଲାଣି। ମାନସିକ ଯନ୍ତ୍ରଣା ଭିତରେ ରଖି ଗୁଣାତ୍ମକ ଶିକ୍ଷାଦାନ ଆଶା କରିବା ବୃଥା। ଫଳରେ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକ କ୍ଷତିଗ୍ରସ୍ତ ହେବେ। ପୁଣି ଏମାନଙ୍କ ଭିତରେ ଚାରୋଟି ବର୍ଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେଉଁମାନେ ଏକ ବର୍ଷ ପରେ କୌଣସି କାରଣରୁ ଦକ୍ଷତା ପ୍ରମାଣପତ୍ର ଯୋଗାଡ଼ କରିବାରେ ଅସମର୍ଥ ହେବେ ସେମାନେ ଚାକିରି ବଞ୍ଚାଇବାକୁ ଆନ୍ଦୋଳନ କରିବେ। ଯେଉଁମାନେ ବି ଏ କିମ୍ବା ବି ଏମ ସି ବି ଇଡି ହୋଇଥିବେ ସେମାନେ ଉଚ୍ଚତର ସ୍କେଲ ଦାବି କରି ଆନ୍ଦୋଳନକୁ ଯିବେ। ଯେଉଁମାନେ ପୋଷ୍ଟ ଗ୍ରାଜୁଏଟ ଏବଂ ବି ଇଡି କିମ୍ବା ଏମ ଇଡି ତାଲିମପ୍ରାପ୍ତ ହୋଇଥିବେ ସେମାନେ ତଦନୁଯାୟୀ ଦରମା ଦାବି କରିବାରେ କୌଣସି ଅଯୌକ୍ତିକତା ରହିବ ନାହିଁ। ଅବଶିଷ୍ଟ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିୟମିତ ହେବା ପାଇଁ ମହା ସଂଗ୍ରାମରେ ଅବତୀର୍ଣ୍ଣ ହେବେ। ଏ ପ୍ରକାର ନିଯୁକ୍ତି ପ୍ରକ୍ରିୟା ଅନେକଙ୍କ ମନରେ ସନ୍ଦେହ ମଧ୍ୟ ସୃଷ୍ଟି କଲାଣି। ସରକାର ଏମିତି ବର୍ଗୀକରଣ କାହିଁକି କରୁଛନ୍ତି ? ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ କରି ବିଚାରାଳୟର ଦ୍ୱାର ଖୋଲା ରଖିବା ପଛରେ ଉଦ୍ଦେଶ୍ୟ କ'ଣ ? ହଠାତ୍ ଚୟନ ପ୍ରକ୍ରିୟା ଜିଲା ପରିଷଦ ହାତକୁ ଦେବା ଏବଂ ଜିଲାପାଳଙ୍କୁ ଚୟନ କମିଟିର ମୁଖ୍ୟ ରଖିବା ପଛରେ ଆଇନଗତ ତ୍ରୁଟି ନାହିଁ କି?

କୁହାଯାଉଛି ଅର୍ଥନୈତିକ ଦୃଷ୍ଟିକୋଣରୁ ଆମ ରାଜ୍ୟ ବଳକା ରାଜ୍ୟ। ଏଠାରେ ଅର୍ଥର ଅଭାବ ନାହିଁ। ଏହା ମଧ୍ୟ ସମସ୍ତେ ବିଶ୍ୱାସ କଲେ ଯେତେବେଳେ ସରକାର ଦମ୍ଭର ସହିତ ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣା କଲେ। ନିୟମିତ ନିଯୁକ୍ତି ମଧ୍ୟ ଦେଲେ। କିନ୍ତୁ ବର୍ଷେ ନ ପୂରୁଣୁ ପୁନଃ ମୂଷିକ ଭବ। ଖାଲି ଏତିକି ନୁହେଁ ନିୟମିତ ନିୟମ ପ୍ରକାଶ ପାଇବା ବେଳକୁ ଦେଖାଗଲା ଯେଉଁମାନେ ୨୦୧୩ ପରେ ଠିକା ନିଯୁକ୍ତି ପାଇଥିବେ ସେମାନଙ୍କ କ୍ଷେତ୍ରରେ ଏହା ଲାଗୁ ହେବ। ଫଳରେ ଯେଉଁମାନେ ୨୦୦୪ ରେ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ନିଯୁକ୍ତି ପାଇଥିଲେ ସେମାନେ ଏବେ ଆନ୍ଦୋଳନ କରିବାକୁ ବାଧ୍ୟ ହେଉଛନ୍ତି। ଠିକ୍ ତାହା ହିଁ ହେବ ଏହି ସ୍କିମାଟିକ ଶିକ୍ଷକଙ୍କ କ୍ଷେତ୍ରରେ।

ଶ୍ରେଣୀ କକ୍ଷ ଛାଡ଼ି ଶିକ୍ଷକ ରାସ୍ତାରେ ରହିବା ଶୁଭଙ୍କର ନୁହେଁ। ଏହାଦ୍ୱାରା ଶିକ୍ଷକର ମର୍ଯ୍ୟାଦା ହାନି ହେଉଛି। ମନେରଖିବା ଉଚିତ ଅଧିକାରରୁ ଜଣକୁ ବଞ୍ଚିତ କଲେ ସେ ତା'ର କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ କେଉଁଠି ନା କେଉଁଠି ଅବହେଳା କରିବ। ଭଲ ହେବ ସରକାର ଠିକା ଶିକ୍ଷକ ନିଯୁକ୍ତି ନ ଦେଇ ନିୟମିତ ଶିକ୍ଷକ ନିଯୁକ୍ତି ଦେଲେ। ଏଥିସହିତ ପର୍ଯ୍ୟାୟକ୍ରମେ ସରକାର ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରନ୍ତୁ। ଶିକ୍ଷାର ଜାଗରଣ ହେଲେ ଶିକ୍ଷାର୍ଥୀ ମୁହଁରେ ହସ ଫୁଟିବ। ଶିଶୁ ହସିଲେ ଦେଶ ରାଇଜ ହସିବ। ଏଥିପାଇଁ ଶିକ୍ଷକ ଉତ୍ତରଦାୟୀ ହେବା ଆବଶ୍ୟକ। ଏହା ସେତିକିବେଳେ ଆଶା କରାଯାଇ ପାରିବ ଯେତେବେଳେ ଶିକ୍ଷକ କୌଣସି ବୃତ୍ତିଗତ ସମସ୍ୟା ଦ୍ୱାରା ଜର୍ଜରିତ ହେଉ ନ ଥିବ। ସରକାର ଚାହିଁଲେ ନୂଆ ସକାଳ ଆସିବ।

ସଭାପତି (ଓଷ୍ଟା)
ମୋ: ୭୦୦୮୦୭୩୫୯୯

# ଜରିଗୋଟାଳି



ସତ୍ୟବ୍ରତ ପାଣିଗ୍ରାହୀ

ଆବର୍ଜନାକୁ ଅଧିକାଂଶ ଅଦରକାରୀ ମନେକରନ୍ତି। କିନ୍ତୁ ଆବର୍ଜନାରେ ଯେ ଏକ ସର୍ଜନାର ବୀଜ ଲୁକ୍କାୟିତ ଥାଏ, ଏହାକୁ ଅନୁଭବ କରିବାର ବେଳ ଏବେ ଆସିଯାଇଛି। ରାସ୍ତାକଡ଼, ରେଳଷ୍ଟେଶନ ଓ ସହର ଉପକଣ୍ଠରେ କୁଢ଼କୁଢ଼ ଆବର୍ଜନା ଆଉ ବ୍ୟବହୃତ ପ୍ଲାଷ୍ଟିକକୁ କିଛି ଲୋକ ବୁଲି ବୁଲି ସଂଗ୍ରହ କରିବା ଦୃଶ୍ୟ ସମସ୍ତେ ଦେଖିଥିବେ। ସାଧାରଣରେ ଆବର୍ଜନା ସଂଗ୍ରହ କରୁଥିବା ଲୋକଟିକୁ ଜରିଗୋଟାଳି କିମ୍ବା କବାଡ଼ିବାଲାର ନାମ ଦିଆଯାଇଛି। କିନ୍ତୁ ଜରିଗୋଟାଳି ଯେ କେବଳ ଆବର୍ଜନା ସଂଗ୍ରହ କରୁନାହିଁ ବରଂ ଏକ ନୂଆ ଜଗତର ନିର୍ମାଣ କରୁଛି। ଆମ ପୁରାଣ ସାହିତ୍ୟକୁ ଗଭୀରତାର ସହ ଅବଲୋକନ କଲେ ଏକଥା ବୁଝାପଡ଼ିବ। ଆବର୍ଜନାରୁ ପୁଣି ନୂଆ ଜଗତର ନିର୍ମାଣ କିଭଳି ସମ୍ଭବପର। ସମ୍ଭବ ଏଇଥିପାଇଁ କାରଣ ଜରିଗୋଟାଳି ବୁଝିଛି ପ୍ରକୃତିର ନିୟମକୁ, ଜ୍ଞାତ ବା ଅଜ୍ଞାତରେ ଈଶ୍ୱରଙ୍କ ପଦାଙ୍କ ଅନୁକରଣ କରିଛି ଆଉ ସୃଷ୍ଟିଚକ୍ରର ଗତିକୁ ହିଁ ମାନିଚାଲିଛି। ସୃଷ୍ଟିଚକ୍ରରେ ସାରା ଜଗତର ଉତ୍ପତ୍ତି, ସ୍ଥିତି, ପ୍ରଳୟ ଚକ୍ରାକାର ଗତିରେ ଚାଲିଆସିଛି। ଭାରତୀୟ ଦର୍ଶନ କହେ ସାରା ବ୍ରହ୍ମାଣ୍ଡର ଉତ୍ପତ୍ତି ଏକ ଯଜ୍ଞରୁ ହୋଇଛି। ସୃଷ୍ଟିରେ ପ୍ରତିଟି କୋଣରେ ଅହରହ ଯଜ୍ଞ ସମ୍ପାଦିତ ହେଉଛି। ସୃଷ୍ଟି ପୂର୍ବରୁ ଈଶ୍ୱରଙ୍କ ଦ୍ୱାରା ହୋଇଥିବା ଏକ ବିରାଟ ଯଜ୍ଞରୁ ନିର୍ଗତ ତାପଶକ୍ତି ଦ୍ୱାରା ବିସ୍ଫୋରଣରୁ ଏହି ବିଶ୍ୱର ଉତ୍ପତ୍ତି। ଯଜ୍ଞ ଶେଷରେ ଯାହା କିଛି ବଳକା ବା ଅବଶିଷ୍ଟ ଆବର୍ଜନା ରହିଯାଏ, ତାକୁ ବୈଦିକ ସାହିତ୍ୟରେ 'ଉଚ୍ଛିଷ୍ଟ'କୁହାଯାଏ। ପୁରାଣ ସାହିତ୍ୟ ଅନୁସାରେ ସେହି ଉଚ୍ଛିଷ୍ଟରୁ ହିଁ ଈଶ୍ୱର ସାରା ସୃଷ୍ଟିର ନିର୍ମାଣ କରିଛନ୍ତି। ପଞ୍ଚଭୂତର ସୃଷ୍ଟି ମଧ୍ୟ ଉଚ୍ଛିଷ୍ଟରୁ ହୋଇଛି। କିନ୍ତୁ ସର୍ବଶକ୍ତିମାନ ଈଶ୍ୱର କାହିଁକି ଯଜ୍ଞର ଆବର୍ଜନାରୁ ସୃଷ୍ଟି ନିର୍ମାଣ କରିବା କଥା ଚିନ୍ତା କଲେ। ଏହା ପଛରେ ରହିଛି ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବାର୍ତ୍ତା। ରହିଛି ଏକ ବଳିଷ୍ଠ ଯୁକ୍ତି। ସ୍ୱୟଂ ଈଶ୍ୱର ମଧ୍ୟ ଯଜ୍ଞ ଆବର୍ଜନା ବା ଉଚ୍ଛିଷ୍ଟକୁ ଅଦରକାରୀ ମନେକରି ନାହାନ୍ତି। ଆବର୍ଜନାକୁ ଏକ ନୂଆ ରୂପ ଦେଇ ଏହି ସୁନ୍ଦର ସୁସଜ୍ଜିତ ମଧୁମୟ ବିଶ୍ୱବ୍ରହ୍ମାଣ୍ଡ ଗଢ଼ିଛନ୍ତି। ଆବର୍ଜନାର ପୁନଃବ୍ୟବହାର କରିବା ପାଇଁ ବାର୍ତ୍ତା ଦେଇଛନ୍ତି। ନଚେତ ସାରା ଜଗତ ଆବର୍ଜନାରେ ପୂର୍ଣ୍ଣ ହୋଇଯିବ। ଅଲୋଡ଼ା ହୋଇପଡ଼ିଥିବା ଅଳିଆ ଆବର୍ଜନାରେ ନୂତନ ସୃଷ୍ଟିର ସମ୍ଭାବନାକୁ ଦେଖିବାର କଳା ଈଶ୍ୱରଙ୍କ ସମେତ କେବଳ ଜରିଗୋଟାଳି ପାଖରେ ହିଁ ଅଛି। ଆବର୍ଜନାର ରିସାଇକ୍ଲିଂ କରି ସେଥିରୁ ପୁଣିଥରେ ବ୍ୟବହାର ଉପଯୋଗୀ ସାମଗ୍ରୀରେ ପରିଣତ କରିବାର ପ୍ରକ୍ରିୟା ଜରିଗୋଟାଳିର ଅଳିଆ ସଂଗ୍ରହରୁ ଆରମ୍ଭ ହୁଏ। ଯଦି ଜରିଗୋଟାଳି ଆବର୍ଜନା ସଂଗ୍ରହ କରିବ ନାହିଁ, କବାଡ଼ିବାଲା ତା' ନିଜ ଜୀବିକାରୁ ଦୂରେଇ ଯିବ, ତା'ହେଲେ କ'ଣ ହେବ ଏ ପୃଥିବୀର ଅବସ୍ଥା। ରିସାଇକ୍ଲିଂ ନ ହୋଇ ଚାରିଆଡ଼େ ଅଳିଆ କୁଢ଼କୁଢ଼ ହୋଇ ଜମା ରହିବ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ପରିବେଶ ସୁରକ୍ଷା ପ୍ରତି ସାମାନ୍ୟ ସଚେତନ ଥିବା ଲୋକେ ଏକଥା ବୁଝିପାରିବେ। କିନ୍ତୁ ସେହି ଜରିଗୋଟାଳିଙ୍କ ଜୀବିକା ଏବଂ ରିସାଇକ୍ଲିଂ



ଶିଳ୍ପର କର୍ମଚାରୀମାନେ ଅଣସଙ୍ଗଠିତ କର୍ମକ୍ଷେତ୍ରରେ ଅନ୍ତର୍ଭୁକ୍ତ। ଅର୍ଥାତ୍ ସେମାନଙ୍କ ଜୀବିକାକୁ ନେଇ ସ୍ୱତନ୍ତ୍ର ସଙ୍ଗଠିତ ବ୍ୟବସ୍ଥା ନାହିଁ। ଆବର୍ଜନାରୁ ନୂତନ ଜଗତର ନିର୍ମାଣର ମୂଳଦୁଆ ସ୍ଥାପନ କରୁଥିବା ଏହି କର୍ମଚାରୀଙ୍କ ପାଇଁ ବାସ ଖଣ୍ଡିଏ ନ ଥାଏ। ବିଳାସପୂର୍ଣ୍ଣ ଆଭିଜାତ୍ୟମଣ୍ଡ ମେଟ୍ରୋ ସହରଗୁଡ଼ିକ ଭିତରେ ଥାଏ କିଛି ବସ୍ତି ଅଞ୍ଚଳ। ଦୁନିଆ ଯାକର ଅଳିଆକୁ ସଫା କରୁଥିବା ଅଧିକାଂଶ କର୍ମଚାରୀଙ୍କ ପାଇଁ ଏହି ବସ୍ତି ହିଁ ବାସସ୍ଥାନ ପାଲଟିଯାଏ। ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବାରୁ ସେମାନଙ୍କ ପାଖରେ ସାମାଜିକ ସୁରକ୍ଷା ନ ଥାଏ କି ପରିଚୟ ପତ୍ର ନ ଥାଏ। ସମାଜ ବୋଧେ ଭାବିନେଇଛି ଯେ ଈଶ୍ୱରଙ୍କ ଭଳି ଏହି ମାନବ ଈଶ୍ୱରଙ୍କ ମଧ୍ୟ ପରିଚୟପତ୍ର କ'ଣ ଆବଶ୍ୟକ। ଅନେକ ସମୟରେ ଦେଖିବାକୁ ମିଳେ, ଏମାନେ ସମାଜରେ ଘୃଣାର ପାତ୍ର ହୁଅନ୍ତି ଯଦିଓ ସେମାନେ ମହାନ୍ କାର୍ଯ୍ୟ କରୁଛନ୍ତି। ଯଦି ସ୍ୱୟଂ ଈଶ୍ୱର ଆବର୍ଜନାରୁ ସୃଷ୍ଟି ନିର୍ମାଣ କରିବା ପାଇଁ କୁଣ୍ଠାବୋଧ କରିନାହାନ୍ତି, ତେବେ ମଣିଷ ମଧ୍ୟ ସେଭଳି ଅଳିଆ ଆବର୍ଜନାର ରିସାଇକ୍ଲିଂ କରିବାରେ କିଛି ଅସୁବିଧା ନାହିଁ କିମ୍ବା ଜରିଗୋଟାଳିକୁ ନୀଚ ଦୃଷ୍ଟିରେ ଦେଖିବାର କିଛି କାରଣ ମଧ୍ୟ ନାହିଁ।

ତଥ୍ୟ ଏବଂ ପରିସଂଖ୍ୟାନ ଅନୁଧ୍ୟାନ କଲେ ଜଣାଯାଏ ଯେ ଭାରତର ପ୍ଲାଷ୍ଟିକ ଅଳିଆର ରିସାଇକ୍ଲିଂ ଶିଳ୍ପ ୨୦୨୨ ସୁଦ୍ଧା ପାଖାପାଖି ୩୭୮୪ ମିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ୨୦୨୩ରୁ ୨୦୨୮ମଧ୍ୟରେ ଏହାର ଅଭିବୃଦ୍ଧି ହାର ରହିଛି ୫.୬ ପ୍ରତିଶତ। ସେହିଭଳି ବିଶ୍ୱସ୍ତରରେ ମେଟାଲ ଆବର୍ଜନା ବା ରଦ୍ଦି ଜିନିଷର ବଜାର ମୂଲ୍ୟ ୫୦୦ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ସେଥିରେ ଭାରତର ଶେୟାର ମାତ୍ର ୧୧ ବିଲିୟନ ଡଲାର ଅର୍ଥାତ୍ ୨.୨ ପ୍ରତିଶତ। ଏଫ୍‌ଆଇସିସିଆଇ ସଂସ୍ଥାର ଗବେଷଣା କହୁଛି ଯେ ମେଟାଲ ଆବର୍ଜନାର ରିସାଇକ୍ଲିଂ କରିବା ଦ୍ୱାରା ଜଳବାୟୁ ପ୍ରଦୂଷଣକୁ ୭୬ରୁ ୮୬ ପ୍ରତିଶତ କମାଯାଇପାରିବ ଏବଂ ପ୍ରାକୃତିକ ସମ୍ବଳର ସଂରକ୍ଷଣ ହୋଇପାରିବ। ପ୍ଲାଷ୍ଟିକ ରିସାଇକ୍ଲିଂ କରିବା ଫଳରେ ମୃତ୍ତିକା ପ୍ରଦୂଷଣକୁ ରୋକାଯାଇପାରିବ। ନିକଟ ଅତୀତରେ ଓଡ଼ିଶା ସରକାର ଜରିଗୋଟାଳି ଏବଂ ରିସାଇକ୍ଲିଂ ଶିଳ୍ପରେ କାମ କରୁଥିବା ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ଆବର୍ଜନାର ପୁନଃବ୍ୟବହାରର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ଗତବର୍ଷ ବଜେଟରେ ରିସାଇକ୍ଲିଂ ଇକୋନୋମି ସମ୍ପର୍କରେ ଉପସ୍ଥାପନା କରିଛନ୍ତି। ଧୀରେ ଧୀରେ ଏହି ଶିଳ୍ପ ଆଗକୁ ବଢ଼ୁଥିବା ବେଳେ ଆହୁରି ଅଧିକ ପ୍ରୋତ୍ସାହନ ଏବଂ ତାଲିମର ଆବଶ୍ୟକତା ରହିଛି। ଓଡ଼ିଶାର ବ୍ରହ୍ମପୁର ସହରର ଶିଳ୍ପ ତାଲିମ କେନ୍ଦ୍ର ଏହି କ୍ଷେତ୍ରରେ ଏକ ଉଦାହରଣ। ଏହି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଲୋଡ଼ା ହୋଇପଡ଼ିଥିବା ବସ୍ତୁରୁ ସୁନ୍ଦର କଳାକୃତି ନିର୍ମାଣ କରିଛନ୍ତି। ଅତଏବ ରିସାଇକ୍ଲିଂ ଶିଳ୍ପ ମାଧ୍ୟମରେ ଅଧିକ ରୋଜଗାର ସୃଷ୍ଟି ହେବ। ଲୋକଙ୍କୁ ଜୀବନ ଜିଇବା ପାଇଁ ନୂଆ ଜୀବିକା ମିଳିବ। ଆଉ ସେହି ଜୀବିକା ମାଧ୍ୟମରେ କାରିଗର ଅଲୋଡ଼ା ହୋଇପଡ଼ିଥିବା ଆବର୍ଜନାରେ ଭରିଦେବ ନୂଆ ଜୀବନ। ଆବର୍ଜନାରୁ ହେବ ପୁଣି ନୂଆ ଏକ ସର୍ଜନା। ସେଥିପାଇଁ ତ ଜରିଗୋଟାଳି ହେଉ କିମ୍ବା କବାଡ଼ିବାଲା, ରିସାଇକ୍ଲିଂ ଶିଳ୍ପରେ କର୍ମରତ ପ୍ରତ୍ୟେକ ଜଣେ ଜଣେ ସ୍ରଷ୍ଟା, ଦ୍ୱିତୀୟ ବିଶ୍ୱକର୍ମା।

ମୋ: ୬୩୭୧୬୮୪୬୯୯

## ଏଇ ଭାରତରେ

ଜେଇଇ ହେଉ କିମ୍ବା ନିଟ୍ ଅବା ଅନ୍ୟ କୌଣସି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ସକାଶେ ଅନେକ ଲକ୍ଷ ପିଲା ଟଙ୍କା ଦେଇ ଦେଶର ବିଭିନ୍ନ କୋଚିଂ ସେଣ୍ଟରରେ ନାମ ଲେଖାଉଛନ୍ତି। କିନ୍ତୁ ଗରିବ ତଥା ଅନଗ୍ରସର ପରିବାରର ପିଲାମାନେ ଏଥିରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ପିଲାମାନଙ୍କୁ ମୁମ୍ବାଇର ୪ ଜଣ ବନ୍ଧୁ ସୁମିତ ଶର୍ମା, ଡ.ଅବନିଶ ଦ୍ୱିବେଦୀ, ରବିନ ମଣ୍ଡଳ ଓ ସୌରଭ ସନ୍ତୋଷ 'ପଥ ପ୍ରଦର୍ଶକ' ସଂସ୍ଥା ଗଢ଼ି ତା' ମାଧ୍ୟମରେ କୋଚିଂ ଦେଉଛନ୍ତି। ସେମାନେ ଆଇଆଇଟି, ଏନ୍‌ଆଇଟି, ଆଇଆଇଏସ୍‌ସି ପାଇଁ ସେମାନଙ୍କୁ ମାଗଣାରେ କୋଚିଂ ଦେଉଛନ୍ତି। ସେମାନେ 'ଗ୍ରୋ ଭାରତ' ୟୁ ଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ଅନ୍‌ଲାଇନ କ୍ଲାସ ସକାଳେ ସନ୍ଧ୍ୟାରେ କରୁଛନ୍ତି। ଏବେ ଏଥିରେ ୪୫,୦୦୦ ସବ୍‌ସ୍କ୍ରାଇବର ରହିଛନ୍ତି। ସୁମିତ ରସାୟନ ବିଜ୍ଞାନ, ଡ.ଅବନିଶ ଅର୍ଗାନିକ ରସାୟନ ବିଜ୍ଞାନ, ରବିନ ପଦାର୍ଥ ବିଜ୍ଞାନ ଏବଂ ସୌରଭ ଗଣିତ ପଢ଼ାଉଛନ୍ତି। ଏମାନେ କେବଳ କ୍ଲାସ୍ ନେଉନାହାନ୍ତି, ବରଂ ପିଲାମାନଙ୍କ ସହ କଥା ହେଉଛନ୍ତି ଓ ଦୁର୍ଗମ ଅଞ୍ଚଳରେ ଥିବା ପିଲାମାନଙ୍କର ଡେଟାପ୍ୟାକ୍ ପାଇଁ ଅର୍ଥ ଦେଉଛନ୍ତି, ଟେଷ୍ଟ ପେପର ବି ପଠାଉଛନ୍ତି। ଏଠାରୁ କୋଚିଂ ପାଇ ବହୁ ପିଲା ଆଇଆଇଟି, ଏନ୍‌ଆଇଟି, ଆଇଆଇଏସ୍‌ସି ଓ ଅନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ସକ୍ଷମ ହୋଇପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୯୮

- ଦେଶର ପ୍ରଥମ ମହିଳା ଅର୍ଜୁନ ପୁରସ୍କାର ବିଜୟିନୀ ଷ୍ଟେଫି ସେକ୍ୟୁରାଙ୍କ ୬୨ ବର୍ଷ ବୟସରେ ପରଲୋକ।
- ୧୩୩ କୋଟିର ୟୁରିଆ ସାର ଦୁର୍ନୀତି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ପୁତ୍ର ସଞ୍ଜୀଭା ରାଓ 'କର୍ସନ' କମ୍ପାନୀର ଭାରତୀୟ ଏଜେଣ୍ଟ ଶାମ୍ବଶିଭା ରାଓଙ୍କଠାରୁ ୩୨ ଲକ୍ଷ ଟଙ୍କା ନେଇଥିବା ନେଇ ସିଟି କୋର୍ଟ ନିକଟରେ ସ୍ୱୀକାର କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଝିଅସଂଖ୍ୟା ହ୍ରାସ ଉଦ୍‌ବେଗଜନକ

ମହାଶୟ,

ଆଗ କାଳରେ ଝିଅ ଅପେକ୍ଷା ପୁଅମାନଙ୍କୁ ଅଧିକ ଗୁରୁତ୍ୱ ଦେଉଥିଲେ। ବଂଶ ବଢ଼ାଇବାରେ ପୁଅର ଭୂମିକା ଅଧିକ ଥିବାରୁ ଝିଅକୁ ନାପସନ୍ଦ କରୁଥିଲେ। ଏପରିକି ଝିଅଟିଏ ଜନ୍ମ ହେଲେ ସାରା ପରିବାର ଦୁଃଖୀ ହେଉଥିଲେ, ସତେଯେମିତି ଝିଅ ଜନ୍ମହେବା ଏକ ପାପ। କିନ୍ତୁ ସମୟ ବଦଳିଯାଇଛି। ଝିଅମାନେ ଆଜି ଶିକ୍ଷା, କ୍ରୀଡ଼ା, ରାଜନୀତି କ୍ଷେତ୍ରରେ ପୁଅମାନଙ୍କଠାରୁ ଅନେକ ଉପରେ। ମାତ୍ର ଦୁଃଖର ବିଷୟ, ବର୍ତ୍ତମାନ ପୁଅମାନଙ୍କ ତୁଳନାରେ ଝିଅସଂଖ୍ୟା ହ୍ରାସ ହେବାରେ ଲାଗିଛି। ସରକାର ଲିଙ୍ଗ ନିରୂପଣ ଓ ଭ୍ରୂଣହତ୍ୟା ପାଇଁ କଠୋର ଆଇନ ପ୍ରଣୟନ କରିଥିଲେ ସୁଦ୍ଧା ତାହାର ପ୍ରଭାବ ଲୋକମାନଙ୍କଠାରେ ପଡୁନାହିଁ। ଫଳରେ ଅନେକ ମା'ବାପା ଝିଅଟିଏ ହେବାର କୌଣସି ପ୍ରମାଣ ମିଳିଲେ ତାହାକୁ ସେମାନେ ନଷ୍ଟ କରିଦେଉଛନ୍ତି। ଯଦି ଏହିପରି ଭାବେ ଝିଅମାନଙ୍କ ସଂଖ୍ୟା ଦିନକୁଦିନ ହ୍ରାସ ପାଏ, ତା'ହେଲେ ସମୟ ଆସିବ, ଆମେ ପୁଅଟିଏ ବାହାଦେବା ପାଇଁ ଝିଅଟିଏ ପାଇଁ ନୟାନ୍ତ ହେବାକୁ ପଡ଼ିବ।

**- ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଉଷ-ଶୀତଳ କର୍କଶ କରେ ଛୁଇଁ
ମୋ ଦେହ, କହିଲା,- ଜୀବନ! ଜୀବନ ମୁହିଁ!
କାହିଁକି ଜୀବନ-ପୁଛିଲି, ଏ ଧରାତଳେ ?
ଚଉଦିଶେ ଏ ଯେ ମୃତ୍ୟୁର ଚିତା ଜଳେ!
-(ଜୀବନର ସ୍ୱର୍ଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ବୌଦ୍ଧ ଜିଲା କନ୍ଧମାଳ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବି ନେଇ ବିଇଓ ଅଫିସ ଆଗରେ ଶିକ୍ଷକମାନେ ଧାରଣା ଦେଇଛନ୍ତି।

# ମାରୁତି ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ବାଉଁଶୁଣୀ,୧୦।୯(ଦେବାଶୀଷ ନେପାକ)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଜହ୍ନାପଙ୍କ ପରିସରରେ ମାରୁତି ଯୁବକ ସଂଘ ଆନୁକୂଲ୍ୟରେ ଓ ପତଞ୍ଜଳି ଯୁବା ଭାରତ , ସଚେତନ ଯୁବ ସମାଜ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ୬ନଂ. ଜିଲା ପରିଷଦ ସଭ୍ୟା କଳ୍ପନାରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ୫ନଂ. ଜିଲା ପରିଷଦ ସଭ୍ୟା ଉର୍ମିଳା ଝାଙ୍କର, ପୂର୍ବତନ ମୁଣ୍ଡାପଡ଼ା ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ବୌଦ୍ଧ ବ୍ଲକ ସରପଞ୍ଚ ସଂଘ ସଭାପତି ଅରୁଣ କୁମାର ବାଘ, ସମିତି ସଭ୍ୟ ସୁମନ୍ତ ସାହୁ, ଖୁଣ୍ଟବନ୍ଧ ସରପଞ୍ଚ

## ୪୫ ୟୁନିଟ ରକ୍ତ ସଂଗ୍ରହ

ଟୁନି ମହାନନ୍ଦିଆ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ତେଲିବନ୍ଧ ପଞ୍ଚାୟତ ସେବା ସମବାୟ ସମିତିର ସଭାପତି ତ୍ରିପୁର ମହାକୁଡ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ସମୁଦାୟ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶୀ ସାହୁ, ଲେବୋରୋଟରି ଟେକ୍ନିସିଆନ ଦେବଦତ୍ତ କିଷାନ, ନର୍ସ ସବିତା କୁଜୁର, ନର୍ସିଂ ଅଫିସର ଇପ୍ସିତ କୁମାର ପଟ୍ଟନାଏକ ପରିଚାଳନା କରିଥିଲେ। ଏହି ଶିବିରରେ ମାରୁତି ଯୁବକ ସଂଘର ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ଜଗଦୀଶ ବାରିକ, କୋଷାଧ୍ୟକ୍ଷ ଦେବ ନାରାୟଣ ପ୍ରଧାନ, ଗ୍ରାମ୍ୟ ବିକାଶ ପରିଷଦର ସଭାପତି ସ୍ୱାଧୀନ କୁମାର ପ୍ରଧାନ, ସଚେତନ ଯୁବ ସମାଜର ସଭାପତି ପ୍ରଫୁଲ୍ଲ କୁମାର ଜେନା, ସ୍ୱେଚ୍ଛାସେବୀ ରାହୁଲ ଚୌଧୁରୀ, ରାମ ମେହେର, ଗଜେନ୍ଦ୍ର ପ୍ରଧାନ, ପ୍ରକାଶ ବାରିକ, ବିଭୀଷଣ ପ୍ରଧାନ, ଦଶରଥ ପ୍ରଧାନ, ଆଲୋକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

# ବିଇଓ ଅଫିସ ଆଗରେ ଶିକ୍ଷକଙ୍କ ଗଣଧାରଣା

**ଘଣ୍ଟାପଡ଼ା, ୧୧।୯( ପ୍ରଭାତ କୁମାର ସାହୁ)**

ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ସୋମବାର ବୌଦ୍ଧ ଜିଲା କନ୍ଧମାଳ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବି ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ରାଜ୍ୟ ସଂଘ ସଭାପତି ଚାରୁଲତା ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଂଘ ସଭାପତି ଶିଶିର ଖଟୁଆଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଧାରଣାରେ ବସିଛନ୍ତି। କେନ୍ଦ୍ରୀୟ ହାରରେ ଦରମା, ଗଣ ଶିକ୍ଷକ, କ୍ୟାଡ଼ର ପ୍ରଥା ଉଚ୍ଛେଦ, ୬ଟି ଇନକ୍ରିମେଣ୍ଟ ପ୍ରଦାନ ସହ ପୁରୁଣା ପେନସନ ବ୍ୟବସ୍ଥା ଆଦି ୩ଦଫା ଦାବି ନେଇ ଗଣଧାରଣା ଜାରି ରହିଛି। ଏହି ଧାରଣାରେ ବ୍ଲକ ସମ୍ପାଦିକା ପ୍ରଜୀନା ପାଢ଼ି, ବ୍ଲକ ଉପସଭାପତି ନିରାକାର ସାହୁ, ସହ ସମ୍ପାଦକ ସୁଦାମ ମିଶ୍ରଙ୍କ ନେତୃତ୍ୱରେ ଶିକ୍ଷକମାନେ ସାମିଲ ହୋଇଛନ୍ତି। ସମସ୍ତ ଶିକ୍ଷକ ମଙ୍ଗଳବାରଠାରୁ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ରାଜ୍ୟ ସଂଘର ଅନୁମୋଦନ ପାଇଲା ପରେ ରାଲି ହେବ ବୋଲି ଧାରଣାରତ ଶିକ୍ଷକମାନେ ପ୍ରକାଶ କରିଛନ୍ତି।

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟର ବିଭିନ୍ନ କାର୍ଯ୍ୟକ୍ରମ




ଷ୍ଟୁଡେଣ୍ଟ ପୋଲିସ କେଡେଟର କାର୍ଯ୍ୟକ୍ରମ।

**ବାଉଁଶୁଣୀ, ୧୧।୯(ଦେବାଶୀଷ ନେପାକ୍)**

ବୌଦ୍ଧ ଜିଲାର ମନମୁଣ୍ଡା ଥାନା ଅନ୍ତର୍ଗତ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଦହ୍ୟାରେ ଅଳ୍ପଦିନ ତଳେ ଷ୍ଟୁଡେଣ୍ଟ ପୋଲିସ କେଡେଟର ଏକ ଶାଖା ଖୋଲାଯାଇଛି। ଏ ଦିଗରେ ମନମୁଣ୍ଡା ଥାନା ତରଫରୁ ସମସ୍ତ ସହାୟତା ବିଦ୍ୟାଳୟକୁ ଯୋଗାଇ ଦିଆଯାଇଛି। କେଡେଟ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ ହୋଇଛି। ସୋମବାର ବିଦ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା, ଯହିଁରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମନମୁଣ୍ଡା ଥାନାର ସବଇନ୍ସପେକ୍ଟର ଉଦୟନାଥ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେଡେଟର କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପରମେଶର ମେହେର ସଡକ ସୁରକ୍ଷା ସମ୍ପର୍କୀତ ଆଲୋଚନା କରିଥିଲେ। ଦହ୍ୟା ମୁଖ୍ୟ ବଜାରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ନିରାପତ୍ତା ସଚେତନତା ରାଲିର ଆୟୋଜନ କରାଯାଇ ଥିଲା। ବାଟରେ ଯିବାଆସିବା କରୁଥିବା ବାଇକ ଓ ଗାଡି ଚାଳକମାନଙ୍କୁ ଅଟକାଇ ହେଲମେଟ ପରିଧାନ ଓ ସିଟ ବେଲ୍ଟ ପରିଧାନ ପାଇଁ ଅଭିନବ ଉପାୟରେ ସଚେତନ କରାଯାଇ ଥିଲା। ଶେଷରେ ସହକାରୀ ଶିକ୍ଷକ ବିରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ ମିଶନ ଇନ୍ଦ୍ରଧନୁଷ୍ ଶୁଭାରମ୍ଭ

**ସୋନପୁର, ୧୧।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାସ୍ତରରେ ମିଶନ ଇନ୍ଦ୍ରଧନୁଷ୍ ସୋମବାର ଶୁଭାରମ୍ଭ ହୋଇଯାଇଛି । ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ସୋନପୁର ସହର କୁଷ୍ଠାପଡା ଅଙ୍ଗନୱାଡି କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଏହାର ଶୁଭାରମ୍ଭ କରିଥିଲେ । ଜନ୍ମରୁ ୫ ବର୍ଷ ବୟସର ସମସ୍ତ ଶିଶୁ ଯେପରି ଟୀକା ନିଅନ୍ତି ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ଡାକ୍ତର ପଣ୍ଡା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏଚଏମ ଡିପିଏମ୍ ବିଶ୍ୱମ୍ଭର ବେହେରା ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବୃନ୍ଦାବନ ସାହୁ ଯୋଗଦାନ କରି ଟିକାକରଣର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଯେଉଁ ଶିଶୁ ଆଦୌ ଟୀକା ନେଇ ନାହାନ୍ତି କିମ୍ବା ଅଧାରୁ ଛାଡିଛନ୍ତି ସେମାନଙ୍କୁ ଏହି ଟୀକା ନେବା ପାଇଁ ପରାମର୍ଶ ଦିଆ ଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ସୁଧାଂଶୁ ଶେଖର ନାୟକ, ପ୍ରଦୀପ କୁମାର ସାହୁ, ସନ୍ତୋଷ କୁମାର ସାହୁ ଓ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

**ନୂଆପଡ଼ା,୧୧।୯(ମକାରୁ ବେମାଲ)**

ସରକରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସୋମବାର ନୂଆପଡା ଭାଜପା ପକ୍ଷରୁ କୋମନା ବ୍ଲକର ଜଡ଼ାମୁଣ୍ଡା, କୁରେଶ୍ୱର ଓ ଭେଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ନେତୃତ୍ୱ ନେଇଥିଲେ।


**ପୂର୍ବ ତଟ ରେଳପଥ**

**ପେ ଆଣ୍ଡ ୟୁଜ୍ ଶୌଚାଳୟର ଇ-ନିଲାମ**

ସଂ. SDCM/KUR/P&U-T and Parkings/ E-auction/Publication/4333, ତା.06.09.2023 ରିଖ

**ଷ୍ଟେସନ ଏବଂ ସ୍ଥାନ:** (1) ବ୍ରହ୍ମପୁର (ପ୍ଲାଟଫର୍ମ ନଂ.1, ବିଶାଖାପାଟଣା ସୀମା ଠାରେ) ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ:** ତା.22.09.2023 ରିଖ 1100 ଘଟିକା ।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ:** ତା.22.09.2023 ରିଖ 1130 ଘଟିକା ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଲିକ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-568/O/23-24



**BOARD OF REVENUE:ODISHA:CUTTACK**

No.VII(A)-18/2023-4076/M.B (Niz.).,Dated 04.09.2023

**QUOTATION / TENDER CALL NOTICE**

Quotations/Tenders are invited for supply of two (02) nos. of Apple make M1 Chip iMac All-in-One Computer (512 GB SSD) in Board of Revenue, Odisha, Cuttack.

2. The details of the tender may be downloaded from this office website http://www.boardodisha.nic.in.

3. The last date of submission of Tender is 16.09.2023 by 12.00 P.M. The Tender shall open on 16.09.2023 at 2.00 PM.

Sd./- Secretary



**PARADIP PORT AUTHORITY**

**e-TENDER CALL NOTICE**

TD/TM/GEN-235(Vol-VII)/23/1848, dtd. 07.09.2023

**Name of the Work:** "Allotment of 04 (Four) nos. of Mechanical Iron Ore/ Iron Ore Pellet plots at IOHP." License Fees: **Rs. 2,91,07,650/-**, Wharfage Fees: **Rs.18,98,620/-**, Last date & time of submission of bid: **27.09.2023 upto 15:00 Hrs.**, Date and time of opening (technical bid): **27.09.2023 at 15:00 hrs.**, Refer our Website for details https://eprocure.gov.in/ eprocure/app & http://paradipport.gov.in/.

Sd/-Traffic Manager
Paradip Port Authority

PPA/PR/47/2023-2024 dtd.08.09.2023



**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

ପ୍ରଜ୍ଞାପୀଠ,ସାମନ୍ତପୁର,ଭୁବନେଶ୍ୱର-୭୫୧୦୧୩
ଭୁବନେଶ୍ୱର ତା.୦୮.୦୯.୨୦୨୩

**ବିଜ୍ଞପ୍ତି**

No.N-68:ସଂଖ୍ୟା-ପରୀକ୍ଷା ସାଧାରଣ-୩୭୧/୨୩/୩୮୮୬/ଉ ମା ଶି ପ/ ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା, ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ବାର୍ଷିକ ପରୀକ୍ଷା-୨୦୨୪ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ସ୍ରୋତ ଏବଂ ପାଠ୍ୟ ବିନିମୟର ନିମନ୍ତେ ସମସ୍ତ ପୂର୍ବ ନିୟମିତ (Ex-Regular) ଓ ନିୟମିତ (Regular) ଛାତ୍ରଛାତ୍ରୀମାନଙ୍କ ଫର୍ମ ପୂରଣ ତାରିଖ ନିମ୍ନମତେ ଧାର୍ଯ୍ୟ କରାଯାଇଅଛି ।

ପୂର୍ବ ନିୟମିତ (Ex-Regular)
୧. ବିନା ଜୋରିମାନା ଦେୟ - ତା.୧୫.୦୯.୨୦୨୩ ରୁ ୨୫.୦୯.୨୦୨୩
୨. ଟ.୧୦୦.୦୦ ଜୋରିମାନା ସହ ଦେୟ - ତା.୨୭.୦୯.୨୦୨୩ ରୁ ୦୩.୧୦.୨୦୨୩
୩. ଟ.୪୫୦.୦୦ ଜୋରିମାନା ସହ ଦେୟ - ତା.୦୫.୧୦.୨୦୨୩ ରୁ ୦୭.୧୦.୨୦୨୩

ନିୟମିତ (Regular)
୧. ବିନା ଜୋରିମାନା ଦେୟ - ତା.୨୧.୧୧.୨୦୨୩ ରୁ ୨୯.୧୧.୨୦୨୩
୨. ଟ.୧୦୦.୦୦ ଜୋରିମାନା ସହ ଦେୟ - ତା.୦୧.୧୨.୨୦୨୩ ରୁ ୦୪.୧୨.୨୦୨୩
୩. ଟ.୪୫୦.୦୦ ଜୋରିମାନା ସହ ଦେୟ - ତା.୦୬.୧୨.୨୦୨୩ ରୁ ୦୭.୧୨.୨୦୨୩

ଏହାର ସବିଶେଷ ବିବରଣୀ ଚିଠି ସଂଖ୍ୟା ୩୮୮୭/ତା.୦୮.୦୯.୨୦୨୩ www.samsodisha.gov.in ଏବଂ www.chseodisha.nic.in ୱେବସାଇଟରେ ଉପଲବ୍ଧ ଅଛି ।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./- ପରୀକ୍ଷା ନିୟନ୍ତ୍ରକ

OIPR-11003/11/0006/2324



**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୩୧-ଜିଆର୍‌ସି-ସିଇ-ସି-ଏସ୍‌ଓ-୧୭-୨୦୨୨, ତାରିଖ: ୦୮।୦୯।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍), ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ରାଉରକେଲାଠାରେ କ୍ୟାମ୍ପ ଅଫିସ୍ ତଥା ଅଫିସର୍ସ ରେଷ୍ଟ ହାଉସ୍ (ସିଓଏନ୍) ଏବଂ ଡେପୁଟି ସିଇ/ସିଓଏନ୍/ରାଉରକେଲା ୟୁନିଟ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ ସହିତ କ୍ୟାମ୍ପ ଅଫିସ୍ ଏବଂ ଅଫିସର୍ସ ରେଷ୍ଟ ହାଉସ୍ (ସିଓଏନ୍) ତଥା ଡେପୁଟି ସିଇ/ସିଓଏନ୍/ରାଉରକେଲା ଅଫିସର ହାଉସକିପିଂ । **ଆନୁମାନିକ ମୂଲ୍ୟ:** ₹୦.୪୪ କୋଟି । **ବିଡ୍ ଅମାନତ:** ₹୮୮,୯୦୦/- । **ସମାପ୍ତି ଅବଧି:** ୨୪ ମାସ । **ସମାପ୍ତି ତାରିଖ:** ତା୦୩।୧୦।୨୦୨୩ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-589)


# ଯାଯାବରଠାରେ ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ

**ବୌଦ୍ଧ, ୧୧।୯(ଅଜିତ କୁମାର ବାରିକ)**

ରାଜ୍ୟ ସରକାର ମିଲେଟକୁ ଗୁରୁତ୍ୱ ଦେଉଥିବାବେଳେ ଏନେଇ ଜିଲାର ବିଭିନ୍ନ ସ୍ଥାନରେ ମିଲେଟ ମିଶନ ପକ୍ଷରୁ କାଫେ ନିର୍ମାଣ କରି ବିକ୍ରି କରାଯାଉଛି। ମିଲେଟ ଖାଦ୍ୟର ବୃଦ୍ଧି କରିବାକୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖଜୁରୀପଡା ଯାଯାବରଠାରେ ସୋମବାର ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜନକଲ୍ୟାଣ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟିଫିନ ସେଣ୍ଟରର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କୃଷି ବିଭାଗ ଓ ମିଲେଟ ମିଶନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


**TP SOUTHERN ODISHA DISTRIBUTION LIMITED** | **TPSODL**
(Procurement Department)

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 12.09.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Supply & Installation of Commercial Water Purifier at PAN TPSODL | TPSODL/OT/ 2023-24/047 | 50,000 | 5,000 | 22.09.2023; 18:00 Hrs. |
| 2 | Service works related to Automation activities. | TPSODL/OT/ 2023-24/048 | 50,000 | 5,000 | 25.09.2023; 18:00 Hrs. |
| 3 | AMC of Optical Fiber Cable | TPSODL/OT/ 2023-24/049 | 50,000 | 5,000 | 27.09.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com


# ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତଦନ୍ତ ଆରମ୍ଭ

**ବୌଦ୍ଧ,୧୧।୯(ଅଜିତ କୁମାର ବାରିକ)**

## ଚିକିତ୍ସା ଅବହେଳାରୁ ବାଳକ ମୃତ୍ୟୁ ଘଟଣା

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା ବଜାରସାହିର ମନୋଜ ମହାକୁଡଙ୍କ ପୁଅ ମୁକେଶ (୧୩) ଗତ ଶନିବାର ଗୁରୁତର ହେବାରୁ ପରିବାର ଲୋକେ ଉକ୍ତ ଦିନ ହରଭଙ୍ଗା ମେଡିକାଲ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ଡାକ୍ତର ଛୁଟିରେ ଥିବାରୁ ଶିଶୁର ଅବସ୍ଥାଦେଖି ଫାର୍ମାସିଷ୍ଟ ବାଧ୍ୟହୋଇ ପୁରୁଣାକଟକ ମେଡିକାଲ ସ୍ଥାନାନ୍ତରିତ କରିଥିଲେ। ମାତ୍ର ମେଡିକାଲକୁ ଆଣିବା ବାଟରେ ମୁକେଶଙ୍କ ମୃତ୍ୟୁ ହୋଇଯାଇଥିଲା। ବାଳକର ଚିକିତ୍ସା ଅଭାବ ଯୋଗୁ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ପରେ ସୋମବାର ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ମିଶ୍ର, ବ୍ଲକ ମେଡିକାଲ ଅଫିସର ଡାକ୍ତର ଶ୍ରୀମନ୍ତ ସ୍ୱାଇଁ ହରଭଙ୍ଗା ମେଡିକାଲକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ହରଭଙ୍ଗା ମେଡିକାଲର ଡାକ୍ତର ବିନା ଛୁଟିଦରଖାସ୍ତରେ ଯାଇଥିବା ହାଜିରା ରେଜିଷ୍ଟରରୁ ସ୍ପଷ୍ଟ ହେବା ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ର ଜବାବ ତଲବ କରିଥିବା ଜଣାପଡିଛି। ଏନେଇ ବ୍ଲକ ମେଡିକାଲ ଅଫିସର ଡାକ୍ତର ସ୍ୱାଇଁଙ୍କୁ ପଚାରିବାରୁ ତଦନ୍ତ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆସିଥିଲେ। ଏନେଇ ହରଭଙ୍ଗା ଡାକ୍ତରଙ୍କୁ ଜବାବ ତଲବ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ଯେପରି ଏପରି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ।


Summon for settlement of issues
(Order 5, Rule 20 CPC)
IN THE COURT OF SENIOR CIVIL JUDGE , ROURKELA
**C. S. No. 201 of 2017**
**State Bank of India .... Plaintiff**
**Versus**
**Sri Ghasite Kaithal & another ... Defendants**

To
1. **Sri Ghasite Kaithal, aged about 55 years, son of Sri Ram Gulam Kaithal, working in FCI as H.L, Resident of Birajapali, PO-Rourkela-769012, PS-Uditnagar, Dist. Sundargarh, permanent resident of At-Fatehpur Tekari, Khaga, Dist. Fatehpur (U.P), PAN-ABUPKO157D.**

Whereas, **State Bank of India**, RACPC, At-Sector-17, Rourkela-3, has instituted a suit against you for **Rs.1,24,736.00 (Rupeees one lakh twenty four thousand seven hundred thirty six)** only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **14th day of November, 2023 at 10.30 AM O'clock** in the fore noon, to answer the claims [ and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter- claim, and where you rely on any other document whether in your possession or power or not, as evidence in support of your defence counter claim for set-off or counter claim, you shall enter such documents in a list to be annexed to the written statement ] Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **04th Day of September of 2023.**

**Senior Civil Judge, Rourkela**



Summon for settlement of issues
(Order 5, Rule 20 CPC)
IN THE COURT OF SENIOR CIVIL JUDGE , ROURKELA
**C. S. No. 115 of 2015**
**State Bank of India .... Plaintiff**
**Versus**
**Dibya Shree Ray & another ... Defendants**

To
1. **Dibya Shree Ray,** aged about 28 years, daughter of Sri Govind Chandra Ray, Occupation - Service.
2. **Smt. Shaila Suta Ray,** aged about 64 years, wife of Govind Chandra Ray, Occupation- Retd. from IGH, SAIL, Rourkela, PAN-AGEPR2777F.

Both resident of A-50, Sector-16, Rourkela-760993, PS-Sector-15, Dist. Sundargarh. Permanent resident At/PO/PS-Hatibari, Dist. Sundargarh.

Whereas **State Bank of India**, RACPC, At-Sector-17, Rourkela-3, has instituted a suit against you for **Rs.7,15,309.00 (Rupeees seven lakh fifteen thousand three hundred nine)** only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **16th day of October, 2023 at 10.30 AM O'clock** in the fore noon, to answer the claims [ and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter- claim, and where you rely on any other document whether in your possession or power or not, as evidence in support of your defence counter claim for set-off or counter claim, you shall enter such documents in a list to be annexed to the written statement] Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **09th Day of August of 2023.**

**Senior Civil Judge, Rourkela**



Summon for settlement of issues
(Order 5, Rule 20 CPC)
IN THE COURT OF SENIOR CIVIL JUDGE, ROURKELA
**C. S. No. 116 of 2014**
**State Bank of India .... Plaintiff**
**Versus**
**Sri Manas Parija & another ... Defendants**

To
1. **Sri Manas Parija,** aged about 49 years, son of Sudarshan Parija, resident of Qr. No. D-422, Sector-8, Rourkela-769009, Dist. Sundargarh, Occupation - Business.
2. **Kashinath Suna,** adult, son of Jagannath Suna, resident of Qr. No. B-75, Sector-8, Rourkela-769009, Dist. Sundargarh, Occupation - Service in SAIL.

Whereas, **State Bank of India**, SMECCC, At-Sector-17, Rourkela-3, has instituted a suit against you for **Rs.2,52,921.00 (Rupeees two lakh fifty two thousand nine hundred twenty one)** only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **17th day of October, 2023 at 10.30 AM O'clock** in the fore noon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter- claim, and where you rely on any other document whether in your possession or power or not, as evidence in support of your defence counter claim for set-off or counter claim, you shall enter such documents in a list to be annexed to the written statement] Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **10th Day of August of 2023.**

**Senior Civil Judge, Rourkela**

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ସେପ୍ଟେମ୍ବର, ୨୦୨୩



# ରାଜ୍ୟସ୍ତରୀୟ ସୂଚନା, ପ୍ରଯୁକ୍ତି ବିଦ୍ୟା ସାଧନା ଶିବିର

ଦେବଗଡ଼,୧୧।୯
(ଶଶାଙ୍କ ଶେଖର ଝାଙ୍କର)

ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ସେଣ୍ଟର ଫର୍ କଲଚର କଲ୍ୟାଣ ମଣ୍ଡପଠାରେ ରବିବାର ରାଜ୍ୟ ସ୍ତରୀୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସଙ୍ଗଠନର ରାଜ୍ୟ ସଭାପତି ଡ. ସତ୍ୟ ସ୍ୱରୂପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟୁଷରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସାଇ ଭକ୍ତମାନେ ସ୍ଥାନୀୟ ସତ୍ୟ ସାଇ ମନ୍ଦିରରୁ ଓଁକାର ସୁପ୍ରଭାତମ ଓ ନଗର ସଂଙ୍କୀର୍ତ୍ତନ କରିଥିଲେ। ଏହି ସାଧନା ଶିବିରରେ ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ଯୁବ ସଂଯୋଜକ, ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସଂଯୋଜକ, କେନ୍ଦୁଝର ପ୍ରଥମ ଜିଲା ସଭାପତ, ଜିଲା ସ୍ତରୀୟ କର୍ମକର୍ତ୍ତା, ସମିତି ଆବାହକ ଓ ବିଭିନ୍ନ ଜିଲାରୁ ଶତାଧିକ ଭକ୍ତ ଯୋଗଦେଇଥିଲେ। ମୁଖ୍ୟତଃ ସଙ୍ଗଠନର ବିଭିନ୍ନ କାର୍ଯ୍ୟକ୍ରମର ଅନଲାଇନ ରିପୋର୍ଟିଂ ଓ ପ୍ରେମତରୁ ଅପଲୋଡ ଆଦି ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଭାପତି ଡ. ପଟ୍ଟନାୟକଙ୍କ ଦ୍ୱାରା ସ୍ଥାନୀୟ କନକ ଦୁର୍ଗା ମନ୍ଦିର ପରିସରରେ ପ୍ରେମତରୁ ରୋପଣ କରାଯାଇଥିଲା।


ଉପସ୍ଥିତ ସାଇ ସଙ୍ଗଠନର ଭକ୍ତମାନେ।

# ଦୁର୍ଗାପୂଜା କମିଟି ବୈଠକ, ନୂତନ କର୍ମକର୍ତ୍ତା ଚୟନ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଦେବଗଡ଼,୧୧।୯
(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ମ୍ୟୁନିସପାଲିଟି ଡାକ ବଙ୍ଗଳାଠାରେ ମଠ ସାହି ମନୋରମା କ୍ଲବ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ରମଣୀ ରଞ୍ଜନ ଆଚାର୍ଯ୍ୟ, ଉପ ସଭାପତି କାର୍ତ୍ତିକେଶ୍ୱର ପଟ୍ଟନାୟକ, ସମ୍ପାଦକ ଶରତ ମେହେର, ସହ ସମ୍ପାଦକ ରୂପକ ମାଝି, କୋଷାଧ୍ୟକ୍ଷ ପ୍ରଦୀପ କୁମାର ଦାଶ ଓ ମିଡିଆ ସେଲ ଶିବାଶିଷ ଝାଙ୍କର, ଆଇନ୍ ପରାମର୍ଶଦାତା ବିକାଶ ପ୍ରଧାନ, ରଜତ ପ୍ରଧାନ ଓ କ୍ଷେତ୍ରବାସୀ ମେହେରଙ୍କୁ ମନୋନୀତି କରାଯାଇଥିଲା। ଗତ ବର୍ଷର ଆୟ ବ୍ୟୟ ହିସାବ ଦିଆଯାଇଥିଲା ଏବଂ ଚଳିତ ବର୍ଷ ପୂଜା କିପରି ଧୁମ୍‌ଧାମରେ ପାଳନ କରାଯିବ ବୋଲି ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କିଶୋର ବେହେରା, ପ୍ରଦୀପ ବେହେରା, ମନମୋହନ ସାହୁ, ମନୋଜ ସାହୁ, ଦିବ୍ୟ ଶଙ୍କର ଖୁଣ୍ଟିଆ, ସୁନ୍ଦର ଲାଲ ଝାଙ୍କର, ଉମେଶ ନାୟକ, କ୍ରିଷ୍ଣା ଯାଦବ, ରାଘବ ମହାରଣା, ଅନ୍ତ ମେହେର୍, କାଳିଆ ମାଝି, ବିପିନ ବେହେରାଙ୍କ ସମତେ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।

# ଠିକାଦାର ସଂଘର ୪୩ତମ ବୈଠକ


ବୈଠକରେ ଉପସ୍ଥିତ ଠିକାଦାର ସଂଘର କର୍ମକର୍ତ୍ତା।

ଦେବଗଡ, ୧୧।୯
(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ବସନ୍ତ ନିବାସ ଡାକ ବଙ୍ଗଳାଠାରେ ଠିକାଦାର ସଂଘର ୪୩ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇ. ସୁଜିତ କୁମାର ପ୍ରଧାନଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ଠିକାଦାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। କିଭଳି ସଂଘ ସୁଦୃଢ ହେବ ସେ ଉପରେ ବିଶେଷ କରି ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ବୈଠକରେ ଜିଲାର ତିନି ବ୍ଲକ ବାରକୋଟ, ରିଆମାଳ, ତିଳେଇବଣି ଓ ସହରର ବହୁ ଠିକାଦାର ଉପସ୍ଥିତ ଥିଲେ।

# ମିଶନ ଇନ୍ଦ୍ରଧନୁଷ ଶୁଭାରମ୍ଭ

ଦେବଗଡ଼,୧୧।୯
(ଶଶାଙ୍କ ଶେଖର ଝାଙ୍କର)

ତିଳେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଢୋଲପଡା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ମିଶନ ଇନ୍ଦ୍ରଧନୁଷର ପ୍ରଥମ ରାଉଣ୍ଡ ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏଚ୍‌ଓ ଡ. ବଂଶୀଧର ପାତ୍ର, ବିପିଏମ୍ ଜିତେନ୍ଦ୍ର ଦ୍ୱିବେଦୀ, ଭାରପ୍ରାପ୍ତ ପିଏଚଇଓ ରୂପକ କୁମାର ବେହେରା, ବିଡିଏମ ସୁକାନ୍ତ କୁମାର ବ୍ରହ୍ମା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ଚିତରଞ୍ଜନ ସାହୁ, ଆୟୁଷ ଅଧିକାରୀ ଡ. ସମ୍ବିତ କୁମାର ପ୍ରଧାନ, ସ୍ଥାନୀୟ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା, ସ୍ୱାସ୍ଥ୍ୟକର୍ମୀ ତାରାବତୀ ମୁଣ୍ଡା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶାନ୍ତନୁ କୁମାର ସାହୁ ଓ ଆଶାକର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ୧ରୁ ୨ ବର୍ଷ ମଧ୍ୟରେ ପାଇବାକୁ ଥିବା ୨ ଜଣ ଶିଶୁଙ୍କୁ ମିଜିଲ୍ସ ଓ ରୁବେଲାର ଦ୍ୱିତୀୟ ଡୋଜ ପ୍ରଦାନ କରାଯାଇଥିଲା।

# ଜିଲା କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ

ଦେବଗଡ଼,୧୧।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତ ସଦର ମହକୁମାରେ ସୋମବାର ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବାସହ ବିଦ୍ୟୁତ୍ ସମସ୍ୟା, ଚାହୀ ସମସ୍ୟା ଏବଂ ଧିବର ସମାଜର ସମସ୍ୟା ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ଉପରୋକ୍ତ ସମସ୍ୟାର ସମାଧାନ ନିମନ୍ତେ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସମ୍ପୃକ୍ତ ପଞ୍ଚାୟତରେ ତୃଣମୂଳ ସ୍ତରରେ ଦଳକୁ ଯେଭଳି ଅଧିକ ସୁଦୃଢ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀତମ ସାହୁ, ମନ୍ଦେକ୍ସ ସାହୁ, ସୁଶାନ୍ତ ବେହେରା, ପିନୁ ଦେବତା, ଆକାଶ ଦାଶ, ମଦନ ମୋହନ ସାହୁ ଓ ଆନନ୍ଦ କୁଲାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦଙ୍କ ସହ ଗ୍ରାମବାସୀ।

# ଭିଜିଲାନ୍ସ କମିଟି ବୈଠକ

ତିଳେଇବଣି ବ୍ଲକ


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଦେବଗଡ଼,୧୧।୯
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ତିଳେଇବଣି ବ୍ଲକ କନଫରେନ୍ସ ହଲଠାରେ ଯୋଗାଣ ବିଭାଗ ତରଫରୁ ଭିଜିଲାନ୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦୃଢ଼ୀଭୂତ କରିବାପାଇଁ ସମସ୍ତ ସଭ୍ୟାସଭ୍ୟଙ୍କୁ ଉପଦେଶ ଦେଇଥିଲେ। ସମସ୍ତ ଖାଉଟି କିଭଳି ଭାବେ ଠିକ ପରିମାଣ, ଠିକ ସମୟରେ ଓ ବିନା କୌଣସି ଅସୁବିଧାରେ ଖାଦ୍ୟ ଶସ୍ୟ ଗ୍ରହଣ କରିବେ ତାହା ତଦାରଖ କରିବାକୁ ମତ ରଖିଥିଲେ। ଏହି ବୈଠକରେ ବିଭିନ୍ନ ପଞ୍ଚାୟତରୁ ଲୋକ ପ୍ରତିନିଧି ଯୋଗଦେଇଥିଲେ। ଯୋଗାଣ ଡିଇଓ ମାନସ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ପ୍ରିୟଦର୍ଶିନୀ ମିର୍ଧା ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟଙ୍କୁ ଭିଜିଲାସନ୍ସ କମିଟି ଗଠନର ଉଦ୍ଦେଶ୍ୟ ଏବଂ ଏହାର ସଫଳ ରୂପାୟନ ପାଇଁ ଉପଦେଶ ଦେଇଥିଲେ।


## ପୂର୍ବ ତଟ ରେଳପଥ

ପେ ଆଣ୍ଡ ୟୁଜ୍ ଶୌଚାଳୟର ଇ-ନିଲାମ

ସଂ. SDCM/KUR/P&U-T and Parkings/ E-auction/Publication/4333, ତା.06.09.2023 ରିଖ

ଷ୍ଟେସନ ଏବଂ ସ୍ଥାନ: (1) ବ୍ରହ୍ମପୁର (ପ୍ଲାଟଫର୍ମ ନଂ.1, ବିଶାଖାପାଟଣା ସୀମା ଠାରେ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.22.09.2023 ରିଖ 1100 ଘଟିକା ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.22.09.2023 ରିଖ 1130 ଘଟିକା ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-568/O/23-24



## BOARD OF REVENUE:ODISHA:CUTTACK

No.VII(A)-18/2023-4076/M.B (Niz.).,Dated 04.09.2023

QUOTATION / TENDER CALL NOTICE

Quotations/Tenders are invited for supply of two (02) nos. of Apple make M1 Chip iMac All-in-One Computer (512 GB SSD) in Board of Revenue, Odisha, Cuttack.

2. The details of the tender may be downloaded from this office website http://www.boardodisha.nic.in.

3. The last date of submission of Tender is 16.09.2023 by 12.00 P.M. The Tender shall open on 16.09.2023 at 2.00 PM.

Sd./- Secretary



## PARADIP PORT AUTHORITY

e-TENDER CALL NOTICE

TD/TM/GEN-235(Vol-VII)/23/1848, dtd. 07.09.2023

**Name of the Work:** "Allotment of 04 (Four) nos. of Mechanical Iron Ore/ Iron Ore Pellet plots at IOHP." License Fees: **Rs. 2,91,07,650/-**, Wharfage Fees: **Rs.18,98,620/-**, Last date & time of submission of bid: **27.09.2023 upto 15:00 Hrs.**, Date and time of opening (technical bid): **27.09.2023 at 15:00 hrs.**, Refer our Website for details https://eprocure.gov.in/eprocure/app & http://paradipport.gov.in/.

Sd/-Traffic Manager
Paradip Port Authority

PPA/PR/47/2023-2024 dtd.08.09.2023



## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ପ୍ରଜ୍ଞାପୀଠ,ସାମନ୍ତପୁର,ଭୁବନେଶ୍ୱର-୭୫୧୦୧୩
ଭୁବନେଶ୍ୱର ତା.୦୮.୦୯.୨୦୨୩

**ବିଜ୍ଞପ୍ତି**

No.N-68:ସଂଖ୍ୟା-ପରୀକ୍ଷା ସାଧାରଣ-୩୭୧/୨୩/୩୮୮୬/ଉ ମା ଶି ପ/ ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା, ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ବାର୍ଷିକ ପରୀକ୍ଷା-୨୦୨୪ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ସ୍ରୋତ ଏବଂ ପାଠ୍ୟ ବିନିମୟର ନିମନ୍ତେ ସମସ୍ତ ପୂର୍ବ ନିୟମିତ (Ex-Regular) ଓ ନିୟମିତ (Regular) ଛାତ୍ରଛାତ୍ରୀମାନଙ୍କ ଫର୍ମ ପୂରଣ ତାରିଖ ନିମ୍ନମତେ ଧାର୍ଯ୍ୟ କରାଯାଇଅଛି ।

ପୂର୍ବ ନିୟମିତ (Ex-Regular)
୧. ବିନା ଜୋରିମାନା ଦେୟ - ତା.୧୫.୦୯.୨୦୨୩ ରୁ ୨୫.୦୯.୨୦୨୩
୨. ଟ.୧୦୦.୦୦ ଜୋରିମାନା ସହ ଦେୟ - ତା.୨୭.୦୯.୨୦୨୩ ରୁ ୦୩.୧୦.୨୦୨୩
୩. ଟ.୪୫୦.୦୦ ଜୋରିମାନା ସହ ଦେୟ - ତା.୦୫.୧୦.୨୦୨୩ ରୁ ୦୭.୧୦.୨୦୨୩

ନିୟମିତ (Regular)
୧. ବିନା ଜୋରିମାନା ଦେୟ - ତା.୨୧.୧୧.୨୦୨୩ ରୁ ୨୯.୧୧.୨୦୨୩
୨. ଟ.୧୦୦.୦୦ ଜୋରିମାନା ସହ ଦେୟ - ତା.୦୧.୧୨.୨୦୨୩ ରୁ ୦୪.୧୨.୨୦୨୩
୩. ଟ.୪୫୦.୦୦ ଜୋରିମାନା ସହ ଦେୟ - ତା.୦୬.୧୨.୨୦୨୩ ରୁ ୦୭.୧୨.୨୦୨୩

ଏହାର ସବିଶେଷ ବିବରଣୀ ଚିଠି ସଂଖ୍ୟା ୩୮୮୭/ତା.୦୮.୦୯.୨୦୨୩ www.samsodisha.gov.in ଏବଂ www.chseodisha.nic.in ୱେବସାଇଟରେ ଉପଲବ୍ଧ ଅଛି ।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./- ପରୀକ୍ଷା ନିୟନ୍ତ୍ରକ

OIPR-11003/11/0006/2324



## ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୩୧-ଜିଆର୍‌ସି-ସିଇ-ସି-ଏସ୍‌ଓ-୧୭-୨୦୨୨, ତାରିଖ: ୦୮।୦୯।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍), ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ରାଉରକେଲାଠାରେ କ୍ୟାମ୍ପ ଅଫିସ୍ ତଥା ଅଫିସର୍ସ ରେଷ୍ଟ ହାଉସ୍ (ସିଓଏନ୍) ଏବଂ ଡେପୁଟି ସିଇ/ସିଓଏନ୍/ରାଉରକେଲା ୟୁନିଟ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ ସହିତ କ୍ୟାମ୍ପ ଅଫିସ୍ ଏବଂ ଅଫିସର୍ସ ରେଷ୍ଟ ହାଉସ୍ (ସିଓଏନ୍) ତଥା ଡେପୁଟି ସିଇ/ସିଓଏନ୍/ରାଉରକେଲା ଅଫିସ୍‌ର ହାଉସ୍‌କିପିଂ । **ଆନୁମାନିକ ମୂଲ୍ୟ:** ₹୦.୪୪ କୋଟି । **ବିଡ୍ ଅମାନତ:** ₹୮୮,୯୦୦/- । **ସମାପ୍ତି ଅବଧି:** ୨୪ ମାସ । **ସମାପ୍ତି ତାରିଖ:** ତା୦୩।୧୦।୨୦୨୩ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା **www.ireps.gov.in** ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିବା ଆବଶ୍ୟକ । (PR-589)


# ସରକାରୀ ଖାତାକୁ ଫେରିବ ଓପିଏମ୍ ଲିଜ୍ ଜମି

## ୮୫୬ ଏକର ଜମି ଫେରିବା ନେଇ ନୋଟିସ


ବନ୍ଦପଡିଥିବା ପେପର୍ ମିଲ୍।

ସମ୍ବଲପୁର, ୧୧।୯(ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍ (ଓପିଏମ୍) ଦୀର୍ଘବର୍ଷ ହେବ ବନ୍ଦ ପଡିଛି। ସ୍ଥାନୀୟ ଲୋକେ ମିଲ୍ ଚଳାଇବାକୁ ଦାବି କରିଆସୁଥିଲେ ମଧ୍ୟ କମ୍ପାନୀ ଆଉ ଚାଲିବ ନାହିଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ଏପରିସ୍ଥିତିରେ କମ୍ପାନୀକୁ ଲିଜ୍ ସୂତ୍ରରେ ଦିଆଯାଇଥିବା ଜମି ସରକାରୀ ଖାତାକୁ ଫେରାଇଆଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଝାରସୁଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଲ୍‌କୁ ନୋଟିସ କରାଯାଇଛି। ଜମି ଦେବା ସମୟରେ ରହିଥିବା ସର୍ତ୍ତାବଳୀ ପାଳନ କରାଯାଉ ନାହିଁ। କମ୍ପାନୀ ବହୁବର୍ଷ ହେବ ବନ୍ଦ ପଡିଛି। ତେଣୁ ଲିଜ୍ ଦିଆଯାଇଥିବା ପ୍ରାୟ ୮୫୬ ଏକର ଜମି କାହିଁକି ସରକାରୀ ଖାତାକୁ ନ ଫେରିବ ସେ ନେଇ ଉତ୍ତର ରଖିବାକୁ ଚିଠିରେ ଉଲ୍ଲେଖ ରହିଛି। ନୋଟିସରେ ଧାର୍ଯ୍ୟ ସମୟ ଭିତରେ ଉତ୍ତର ରଖିବାକୁ କୁହାଯାଇଛି।

ଏ ସମ୍ପର୍କରେ ଝାରସୁଗୁଡା ଉପଜିଲାପାଳ ରାଜକିଶୋର ସ୍ୱାଇଁ କହିଛନ୍ତି, ବହୁବର୍ଷ ହେବ ପେପର ମିଲ୍ ଚାଲୁ ନାହିଁ। ୮୫୬ ଏକର ଜମି ଲିଜ୍ ସୂତ୍ରରେ ଦିଆଯାଇଥିଲା। ନିୟମ ଅନୁସାରେ ଲିଜ୍ ଜମି ଫେରାଇଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ କମ୍ପାନୀକୁ ନୋଟିସ କରାଯାଇଛି। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଦେଶ ସ୍ୱାଧୀନ ପୂର୍ବରୁ ୧୯୩୬ ମସିହାରେ ଓରିଏଣ୍ଟ ପେପର ମିଲ୍ ସ୍ଥାପନ ହୋଇଥିଲା। ବ୍ରିଜମୋହନ ବିର୍ଲାଙ୍କ ମାଲିକାନାରେ ଥିଲା। ସେ ସମୟରେ ଏହା ସ୍ଥାନୀୟ ଲୋକଙ୍କ ଏକ ରୋଜଗାର ମାଧ୍ୟମ ହୋଇଥିଲା। ଏହି ମିଲ୍ ଅଞ୍ଚଳର ଆର୍ଥିକ, ସାମାଜିକ ପରିବର୍ତ୍ତନ ଆଣିଥିଲା। କ୍ରମଶଃ ବ୍ୟୟବହୁଳ ଓ ଲାଭ କମ୍ ହେବା ସହ ବିଭିନ୍ନ ସମସ୍ୟା ଦେଇ ଗତିକରିବା ପରେ ୨୦୦୦ ମସିହାରୁ ମିଲ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। ଆଜି ମଧ୍ୟ କେତେଜଣ ଅଧିକାରୀ ଓ କର୍ମଚାରୀ ବ୍ରଜରାଜନଗରରେ ରହି ରକ୍ଷଣାବେକ୍ଷଣ ଦାୟିତ୍ୱ ବୁଝୁଛନ୍ତି। କମ୍ପାନୀକୁ ଲିଜ୍‌ରେ ଦିଆଯାଇଥିବା ଜମିରୁ ଅଧିକାଂଶ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ବଡ ବ୍ୟବସାୟୀ, ରାଜନେତା ମଧ୍ୟ କମ୍ପାନୀ ଜମିକୁ ଦଖଲ କରି ନେଇଛନ୍ତି। କମ୍ପାନୀର ଲିଜ୍ ବାତିଲ ହେବା ପରେ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିପାରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


## TP SOUTHERN ODISHA DISTRIBUTION LIMITED (Procurement Department) TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

NOTICE INVITING TENDER Dt.: 12.09.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Supply & Installation of Commercial Water Purifier at PAN TPSODL | TPSODL/OT/2023-24/047 | 50,000 | 5,000 | 22.09.2023; 18:00 Hrs. |
| 2 | Service works related to Automation activities. | TPSODL/OT/2023-24/048 | 50,000 | 5,000 | 25.09.2023; 18:00 Hrs. |
| 3 | AMC of Optical Fiber Cable | TPSODL/OT/2023-24/049 | 50,000 | 5,000 | 27.09.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com



Summon for settlement of issues
(Order 5, Rule 20 CPC)
IN THE COURT OF SENIOR CIVIL JUDGE , ROURKELA
C. S. No. 201 of 2017
State Bank of India .... Plaintiff
Versus
Sri Ghasite Kaithal & another ... Defendants

To
1. **Sri Ghasite Kaithal, aged about 55 years, son of Sri Ram Gulam Kaithal, working in FCI as H.L, Resident of Birajapali, PO-Rourkela-769012, PS-Uditnagar, Dist. Sundargarh, permanent resident of At-Fatehpur Tekari, Khaga, Dist. Fatehpur (U.P), PAN-ABUPK0157D.**

Whereas, **State Bank of India**, RACPC, At-Sector-17, Rourkela-3, has instituted a suit against you for **Rs.1,24,736.00 (Rupees one lakh twenty four thousand seven hundred thirty six)** only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **14th day of November, 2023 at 10.30 AM O'clock** in the fore noon, to answer the claims [ and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter- claim, and where you rely on any other document whether in your possession or power or not, as evidence in support of your defence counter claim for set-off or counter claim, you shall enter such documents in a list to be annexed to the written statement] Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **04th Day of September of 2023.**

Senior Civil Judge, Rourkela



Summon for settlement of issues
(Order 5, Rule 20 CPC)
IN THE COURT OF SENIOR CIVIL JUDGE , ROURKELA
C. S. No. 115 of 2015
State Bank of India .... Plaintiff
Versus
Dibya Shree Ray & another ... Defendants

To
1. **Dibya Shree Ray,** aged about 28 years, daughter of Sri Govind Chandra Ray, Occupation - Service.
2. **Smt. Shaila Suta Ray,** aged about 64 years, wife of Govind Chandra Ray, Occupation- Retd. from IGH, SAIL, Rourkela, PAN-AGEPR2777F.

Both resident of A-50, Sector-16, Rourkela-760993, PS-Sector-15, Dist. Sundargarh. Permanent resident At/PO/PS-Hatibari, Dist. Sundargarh.

Whereas **State Bank of India**, RACPC, At-Sector-17, Rourkela-3, has instituted a suit against you for **Rs.7,15,309.00 (Rupees seven lakh fifteen thousand three hundred nine)** only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **16th day of October, 2023 at 10.30 AM O'clock** in the fore noon, to answer the claims [ and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter- claim, and where you rely on any other document whether in your possession or power or not, as evidence in support of your defence counter claim for set-off or counter claim, you shall enter such documents in a list to be annexed to the written statement] Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **09th Day of August of 2023.**

Senior Civil Judge, Rourkela



Summon for settlement of issues
(Order 5, Rule 20 CPC)
IN THE COURT OF SENIOR CIVIL JUDGE, ROURKELA
C. S. No. 116 of 2014
State Bank of India .... Plaintiff
Versus
Sri Manas Parija & another ... Defendants

To
1. **Sri Manas Parija,** aged about 49 years, son of Sudarshan Parija, resident of Qr. No. D-422, Sector-8, Rourkela-769009, Dist. Sundargarh, Occupation - Business.
2. **Kashinath Suna,** adult, son of Jagannath Suna, resident of Qr. No. B-75, Sector-8, Rourkela-769009, Dist. Sundargarh, Occupation - Service in SAIL.

Whereas, **State Bank of India**, SMECCC, At-Sector-17, Rourkela-3, has instituted a suit against you for **Rs.2,52,921.00 (Rupees two lakh fifty two thousand nine hundred twenty one)** only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **17th day of October, 2023 at 10.30 AM O'clock** in the fore noon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter- claim, and where you rely on any other document whether in your possession or power or not, as evidence in support of your defence counter claim for set-off or counter claim, you shall enter such documents in a list to be annexed to the written statement] Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **10th Day of August of 2023.**

Senior Civil Judge, Rourkela

## ସଂକ୍ଷେପରେ

### ୮୫୦ କିଲୋ ମହୁଲ ପୋଚ, ୬୦ଲିଟର ମଦ ଜବତ

ଟିଟିଲାଗଡ଼,୧୧।୯ (ଶରତ ମିଶ୍ର)

ଟିଟିଲାଗଡ଼ ଅବକାରୀ ବିଭାଗ ପକ୍ଷରୁ ସୋମବାର ସହର ଉପକଣ୍ଠ ବର୍ଣ୍ଣେଇ ପାହାଡ଼ ତଳ ଖାସମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇଥିଲା। ସେଠାରେ ଥିବା ଏକ ରନ୍ଧା ମଦଭାଟିକୁ ବିଭାଗୀୟ କର୍ମଚାରୀ ଭାଙ୍ଗି ଦେଇଥିଲେ। ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ବେହେରାଙ୍କ ନେତୃତ୍ୱରେ କରାଯାଇଥିବା ଚଢ଼ାଉରେ ୬୦ଲିଟର ରନ୍ଧାମଦ, ୮୫୦ କିଲୋଗ୍ରାମ ମହୁଲ ପୋଚ ଜବତ ହୋଇଛି । ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ହାଣ୍ଡି, ଡ୍ରମ ଆଦି ଜବତ ହୋଇଛି। ଚୋରା ମଦ ବେପାରୀ ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ଚଢ଼ାଉରେ ଅବକାରୀ ଏଏସଆଇ ସତ୍ୟନାରାୟଣ ପ୍ରଧାନ, ବୁଲୁ ସେଠୀ, କୁମୁଦିନୀ ମଲ୍ଲିକ ସାମିଲ ଥିଲେ।

### ସ୍ମୃତିସଭାରେ ମଧୁସୂଦନ ମହାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ମୁରିବାହାଲ, ୧୧।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହାକୁମାରେ ଅନୁଷ୍ଠିତ ଶୋକସଭାରେ ବିଶିଷ୍ଟ କଳାକାର ମଧୁସୂଦନ ମହାନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଲିଲୁ ମୋହନ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବହୁ କବି, କଳାକାର, ସାମାଜିକ କର୍ମୀ ଏବଂ ବୁଦ୍ଧିଜୀବୀ ଯୋଗ ଦେଇ ସ୍ୱର୍ଗତ ମହାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତିର ଉନ୍ନତି ଦିଗରେ ମହାନନ୍ଦଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କ ଅଭିନୀତ ମଞ୍ଚ ନାଟକ ଅତ୍ୟନ୍ତ ମନଛୁଁଆ ଥିଲା। ଜଣେ ସାମାଜିକ ସଂଗଠକ ଭାବେ ସେ ବେଶ ସୁନାମ ଅର୍ଜନ କରିଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସଭାରେ ଶ୍ରୀବତ୍ସ ବେହେରା, ମନୋଜ କୁମାର କର, ରାଜୀବ କୁମାର ମହାନ୍ତି, କେଦାର ବଡଜେନା, ଅଭୟାନନ୍ଦ ଦାସ, କଳାକାର ରାମ ରତନ ମେହେର, ସନ୍ତୋଷ କୁମାର ପୃଷ୍ଟି, କବି ମଧୁସୂଦନ ନାଗ, ଅଧ୍ୟାପକ ଘନଶ୍ୟାମ ଖମାରୀ, ଶିକ୍ଷାବିତ୍ ଶ୍ରୀପତି ଷାଣ୍ଢ, ତରୁଣ ପୋଢ଼, ଭଗତ ନାଗ, ବଜରଙ୍ଗ ଷାଣ୍ଢ, ମଧୁ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ବୃତ୍ତଙ୍କ ଟେକାମାଡ଼ରେ ବସ୍ କାଚ ଭାଙ୍ଗିଲା

ସଇଁତଲା,୧୧।୯(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀରଠାରୁ ଦାମନଯୋଡ଼ି ଯାଉଥିବା ସରକାରୀ ବସକୁ ବେଲଗାଁ ହାଇସ୍କୁଲ ନିକଟରେ ଦୁର୍ବୃତ ଟେକାମାଡ଼ କରିଥିଲେ। ଏଥିରେ ବସ୍‌ର କାଚ ଭାଙ୍ଗିଯାଇଛି। ଏ ନେଇ ବେଲଗାଁ ଫାଣ୍ଡିରେ ଡ୍ରାଇଭର ଲିଖିତ ଅଭିଯୋଗ କରିଛନ୍ତି। ସରକାରୀ ବସ (ଓଡ଼ି–୦୩–ଭି–୦୬୦୭) ରବିବାର ରାତି ପ୍ରାୟ ୮.୩୦ରେ ବେଲଗାଁରେ ପହଞ୍ଚି ରାଜୁ ଢ଼ାବାରେ ଖାଇସାରି ଦାମନଯୋଡ଼ି ଅଭିମୁଖେ ବାହାରିଥିଲା। ବେଲଗାଁ ହାଇସ୍କୁଲ ନିକଟରେ ଦୁର୍ବୃତ୍ତ ବସ୍ ଉପରକୁ ଅତର୍କିତ ଟେକା ମାଡ଼ କରିଥିଲେ। ଟେକା ସମ୍ମୁଖ ଭାଗ କାଚ ଭାଙ୍ଗି ତାଙ୍କ ନିକଟରେ ପଡ଼ିଥିବା ଡ୍ରାଇଭର ଦୟାସାଗର ହରିପାଲ କହିଛନ୍ତି। ବେଲଗାଁ ଫାଣ୍ଡିରେ ଦୀର୍ଘ ଦିନ ହେଲା ଅଧିକାରୀ ନାହାନ୍ତି। ସଇଁତଳା ଥାନା ଅଧିକାରୀ ଅବନୀ ସାହୁଙ୍କୁ ପଚାରିବାରୁ ଘଟଣାଟି ଦୁଇଦିନ ତଳେ ହୋଇଥିବା ଏବଂ ତଦନ୍ତ ଚାଲିଥିବା କହିଛନ୍ତି।

### ଚାଷ ଜମିରୁ ପାଣି ମୋଟର ଚୋରି

ଲାଠୋର, ୧୧।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ସନ୍ତୋଷ ଭଇଁଷାଲଙ୍କ ଚାଷ ଜମିରୁ ରବିବାର ରାତିରେ ପାଣି ମୋଟର ଚୋରି ହୋଇଛି। ଏ ନେଇ ଲାଠୋର ଥାନାରେ ସେ ଅଭିଯୋଗ କରଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଗ୍ରାମର ହରେକୃଷ୍ଣ ଭଇଁଷାଲ, ଜୟଦେବ ଭଇଁଷାଲ, ସନ୍ତୋଷ ଭଇଁଷାଲ ଏବଂ ତିଲ ଭୁଏଙ୍କ ଚାଷ ଜମି କଲେଜ ଛକ ନିକଟ ମୁଖ୍ୟରାସ୍ତା କଡ଼ରେ ରହିଛି। ଚାଷୀମାନେ ନିଜ ଜମିକୁ ଜଳସେଚନ ପାଇଁ ଗଭୀର ନଳକୂପ ଖୋଳି ମୋଟର ଲଗାଇଛନ୍ତି। ସୋମବାର ସକାଳେ ସନ୍ତୋଷଙ୍କ ଜମିରେ ଲାଗିଥିବା ମୋଟର ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଲାଠୋର ଥାନାରେ ଏକ ମାମଲା(୨୬/୨୩)ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି।

# ମାନସିକ ଚାପରୁ ମୁକ୍ତି ପାଇଁ ସଚେତନତା ଲୋଡ଼ା



ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକ।

ବଲାଙ୍ଗୀର,୧୧।୯(ବୀରେନ୍ଦ୍ର କୁମାର ଝାଙ୍କର)

**ଆତ୍ମହତ୍ୟା ନିରୋଧ ଉପରେ ଆଲୋଚନାଚକ୍ର**

ସ୍ଥାନୀୟ ଗୋଁଣ୍ଡୱାନା ଭବନଠାରେ ବଲାଙ୍ଗୀର ଆଦିବାସୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା କାର୍ଯ୍ୟପ୍ରକ୍ରିୟା ମାଧ୍ୟମରେ ଆଶା ସୃଷ୍ଟି କରିବା। ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ସହଯୋଗରେ ଅର୍ନ୍ତଜାତୀୟ ଆତ୍ମହତ୍ୟା ନିରୋଧ ସଙ୍ଗଠନ ଏବଂ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ମହାସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଆସୁଛି। ବିଶ୍ୱ ସାରା ଜାତୀୟ, ଆଞ୍ଚଳିକସ୍ତରରେ ଆତ୍ମହତ୍ୟା ରୋକିବା ପାଇଁ ସଚେତନତା ଏବଂ ଆଲୋଚନାଚକ୍ରମାନ ଆୟୋଜନ କରୁଛନ୍ତି। ଛାତ୍ରୀଛାତ୍ର ମାନଙ୍କ ଠାରେ ଦେଖାଯାଉଥିବା ଆତ୍ମହତ୍ୟା ମୁଖ୍ୟ କାରଣ ମଧ୍ୟରେ ପାଠପଢ଼ାର ଚାପ, ଅଭିଭାବକଙ୍କ ଆଶାନୁଯାୟୀ ପରୀକ୍ଷାରେ ଅଧିକ ନମ୍ବର ରଖିବାର ଚାପ, ପ୍ରେମ ସମ୍ପର୍କରେ ବିଫଳତା ଭଳି ବିଷୟକୁ ନେଇ ଆଲୋଚନା କରାଯାଇଥିଲା। ସାମାଜିକ, ଅର୍ଥନୈତିକ ଅବସ୍ଥା ମଧ୍ୟ ଅନ୍ୟତମ ମୁଖ୍ୟକାରଣ ଭାବେ ବିବେଚନା କରାଯାଇଥିଲା। ନିମ୍ନ ମଧ୍ୟବିତ୍ତ ଆୟଶ୍ରେଣୀର ଲୋକମାନେ ଦୈନନ୍ଦୀନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଏହାର କୁପ୍ରଭାବ ଉପରେ ଆଲୋଚନା ହୋଇଥିଲା। ସମଗ୍ର ଭାରତରେ ଆତ୍ମହତ୍ୟା ହାର ୧୨ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହି ହାର ହେଉଛି ୧୨.୩ ପ୍ରତିଶତ ବୋଲି ଆଲୋଚନାଚକ୍ରରେ ଆଲୋଚକମାନେ ସୂଚନା ଦେଇଥିଲେ। ସଂଘ ସହସମ୍ପାଦକ ମୀନକେତନ ମାଝିଙ୍କ ଦ୍ୱାରା ପରିଚାଳିତ ଆଲୋଚନାଚକ୍ରରେ ସଭାପତି ସୁରେନ୍ଦ୍ର ଭୋଇ, ସମ୍ପାଦକ ଗଣେଶ ମାଝି, କୋଷାଧକ୍ଷ ନୃପ ଭୋଇ ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ। ଅନ୍ୟ ଆଲୋଚକ ସଭ୍ୟ ଭାବରେ ଭୁବନ ନାଏକ, ଦଇତ ଧରୁଆ, ରାଜକୁମାର ଶବର, କମଳ ଲୋଚନ ବିଶ୍ୱାଳ, ବିଶ୍ୱଜିତ ବୁଢ଼େକ, ସ୍ୱାଧୀନ ଭୋଇ ମତ ରଖିଥିଲେ। କ୍ଷୀରୋଦ କୁମାର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାରଣାରୁ ହଟିଲା ବ୍ଲକ ଯୋଗାଣ ସହାୟକ ସଂଘ

ଲାଞ୍ଜିଗଡ଼,୧୧।୯(ରମେଶ ଚନ୍ଦ୍ର ନାୟକ)


କାର୍ଯ୍ୟରେ ଯୋଗଦାନ ପାଇଁ ବିଡିଓଙ୍କୁ ଦରଖାସ୍ତ ଦେଉଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଯୋଗାଣ ସହାୟକ ସଂଘର ୬ ଦଫା ଦାବି ପୂରଣର ପ୍ରତିଶ୍ରୁତି ପରେ ଧାରଣାରୁ ହଟିଲେ ସଂଘର କର୍ମକର୍ତ୍ତା। ଗତ ମାସ ୨୮ ତାରିଖରୁ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ ଧାରଣାରେ ବସିଥିଲେ ଯୋଗାଣ ସହାୟକ ସଂଘ କର୍ମକର୍ତ୍ତା। ଆସନ୍ତା ୧ ମାସ ମଧ୍ୟରେ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେବା ପରେ ଯୋଗାଣ ସହାୟକମାନେ କାର୍ଯ୍ୟରେ ଯୋଗଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୋମବାର ବ୍ଲକ ଯୋଗାଣ ସହାୟକ ସଂଘ କର୍ମକର୍ତ୍ତାମାନେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଭେଟି କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଦରଖାସ୍ତ ଦେଇଛନ୍ତି। ବ୍ଲକ ଯୋଗାଣ ସହାୟକ ସଂଘ ସଭାପତି ରାଜେନ୍ଦ୍ର କୁମାର ମହାଖୁଡ଼, ସାଧାରଣ ସମ୍ପାଦକ ନାରାୟଣ ପ୍ରସାଦ ନାୟକ, କୋଷାଧକ୍ଷ ଗୁପ୍ତେଶ୍ୱର ପଧାନଙ୍କ ନେତୃତ୍ୱରେ ଉପଦେଷ୍ଟା ତାପସରଞ୍ଜନ ଦଳେଇ, ସଦସ୍ୟ ମିଥୁନ ମହାଖୁଡ଼, ସାଲେରୀରଞ୍ଜନ ମିଶ୍ର, କୁଳମଣି ବେହେରା, ବନବାସ ପାତ୍ର, କମଳ ମାଝି, ଲିଙ୍ଗରାଜ ଦୁର୍ଗା ପ୍ରମୁଖ ବିଡିଓ ମିଶ୍ରଙ୍କୁ ଭେଟି କାର୍ଯ୍ୟରେ ଯୋଗଦାନ ସମ୍ପର୍କିତ ଦରଖାସ୍ତ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଯୋଗାଣ ସହାୟକଙ୍କ ନିଯୁକ୍ତି ସ୍ଥାୟୀ କରିବା, ଦରମା ବୃଦ୍ଧି କରିବା, ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା ଲାଇସେନ୍ସ ପ୍ରଦାନ, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ଓ ପରିବାରର ଜଣଙ୍କୁ ନିଯୁକ୍ତି, ପିଡିଏସ ପରିଚାଳନାରେ ଦୁଇ % ନିଅଣ୍ଟକୁ ଭରଣା କରାଯିବା ଆଦି ଦାବି ନେଇ ଆନ୍ଦୋଳନ କରାଯାଇଥିଲା।

## ବୃନ୍ଦାବନ ଗାର୍ଡେନରୁ ଜବରଦଖଲ ହଟିଲା

**ମୁକୁଳିଲା ୭ ଏକର ସରକାରୀ ଜମି**

ଟିଟିଲାଗଡ଼,୧୧।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଏକର ଏକର ସରକାରୀ ଜମି ଜବରଦଖଲରେ ରହିଛି। ପ୍ରଶାସନ ଏ ନେଇ ଆଖି ବୁଜି ବସିଥିବା ଅଭିଯୋଗ ହୋଇ ଆସିଛି। ସହର ଉପକଣ୍ଠ ଟିଟିଲାଗଡ଼–ବଲାଙ୍ଗୀର ମୁଖ୍ୟ ରାସ୍ତା କଡରେ ବଜାର ମୂଲ୍ୟରେ ପ୍ରାୟ ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରାୟ ଦଶ ଏକର ପରିମିତ ଜମିକୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ବୃନ୍ଦାବନ ଗାର୍ଡେନ ନିର୍ମାଣ ସହ ଘର ତିଆରି କରି ବିକ୍ରି କରୁଥିଲେ। ଏନେଇ ସ୍ଥାନୀୟ ସଚେତନ ନାଗରିକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସୋମବାର ଟିଟିଲାଗଡ଼ ତହସିଲଦାର ଡ଼. ଲଳିତ ବାଗ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଆଇଆଇସି ମନୋଜ ପ୍ରଧାନ, ପୌର ବରିଷ୍ଠ କିରାଣୀ, ଆରଆଇ, ଅମିନ ପୋଲିସ ବଳ ଉପସ୍ଥିତିରେ ସେଠାରୁ ଜବରଦଖଲ ହଟାଇଥିଲେ। ବୃନ୍ଦାବନ ଗାର୍ଡେନର ବିରାଟ ଗେଟ ସହ ଘେରା ଯାଇଥିବା ପାଚେରି, ଆଖପାଖରେ ନିର୍ମାଣ ହୋଇଥିବା ବ୍ୟବସାୟିକ ପ୍ରତିଷ୍ଠାନକୁ ଭଙ୍ଗା ଯାଇଥିଲା।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସଇଁତଲା,୧୧।୯(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହଠାରେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଏବଂ ଏସ୍‌ପି ଋଷିକେଶ ଖିଲାରୀଙ୍କ ଉପସ୍ଥିତିରେ ଯୁଗ୍ମ ଜନଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ଜଳ ଯୋଗାଣକୁ ନେଇ ଅସୁବିଧା, ଆବାସ ଗୃହରୁ ବହୁ ହିତାଧିକାରୀ ବଞ୍ଚିତ ରହିଥିବା, ପକ୍କା ରାସ୍ତା ନ ଥିବାରୁ ବର୍ଷାରେ ଗାଁ ରାସ୍ତା କାଦୁଅ ହେଉଥିବା, ବିଦ୍ୟାଳୟରେ ଶିକ୍ଷକ ନ ଥିବା, ଶ୍ରେଣୀଗୃହ ଅଭାବ ଭଳି ଅଭିଯୋଗମାନ ଜନସାଧାରଣ କରିଥିଲେ। ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ି, ଡ଼ିଆରଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନ ଜୀ ହୋତା, ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, ସଇଁତଲା ତହସିଲଦାର ମନସଫିଲ କେରକେଟା, ବିଡ଼ିଓ ଚନ୍ଦ୍ରମଣୀ ନାଗ, ଏସଡ଼ିପିଓ ଅଙ୍କିତା କୁମାର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାନୁପ୍ରତାପ ଭୋଇ, ସିଡ଼ିପିଓ ସବିତା ଦାଶ, ମୁଖ୍ୟ ଚିକିତ୍ସାଧିକାରୀ ସମରେନ୍ଦ୍ର ମହାପାତ୍ର, ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କଳାବ୍ୟାଜ ପିନ୍ଧିଲେ ଓଏଭି ଶିକ୍ଷୟିତ୍ରୀଶିକ୍ଷକ

ବେଲପଡ଼ା,୧୧।୯(ମନୋଜ କୁମାର ମିଶ୍ର)

ସାରା ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ଶିକ୍ଷକ ମହାସଂଘ ତରଫରୁ ୫ଦଫା ଦାବି ନେଇ ଆନ୍ଦୋଳନ ଚାଲିଛି। ବେଲପଡ଼ା ବ୍ଲକ ଭରୁଆମୁଣ୍ଡା ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ କଳାବ୍ୟାଜ ପିନ୍ଧି ନୀରବ ପ୍ରତିବାଦ କରୁଛନ୍ତି। ଆଦର୍ଶ ବିଦ୍ୟାଳୟ ସଂଗଠନ ନିୟମାବଳୀ ୧୫, ୧୯ସଂଶୋଧନ ସହ କର୍ମଚାରୀଙ୍କ କ୍ୟାଡ଼ର ରୁଲ, ସର୍ଭିସ କଣ୍ଡିସନ ସହ ହ୍ୟୁମାନ ରିଶୋର୍ସ ମ୍ୟାନେଜମେଣ୍ଟ ଜରିଆରେ ସମସ୍ତ କର୍ମଚାରୀଙ୍କୁ ଦରମା ଓ ପୁନଃ ଥଇଥାନ ଆଦି ଥିବା ବିଦ୍ୟାଳୟ ଅଧକ୍ଷ ଚକ୍ରଧର ଦୀପ ସୂଚନା ଦେଇଛନ୍ତି।

## ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡି ଲୋକାର୍ପିତ


ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ସେବା ଗାଡିକୁ ଲୋକାର୍ପିତ କରାଯାଉଛି।

ବଲାଙ୍ଗୀର,୧୧।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ସେବା ଗାଡି ସୋମବାର ଲୋକାର୍ପିତ ହୋଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ସୁକୁରାମ ମୁଣ୍ଡା ଏହାର ଲୋକାର୍ପଣ କରିଥିଲେ। ଜିଲାର ବଲାଙ୍ଗୀର, ଟିଟିଲାଗଡ, ତୁରେକେଲା, ସଇଁତଳା, ଲୋଇସିଂହା ଏବଂ ପାଟଣାଗଡ ବ୍ଲକ୍ ପାଇଁ ୬ଟି ଗାଡି ଯୋଗାଇ ଦିଆଯାଇଛି। ଚାଷୀଙ୍କୁ ଦ୍ୱାର ଦେଶରେ ଚିକିତ୍ସା ସେବା ଯୋଗାଇଦେବାକୁ ଏହି ଗାଡି ଜରିଆରେ ପ୍ରୟାସ କରାଯାଇଛି। ଚାଷୀମାନେ ଏହା ଦ୍ୱାରା ଉପକୃତ ହେବେ। ପୂର୍ବରୁ ଭଡାଗାଡି ଭାବେ ଯୋଗଇ ଦିଆଯାଇଥିଲା। ଏବେ ଖୋଦ୍ ସରକାର ସରକାରୀ ଗାଡି ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଚାଷୀମାନେ ଉପକୃତ ହେବେ। ସେମାନଙ୍କ ପ୍ରାଣୀଧନ ସୁରକ୍ଷା ତ୍ୱରାନ୍ୱିତ ହୋଇପାରିବ।

## କେପାସିଟି ବିଲ୍ଡିଂ ଟ୍ରେନିଂ ତାଲିକାରେ ବହିଷ୍କୃତ ଶିକ୍ଷୟିତ୍ରୀଙ୍କ ନାଁ

ବଲାଙ୍ଗୀର,୧୧।୯(ବୀରେନ୍ଦ୍ର କୁମାର ଝାଙ୍କର)

**ଶିକ୍ଷା ବିଭାଗର ଅଜବ ନୀତି**

ବଲାଙ୍ଗୀର ଜିଲା ଶିକ୍ଷା ବିଭାଗ କିଭଳି ମନମୁଖୀ ଏବଂ ଖାମଖିଆଲି ନୀତିନିୟମରେ ଚାଲିଛି ଶିକ୍ଷା ବିଭାଗର ଏକ ସଦ୍ୟତମ ଚିଠିରୁ ଜଣାପଡିଛି। ଗତ ଅଗଷ୍ଟ ମାସରୁ ବହିଷ୍କୃତ ହୋଇଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଥିବା କେପାସିଟି ବିଲ୍ଡିଂ ଟ୍ରେନିଂ କରିବା ପାଇଁ ଚିଠି କରାଯାଇଛି। ମିଳିଥିବା ତଥ୍ୟ ମୁତାବକ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୋମବାର ଚିଠି (୩୮୭୦/୧୧।୯।୨୩) କରାଯାଇ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ସ୍କୁଲର ସହକାରୀ ଶିକ୍ଷକଙ୍କୁ କେପାସିଟି ବିଲ୍ଡିଂ ଟ୍ରେନିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟ୍ରେନିଂ ମଙ୍ଗଳବାରଠାରୁ ୧୬ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ପୁଇଁତଳା ବ୍ଲକ୍‌ର ୨୦ଟି ହାଇସ୍କୁଲ ଶିକ୍ଷକଙ୍କ ତାଲିକା ଦିଆଯାଇଛି। ଏଥିରେ ରଣ୍ଡା ହାଇସ୍କୁଲର ତିନିଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନାମୋଲ୍ଲେଖ କରାଯାଇଛି। ତେବେ ଏହି ତିନିଜଣ ଶିକ୍ଷକଙ୍କ ମଧ୍ୟରେ ମୀନ୍ମୟୀ ପଣ୍ଡାଙ୍କ ନାମ ଉଲ୍ଲେଖ ରହିଛି। ତେବେ ଗତ ଅଗଷ୍ଟ ମାସରୁ ମୀନ୍ମୟୀ ପଣ୍ଡା ନାମକ ଏହି ସ୍କୁଲର ଶିକ୍ଷୟିତ୍ରୀ ଜାଲ ସାର୍ଟିଫିକେଟ ମାମଲାରେ ବହିଷ୍କୃତ ହୋଇଥିଲେ। ଗଣମାଧ୍ୟମରେ ଚର୍ଚ୍ଚିତ ଏଭଳି ଜଣେ ବହିଷ୍କୃତ ଶିକ୍ଷୟିତ୍ରୀଙ୍କ ନାମକୁ ତାଲିମ ପାଇଁ ସତ୍ୟ ଚିଠିରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ କ'ଣ ତାହା ଜଣାପଡିନାହିଁ। କିଭଳି ବ୍ଲକ୍ ଶିକ୍ଷା ଅଫିସ ଖାଲଖିଆଲି ନୀତିରେ ଚାଲିଛି ତାହା ଏହି ଚିଠିରୁ ଜଣାପଡୁଛି। ଶିକ୍ଷା ବିଭାଗରେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ବହିଷ୍କୃତ ଶିକ୍ଷୟିତ୍ରୀଙ୍କ ନାମ ତାଲିମ ଲିଷ୍ଟରେ ରଖିଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି।

## ବିଶ୍ୱାମ୍ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ



ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଜନ୍ମଦିବସ ପାଳନ କରାଯାଉଛି।

ବଲାଙ୍ଗୀର,୧୧।୯(ବୀରେନ୍ଦ୍ର କୁମାର ଝାଙ୍କର)

**ପ୍ରତିଷ୍ଠାତା ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଜନ୍ମଦିନ ବି ପାଳନ**

ବଲାଙ୍ଗୀର ବିଶ୍ୱାମ୍ ବିଦ୍ୟା ମନ୍ଦିରର ୨୯ତମ ପ୍ରତିଷ୍ଠା ଦିବସ ଏବଂ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପୂଜ୍ୟପାଦ ସ୍ୱାମୀଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ୬୭ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ବିଶ୍ୱାମ୍ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର, ଗୁରୁଜୀ–ଗୁରୁମା ତଥା ପୂର୍ବତନ ଛାତ୍ରୀଛାତ୍ର ୧୦ କିଲୋମିଟରର ସାଇକେଲ ରାଲି କରି ଆନନ୍ଦ ନିକେତନ ସ୍ଥିତ ବିଶ୍ୱାମ୍ ବିଦ୍ୟା ମନ୍ଦିର ପରିସରରେ ପହଞ୍ଚିଥିଲେ। ସ୍ୱାମୀଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଆଶୀର୍ବଚନ ମାଧ୍ୟମରେ ଶିକ୍ଷା ସହିତ ଛାତ୍ରୀଛାତ୍ରଙ୍କ ଉତ୍ତମ ସଂସ୍କାର ତଥା ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ସହ ପ୍ରଥମେ ଉତ୍ତମ ମନୁଷ୍ୟ ତତ୍ପଶ୍ଚାତ୍ ନିଜ କର୍ମକ୍ଷେତ୍ରରେ ସଫଳତା ପୂର୍ବକ ଅଗ୍ରସର ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ ବୋଲି ପ୍ରକାଶ କରିଥିଲେ। ବିଶ୍ୱାମ୍ ଚେତନା ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀଙ୍କ ଉଦ୍‌ବୋଧନ ପରେ ତେଜୋମୟାନନ୍ଦ ସରସ୍ୱତୀଜୀ, ଜୟଦେବ ଭାରତୀଜୀ, ନିତ୍ୟବୁଦ୍ଧାନନ୍ଦ ଅବଧୂତଜୀ, ଶ୍ୟାମାନନ୍ଦ ଦାସଜୀ ଏବଂ ଅନ୍ୟ ନିମନ୍ତ୍ରିତ ପୂଜ୍ୟ ସାଧୁସନ୍ଥଙ୍କ ମାର୍ଗଦର୍ଶନ ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରିଥିଲା। ମୁଖ୍ୟଅତିଥି ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀଜୀ ଛାତ୍ରୀଛାତ୍ରଙ୍କୁ ଆଧାତ୍ମିକ ମାର୍ଗରେ ଅଗ୍ରସର ହୋଇ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ ସ୍ୱାଗତ ସମ୍ଭାଷଣ, ବିଦ୍ୟାମନ୍ଦିର ସମ୍ପାଦକ ନବୀନ କୁମାର ବେଦବାକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ପ୍ରଜ୍ଞା ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିରର ସଂଯୋଜକ ସମ୍ମିତ କୁମାର ସଂଯୋଜନା କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଦେଓଗାଁ,୧୧।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ରତାଖଣ୍ଡି ଟିକିରିପଡାଠାରେ ମଣ୍ଡପ ଶିଳାନ୍ୟାସ ଅବସରରେ ଅତିଥିଗଣ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୩ନଂ ଜୋନର ବିଭିନ୍ନ ଗାଁରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଜିଲା ବିଜେଡି ସମ୍ପାଦକ ଉମାଶଙ୍କର ସିଂ, ଜିଲା ପରିଷଦ ସଭ୍ୟା ସୁମତି ସେଠ, ମମତା କୁମୁରା ପ୍ରମୁଖ ଯୋଗଦେଇଥିଲେ। ଫଟାମୁଣ୍ଡା, ମହମ୍ମଦପୁର, ଗାଇବାହାଲ, ଦେଓଗାଁ, ଜରାସିଂହା, ସାଲେପାଲିର ବଡଡୁଙ୍ଗୁରିପାଲି, ଜରାସିଂହାର ବରକାନୀ, ମହଲାଇର ବଗଡା, ଗୌରଗୋଠର ରତାଖଣ୍ଡି(ଟିକିରିପଡା) ବଡବାହାଲ, ଗୁଡଖାପଲା (ଖଗସିକନା), ଅର୍ଜୁନପୁରର ଅଏଁଲାପାଲି, କୁଲୁତାପଡାର ଖଇରଗୁରା, ମକୁନ୍ଦପୁରର ପୁରୁଣାପାଣି ଆଦି ଗାଁରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ଗାଁ ମାନଙ୍କରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଲୋକେ କଳିକେଶଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ବ୍ଲକ ଛାତ୍ର ବିଜେଡି ସଭାପତି ଦୀପକ ବେହେରା, ଜିଲା ଛାତ୍ର ବିଜେଡି ସମ୍ପାଦକ ଫକିର ମୋହନ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଅନୁପସ୍ଥିତ

ସୋମବାରର ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୩ନଂ ଜିଲା ପରିଷଦ ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟଙ୍କ ଦେଖା ମିଳି ନ ଥିଲା। ଶିଳାନ୍ୟାସ ଫଳକ ମାନଙ୍କରେ କେବଳ ହାଉସିଂ ବୋର୍ଡ ଅଧକ୍ଷଙ୍କ ନାମ ଥିବା ବେଳେ ଅନ୍ୟ ନିର୍ବାଚିତ ପ୍ରତିନିଧିମାନଙ୍କ ନାମ ଲେଖାଯାଇ ନଥିବାରୁ ଏହି ଚିତ୍ର ଦେଖିବାକୁ ମିଳିଥିଲା ବୋଲି କୁହାଯାଉଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଦଳରେ ଏହିପରି ବିସଙ୍ଗତି ଦଳର ସ୍ଥିତି ଉପରେ ଖରାପ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏ ନେଇ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ସିଂଦେଓଙ୍କ ମତଲୋଡିବାରୁ ପ୍ରୋଟୋକଲ ଅନୁସାରେ ଫଳକରେ ସରପଞ୍ଚ, ସମିତି ସଭ୍ୟ ନାମ ରହିବା କଥା। ସମସ୍ୟାକୁ ନେଇ ଦଳୀରେ ଆଲୋଚନା କରାଯିବ ବୋଲି କହିଥିଲେ। ଆଗକୁ ଏ ଦିଗରେ ସଚେତନ ରହିବା ପାଇଁ ସ୍ଥାନୀୟ ନେତାଙ୍କୁ ତାଗିଦ୍ କରାଯିବ ବୋଲି ସେ କହିଥିଲେ ।

## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍, ଯୁବକ ଗିରଫ

**ଭେଡ଼େନ,୧୧।୯ (ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ସଂକ୍ରୀଡ଼ା ପଞ୍ଚାୟତର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ପୋଲି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସାରସପାଲି ଗ୍ରାମର ଉମେଶ କୁଠାର (୨୮)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଏକ ମାମଲା (ନଂ.୧୪୯/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଅଭିଯୁକ୍ତ ଯୁବକ ଜଣଙ୍କ ସଂକ୍ରୀଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋକୁ ଫେସବୁକ୍‌ରୁ ଡାଉନଲୋଡ୍ କରି ତାକୁ ଅଶ୍ଳୀଳ କରି ଭାଇରାଲ କରିଥିବା ଗତ ମେ ୧୩ରେ ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଉମେଶ ଏହି କଥା ଜାଣିବା ପରେ ଉକ୍ତ ଯୁବତୀଙ୍କୁ ଧମକଚମକ ଦେଇଥିଲେ। ତଦନ୍ତ ବେଳେ କେତେକ ମୋବାଇଲ୍‌ରେ ଉକ୍ତ ଫଟୋ ଭାଇରାଲ୍ କରାଯାଇଥିବା ଜଣାପଡ଼ିବାରୁ ପୋଲିସ ରବିବାର ଅଭିଯୁକ୍ତଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରଥିଲା।

### ନୂତନ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ପଦ୍ମପୁର,୧୧।୯(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁରର ନୂତନ ଉପଜିଲାପାଳ ଭାବେ ଆଲୋକ କୁମାର ପଟେଲ ସୋମବାର ଯୋଗ ଦେଇଛନ୍ତି। ପଟେଲ ଭାରପ୍ରାପ୍ତ ଉପଜିଲାପାଳ ସଦାକର କୁମ୍ଭାରଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ନୂତନ ଉପଜିଲାପାଳଙ୍କୁ ସ୍ୱାଗତ ଜଣାଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ପଦ୍ମପୁର ଉପଖଣ୍ଡର ସାମଗ୍ରିକ ବିକାଶ ପାଇଁ ଆପ୍ରାଣ ଉଦ୍ୟମ କରିବେ ବୋଲି ନୂତନ ଉପଜିଲାପାଳ ପଟେଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହା ପୂର୍ବରୁ ପଟେଲ ବଡବିଲ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ।

# ଇଥାନଲ ପ୍ଲାଣ୍ଟକୁ ବିରୋଧ



ଇଥାନଲ ପ୍ଲାଣ୍ଟକୁ ବିରୋଧ କରି ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।



ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟ।

## ଜିଲାପାଳଙ୍କୁ ଦେଲେ ସ୍ମାରକପତ୍ର

**ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା ବରଗଡ଼ ବ୍ଲକର ଏସ୍. ଡୁମ୍ବେରପାଲି ଏବଂ ସୋହେଲା ବ୍ଲକ ଅନ୍ତର୍ଗତ ଲେବିଡ଼ି ପଞ୍ଚାୟତ ନିକଟରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟକୁ ନେଇ ବିରୋଧ ତେଜି ଉଠିଛି। ଏହି କ୍ରମରେ ସୋମବାର ଅଞ୍ଚଳବାସୀ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ତାଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଠାରେ ଇଥାନଲ ପ୍ଲାଣ୍ଟ ନିର୍ମାଣ ପାଇଁ ସ୍ୱୀକୃତି ନ ଦେବା ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଲେବିଡ଼ି ପଞ୍ଚାୟତର ଭାତବିଡ଼ା, ଚେପଟିବାହାଲ ନିକଟରେ ଏକ ଇଥାନଲ ପ୍ଲାଣ୍ଟ ନିର୍ମାଣାଧୀନ ରହିଛି। ପ୍ଲାଣ୍ଟ ଯେଉଁଠାରେ ନିର୍ମାଣ କରାଯାଉଛି, ସେହି ସ୍ଥାନ ନିକଟରେ ଏସ୍. ଡୁମ୍ବେରପାଲି, ବନବାସପାଲି, ନୂଆପାଲି, ଛତାପଥର, ପିପିଲିପାଲି, ସୋର୍ଣ୍ଣାପାଲି, ସାଲେପାଲି, ଭାତବିଡ଼ା, ଲେବିଡ଼ି, ଚେପଟିବାହାଲ, କୁଲିତାଡ଼ିହି ଆଦି ଗ୍ରାମ ରହିଛି। ସେହି ସ୍ଥାନ ଉପରୋକ୍ତ ଗ୍ରାମଗୁଡ଼ିକରୁ ମାତ୍ର ଅଧ କି.ମିରୁ ୨କି.ମି ଦୂରତା ମଧ୍ୟରେ ରହିଛି। ଜନବସତି ଅଞ୍ଚଳରେ ତାହା ନିର୍ମାଣ କରାଯାଉଥିବା ଯୋଗୁ ପ୍ଲାଣ୍ଟର କୁପ୍ରଭାବ ସ୍ଥାନୀୟ ଲୋକଙ୍କ ଉପରେ ପଡ଼ିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ଇଥାନଲ ପ୍ଲାଣ୍ଟ ନିର୍ମାଣ ପୂର୍ବରୁ ଅଞ୍ଚଳବାସୀଙ୍କୁ ନେଇ କୌଣସି ଜନଶୁଣାଣି ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ବିନା ଜନଶୁଣାଣି ଏବଂ ଉଭୟ ଏସ. ଡୁମ୍ବେରପାଲି, ଲେବିଡ଼ି ପଞ୍ଚାୟତବାସୀଙ୍କ ମତାମତ ନ ନେଇ ସେଠାରେ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଫଳରେ ତୁରନ୍ତ ସମ୍ପୃକ୍ତ ଜାଗାରେ ଇଥାନଲ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ସେଠାରେ ଇଥାନଲ ପ୍ଲାଣ୍ଟ ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳ ପ୍ରଦୂଷିତ ହେବ। ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟବସ୍ତୁ ଯୋଗୁ ଫସଲ ନଷ୍ଟ ହେବା ସହିତ ଲୋକେ ନାନା ରୋଗରେ ଆକ୍ରାନ୍ତ ହେବେ। ବିଜେପୁର ବ୍ଲକ ମନୋହରପାଲିରେ ନିର୍ମିତ ଇଥାନଲ ପ୍ଲାଣ୍ଟ ତାର ଦୃଷ୍ଟାନ୍ତ ବୋଲି ସେମାନେ କହିଛନ୍ତି। ଫଳରେ ସମ୍ପୃକ୍ତ ସ୍ଥାନରେ ପ୍ଲାଣ୍ଟ ନିର୍ମାଣ ପାଇଁ ନୋ ଅବଜେକ୍ସନ ସାର୍ଟିଫିକେଟ୍ (ଏନଓସି) ପ୍ରଦାନ ନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଗତ ଶୁକ୍ରବାର ଉଭୟ ଲେବିଡ଼ି ଏବଂ ଏସ. ଡୁମ୍ବେରପାଲି ପଞ୍ଚାୟତବାସୀ ବୈଠକ କରି ସମ୍ପୃକ୍ତ ସ୍ଥାନରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଉକ୍ତ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟକୁ ବନ୍ଦ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ବରଗଡ଼ ଏବଂ ଭଟଲି ବିଧାୟକଙ୍କ ପାଖକୁ ପଠାଯାଇଥିବା ସରୋଜ ସାହୁ, ଅଗସ୍ତି ସାହୁ, ଦେବରାଜ ବାଗ, ନାରାୟଣ ସାହୁ ପ୍ରମୁଖ ଗ୍ରାମବାସୀ କହିଛନ୍ତି।

## ସମଲେଶ୍ୱରୀଙ୍କ ନବରାତ୍ର ପ୍ରସ୍ତୁତି ବୈଠକ

**ସରଣ୍ଡା,୧୧।୯(ଯୁଧିଷ୍ଠିର ମହାପାତ୍ର )** ଅତାବିରା ବ୍ଲକ୍ ଗୋଡଭଗାସ୍ଥିତ ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆଗାମୀ ନବରାତ୍ର ପାଳନ ପାଇଁ ପରିଚାଳନା କମିଟିର ଏକ ବୈଠକ ରବିବାର ସଭାପତି ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ନବରାତ୍ର ପୂଜା ପାଳନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। କୋଷାଧ୍ୟକ୍ଷ କମଳ କୁମାର ବାଙ୍କ ଗତବର୍ଷର ଆୟବ୍ୟୟ ହିସାବ ଦେଇଥିଲେ। ମା'ଙ୍କ ନବରାତ୍ର ଶାନ୍ତିଶୃଙ୍ଖଳାରେ ପାଳନ ସହ ବିଭିନ୍ନ କାର୍ଯ୍ୟ ତଦାରଖ ପାଇଁ ଉପକମିଟିମାନ ଗଠନ କରାଯାଇଥିଲା। ବୈଠକରେ ଗୋଡଭଗା ଗୌନ୍ତିଆ ସୁଶୀଲ କୁମାର ସିଂ, ପ୍ରାକ୍ତନ ସମିତି ସଭ୍ୟ କୁଳମଣି ପ୍ରଧାନ, ଅନିରୁଦ୍ଧ ଖମାରୀ, ପୂର୍ବତନ ସରପଞ୍ଚ କମଳାକାନ୍ତ ଛନ୍ଦ, ନାଗରିକ କମିଟି ସଭାପତି ହାରାଧନ ବାରିକ, ସୁରେଶ ଦାଶ, ସମାଜସେବୀ ଅର୍ଜୁନ ବାରିକ, ମଧୁସୂଦନ ଶର୍ମା, ସାଲେଗ୍ରାମ ଅଗ୍ରୱାଲ, ଦେବବ୍ରତ ରଥ, ସତୀଶ ଦାଶ, ଅନିରୁଦ୍ଧ ଖମାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁନସୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନେ।

## ୩୨ ୟୁନିଟ୍ ରକ୍ତ ସଂଗ୍ରହ

**ଭେଡ଼େନ,୧୧।୯(ସୁଦନ ମହାକୁର)** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଇଁଲାପାଲି ପଞ୍ଚାୟତ ଅନ୍ତର୍ଗତ କେନ୍ଦପାଲି ସ୍ଥିତ ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ସେନା ଓ କେନ୍ଦପାଲି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଉମ୍ବରୁଧର ପାଣ୍ଡେ, ସମିତି ସଭ୍ୟ ତୋଷବନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ରକ୍ତ ଭଣ୍ଡାର ଟେକ୍ନିସିଆନ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମାହେଶ୍ୱରୀ ସେନା, ଅମୃତ କୁଟୁମ୍, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



ରକ୍ତଦାନ ଶିବିରରେ ଉପସ୍ଥିତ ରକ୍ତଦାତା ଏବଂ ଆୟୋଜକ।

# ପାଇକମାଳରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି




ଅଭିଯୋଗ ଶୁଣାଣି ଅବସରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ।

**ପାଇକମାଳ,୧୧।୯(ବଡ ଶତପଥୀ)** ବରଗଡ଼ ଜିଲା ପାଇକମାଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପ୍ରହ୍ଲାଦ ସହାୟ ମିନା, ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋୟଲ, ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ପାଇକମାଳ ବିଡ଼ିଓ ସୁରେନ୍ଦ୍ର ନାଥ ସାହୁ, ତହସିଲଦାର ଅକ୍ଷୟ କୁମାର ବାଘ, ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ମୋଟ୍ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୫-ଟି ସ୍କୁଲ, ରାଶନ କାର୍ଡ, ସ୍କୁଲ ସମସ୍ୟା, ଏମ୍‌ଜିଏନଆରଇଜିଏସ୍ ଦୁର୍ନୀତି ଆଦି ଅଭିଯୋଗଗୁଡ଼ିକର ଯଥାଶୀଘ୍ର ସମାଧାନ କରିବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସରଣ୍ଡାରେ ବୁଲୁଛି ଜଙ୍ଗଲୀ ବାର୍‌ହା

**ସରଣ୍ଡା,୧୧।୯(ଯୁଧିଷ୍ଠିର ମହାପାତ୍ର)** ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ଅଞ୍ଚଳରେ ସୋମବାର ଏକ ଜଙ୍ଗଲି ମାଈ ବାର୍‌ହା ବୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀ ବରଗଡ ବନ ବିଭାଗକୁ ଖବର ଦେବା ପରେ ଉକ୍ତ ବାର୍‌ହାକୁ ଉଦ୍ଧାର ପାଇଁ ଯୋଜନା କରାଯାଉଥିବା ଜଣାପଡିଛି। ପ୍ରକାଶ ଯେ, ଗତ କିଛିଦିନ ହେଲା ଉକ୍ତ ବାର୍‌ହା ସରଣ୍ଡା ଅଞ୍ଚଳରେ ବୁଲାବୁଲି କରୁଥିଲା। ତାହା ଅନ୍ୟ କୌଣସି ଜନ୍ତୁ ହୋଇଥିବ ଭାବି ଘଟଣାଟି ପ୍ରଘଟ ହୋଇ ନ ଥିଲା। ସୋମବାର ସନ୍ଧ୍ୟାରେ ପୁଣି ଏହି ଜଙ୍ଗଲୀ ବାର୍‌ହାକୁ ଦେଖିବା ପରେ କିଛି ଲୋକ ତାକୁ ମାରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ବାର୍‌ହାଟି ଛୁଆ ଦେଇଥିବା ଜଣାପଡିବା ପରେ ତାକୁ କିପରି ସୁରକ୍ଷିତ ଉଦ୍ଧାର କରାଯାଇପାରିବ ସେ ନେଇ ପୋଲିସ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ମଙ୍ଗଳବାର ସକାଳେ ଏହି ବାର୍‌ହାକୁ ଉଦ୍ଧାର କରାଯିବ ବୋଲି ରେଞ୍ଜର ଆରତୀ ନେଗୀ କହିଛନ୍ତି।

## ମହେନ୍ଦ୍ର ବଢ଼େଇଙ୍କୁ ଶ୍ରଦ୍ଧାଞ୍ଜଳି

**ପାଇକମାଲ,୧୧।୯(ବଡ ଶତପଥୀ)** ବରଗଡ ଜିଲା ପାଇକମାଳ ବ୍ଲକ ସାଲେପାଲି ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସ୍ୱର୍ଗତ ମହେନ୍ଦ୍ର ବଢେଇଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମାଳ ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଗୌତମ ସିଂ, ବିଜୁ ଜନତା ଦଳ ସଭାପତି ରାଜେନ୍ଦ୍ର ରାଉତ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ବିଜୁ ଯୁବ ଜନତାଦଳର ସମସ୍ତ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ସ୍ୱର୍ଗତ ବଢେଇଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା ସହ ତାଙ୍କ ସ୍ମୃତିଚାରଣ କରିଥିଲେ।

## ଶିକ୍ଷକ ସମାଜର ମୁଖ୍ୟ ଦର୍ପଣ

### ବିକାଶରେ ଟିଚର୍ସ ନାଇଟ୍ କାର୍ଯ୍ୟକ୍ରମ

**ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)** ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଶିକ୍ଷାନୁଷ୍ଠାନରେ ରବିବାର ଟିଚର୍ସ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବରଗଡ଼ ଜିଲାରେ ଥିବା ବିକାଶ ଶିକ୍ଷାନୁଷ୍ଠାନର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ଏବଂ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକମାନେ ସମାଜର ମୁଖ୍ୟ ଦର୍ପଣ ବୋଲି ଚେୟାରମ୍ୟାନ କ୍ରୀଷ୍ଣା କହିଥିଲେ। ସେହିପରି ଜଣେ ଶିକ୍ଷକ ଚାହିଁଲେ ସମାଜର ରୂପ ପରିବର୍ତ୍ତନ କରିପାରିବେ ବୋଲି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରାଓ ମତବ୍ୟକ୍ତ କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନ ସମୂହର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିକାଶ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିକାଶ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି ସ୍ୱାଗତ କରିଥିବାବେଳେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷୟିତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ବିଶ୍ୱ ପ୍ରାଥମିକ ସହାୟତା ଦିବସ ପାଳିତ

**ବରପାଲି,୧୧।୯(ଚିତ୍ତରଞ୍ଜନ ସାହୁ)** ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗର ଅଧ୍ୟାପିକା ତଥା ଯୁବ ରେଡ୍‌କ୍ରସ କାଉନସିଲର ନୀଳିମା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ସହାୟତା ସହ ହାର୍ଟ ଷ୍ଟ୍ରୋକ, ସାପ କାମୁଡିବା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ କାଉନସିଲର ତଥା ଫାଷ୍ଟଏଡ୍ ମାଷ୍ଟର ଟ୍ରେନର ଯତୀନ୍ଦ୍ର କୁମାର ସାହୁ ଆହତ ବ୍ୟକ୍ତିଙ୍କ ଜୀବନ ରକ୍ଷା ପ୍ରଣାଳୀର ସିପିଆର ଓ ରିକଭରି ଅବସ୍ଥାର ବ୍ୟବହାରିକ ଉପାୟ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ନୀତିଶ ତାଣ୍ଡି, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଅଧ୍ୟାପିକା ଅଙ୍କିତା ବାବୁ, ପିଙ୍କି ବାରିକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ମୌସୁମୀ ମାଝୀ, ସହକର୍ମୀ ବୀରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, କନବାର ବିଜୟୀ

**ବରପାଲି,୧୧।୯(ଚିତ୍ତରଞ୍ଜନ ସାହୁ)** ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଫୁଟବଲ ଆସୋସିଏଶନ ପକ୍ଷରୁ ସୋମବାର ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ କନବାର ଓ ଲାଉନସରା ମଧ୍ୟରେ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ କୌଣସି ଗୋଲ ହୋଇପାରି ନ ଥିଲା। ଫଳରେ ପ୍ଲାଣ୍ଟିକ ଆଧାରରେ କନବାର ଦଳ ୩-୨ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଲିମିଟେଡ ଉପସଭାପତି ତଥା ଆଗଲପୁର ପାକ୍ସ ସଭାପତି ବିରୋସନ ସାହୁ ମୁଖ୍ୟଅତିଥି, ବରପାଲି ପାକ୍ସ ସଭାପତି ଗୁରୁ ମେହେର, କୁମ୍ଭାରୀ ପାକ୍ସ ସଭାପତି ପ୍ରଫୁଲ୍ଲ ପଧାନ, ସମ୍ପାଦକ ଗୌରଚନ୍ଦ୍ର ବୁଧିଆ, ପୂର୍ବତନ ସରପଞ୍ଚ ପ୍ରତିନିଧି ରବି କର୍ତ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେବାନନ୍ଦ ନାଏକ, ରଞ୍ଜନ ସାହୁ, ପ୍ରତାପ ସାହୁ, ରମେଶ ମାଝୀ, ଭାଗ୍ୟ ପଧାନ, ଶେଖର ସାହୁ, ଦିଲୀପ ସାହୁ, ବ୍ରିଟାନିଆ ପଧାନ ସହଯୋଗ କରିଥିଲେ।

## ଚିକିତ୍ସାରେ ଅର୍ଥ ବାଧକ

**ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୬ (ଶାନ୍ତି ନଗର) ନିବାସୀ ଦୁଃଖିଶ୍ୟାମ ବେସନଙ୍କ ଝିଅ ଅନୋଖୀ(୮) ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହି ପରିବାର ଆର୍ଥିକ ଅନଗ୍ରସର ବର୍ଗର ହୋଇଥିବାରୁ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ଅନୋଖୀଙ୍କ ମା' ପଦ୍ମିନୀ କହିଛନ୍ତି। ଝିଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସୋମବାର ସେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଅସୁସ୍ଥ ଅନୋଖୀ ଗତ ମାସ ୧୬ତାରିଖରୁ ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହୋଇଆସୁଛନ୍ତି। ପ୍ରତି ମାସରେ ଝିଅକୁ ବୁର୍ଲା ଡାକ୍ତରଖାନାକୁ ଆଣିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଝିଅର ଚିକିତ୍ସା ପାଇଁ ପୂର୍ବରୁ ସଞ୍ଚିତ ରାଶି ଖର୍ଚ୍ଚ କରି ସାରିଥିବାବେଳେ ଏବେ ଝିଅକୁ ବୁର୍ଲା ଡାକ୍ତରଖାନା ନେବା ଏବଂ ଆବଶ୍ୟକ ଔଷଧ କିଣିବା ପାଇଁ ଅର୍ଥ ବାଧକ ସାଜିଛି ବୋଲି ପଦ୍ମିନୀ କହିଛନ୍ତି। ଫଳରେ ଝିଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ଫୁଟ୍‌ବଲ: ଗଣ୍ଡତୁରୁମ ଚାମ୍ପିୟନ

**ଭେଡ଼େନ,୧୧।୯(ସୁଦନ ମହାକୁର)** ବରଗଡ଼ ଜିଲା ଭେଡ଼େନ ରଞ୍ଜିତା ଷ୍ଟାଡ଼ିୟମରେ ବଜରଙ୍ଗ ଯୁବକ ସଂଘ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭେଡ଼େନ ଏକାଦଶକୁ ୧-୦ ଗୋଲରେ ହରାଇ ଗଣ୍ଡତୁରୁମ ମା' ବାଉତି ଏଫ୍‌ସି ଚାମ୍ପିୟନ ହୋଇଛି। ସେମି ଫାଇନାଲ ମ୍ୟାଚରେ ଯଥାକ୍ରମେ ତାଲଶ୍ରୀଗିଡ଼ାକୁ ୧-୦ ଗୋଲ ଏବଂ ବରଗଡ଼ ମୁଣ୍ଡାପଡ଼ା ଦଳକୁ ଟାଇବ୍ରେକର ଜରିଆରେ ପରାସ୍ତ କରି ଭେଡ଼େନ ଓ ଗଣ୍ଡତୁରୁମ ଦଳ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଭେଡ଼େନ, ମହୁଲେ, ତାଲଶ୍ରୀଗିଡ଼ା, ଖଇରମାଳ, ଅତାବିରା, ଗଣ୍ଡତୁରୁମ, ଜାଣ୍ଡୋଲ, ମୁଣ୍ଡାପଡ଼ା ଦଳ ଭାଗ ନେଇଥିଲେ। ଖେଳକୁ ବ୍ଲକ ଉପାଧ୍ୟକ୍ଷ ଡୋଲାମଣି କ୍ଷେତି ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ରଷ୍ଟୁଡ଼ା ସରପଞ୍ଚ ସୁରେନ୍ଦ୍ର କର୍ମୀ, ଭେଡ଼େନ ସରପଞ୍ଚ ଅକ୍ଷୟ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରର୍ନସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସୁଶାନ୍ତ ସାହୁ, ନୀଳରଞ୍ଜନ ପଣ୍ଡା, ଆନନ୍ଦ ରାଉତ, ଭୈରବ ମେହେର, ମହାଦେବ ଛତ୍ରିଆ ଖେଳ ପରିଚାଳନା କରିଥିଲେ। କ୍ଷିତେଶ୍ୱର ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଦୀପ ସୁନା, ଲାଲୁ ସୁନା, ଲାଲି ମହାନନ୍ଦ, ଅରବିନ୍ଦ ସୁନା, ଜଗଦୀଶ ସୁନା, ଡେନି ମହାନନ୍ଦ, କୁନା ସୁନା ଓ ସଂଘର ସଦସ୍ୟ ସହଯୋଗ କରିଥିଲେ।



ଚାମ୍ପିୟନ ମା' ବାଉତି ଏଫ୍‌ସି ଦଳର ଖେଳାଳିମାନେ।

# ନୃତ୍ୟଦଳ, କଳାକାର ଚୟନ କାର୍ଯ୍ୟକ୍ରମ

**ବଡ଼ଗାଁ,୧୧।୯(ଅଶୋକ ଷଡ଼ଙ୍ଗୀ):** ସରକାରଙ୍କ ଜନ ମଙ୍ଗଳ ଯୋଜନା ଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ଗ୍ରାମାଞ୍ଚଳରେ କଳା ପ୍ରଦର୍ଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ନୃତ୍ୟଦଳ ଓ କଳାକାର ଚୟନ କାର୍ଯ୍ୟକ୍ରମ ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଫିସ୍ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୨୯ଟି ସାଂସ୍କୃତିକ ଦଳ ଓ କଳାକାର ଅଂଶଗ୍ରହଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଡିଓ କ୍ଷମାନିଧି ଭୋଇ ପରିଚାଳନା କରିଥିଲେ। ବିଚାରକ ମଣ୍ଡଳୀରେ ବରିଷ୍ଠ ପଲଗୁରୁ ତଥା ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଫକିର ବାଡ଼ା, ଗୋକୁଳାନନ୍ଦ ବାରିକ୍, ରାଜାରାମ ସାଥୁଆ, କମଳ ବାଡ଼ା, ଏବିଡିଓ ଉଷାବତୀ ଗର୍ଡ଼ିଆ, ବିଏସଏସଓ ସୌରଭ କେରକେଟା, ବ୍ଲକ୍ ମଙ୍ଗଳ ଅଧିକାରୀ ଦିଲ୍ଲୀପ ମାଝି ଚୟନ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ଏହି କଳାକାର ଚୟନ କାର୍ଯ୍ୟକ୍ରମ ଶେଷ ହେବ।

# ଶିକ୍ଷକ ସଂଘ ଘେରିଲା ବିଇଓ କାର୍ଯ୍ୟାଳୟ

**ହେମଗିର,୧୧।୯(ଚୈତନ୍ୟ ପଟେଲ )** ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ୪ ଦଫା ଦାବି ନେଇ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ୟୁପିଟିଏଫ,ଏନପିଏସ,ଏକ୍ସ କ୍ୟାଡର, କନିଷ୍ଠ ଶିକ୍ଷକ, ଏମ୍ଏଲଇ, କ୍ରିଡା ଓ କଳା ଶିକ୍ଷୟିତ୍ରୀ ଶିକ୍ଷକ ଧାରଣା ଦେଇଛନ୍ତି। ସେମାନଙ୍କ ଦାବି ହେଲା ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରିବା, ୬ବର୍ଷ ଠିକା କାର୍ଯ୍ୟକାଳକୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ଓ ପୁରୁଣା ପେନସନକୁ ପୁନଃ ପ୍ରଚଳନ କରିବା,ଏକ୍ସ କ୍ୟାଡର ଶିକ୍ଷକଙ୍କୁ କ୍ୟାଡର ଅର୍ନ୍ତଭୁକ୍ତ କରିବା ସହ କଳା ଓ ଖେଳ ଶିକ୍ଷକଙ୍କୁ ନିୟମିତ କରିବା। ୨୦୨୨ ଡିସେମ୍ବର ୨୦ରେ ମୁଖ୍ୟ ଶାସନ ସଚିବ ମହାସଂଘ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବା ପାଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ପୁରଣ ହୋଇନାହିଁ। ଶିକ୍ଷକଙ୍କ ଦାବିକୁ ନେଇ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟରେ ଗୁଣାତ୍ମକ ଶିକ୍ଷା ନିମନ୍ତେ ୧ଲକ୍ଷ ୩୦ହଜାର ଶିକ୍ଷକ ଧାରଣା ଦେଇଛନ୍ତି। ଧାରଣାର ୩ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏନପିଏସ ଶିକ୍ଷକ ସଂଘ ସଭାପତି ସଞ୍ଜିବ କୁମାର ନାଏକ, ଉପ ସଭାପତି ଟଗର ହଂସ, ସମ୍ପାଦକ ରଞ୍ଜନ ବୁଡା, କୋଷାଧ୍ୟକ୍ଷ ଶ୍ରୁଶ୍ରୀ ସଙ୍ଗୀତା ପାଢ଼ୀ, ବିଟିଏ ସଂଘ ସମ୍ପାଦକ ଉମେଶଚନ୍ଦ୍ର ରାଏ, ଅଜିତ କୁମାର ନାଏକ, ଜିଲା ସଂଯୋଜକ ରଥୁ ବାଗ, ଏକ୍ସ କ୍ୟାଡର ସଂଘ ସଭାପତି ଦିବାକର ଭଇଁସା, ସମ୍ପାଦକ ଦେବେନ୍ଦ୍ର ଖମାରୀ,ଏୟୁପିଟିଏଫର ଜିଲା ଉପସଭାପତି ପ୍ରମୋଦକୁମାର ମିଶ୍ର ଏବଂ ସମସ୍ତ ସିଆର୍‌ସିସିଙ୍କ ସହିତ ସହ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ଶିକ୍ଷୟିତ୍ରୀ ଶିକ୍ଷକ ବିଇଓ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**କୁତ୍ରା,୧୧।୯(ଦେବାଶିଷ ସାହୁ)** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତୁନମୁରା ସ୍ଥିତ ଶର୍ଗୁକିଷାନ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାଲମିଆ କଲେଜର ବିଜ୍ଞାନ ବିଭାଗର ଅଧ୍ୟାପିକା ଲତା ସାହୁ ଓ ରୁମା ସାହୁ ଯୋଗଦେଇଥିଲେ। ସେମିନାରରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ତାଙ୍କ ଆଗାମୀ ଭବିଷ୍ୟତ ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା, ନିରଞ୍ଜନ ରାଉଳ, ସମସ୍ତ ସିଆର୍‌ସିସି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିରିଙ୍ଗାଟୋଳି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିଆ ବାରବିଆ ପ୍ରଥମ, କିରିଙ୍ଗସେରା ଉଚ୍ଚ ବିଦ୍ୟାଳୟର ଛାତ୍ର ଗୌରବ ନାଏକ ୨ୟ, ଶାର୍ଗୁକିଷାନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁପ୍ରଭା ତନ୍ତି ୩ୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢୀ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶ୍ରୀକାନ୍ତ ବାଘ, ରିଙ୍କୁ ଭୋଇ, ସୁମିତ୍ରା ବାର୍ଲା, କିରନ ଏକ୍କା, ରାମେଶ୍ୱର ଲାକ୍ରା, ରମାକାନ୍ତ ମଲ୍ଲିକ, ମନଭାଙ୍ଗି ନାଏକ, ମାର୍ସିଆ ଟେଟେ, ଜର୍ଜ ବରୁଆ, ପାନୁ ଏକ୍କା, ରୋମାଞ୍ଚ ତାଣ୍ଡିଆ, ସୁଦୀପ୍ତ ବେହେରା, ଟିକଚାନ୍ଦ ସିଂ, ଡିଲେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସେମିନାରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ୨୦ ପଞ୍ଚାୟତରୁ ଆସିଲା ୧୧୫ ଅଭିଯୋଗ

**ନୂଆଗାଁ,୧୧।୯(ବିଜୟ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ସୋମବାର ଜିଲା ପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ଉପସ୍ଥିତ ରହି ଅଭିଯୋଗ ଶୁଣାଣୀ କରିଥିଲେ । ଏଥିରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ ଦାସ, ନୂଆଗାଁ ବିଡିଓ ବିକ୍ରମୀ କିସପଟ୍ଟା, ସହକାରୀ ବିଡିଓ ସୋମରେନ୍ଦ୍ର କୁମାର ସୋର, ବ୍ଲକ ଅଧ୍ୟକ୍ଷା ବିଶ୍ୱାସି ଟୋପୋ, ଜିଲା ପରିଷଦ କ ଓ ଖ ର ସଭ୍ୟ ଜୋତି ଦଳରସା ଟେଟେ ଓ ସଞ୍ଜିତା କିସପଟା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ମୋଟ ୧୧୫ ଅଭିଯୋଗ ଆସିଥିଲା। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ନୂଆଗାଁ ବ୍ଲକ ସ୍ତରୀୟ ବସଷ୍ଟାଣ୍ଡକୁ ଲୋକେ ବିରୋଧ କରିଥିଲେ। ସେହିଭଳି ଚିତାପେଡି ପଞ୍ଚାୟତରେ ଲ୍ୟାମ୍ପସ ନିର୍ମାଣ ପାଇଁ ସରକାରୀ ଜମି ତୁରନ୍ତ ଯୋଗାଇ ଦେବାକୁ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବାନପୋଷ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ଚେକ୍ ପ୍ରଦାନ କରୁଛନ୍ତି।

**କୁତ୍ରା,୧୧।୯(ଦେବାଶିଷ ସାହୁ)** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଲକ୍ଷ୍ମୀପୋଷ ଖେଳ ପଡିଆଠାରେ ସୁବାସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୪ଦିବସୀୟ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାନପୋଷ ଓ ଲକ୍ଷ୍ମୀପୋଷ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାନବୋଷ ଲକ୍ଷ୍ମୀପୋଷକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବୈଷୟିକ କମିଟି ସଦସ୍ୟ ବୈକୁଣ୍ଠ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାର ସୁନ୍ଦରଗଡ଼ ଜିଲାରେ କ୍ରୀଡାର ବିକାଶ ପାଇଁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଥିଲେ। ଏଥିସହ କ୍ଲବ ଓ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଲକ୍ଷ୍ମୀପୋସ ଖେଳ ପଡିଆର ଉନ୍ନତିକରଣ ତଥା ଭିତ୍ତିଭୂମିର ବିକାଶ ପାଇଁ ଡବ୍ଲୁଡିସି ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦିଆଯିବ ବୋଲି ନାଏକ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ବେନେଡିକ୍ ତିର୍କୀ, ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ସୁମନ୍ତ ସାହୁ, ହେମନ୍ତ ମେହେର, ବିନୋଦ ଟପୋ ପ୍ରମୁଖ ଯୋଗଦେଇଥିଲେ। ଜର୍ଜ ଲାକ୍ରା, ଧନୁ କୁଜୁର୍, ବିଚିତ୍ର କୁଜୁର, ନବୀନ ମିଞ୍ଜ ଓ ବିରବଲ୍ କୁଜୁର ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଚାମ୍ପିୟନ ବାନପୋଷ ଦଳକୁ ନଗଦ ୩୦ହଜାର ଓ ଉପ ବିଜେତା ଲକ୍ଷ୍ମୀପୋଷ ଦଳକୁ ୨୦ ହଜାର ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ।

# ସାପ କାମୁଡ଼ାରେ ଯୁବକ ମୃତ

**କୁଆଁରମୁଣ୍ଡା,୧୧।୯ (ମହେନ୍ଦ୍ର କୁମାର ସାହୁ)** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ଗ୍ରାମର ବାର୍ସିଲ ବିଲୁଙ୍ଗ(୨୯)ଙ୍କ ସାପ କାମୁଡାରେ ସୋମବାର ମୃତ୍ୟୁ ଘଟିଛି। କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖବର ପ୍ରସାରିତ ହେବା ପରେ କାଲେଶସିହିରିଆ ସରପଞ୍ଚ ବିଜିତା କିଷାନ,ପ୍ରତାପ କିଷାନ, ଅଜିତ୍ କିଷାନ, ରାଧା କିଷାନ ପ୍ରମୁଖ ବାର୍ସିଲଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ରବିବାର ରାତିରେ ବିଲୁଙ୍ଗ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଜାଣିବା ପରେ ତାଙ୍କୁ ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କ ମୃତ୍ୟୁ ଘଟିଥିଲା।

## ରାଜ୍ୟ କ୍ୟାଡେଟ, ଜୁନିୟର କରାଟେ ଚାମ୍ପିୟନଶିପ୍

# କାଂସ୍ୟ ପଦକ ପାଇଲେ ରାଧାରାଣୀ

**ଟେନ୍‌ସା,୧୧।୯(ସମୀର କୁମାର ପାଢ଼ୀ)** ସୁନ୍ଦରଗଡ଼ କୋଇଡା ବ୍ଲକ ଟେନ୍‌ସାର ସରୋଜ କୁମାର କରଙ୍କ ୧୪ବର୍ଷର ଝିଅ ରାଧାରାଣୀ ରାଜ୍ୟ କ୍ୟାଡେଟ ଓ ଜୁନିୟର କରାଟେ ଚାମ୍ପିୟନସିପରେ କାଂଶ୍ୟ ପଦକ ହାସଲ କରି ଟେନ୍‌ସା ଓ ଜିଲା ପାଇଁ ଗୌରବ ଆଣିଛନ୍ତି । ଓଡିଶା ରାଜ୍ୟ କରାଟେ-ଡୋ ଆସୋସିଏଶନ (ଓସ୍କା ) ଆନୁକୂଲ୍ୟରେ ଗତ ୧୦ରେ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ୩୪ତମ ରାଜ୍ୟ କ୍ୟାଡେଟ ଓ ଜୁନିୟର କରାଟେ ଚାମ୍ପିୟନସିପ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାର ଜିଲା କରାଟେ ଆସୋସିଏଶସନ ମାନଙ୍କରୁ ୧୩୦ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଉରକେଲା କରାଟେ-ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ରାଜୀବ କୁମାର ସିଂଙ୍କ ନେତୃତ୍ୱରେ ୭ ଜଣିଆ କରାଟେ ଦଳ ଏହି ଚାମ୍ପିୟନସିପରେ ରାଉରକେଲା ଦଳକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହେଇଥିଲେ। ଯେଉଁଥିରେ ଉତ୍କଳ କରାଟେ ସ୍କୁଲ ଟେନସା ଶାଖାରୁ ରାଧାରାଣୀ ଥିଲେ। ସେ କ୍ୟାଡେଟ ୫୪ କିଗ୍ରାରୁ କମ ବର୍ଗ ବାଳିକା କୁମିତେ ବିଭାଗରେ ଭାଗ ନେଇ ଗୋଟିଏ କାଂଶ୍ୟ ପଦକ ହାସଲ କରିଛନ୍ତି। ଏହି ଚାମ୍ପିୟନସିପରେ ଉତ୍କଳ କରାଟେ ସ୍କୁଲ ଟେନସା ଶାଖାର ପ୍ରଶିକ୍ଷକ ତଥା ଜାତୀୟ କରାଟେ ବିଚାରକ ରଞ୍ଜନ ପାତ୍ରଙ୍କୁ ରାଉରକେଲା କରାଟେ-ଡୋ ଆସୋସିଏଶନ ପକ୍ଷରୁ ରାଉରକେଲା କରାଟେ ଦଳର କୋଚ ଭାବେ ଦାୟିତ୍ୱ ମିଳିଥିଲା। ଉଦ୍‌ଯାପନୀ ଉତ୍ସବରେ ସଭାପତି ହାଂସି ଡ. ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଡ. ଗୌରୀ ମହାନ୍ତି ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଧାରାଣୀ ଇସ୍ପାତ ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ରୀ। ରାଧାରାଣୀଙ୍କ ଏହି ସଫଳତା ପାଇଁ ସରପଞ୍ଚ ଅନିତା ପୂର୍ତ୍ତୀ, ବରିଷ୍ଠ କର୍ମକର୍ତ୍ତା, ରାଉରକେଲା ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ତଥା ଏସିଆ କରାଟେ କୋଚ ଏବଂ ବିଚାରକ ସେନସାଇ ରାଜୀବ କୁମାର ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।



ରାଧାରାଣୀ କର।

# ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଗରଗଡ଼ବାହାଲ ଚାମ୍ପିୟନ

**ବଡ଼ଗାଁ,୧୧।୯( ଅଶୋକ ଷଡ଼ଙ୍ଗୀ)** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପାମରା ଗ୍ରାମରେ ସ୍ଥାନୀୟ ଜୟ ଜଗନ୍ନାଥ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଏସଏନ୍‌ଟି ଡୁମଲିଆ ଟିମ୍ ପତେଇମୁଣ୍ଡା ଟିମ୍‌କୁ ୫-୪ ଗୋଲ୍‌ରେ ହରାଇ ଫାଇନାଲକୁ ପ୍ରବେଶ କରିଥିବାବେଳେ ୨ୟ ସେମି ଫାଇନାଲ ମ୍ୟାଚରେ ଗରଗଡବାହାଲ ଟିମ୍, ଗେଡୁବାହାଲ ଟିମ୍‌କୁ ୧-୦ ଗୋଲ୍‌ରେ ହରାଇ ଫାଇନାଲକୁ ଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ଏସଏନ୍‌ଟି ଡୁମଲିଆକୁ ୧-୦ ଗୋଲରେ ହରାଇ ଗରଗଡବାହାଲ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଖ ସଭ୍ୟା ସୋନାଲି ହେସ୍, ଟଙ୍କଧର ଖିଲାରୀ, ଗ୍ରାମରକ୍ଷୀ ଟିକେଶ୍ୱର ଶୁନ୍ୟାନି, ବିଟୁ ନାୟକ, ସୋନୁ ଦାସ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହା ସହିତ ବେଷ୍ଟ ପ୍ଲେୟାରଭାବେ ଆକାଶ ଓରାମ, ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ନରେଶ ମାଝି ଓ ବେଷ୍ଟ ଗୋଲକିପର ଭାବେ ବିଘ୍ନେଶ୍ୱର କିଷାନଙ୍କୁ ପୁରସ୍କୃତ କରାଯାଇଥିଲା। ଭକ୍ତି ମୁଣ୍ଡ, ରବି ଯାତର୍ମା, ବିକ୍ରମ ସିଂହ ଖେଳ ପରିଚାଳନା କରିଥିବାବେଳେ ଆୟୋଜକ କମିଟିର କର୍ମକର୍ତ୍ତା ଅର୍ଜୁନ ମହାକୁଡ, ସଞ୍ଜୀବ କିଷାନ, ପ୍ରକାଶ ମାଝି, ସୁରଜ୍ ଲାକ୍ରା, ଜଗନ୍ନାଥ ମହାକୁଡ, ଗୌତମ ସୁନ୍ୟାନୀ, ରଞ୍ଜିତ ଲାକ୍ରା, ଜଗବନ୍ଧୁ ଲାକ୍ରା ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।




ଚାମ୍ପିୟନ ଟିମ୍‌କୁ ଅତିଥିମାନେ ଚେକ ଓ ଟ୍ରଫି ପ୍ରଦାନ କରୁଛନ୍ତି।

# ପବ୍ଲିକ ସ୍କୁଲରେ ସ୍ୱଚ୍ଛତା ପକ୍ଷ

**ସୁନ୍ଦରଗଡ,୧୧।୯ (ଜୟ ନାରାୟଣ ମେଣ୍ଡୁଲି)** ସୁନ୍ଦରଗଡ ପବ୍ଲିକ ସ୍କୁଲ ତରଫରୁ ଗତ୨ତାରିଖଠାରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ସ୍କାଉଟ ଓ ଗାଇଡ ପିଲାମାନେ ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ସ୍ୱଚ୍ଛତା ପାଇଁ ଶପଥ ପାଠ କରିଥିଲେ। ଅଳିଆ ଆବର୍ଜନା ଏଣେତେଣେ ନ ପକାଇବା ସହ ଏ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବେ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। ପ୍ରଥମେ ବିଦ୍ୟାଳୟ ପରିସର ସଫା କରି ଏହି ଅଭିଯାନ ଆରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା ଟ୍ରଷ୍ଟର ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସ୍କାଉଟ ଗାଇଡର ପିଲାମାନେ ସହରର ବିଭିନ୍ନ ସ୍ଥାନରେ ଏହି ସଫେଇ କାର୍ଯ୍ୟ କରି ଲୋକଙ୍କୁ ସଚେତନ କରୁଛନ୍ତି। ଏହା ଆସନ୍ତା ୨୫ ପର୍ଯ୍ୟନ୍ତ ଚାଲିବ।

# ଏକଦିବସୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**ଲହୁଣୀପଡ଼ା,୧୧।୯(ଦାଶରଥି ପଣ୍ଡା)** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଜୟ ଜଗନ୍ନାଥ କ୍ଲବ ତରଫରୁ ରବିବାର ଏକାଦଶ ତମ ଏକ ଦିବସୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣେଇଁ ରାଜା ବିର କିଶରୀ ଇନ୍ଦ୍ରଦେଓ ଦେ ଯୋଗଦେଇଥିଲେ। କ୍ଲବ କର୍ମକର୍ତ୍ତା ତଥା ଗ୍ରାମବାସୀ ମିଳିତଭାବେ ଲହୁଣୀପଡ଼ା ବସଷ୍ଟାଣ୍ଡ ଠାରୁ ରାଜାଙ୍କୁ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଶଶୀ ଭୂଷଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜୀବ କୁମାର ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବଣେଇଁ ରାଜା ଓ ସମ୍ମାନିତ ଅତିଥି ଅନିଲ ମାହାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ରାଜା ଧରଣୀଧର କ୍ଲବ ନରେନ୍ଦ୍ର ଓ ଚକାଡୋଳା କ୍ଲବ ବଡ଼ଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ରାଇକଳା କବାଡି ଦଳକୁ ପରାସ୍ତ କରି ଜକେଇକଳା କବାଡି ଦଳ ଚାମ୍ପିୟନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ରଞ୍ଜନ କୁମାର ମାହାନ୍ତ, ଶ୍ରୀକାନ୍ତ ମାହାନ୍ତ, ସାଧୁ ମାହାନ୍ତ, ମୋହିତ ମାହାନ୍ତ, ଲିପୁନ ମାହାନ୍ତ, ରାଜେଶ ମାହାନ୍ତ, ଗୁଲୁ ମାହାନ୍ତ, ମନୁ ରାୟ, ସୋମନାଥ ଦିଗାର ସମେତ କ୍ଲବ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କବାଡି ଖେଳରେ ଭାଗ ନେଇଥିବା ପ୍ରତିଯୋଗୀ।

# ସୁନ୍ଦରଗଡ଼ ମେଡିକାଲ କଲେଜ ପ୍ରଥମ ବିଧାୟକଙ୍କ ନାମରେ ନାମିତ ଦାବି

**କୁତ୍ରା,୧୧।୯(ଦେବାଶିଷ ସାହୁ)** ସୁନ୍ଦରଗଡଠାରେ ଏନ୍‌ଟିପିସି ପକ୍ଷରୁ ନିର୍ମାଣ ହୋଇଥିବା ମେଡିକାଲ କଲେଜକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇ ଏହାର ଉଦ୍‌ଘାଟନ କରାଯାଇଥିଲା। ହେଲେ ଏହାର କୌଣସି ନାମକରଣ ହୋଇ ନ ଥିଲା। ଏହାକୁ ସଦର ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ ସ୍ୱର୍ଗତ ଦ୍ୱାରିକାନାଥ କୁସୁମଙ୍କ ନାମରେ ନାମିତ କରିବାକୁ କୁତ୍ରା ବ୍ଲକ ଲକ୍ଷେ ଘର ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଦାବି ପତ୍ର ପ୍ରଦାନ ସମୟରେ ସଭାପତି ଦୟାନନ୍ଦ ଜୟପୁରିଆ, ସମ୍ପାଦକ ଭାସ୍କର ମହାନନ୍ଦିଆ, ସୁମିତ୍ରା ବାଦୀ, ଅର୍ଜୁନ ଜୟପୁରିଆ, ମୀନକେତନ ବାଦୀ, ଅମର ମଲୁଆ, ପିଙ୍କି ସୁନାନୀ, ମିଶ୍ର ଗନ୍ଧା, ଅଭିରାମ ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ।



ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

# ଭାଙ୍ଗିଲେ ଘର, ନଷ୍ଟକଲେ ଧାନ ଫସଲ

## ପୁଣି ଫେରିଲେ ୨ ଦନ୍ତା

**ଲହୁଣୀପଡ଼ା,୧୧।୯(ଦାଶରଥି ପଣ୍ଡା)** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ବଡ ପୁରୁଣାପଣି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସୋମବାର ପୁଣି ୨ ଦନ୍ତାହାତୀ ଫେରିଥିବା ଜଣାପଡିଛି। ପ୍ରାୟ ୫ଟି ଘର ଭାଙ୍ଗିବା ସହିତ ଅନେକ ଧାନ ଫସଲ ନଷ୍ଟ କରିଛନ୍ତି। ଉକ୍ତ ଅଞ୍ଚଳକୁ ୨ ଦନ୍ତା ବାରମ୍ବାର ଆସି ଘରଦ୍ୱାର ଭାଙ୍ଗିବା ସହିତ ବ୍ୟାପକ ଫସଲ ହାନି କରିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ଉପଯୁକ୍ତ ପଦକ୍ଷେପ ନ ନେଇ କେବଳ ସୀମାପାର ବ୍ୟବସ୍ଥା କରୁଥିବାରୁ ଲୋକେ ଅତିଷ୍ଠ ହୋଇ ପଡିଲେଣି। ସୋମବାର ହାତୀ ଆତଙ୍କରେ ଉତ୍ତେଜିତ ଲୋକେ ବନ ବିଭାଗ କର୍ମଚାରୀଙ୍କ ସହିତ ଧସ୍ତାଧସ୍ତି ହୋଇଥିବା ଜଣାପଡ଼ିଛି। ଅପରାହ୍ନ ପ୍ରାୟ୪ଟାରେ ଅଟେକୁଚା ଜଙ୍ଗଲ ପଟରୁ ୨ ଦନ୍ତା ଜୁନିଆନି ଗ୍ରାମରେ ପଶିଥିଲେ। ଏ ସମ୍ପର୍କରେ ଲୋକେ ବାଙ୍କୀ ରେଞ୍ଜ ଅଫିସକୁ ସୂଚନା ଦେଇଥିଲେ। ହେଲେ ଠିକ୍ ସମୟରେ ବନବିଭାଗ ନ ଆସିବାରୁ ହାତୀ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଥିଲେ। ଫଳରେ ଲୋକେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ବନବିଭାଗ କର୍ମଚାରୀ ଆସିବା ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ବନ ବିଭାଗ ତରଫରୁ ମାଡ଼ ମାରିଥିବା ଅଭିଯୋଗରେ କିଛି ଲୋକଙ୍କୁ ରେଞ୍ଜ ଅଫିସରେ ଅଟକ ରଖି ପଚରାଉଚରା କରାଯାଉଛି। ଏ ସଂକ୍ରାନ୍ତରେ ବାଙ୍କୀ ରେଞ୍ଜର ଅଜୟ କୁମାର ଖେସଙ୍କୁ ଯୋଗାଯୋଗ କରିବାରୁ, ହାତୀ ଆସିଥିବା ଖବର ଶୁଣି ବନ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସ୍ଥାନୀୟ ଲୋକେ ଆମର ଜଣେ କର୍ମୀଙ୍କୁ ମାରପିଟ କରିଛନ୍ତି। ତଦନ୍ତ ଚାଲିଛି। ସତ୍ୟାସତ୍ୟ ଜାଣିଲା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ହାତୀ ୨ଟି ରାଜାମୁଣ୍ଡା ବାଇପାସ ତାରିଣୀ ମନ୍ଦିର ଜଙ୍ଗଲ ଭିତରେ ରହିଥିବା ଜଣାପଡିଛି।



ହାତୀ ଭାଙ୍ଗିଥିବା ଘର।

**ଦେଶୀମଦ ଜବତ, ୨ଜଣ ଗିରଫ**

**ସମ୍ବଲପୁର,(ବି.ଶଙ୍କର):** ସମ୍ବଲପୁର ଅଇଁଠାପାଲି ଥାନା କଟରଧୁଆ ତଲିପଡ଼ାରେ ଅବକାରୀ କାର୍ଯ୍ୟାଳୟ ସଦର ରେଞ୍ଜ ପକ୍ଷରୁ ସୋମବାର ଚଢ଼ାଉ କରାଯାଇଥିଲା। ଏହି ସମୟରେ ବ୍ୟାପକ ଦେଶୀମଦ ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସାବିତ୍ରୀ ମୁଣ୍ଡା ଓ ମୋହନ ମୁଣ୍ଡା। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ କାର୍ଯ୍ୟାଳୟ ସଦର ରେଞ୍ଜ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ତଲିପଡାରେ ଚଢ଼ାଉ କରାଯାଇଥିଲା। ସାବିତ୍ରୀଙ୍କଠାରୁ ୩୦ ଲିଟର ଓ ମୋହନଙ୍କଠାରୁ ୩୫ ଲିଟର ଦେଶୀମଦ ଜବତ କରାଯାଇଥିବା ସୂଚନା ଦିଆଯାଇଛି।

## ଦୁର୍ଗାପାଲି ଆର୍‌ଓବି
# ସମୟ ଗଡୁଛି, ସରୁନି କାମ



ଦୁର୍ଗାପାଲିଠାରେ ନିର୍ମାଣାଧୀନ ବ୍ରିଜ୍।

**ସମ୍ବଲପୁର,୧୧।୯(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଦୁର୍ଗାପାଲି ରେଲୱେ ଫାଟକ ଉପରେ ବ୍ରିଜ୍ ନିର୍ମାଣ କାମ ପ୍ରାୟ ୪ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଧାର୍ଯ୍ୟ ସମୟ ବିତିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ସମ୍ବଲପୁର ସହରକୁ ଆସିବାକୁ ରିଙ୍ଗ୍‌ରୋଡ ଏକ ପ୍ରମୁଖ ରାସ୍ତା। ଏହି ରାସ୍ତା ଦେଇ ବୁର୍ଲା ମେଡିକାଲ ସହିତ ବୁର୍ଲାରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଯିବାଆସିବାରେ ସମସ୍ୟା ହେଉଛି। ପ୍ରତିଦିନ ଶତାଧିକ ଯାନବାହନ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଏହାଛଡା ସମ୍ବଲପୁରର ଅନେକ ଲୋକ ବୁର୍ଲା ଓ ହୀରାକୁଦ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ତେବେ ଦୁର୍ଗାପାଲିରେ ରେଲୱେ କ୍ରସିଂ ହେତୁ ଯାତ୍ରୀମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରେନ୍ ଯିବାଆସିବା ଯୋଗୁ ରେଳ ଫାଟକ ବନ୍ଦ ହୋଇଯାଏ। ପ୍ରତ୍ୟେକ ଥର ଟ୍ରେନ୍ ଗଲାବେଳେ ଗେଟ୍ ପ୍ରାୟ ୧୫ ମିନିଟ୍ ବନ୍ଦ ହୋଇଥାଏ ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ଦୁର୍ଗାପାଲିରେ ଥିବା ଲେଭଲ୍ କ୍ରସିଂ ଉପରେ ବ୍ରିଜ୍ କାର୍ଯ୍ୟକ୍ଷମ ହେବା ପରେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଦୁର୍ଗାପାଲି ରାସ୍ତା ସହରର ଲକ୍ଷ୍ମୀଡୁଙ୍ଗୁରି ଛକରେ ୫୩ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହି ବ୍ରିଜ ନିର୍ମାଣ ହୋଇଗଲେ ସହର ପ୍ରବେଶପଥରେ ଟ୍ରାଫିକ ସମସ୍ୟା ଦୂର ହୋଇଯିବ। ସୂଚନାଯୋଗ୍ୟ, ଦୁର୍ଗାପାଲି ବ୍ରିଜର ଲମ୍ବ ୯୪୭ ମିଟର ରହିଛି। ଏହି ପ୍ରକଳ୍ପ ଉଭୟ ରେଳବାଇ ଓ ପିଡବ୍ଲ୍ୟୁଡି ଦ୍ୱାରା କାର୍ଯ୍ୟକାରୀ ହେଉଛି। ପ୍ରକଳ୍ପ କାର୍ଯ୍ୟ ୨୦୧୯ରେ ଆରମ୍ଭ ହୋଇ ୨ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ରେଳବାଇ ଜମିରେ ରେଳ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲା। ରେଳବାଇ ଏହାର ଅଂଶ ପ୍ରାୟ ଶେଷ କରିସାରିଛି। ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ କୁହାଯାଇଛି, ବର୍ତ୍ତମାନ କାର୍ଯ୍ୟ ଜୋରସୋରରେ ଚାଲିଛି। ଚଳିତ ଅକ୍ଟୋବର ଶେଷ ସୁଦ୍ଧା ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା: ଗଡ଼ିଲା ୩ ଆମ୍ବୁଲାନ୍ସ



ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ।

**ସମ୍ବଲପୁର, ୧୧।୯(ଶୁଭାଶିଷ ପାଢ଼ୀ)**

ରାଜ୍ୟ ସରକାର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ପାଇଁ ସମ୍ବଲପୁର ଜିଲାକୁ ଯୋଗାଇ ଦେଇଥିବା ୩ ଗୋଟି ଆମ୍ବୁଲାନ୍ସ ସୋମବାର ଶୁଭାରମ୍ଭ ହୋଇଛି। ଏହି ଗାଡି ରେଙ୍ଗାଲି, ରେଢ଼ାଖୋଲ ଓ କୁଚିଣ୍ଡା ବ୍ଲକ ଅଞ୍ଚଳରେ ସେବା ଯୋଗାଇବ। ଯୋଜନା ଅନୁସାରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନଗୁଡିକ ଦ୍ୱାରମୁହଁରେ ପ୍ରାଣୀ ଚିକିତ୍ସା ସେବା ପହଞ୍ଚାଇବ। ପୂର୍ବରୁ ମୋବାଇଲ ଭେଟେରିନାରୀ ୟୁନିଟ କାମ କରୁଥିଲା। କିନ୍ତୁ ତାହା ଭଡ଼ାରେ ଆସୁଥିଲା। ଏବେ ରାଜ୍ୟ ସରକାର ନିଜସ୍ୱ ଗାଡି ବ୍ୟବସ୍ଥା କରିଛନ୍ତି। ଏହି ମୋବାଇଲ ଭେଟେରିନାରୀ ୟୁନିଟ ଉନ୍ନତମାନର ପ୍ରାଣୀ ଚିକିତ୍ସା ପ୍ରଦାନ କରିବ। ଏହା ସହିତ ୟୁନିଟରେ ଥିବା ବିଶେଷଜ୍ଞମାନେ ଚାଷୀମାନଙ୍କୁ ପରାମର୍ଶ ଦେବେ। ପ୍ରାଥମିକ ପ୍ରାଣୀ ଚିକିତ୍ସା, ଜଟିଳ ଅସ୍ତ୍ରୋପଚାର, ଟିକାକରଣ, ନିଦାନ ସେବା ସମେତ ଚାଷୀ ସଚେତନତା ଶିବିର ଆୟୋଜନ କରାଯିବ। ମୋବାଇଲ ଭେଟେରିନାରୀ ୟୁନିଟ ଖୋଲାରେ ବୁଲୁଥିବା ପ୍ରାଣୀଙ୍କୁ ମଧ୍ୟ ଜରୁରିକାଳୀନ ଚିକିତ୍ସାସେବା ଯୋଗାଇବ। ଏହି ଗାଡିଗୁଡ଼ିକର ଲୋକେଶନ ଜାଣିବା ପାଇଁ ଗ୍ଲୋବାଲ ପୋଜିସନିଂ ସିଷ୍ଟମ (ଜିପିଏସ୍) ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ, ୮ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮୧ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ ଯାନ ଉଦ୍‌ଘାଟନ କରିଥିଲେ। ୫-ଟି ନିୟମ ଅନୁସାରେ ଏହି ବ୍ୟବସ୍ଥାର ସ୍ୱଚ୍ଛତା ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶୁଭାରମ୍ଭ ଅବସରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ପର୍ଶୁରାମ ପଣ୍ଡା ଉପରୋକ୍ତ ବ୍ଲକର ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କୁ ଗାଡି ହସ୍ତାନ୍ତର କରିଥିଲେ। ପର୍ଯ୍ୟାୟକ୍ରମେ ଆହୁରି ଅଧିକ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ ଯାନ ଜିଲାକୁ ମିଳିବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଣ୍ଡା କହିଛନ୍ତି।

## ସଂକ୍ଷେପରେ

### ହୀରାକୁଦରେ ବିଶ୍ୱକର୍ମା ପୂଜା ଶୋଭାଯାତ୍ରାକୁ ଅନୁମତି ଦାବି

**ସମ୍ବଲପୁର,୧୧।୯(ବି.ଶଙ୍କର):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦଠାରେ ବିଶ୍ୱକର୍ମା ପୂଜା ଶୋଭାଯାତ୍ରାକୁ ଅନୁମତି ପ୍ରଦାନ ଦାବିରେ ସୋମବାର ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ, ଦୀର୍ଘବର୍ଷ ହେବ ହୀରାକୁଦ ସହରର ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ଶୋଭାଯାତ୍ରା ଯାକଜମକରେ ହୋଇଆସୁଛି । କିନ୍ତୁ ଚଳିତବର୍ଷ ପ୍ରଶାସନ ଅନୁମତି ଦେଇନାହିଁ।

### ବିଶ୍ୱକର୍ମା ପୂଜା କମିଟିର ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,୧୧।୯(ବି.ଶଙ୍କର):** କାଳିବାଡି ବିଶ୍ୱକର୍ମା ପୂଜା କମିଟି ପକ୍ଷରୁ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ କାଳିବାଡି ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଟିପିଡବ୍ଲ୍ୟୁଓଡିଏଲ୍ ସିଇଓ ଗଜାନନ କାଲେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କମ୍ପାନୀର ମୁଖ୍ୟ ବାଣିଜ୍ୟ ଅଧିକାରୀ ସୁନୀଲ କୁମାର ଶର୍ମା, ମୁଖ୍ୟ ଆର୍ଥିକ ପରିଚାଳନା ଅଧିକାରୀ ସତିଶ କୁମାର ସମ୍ମାନିତ ଅତିଥି ଥିଲେ। ପୂଜା କମିଟି ସମ୍ପାଦକ ପ୍ରଣୟ କୁମାର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ରାଜୀବ ରଞ୍ଜନ, ସଭାପତି ସୁରେଶ ପଣ୍ଡା, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ ଉପସ୍ଥିତ ଥିଲେ ।

### ଭାଜପାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



**କୁଚିଣ୍ଡା,୧୧।୯(ବିରଞ୍ଚି ଦର୍ବା):** ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଦେଶବ୍ୟାପୀ ଚାଲିଛି। ବୀର ଯବାନ ଓ ଶହୀଦଙ୍କ ମାଟିରେ ଦିଲ୍ଲୀ ଦରବାରରେ ନିର୍ମାଣ ହେବ ଅମୃତ ବାଟିକା। ତେଣୁ ଭାରତବର୍ଷର ପ୍ରତି ଗାଁରୁ ମାଟି ସଂଗ୍ରହ ହେଉଛି। ଏହି ଅବସରରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ୩ ବ୍ଲକ ଓ ଏନ୍‌ଏସିରୁ ମାଟି ସଂଗ୍ରହ କରାଯାଉଛି। ସୋମବାର ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କୁମାର କରଙ୍କ ନେତୃତ୍ୱରେ କୁଚିଣ୍ଡା ଏନ୍‌ଏସିର ୩ ଓ ୪ନଂ ୱାର୍ଡରୁ ମାଟି ସଂଗ୍ରହ କରାଯାଇଛି। ଅବସରପ୍ରାପ୍ତ ସେନା କର୍ମଚାରୀ ସୁକୁମାର କିଷାନଙ୍କ ଘରଠାରୁ ପ୍ରଥମେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅମୃତ କଳସ ରଥ ପ୍ରତି ଘର ବୁଲି ମାଟି ସଂଗ୍ରହ କରିଛି। ଘରର ମହିଳାମାନେ ଘର ସମ୍ମୁଖରେ କଳସ ସ୍ଥାପନ ପୂର୍ବକ ରଥକୁ ଭବ୍ୟ ସ୍ୱାଗତ କରି ମାଟି ଦେଇଛନ୍ତି।

### ନୂତନ ବିଡିଓଙ୍କ ଯୋଗଦାନ, ଅଭିଯୋଗ ଶୁଣାଣି

**କୁଚିଣ୍ଡା,୧୧।୯(ବିରଞ୍ଚି ଦର୍ବା):** ସୋମବାର କୁଚିଣ୍ଡା ବ୍ଲକରେ ଅରୁଗୁଲା ସ୍ନେହା (ଆଇଏଏସ୍) ନୂତନ ବିଡିଓ ଭାବେ ଯୋଗ ଦେଇଛନ୍ତି। ସେ ପ୍ରୋବେଶନ ଭାବେ ଦୁଇମାସ କାର୍ଯ୍ୟ କରିବେ। ଏଠାରେ ଅବସ୍ଥାପିତ ଥିବା ବିଡିଓ ନିରଞ୍ଜନ ସାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଡିଓ ସା ଏଠାରେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ଭାବେ କାର୍ଯ୍ୟ କରିବାକୁ ଅର୍ଡର ହୋଇଥିବା ଜଣାଯାଇଛି। ଅରୁଗୁଲା ସ୍ନେହା ବିଡିଓ ଭାବେ ଯୋଗଦାନ କରିବା ପରେ କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆସିଥିବା ମୋଟ ୮ ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ବିଡ଼ିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଅତିରିକ୍ତ ବିଡିଓ ସହଦେବ ନନ୍ଦଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର



**ରେଢ଼ାଖୋଲ,୧୧।୯ (ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ ବଂଶାଜାଲ ରେଞ୍ଜ ଅଧୀନ ପୋଡ଼ାବଲଣ୍ଡାଠାରେ ସୋମବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ତୋଳାଳି, କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ପନ୍ଥା ସ୍ଥିର କରାଯାଇଥିଲା। ସରକାର ତୋଳାଳିଙ୍କୁ ୨୫% ଓ କର୍ମଚାରୀଙ୍କୁ ୫% ପ୍ରତିଶତ ବୋନସ୍ ଘୋଷଣା କରିଛନ୍ତି। ବର୍ତ୍ତମାନ ସର୍ବନିମ୍ନ ମଜୁରି ସଂଶୋଧନ ଘୋଷଣା କରାଯିବା ଓ ସେହି ଅନୁସାରେ ସିଜନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକଙ୍କ ମଜୁରୀ ବୃଦ୍ଧି ପାଇଁ ଦାବି ହୋଇଥିଲା। କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଉପସ୍ଥିତ ରହି ଛାତ୍ର ବୃତ୍ତି, ମୃତ୍ୟୁକାଳୀନ ସହାୟତା, ତୋଳାଳି କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିରରେ ରାଜ୍ୟ ଉପସଭାପତି ବିନୋଦ ପ୍ରଧାନ, ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ନବ ମହାର, ସୁରେଶ ଚନ୍ଦ୍ର ସାହୁ, ଧିରେନ ସାହୁ, ତ୍ରିନାଥ ବିଶାଳ, ଉଗ୍ରସେନ ପ୍ରଧାନ, ନିରଞ୍ଜନ ଦେହୁରି, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଆକାଶ ଦେବତା, ସୁନିତା ସାମଲ, ସଂଯୁକ୍ତା ପ୍ରଧାନ, ସୁମିତ୍ରା ମାଝିପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଖେଳାଳିଙ୍କ ସ୍ମୃତିଚାରଣ

**ସମ୍ବଲପୁର,୧୧।୯(ବି.ଶଙ୍କର):** ପୁରୁଖା ଫୁଟ୍‌ବଲ ଖେଳାଳି ଭୀମସେନ ଛତରଙ୍କ ବିୟୋଗରେ ସମ୍ବଲପୁର ଫାଟକ ମର୍ଣ୍ଣିଂ କ୍ଲବ ପକ୍ଷରୁ ସଭା କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଭୀମସେନ ଶାସନ ନିକଟ ଷଡାସିଂଘା ଗ୍ରାମର ବାସିନ୍ଦା ଥିଲେ। ସେ ପିଲାଦିନରୁ ପାଠପଢ଼ା ସହ ଫୁଟ୍‌ବଲ ଖେଳ ପ୍ରତି ରୁଚି ରଖୁଥିଲେ। ଜଣେ ଭଲ ଫୁଟ୍‌ବଲ ଖେଳାଳି ଭାବେ ଜିଲା, ରାଜ୍ୟ ଓ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେବୋଲି ମତପ୍ରକାଶ ପାଇଥିଲା। ଅମ୍ବିକା ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ସୌରଭ ରାୟ, ଅକ୍ଷୟ ପ୍ରଧାନ, ରାଜକୁମାର ସାହା, ଲୋକନାଥ ପାଣ୍ଡେ, ସୁରେଶ ମହାପାତ୍ର ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

## ଶିକ୍ଷକଙ୍କ ଧାରଣାରେ ଜିଲା କଂଗ୍ରେସ ସଭାପତି



ୟୁଯୁମୁରା ବିଇଓ ଅଫିସରେ ଶିକ୍ଷକଙ୍କ ଧାରଣା ।

**ସମ୍ବଲପୁର,୧୧।୯ (ଶୁଭାଶିଷ ପାଢ଼ୀ):** ୟୁଯୁମୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବିରେ ସୋମବାର ୟୁଯୁମୁରା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଆହ୍ୱାନକ୍ରମେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକମାନେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଶିକ୍ଷା ସହାୟକ ସମୟକୁ ନିୟମିତ ଗଣନା କରି ତଦନୁସାରେ ବର୍ଦ୍ଧିତ ଟଙ୍କା ପ୍ରଦାନ, ଗଣଶିକ୍ଷକ, ଏକ୍ସ କ୍ୟାଡର ଶିକ୍ଷକ, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା, ସମସ୍ତ ବର୍ଗ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଆଦି ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲି ଖାନ ସାମିଲ ହୋଇଥିଲେ। ଶିକ୍ଷକ ସଂଘର ଚନ୍ଦ୍ରଶେଖର ସେଠ, ଅକ୍ଷୟ ସାଗର ବେହେରା, ମହେନ୍ଦ୍ର ବେହେରା, ଆଦିତ୍ୟ ପ୍ରଧାନ, ବିଜିଲା ମୁଣ୍ଡା, ସ୍ୱର୍ଣ୍ଣକାନ୍ତି ସାହୁ, ଦେବାନନ୍ଦ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆନ୍ଦୋଳନରେ ପ୍ରାଥମିକ ଶିକ୍ଷକ

**କୁଚିଣ୍ଡା,୧୧।୯(ବିରଞ୍ଚି ଦର୍ବା)**




ଧାରଣାରେ ବସିଥିବା ଶିକ୍ଷୟିତ୍ରୀଶିକ୍ଷକ।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆହ୍ୱାନ କ୍ରମେ କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ୩ଦଫା ଦାବିରେ ସୋମବାର କୁଚିଣ୍ଡା ବିଇଓ ଅଫିସ ସମ୍ମୁଖରେ ଧାରଣା ଆରମ୍ଭ କରିଛି। ବ୍ଲକ ସଭାପତି ପ୍ରଶାନ୍ତ କୁମାର ଦାଶଙ୍କ ନେତୃତ୍ୱରେ ସମସ୍ତ ବର୍ଗର ୧୭୫ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ୨୦୨୨ ନଭେମ୍ବର ୨୭ରେ ରାଜଧାନୀରେ ଆନ୍ଦୋଳନ କରାଯାଇଥିଲା। ତତ୍କାଳୀନ ମୁଖ୍ୟ ଶାସନ ସଚିବ ଶିକ୍ଷକ ନେତାଙ୍କ ସହ ଆଲୋଚନା କରି ପତ୍ର ସଂଖ୍ୟା-୧୦୯/୩୦।୧୧।୨୦୨୨ରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୯ମାସ ପରେ ମଧ୍ୟ ଶିକ୍ଷକଙ୍କ ଦାବି ପୂରଣ କ୍ଷେତ୍ରରେ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ତେଣୁ ବ୍ଲକ ଅଧୀନ ସମସ୍ତ ବର୍ଗର ଶିକ୍ଷୟିତ୍ରୀଶିକ୍ଷକ ସାମୂହିକ ଛୁଟି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶିକ୍ଷକଙ୍କ ଆନ୍ଦୋଳନ ଫଳରେ ସ୍କୁଲଗୁଡିକରେ ଶିକ୍ଷାଦାନ ବ୍ୟାହତ ହୋଇଛି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ବନ୍ଦ ନ ହେବା ପାଇଁ ଅନ୍ୟ ସ୍କୁଲରୁ ଶିକ୍ଷକ ବ୍ୟବସ୍ଥା କରାଯାଇଛି। ଶିକ୍ଷକ ସଂଘର ୩ଦଫା ଦାବି ମଧ୍ୟରେ ସରକାର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରି ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ, ସମସ୍ତ ବର୍ଗର ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ଏବଂ ନୂତନ ପେନ୍‌ସନ୍ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ ଆଦି ଅନ୍ତର୍ଭୁକ୍ତ। ଏହି ଆନ୍ଦୋଳନ ପରିଚାଳନାରେ ଜିଲା ସଭାପତି ଲଳିତ ମୋହନ ପୃଷେଠ, ପ୍ରକାଶ ପଟେଲ, ବାନେଶ୍ୱର ପଧାନ, ହରେଷ କୁମାର ପଟେଲ, ନବୀନ ସାହୁ, ଦୁଃଖବନ୍ଧୁ ସାହୁ, ଅନିଲ ପଟେଲ, ଯୋଗିନ୍ଦ୍ର ପଟେଲ, କଲ୍ୟାଣୀ ପଟେଲ, ହେଲେରୀ ଜେମସ ପ୍ରମୁଖ ସହଯୋଗ କରିଛନ୍ତି।

## ରେଙ୍ଗାଲିରେ ଶିକ୍ଷକଙ୍କ ଧାରଣା

**ରେଙ୍ଗାଲି,୧୧।୯ (ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ରେଙ୍ଗାଲି ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗଣଶିକ୍ଷା ବିଭାଗ ଅଧୀନରେ କାମ କରୁଥିବା କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା କରିବା, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ କରାଯାଉ, ସମସ୍ତ ବର୍ଗର ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ ଆଦି ଦାବି କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁସାରେ ସୋମବାର ସଂଘ ସମସ୍ତ କର୍ମକର୍ତ୍ତା ଜିଲା ଶିକ୍ଷାଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇ ଗଣଧାରଣାରେ ବସିଥିଲେ। ଦାବି ପୂରଣ ନ ହେଲେ ମଙ୍ଗଳବାରଠାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମୂହିକ ଛୁଟିରେ ଯାଇ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି।

## ଏସ୍‌ଏସ୍‌ବି ଅଧ୍ୟାପକଙ୍କ କଳାବ୍ୟାଜ୍ ପରିଧାନ

**ନାକଟିଦେଉଳ,୧୧।୯(ବୈକୁଣ୍ଠ ନାଥ ସାହୁ):** ଓଡ଼ିଶା ଷ୍ଟେଟ ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘ ଡାକରାରେ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସରୋଜ କୁମାର ଭୁଏ ଓ ଅଧ୍ୟାପିକା ବିନୀତା ମୁର୍ମୁ ଗୁରୁଦିବସ ଦିନଠାରୁ କଳାବ୍ୟାଜ୍ ପରିଧାନ କରି ଅଧ୍ୟାପନା କାର୍ଯ୍ୟ ତୁଲାଇ ଆସୁଛନ୍ତି। ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଷ୍ଟେଟ ସିଲେକ୍ସନ ବୋର୍ଡ ଅଧ୍ୟାପକ ଅଧ୍ୟାପିକାଙ୍କୁ ମିଳୁଥିବା ଗ୍ରେଡ୍ ପେ ୪,୬୦୦ ଟଙ୍କାରୁ ବୃଦ୍ଧି କରାଯାଇ ୫,୪୦୦ ଟଙ୍କା କରାଯିବା ସହ ଏହାକୁ ୨୦୧୬ରୁ ଲାଗୁକରିବା ପାଇଁ ଓଡିଶା ଷ୍ଟେଟ ସିଲେକ୍ସନ ବୋର୍ଡ ଅଧ୍ୟାପକ ସଂଘ ଦାବି କରିଛି। ବିଭିନ୍ନ ସମୟରେ ଏ ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନାହିଁ।

## ବିନୋବା ଭାବେ ଥିଲେ ଦେଶର ପ୍ରଥମ ସତ୍ୟାଗ୍ରହୀ



ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

**କୁଚିଣ୍ଡା/ଜମନକିରା,୧୧।୯(ବିରଞ୍ଚି ଦର୍ବା/ରବୀନ୍ଦ୍ର ଦାନି):** ଦେଶର ଭୂମି ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭୂଦାନ ଯଜ୍ଞର ପ୍ରବକ୍ତା ସାଜି ଇତିହାସ ସୃଷ୍ଟି କରିଛନ୍ତି ଭାରତରତ୍ନ ବିନୋବା ଭାବେ। ସେ ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହର ପ୍ରଥମ ସତ୍ୟାଗ୍ରହୀ ହେବା ସହ ଭାରତର ଜଣେ ସଚ୍ଚା ଗାନ୍ଧିବାଦୀ ଓ ଯୋଗୀ ପୁରୁଷ ଥିଲେ ବୋଲି ସୋମବାର ତାଙ୍କ ଜୟନ୍ତୀ ଉତ୍ସବରେ ବକ୍ତାଗଣ ମତ ପ୍ରକାଶ କରିଛନ୍ତି। ବାମରା ବ୍ଲକ ମହୁଲପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କିରଣ ପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ଉଦ୍ୟାନ ବିଭାଗ କର୍ମଚାରୀ ରବୀନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ଦେବା ସହ ବିନୋବା ଭାରତ ସହ ଜଗତର ଉନ୍ନତି କାମନା କରୁଥିବା ସୂଚନା ଦେଇଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷକ ମନୋଜ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ସ୍କୁଲ ଛାତ୍ରୀ ମଧୁସ୍ମିତା ନାୟକ, ଅର୍ପିତା ପରିଡ଼ା,ସଙ୍ଗୀତ ପ୍ରଧାନ, ହେମ ସାଗର ପୃଷେଠ, ଡୋଲେଶ୍ୱରୀ ସାହୁ, ଛାତ୍ର ଦଶରଥ ପୃଷେଠ, ସ୍ୱରୂପ ନାଏକ, ବିକାଶ ଖର୍ସେଲ, ଶୁଭମ ଗୌଡ଼, ଆୟୁଷ କୁମାର ସାହୁଙ୍କ ନେତୃତ୍ୱରେ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ଆଲୋକ ରଞ୍ଜନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଡିସିଙ୍କୁ ଭେଟିଲା ଓଏସ୍‌ଓୟୁ ବଞ୍ଚାଅ ଅଭିଯାନ

- ୭୨ ସଙ୍ଗଠନର ସମର୍ଥନ
- ବିଧାନସଭାରେ ଉଠାଇବି, କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇବି: ଜୟନାରାୟଣ

**ସମ୍ବଲପୁର,୧୧।୯(ଶୁଭାଶିଷ ପାଢ଼ୀ)**



ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ସଙ୍ଗଠନର କର୍ମକର୍ତ୍ତା।

ସମ୍ବଲପୁରଠାରେ ଚାଲିଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ବନ୍ଦ ହେବାକୁ ଯାଉଛି। ଏହା ବିରୋଧରେ ସ୍ୱର ଉଠାଇଛି ଓଏସ୍‌ଓୟୁ ବଞ୍ଚାଓ ଅଭିଯାନ। ଅଭିଯାନର ଏହି ଦାବିକୁ ସମର୍ଥନ ଜଣାଇ ଜିଲାର ୭୨ ସଙ୍ଗଠନ ସୋମବାର ସହରରେ ଏକାଠି ହୋଇଥିଲେ। ସେମାନେ ଆର୍‌ଡିସିଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି, ୨୦୧୫ରେ ସମ୍ବଲପୁରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଥିପାଇଁ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ ହୋଇଛି। ପ୍ରଥମ ବର୍ଷ ୨୨୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଏବେ ଏହି ସଂଖ୍ୟା ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ପ୍ରାୟ ୪୨ ହଜାରରୁ ଅଧିକ ଛାତ୍ରୀଛାତ୍ରୀ ଏଠାରୁ ପାସ୍ କରିସାରିଛନ୍ତି। କର୍ମଜୀବୀ, ଡ୍ରପ୍ ଆଉଟ୍ ପିଲା, ବିଚାରାଧୀନ କଏଦୀ, ଗ୍ରାମାଞ୍ଚଳ ପିଲାଙ୍କ ପାଠପଢା କ୍ଷେତ୍ରରେ ଓଏସ୍‌ଓୟୁ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ସାରା ରାଜ୍ୟରେ ଏହି ବିଶ୍ୱବିଦ୍ୟାଳୟ ଘରେ ଘରେ ପହଞ୍ଚି ପାରିଥିଲା। ତାହା ଏବେ ସମ୍ପୂର୍ଣ୍ଣ ବନ୍ଦହେବାକୁ ବସିଛି। ଅଧା ପାଠ୍ୟକ୍ରମ ସାଙ୍ଗକୁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହୋଇଯାଇଛି। ମହାନଗର ନିଗମ ଅଧୀନ ଗୋଶାଳା ବସନ୍ତପୁରଠାରେ ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣାଧୀନ ରହିଛି। ଶିକ୍ଷକ, ଅଣଶିକ୍ଷକ ଅଭାବ ଓ ନିଜସ୍ୱ ଘର ନ ଥିବାରୁ ଏହା ନାକ୍ ସ୍ୱୀକୃତି ହରାଇଥିଲା। ନାକ୍ ଅନୁମତି ନ ଥିବାରୁ ୟୁଜିସି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଲା ନାହିଁ। ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରିନାହାନ୍ତି। ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ସହ କିଭଳି ୟୁଜିସି ମାନ୍ୟତା ମିଳିବ ସେ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ। ଓଏସ୍‌ଓୟୁ ବଞ୍ଚାଓ ଅଭିଯାନର ମହେନ୍ଦ୍ର ମିଶ୍ର, ପରବେଜ ଅଲ୍ଲିଖାନ, ସୁଧୀର ବହିଦାରଙ୍କ ସମେତ ବିଭିନ୍ନ ସଙ୍ଗଠନର ପଣ୍ଡିତ ସଦାନନ୍ଦ ପଣ୍ଡା, ସସ୍ମିତା ଦେହୁରି, ବବଲୁ ବାଗ, ହରିହର ମହାନନ୍ଦ, ବିଦ୍ୟାଧର ସୁନା, ଚନ୍ଦନ ପ୍ରଧାନ, ଦିଲୀପ ବୋଷ, ତୃପ୍ତିମୟୀ ପଣ୍ଡା, ବିପିନ ଗଡନାୟକ, ପ୍ରଦୀପ ସୁପକାର, ଅନ୍ନପୂର୍ଣ୍ଣା ବାରିକ, ଲଳିତ ବେବର୍ତ୍ତା, କମଳଲୋଚନ ପଣ୍ଡା, ମହମ୍ମଦ ଫାରୁକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ନେତା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ବିଧାନସଭାରେ ସେ ଏହି ପ୍ରସଙ୍ଗ ଉଠାଇବେ। ପଶ୍ଚିମ ଓଡ଼ିଶା ବିଶେଷ କରି ସମ୍ବଲପୁରବାସୀଙ୍କୁ ରାଜ୍ୟ ସରକାର ସବୁବେଳେ ଉପେକ୍ଷା କରିଚାଲିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ସେପ୍ଟେମ୍ବର, ୨୦୨୩



### କାର ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ପୁରୁଣାକଟକ,(ସୁକାନ୍ତ ପଟ୍ଟନାୟକ): ବୌଦ୍ଧ ଜିଲା ପୁରୁଣାକଟକ ଥାନା ଚାରିଛକ ତହସିଲ ଅଫିସ ସମ୍ମୁଖରେ କାର ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆରୋହୀ ଜଣକ ନୟାଗଡ଼ ଜିଲା କ୍ରୀଡାଦାସପୁର ଗ୍ରାମର ରବିନାରାୟଣ ମହାପାତ୍ର। ତାଙ୍କୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସେ ବାଇକ୍ ନଂ.ଓଡି ୨୫ଏଲ ୭୩୨୬ରେ ଯାଉଥିବାବେଳେ ଏକ କାର ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ରବିନାରାୟଣ ଏକ ଫାଇନାନ୍ସ କମ୍ପାନୀରେ କର୍ମଚାରୀ ଥିବା ଜଣାପଡିଛି।

# ରାସ୍ତା ନାହିଁ: ନାଳ ପାର୍ ହେଉଛନ୍ତି ଗ୍ରାମବାସୀ



ନାଳକୁ ପାର ହେଉଛନ୍ତି ଛାତ୍ରୀଛାତ୍ର ଓ ଗ୍ରାମବାସୀ।

**ଘଣ୍ଟାପଡ଼ା, ୧୧।୯(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତର ନାଦେନ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ରାସ୍ତା ଖରାପ ଯୋଗୁ ବର୍ଷା ଦିନେ ଲୋକଙ୍କ ସମସ୍ୟା ଦିଗୁଣିତ ହୋଇଯାଏ। ଏହି ଗାଁକୁ ଯାଇଥିବା ରାସ୍ତା ଉପରେ ପଞ୍ଚାୟତର ୮ଟି ଗ୍ରାମ ସମାଡାଙ୍କି, ଡୁଡିବାହାଲ, ଲୁଣ୍ଡୁରୁ, ସେରକାମୁରା, ଗଣ୍ଡାରାସୁର, କୁମ୍ଭେଖେତା, କାମୁଠାନ ଓ ଅନୁଗୁଭାର ଲୋକେ ପ୍ରତିଦିନ ଯାତାୟାତ କରିଥାନ୍ତି। କିନ୍ତୁ ରାସ୍ତା ଅବସ୍ଥା ଅତି ବେହାଲ ହୋଇ ପଡିଥିବାବେଳେ ସ୍ଥାନେ ସ୍ଥାନେ ବଡ଼ବଡ଼ ନାଳ ମଧ୍ୟ ରହିଛି। ଫଳରେ ଟିକିଏ ବର୍ଷାରେ ଲୋକେ ଜଳବନ୍ଦୀ ଜୀବନ କାଟୁଛନ୍ତି। ଏପଟେ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ନାଦେନ ଗ୍ରାମକୁ ପାଠପଢିବାକୁ ଆସୁଥିବାବେଳେ ସେମାନେ ଆଣ୍ଠୁଏ ପାଣିରେ ଆସି ବହୁ ଅସୁବିଧା ଭୋଗୁଥିବା କହିଛନ୍ତି ଛାତ୍ରୀଛାତ୍ର। ଉକ୍ତ ରାସ୍ତା ବନବିଭାଗ ଅଧୀନରେ ଥିବାବେଳେ ବିଭାଗ ପକ୍ଷରୁ ନାଳ ଉପରେ ପୋଲ ନିର୍ମାଣ କରାଯାଉନାହିଁ। ଫଳରେ ଲୋକେ ଯାତାୟାତ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ଛାତ୍ରୀଛାତ୍ର ନାଳ ପାରିହୋଇ ପଢିବାକୁ ଯାଇଥାନ୍ତି। ବର୍ଷା ହେଲେ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ଅସୁବିଧା ହୁଏ। ଏପରିକି ଭରା ନାଳରେ ପାରିହୋଇ ବିପଦପୂର୍ଣ୍ଣ ଭାବରେ ପାଠ ପଢିବାକୁ ଯାଇଥାନ୍ତି। ଗ୍ରାମର ଲୋକଙ୍କୁ ସାମାନ୍ୟ ଜ୍ୱର ହେଲେ ମଧ୍ୟ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ଫଳରେ ଗ୍ରାମବାସୀ ରୋଗୀଙ୍କୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିବାକୁ ବାଧ୍ୟ ହେଉଛନ୍ତି। ନିର୍ବାଚନ ଆସିଲେ ଗାଁକୁ ଆସି ନେତାମାନେ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇ ଚାଲିଯାଉଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ମଧ୍ୟ ପୂରଣ ହୋଇପାରିଲା ନାହିଁ। ଗ୍ରାମବାସୀ ପଞ୍ଚାୟତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ବି କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଶେଷରେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ କଡ଼ା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କଣ୍ଟାମାଳ ରେଞ୍ଜର କ୍ଷୀରାବ୍ଧି ପ୍ରଧାନଙ୍କୁ ପଚାରିବାରୁ ଉକ୍ତ ରାସ୍ତା ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ। ଏଲଟମେଣ୍ଟ ଆସିଲେ କାମ ହେବ।

## ବିନା ସୂଚନାରେ ରାଜ୍ୟ ବକ୍ସିଂ ସଂଘ ନିର୍ବାଚନ

**ଅମରପାଲି, ୧୧।୯(ପୀତାମ୍ବର ସାହୁ)**

### ଅଭିଯୋଗ ଭିତ୍ତିହୀନ: ରାଜ୍ୟ ସଂଘ ସମ୍ପାଦକ

ରାଜ୍ୟ ବକ୍ସିଂ ସଂଘ ଅନୁବନ୍ଧିତ ସଂଘମାନଙ୍କୁ କୌଣସି ପୂର୍ବ ସୂଚନା ନ ଦେଇ ନିର୍ବାଚନ କରିବା ଯୋଜନାକୁ ବିଭିନ୍ନ ଜିଲାର କ୍ରୀଡା ସଙ୍ଗଠକ ବିରୋଧ କରିଛନ୍ତି। ସୁବର୍ଣ୍ଣପୁର ଜିଲା କ୍ରୀଡା ସଙ୍ଗଠକ ବ୍ରଜଗୋପାଳ ପଣ୍ଡା ଏ ନେଇ ସାମ୍ବାଦିକମାନଙ୍କୁ ସୂଚନା ଦେବା ସହ ରାଜ୍ୟ ବକ୍ସିଂ ସଂଘ, ଓଡିଶା ଅଲମ୍ପିକ ଆସୋସିଏଶନ, ରାଜ୍ୟ କ୍ରୀଡା ବିଭାଗକୁ ଅଭିଯୋଗ କରିଛନ୍ତି। ଉକ୍ତ ନିର୍ବାଚନ ଚଳିତ ମାସ ୧୭ ତାରିଖରେ ହେବ। ନିର୍ବାଚନ ହେବା ନେଇ କୌଣସି ସୂଚନା ଜିଲାକୁ ଦିଆଯାଇନାହିଁ। ତେଣୁ ଉକ୍ତ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିବା ସହିତ ଏହାକୁ ବନ୍ଦ କରିବାକୁ ଦାବି କରିଛନ୍ତି କ୍ରୀଡ଼ା ସଙ୍ଗଠକ ପଣ୍ଡା। ସାତ ଦିନ ମଧ୍ୟରେ ଯଦି ଉକ୍ତ ନିର୍ବାଚନ ପ୍ରକ୍ରିୟା ବନ୍ଦ କରା ନ ଯାଏ ତେବେ କୋର୍ଟର ଆଶ୍ରୟ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାମତେ ରାଜ୍ୟ ଆମେଚର ବକ୍ସିଂ ଆସୋସିଏଶନର ମନମାନି ଯୋଗୁ ସଂଘ ସହିତ ଅନ୍ୟ ଜିଲା ସଂଘଗୁଡିକ ଅନୁବନ୍ଧିତ ହୋଇପାରୁନାହିଁ। ଏନେଇ ଆବେଦନ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ସେପଟେ ରାଜ୍ୟ ସଂଘ ମନଇଚ୍ଛା ନିର୍ବାଚନ କରି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିବା ସହ ଅନ୍ୟ ବକ୍ସିଂ ଖେଳାଳିଙ୍କ ଅଧିକାର କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି କି ରାଜ୍ୟ ଆମେଚର ବକ୍ସିଂ ସଂଘ କେତେକ ଜିଲାକୁ ମିଥ୍ୟା ଅନୁବନ୍ଧିତ କରିଛି। ଏହି ଅସଙ୍ଗତିକୁ ସୁଧାରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ କରିବାକୁ ସେ ଅନୁରୋଧ କରିଛନ୍ତି। ଏନେଇ ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ ସମ୍ପାଦକ ଅନିଲ ବହିଦାରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି।

## ସରକାରୀ ଜମି ଜବରଦଖଲ ଉଚ୍ଛେଦ ନେଇ ଦାବିପତ୍ର


ତରଭା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରୁଛନ୍ତି ଗ୍ରାମବାସୀ।

**ତରଭା, ୧୧।୯(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସରଗଜ ଗ୍ରାମପଞ୍ଚାୟତ ଜୁରାବନ୍ଧ ଗ୍ରାମର ଏକ ଖେଳପଡିଆରେ ପିଲାମାନେ ଦୀର୍ଘ ଦିନରୁ ଖେଳକୁଦ କରି ଆସୁଥିଲେ। କିନ୍ତୁ ଗ୍ରାମବାସୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଉକ୍ତ ପ୍ଲଟଗୁଡିକୁ ଡିମାରକେସନ କରାଯାଉନି ଯାହାକି ସରକାରୀ ଜମି ଅଟେ। ଉକ୍ତ ସରକାରୀ ଜାଗାରେ ଥିବା ଖେଳ ପଡିଆକୁ ଉକ୍ତ ଗ୍ରାମର ଜନୈକ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଛି। ଫଳରେ ସୋମବାର ଜୁରାବନ୍ଧ ଗ୍ରାମର ବହୁ ବ୍ୟକ୍ତି ତରଭା ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଖେଳ ପଡିଆକୁ ଜବରଦଖଲ କରିବା ସହିତ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ପୁରୁଷ ଏବଂ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଧମକ ଦେଉଛନ୍ତି। ଏହା ଫଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ପୁଣି ଥରେ ଲିଖିତ ଅଭିଯୋଗ କରୁଛୁ ବୋଲି ଉକ୍ତ ଅଭିଯୋଗ ଦରଖାସ୍ତରେ ମଧ୍ୟ ଉଲ୍ଲେଖ କରାଯାଇଛି। ଶେଷରେ ବାଧହୋଇ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଧାନଙ୍କୁ ପଚାରିବାରୁ ଆମେ ଉକ୍ତ ପ୍ଲଟର ଡିମାରକେସନ କରି ରେକର୍ଡ ଯାଞ୍ଚ କରିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଗ୍ରାମବାସୀ ତହସିଲଦାରଙ୍କୁ ଭେଟିବା ପରେ ତରଭା ଥାନା ଆଇଆଇସି ଅନିତା କିଣ୍ଡୋଙ୍କୁ ମଧ୍ୟ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ପୂର୍ବତନ ସରପଞ୍ଚ ତଥା ଚୁଡାଖାଇ ଉନ୍ନୟନ କମିଟି ସଭାପତି ଦଶରଥ ସାହୁ, ସମିତି ସଭ୍ୟ ହେମନ୍ତ ସୁନା, ପବିତ୍ରମୋହନ ମିଶ୍ର (ଗାମା )ହୃଷିକେଶ ବୁଦ୍ଧିଆ, ଲାଲ ପ୍ରଧାନ, ଭକ୍ତ ସା, ସୁଦର୍ଶନ କଳତା, ଅଲେଖ କଳତା, ବୁଦ୍ଧଦେବ ପଧାନ, ଡାକ୍ତର କଳତା ,ସନ୍ତୋଷ ଗୁରହାଣ୍ଡି, ଭିକ ଗୁରୁ, ରାଧେ ଚନ୍ଦନ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଥିଲେ।

## ସଂକ୍ଷେପରେ

### ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ସାଇକେଲ ଚୋରି

**ଡୁଙ୍ଗୁରିପାଲି, ୧୧।୯(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ସୋମବାର ଅପରାହ୍ନ ୩ଟାରେ ଜଣେ ବ୍ୟକ୍ତିଙ୍କ ସାଇକେଲ ଚୋରି ହୋଇଥିବା ଜଣାପଡିଛି। ସୂଚନା ମତେ କର୍ଲାପୁରୀ ଗ୍ରାମର ରାଧେଶ୍ୟାମ ଦଳାଇ କିଛି କାମ ପାଇଁ ବ୍ୟାଙ୍କକୁ ଆସିଥିଲେ। ସାଇକେଲକୁ ବ୍ୟାଙ୍କ ସମ୍ମୁଖରେ ରଖି ଭିତରକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଜଣେ ବ୍ୟକ୍ତି ସେଠାରୁ ସାଇକେଲ ନେଇ ପଳାଇ ଯାଇଥିଲେ। ବ୍ୟାଙ୍କରେ ଡୁଙ୍ଗୁରିପାଲି ଥାନା ପକ୍ଷରୁ ପ୍ରତିଦିନ ହୋମଗାର୍ଡ ସୁରକ୍ଷା ପାଇଁ ଦିଆଯାଇଥାଏ। ହେଲେ ସାଇକେଲ ଚୋରିବେଳେ ଉକ୍ତ ସ୍ଥାନରେ ସୁରକ୍ଷା ଦାୟିତ୍ୱ କାହାରି ଦେଖା ନ ଥିଲା। ଫଳରେ ସାଇକେଲ ଚୋରି ହେବା ସହଜ ହେଲା।

### ଗଞ୍ଜେଇ ମାମଲାରେ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ୧୧।୯(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଦୌରାଜଜ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ସୋମବାର ଏକ ଗଞ୍ଜେଇ ମାମଲାର ବିଚାରକରି ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ତତ୍କାଳିନ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନି କହଁର ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ ବିପୁଳ ପରିମାଣର ଗଞ୍ଜେଇ ବହଳପଡା (ଗୁରୁଜୀମୁଣ୍ଡା) ଗ୍ରାମର ଭାଗିରଥି କହଁରଙ୍କ ଘରେ ଗଚ୍ଛିତ ଅଛି। ଏନେଇ ଗତ ୯।୪।୨୧ରେ ଥାନା ଅଧିକାରୀ ତପସ୍ୱିନି କହଁର ଓ ଅନ୍ୟ ପୋଲିସ କର୍ମଚାରୀ ସନ୍ଧ୍ୟା ସମୟରେ ବହଳପଡା (ଗୁରୁଜୀମୁଣ୍ଡା) ଗ୍ରାମରେ ପହଞ୍ଚି ଅଭିଯୁକ୍ତ ଭାଗିରଥି କହଁର (୩୩)ଙ୍କ ଘରେ ଚଢାଉ କରିଥିଲେ। ଚଢାଉ ସମୟରେ ଅଭିଯୁକ୍ତ ଭାଗିରଥି ଓ ଗ୍ରାମର ମଧୁସୁର କହଁର (୩୭) ଗଞ୍ଜେଇ ଗୁଡିକ ଜରି ବସ୍ତାଗୁଡିକରେ ଭର୍ତ୍ତି କରୁଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ପୋଲିସ ୫ଗୋଟି ଜରିବସ୍ତାରୁ ୧୦୦ କେଜି ଗଞ୍ଜେଇ ଜବତ କରିଥିଲା। ଏନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୧୦୧/୨୧) ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ ସହ ମାମଲାକୁ ବିଚାର ପାଇଁ କୋର୍ଟକୁ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ନଂ ୨୦/୨୧ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଦାଲତ ଦୁଇ ଅଭିଯୁକ୍ତ ଭାଗିରଥି କହଁର ଓ ମଧୁସୁର କହଁରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ଭାଗିରଥି କହଁର ପକ୍ଷରୁ ଆଇନଜୀବୀ ଅଶୋକ କୁମାର ମିଶ୍ର ଓ ଅମ୍ରିତ ପ୍ରଧାନ ଓ ଅଭିଯୁକ୍ତ ମଧୁସୁର କହଁରଙ୍କ ପକ୍ଷରୁ ଆଇନଜୀବୀ ରାଜୀବ କୁମାର ଦଲାଲ ମାମଲା ପରିଚାଳନା କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ଗଣଧାରଣା


ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

**ବିନିକା, ୧୧।୯(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ସୋମବାର ସକାଳ ୯ ରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ବିଭିନ୍ନ ନାରାବାଜି ଦେଇଥିବା ଦେଖାଦେଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଂଘର ତିନିଗୋଟି ଦାବିକୁ ନେଇ ପୂର୍ବରୁ ମଧ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଦାବିଗୁଡ଼ିକ ହେଲା ପ୍ରାଥମିକ ଶିକ୍ଷାରୁ ରୁ ଠିକା ପ୍ରଥା ଉଚ୍ଛେଦ କରି ନିୟମିତ ଭାବରେ ଶିକ୍ଷକ ନିଯୁକ୍ତି କରିବା, ଶିକ୍ଷା ସହାୟକ ହିସାବରେ ଛଅ ଓ ଆଠ ବର୍ଷର କାର୍ଯ୍ୟକାଳକୁ ଚାକିରୀରେ ଗଣନା କରି ଉଚିତ ପ୍ରାପ୍ୟ ଦେବା ଏବଂ ପୁରୁଣା ପେନସନ ଉଚ୍ଛେଦ କରିବା ସଙ୍ଗେ ସଙ୍ଗେ କଳା କ୍ରୀଡ଼ା ଅନ୍ୟାନ୍ୟ ଖେଳ ଶିକ୍ଷକମାନଙ୍କୁ ନିୟମିତ କରିବା। ଯେତେ ଦିନ ପର୍ଯ୍ୟନ୍ତ ଦାବିପୂରଣ ନ ହୋଇଛି ସେତେ ଦିନ ପର୍ଯ୍ୟନ୍ତ ଗଣଧାରଣା ଚାଲୁରହିବ ବୋଲି ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି କହିଛନ୍ତି। ଅନ୍ୟପଟେ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି ଶିକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପାଇଥିବା ଦାବିପତ୍ରକୁ ଉଚ୍ଚ ଅଧିକାରୀଙ୍କୁ ଜଣାଇବି।

## ଆଇଟିସି ଲାବରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଡ୍ରାଇଭର ଫିଲ୍ମ ଦେଖୁଥିବା ଭିଡିଓ ଭାଇରାଲ

**ଅମରପାଲି, ୧୧।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ୫-ଟି ହାଇସ୍କୁଲର ଆଇଟିସି ଲ୍ୟାବରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଡ୍ରାଇଭର ଫିଲ୍ମ ଦେଖୁଥିବାର ଭିଡିଓ ଭାଇରାଲ ହୋଇଛି। ସରକାର ହାଇସ୍କୁଲ ଗୁଡିକୁ ୫-ଟିରେ ରୂପାନ୍ତରଣ କରି ଉନ୍ନତ ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା କରୁଛନ୍ତି। ମାତ୍ର ଏହି ସ୍କୁଲର ଭିଡିଓ ଭାଇରାଲ ପରେ ସ୍କୁଲମାନଙ୍କର ଅସଲ ଚିତ୍ର ଲୋକଲୋଚନକୁ ଆସିଛି। ଆଇଟିସି ଲ୍ୟାବରେ ସ୍କୁଲ ପିଲାଙ୍କ କମ୍ପ୍ୟୁଟର କ୍ଲାସ କରିବା ସହିତ କମ୍ପ୍ୟୁଟର ପ୍ରାକଟିକାଲ କରିଥାନ୍ତି। ମାତ୍ର ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଡ୍ରାଇଭର ଉକ୍ତ ଲ୍ୟାବରେ ଥିବା କମ୍ପ୍ୟୁଟରରେ ଫିଲ୍ମ ଦେଖୁଥିବା ଭିଡିଓ ଭାଇରାଲ ପରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କୁ ପଚାରିବାରୁ ଭିଡିଓଟି ପ୍ରାୟ ତିନି ବର୍ଷ ପୂର୍ବର ବୋଲି କହିବା ସହିତ ଲ୍ୟାବରେ ଡ୍ରାଇଭର ନାଁ ଆଉ କିଏ ଜାଣି ନାହିଁ ବୋଲି ପ୍ରକାଶ କରିଛନ୍ତି। ସୁବଳୟା ଅଞ୍ଚଳରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବାରମ୍ବାର ଏଭଳି ଘଟୁଛି।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଗଣଧାରଣା

**ସୋନପୁର, ୧୧।୯(ମୃତ୍ୟୁଞ୍ଜୟ ଶତପଥୀ)**

### କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ଦାବି

ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସୋନପୁର ବ୍ଲକ ଶାଖା ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦିଆ ଯାଇଥିଲା। ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରିବା, ୬ଟି ଜାତୀୟ ଇନକ୍ରିମେଣ୍ଟ ପ୍ରଦାନ କରିବା ଏକ୍ସ କ୍ୟାଡର, କଳା ଓ କ୍ରୀଡା ଶିକ୍ଷକ ମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ ଏବଂ ନୂତନ ପେନସନ ଉଚ୍ଛେଦ କରି ପୁରୁଣା ପେନସନ ପ୍ରଦାନ କରିବା ଦାବିରେ ଏହି ଆନ୍ଦୋଳନ କରା ଯାଇଥିଲା। ରାଜ୍ୟ ସରକାର ଦାବି ପୂରଣ ନ କଲେ ଆନ୍ଦୋଳନ ଜାରି ରହିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ଜିଲା ସଭାପତି ଦିଲ୍ଲୀପ କୁମାର ମିଶ୍ର, ସୋନପୁର ବ୍ଲକ ସଭାପତି ଉମାକାନ୍ତ ମିଶ୍ର, ହରିହର ସା, କନିଷ୍ଠ ଶିକ୍ଷକ ସଂଘ ସଭାପତି ସମୀର ପଣ୍ଡା, ଚୌଧୁରୀ ବିଭାର, କକଶ୍ୟାମ ସୁନ୍ଦର ସାହୁ, ରୀତା ବହିଦାର, ମୈଥିଳି ଦାଶ, ବ୍ରତାନନ୍ଦ ଭୋଇ, ସୁଜାତା ମହାନ୍ତି ଓ ରଶ୍ମି ଦାଶ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଭାଜପା ଯୁବ ନେତା ଓମ୍‌ପ୍ରସାଦ ମିଶ୍ର, ଅମଲା ସଂଘର ପ୍ରାକ୍ତନ ରାଜ୍ୟ ସଭାପତି ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ଶିକ୍ଷକ ନେତା ପ୍ରଦୀପ ପୁରୋହିତ ଆନ୍ଦୋଳନ ସ୍ଥଳରେ ନିଜର ବକ୍ତବ୍ୟ ପ୍ରଦାନ କରି ଶିକ୍ଷକ ସଂଘର ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଥିଲେ ।



ସୋନପୁର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ଗଣଧାରଣାରେ ବସିଛନ୍ତି ।

## ପିକ୍‌ଅପ ଭ୍ୟାନ୍‌ରେ ଗଞ୍ଜେଇ ଚାଲାଣ: ୩ ଗିରଫ



ଏସ୍‌ପି ଅମରେଶ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି(ବାମ), ଜବତ ଗଞ୍ଜେଇ, ପିକ୍‌ଅପ ଭ୍ୟାନ୍ ଓ ବାଇକ।

**ସୋନପୁର, ୧୧।୯(ମୃତ୍ୟୁଞ୍ଜୟ ଶତପଥୀ)**

### ୧ କୁଇଣ୍ଟାଲ ଗଞ୍ଜେଇ, ପିକ୍‌ଅପ ଭ୍ୟାନ, ବାଇକ୍, ୨ ମୋବାଇଲ ଜବତ

ସୋନପୁର ଟାଉନ ପୋଲିସ ସହରର କୁଞ୍ଜ ଛକ ନିକଟରେ ସୋମବାର ଚଢାଉ କରି ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଗୋଇନ୍ଦା ସୂତ୍ରରୁ ଖବରପାଇ ପୋଲିସ କୁଞ୍ଜ ଛକ ନିକଟରେ ଯାନବାହାନ ତନଖି କରୁଥିଲା। ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା ବାଇକ୍ ନଂ. ଓଡି୨୭ବି-୮୪୬୩ ର ଆରୋହିଙ୍କୁ ସନ୍ଦେହରେ ପୋଲିସ ଟିମ୍ ଅଟକାଇ ଥିଲେ। ପଚରାଉଚୁରା ସମୟରେ ଦୁହେଁ ଗଞ୍ଜେଇ ଚାଲାଣ କରୁଥିବା ପିକ୍‌ଅପ ଭ୍ୟାନ୍‌କୁ ପାଇଲଟିଂ କରି ଆଗରେ ଯାଉଥିଲେ ଓ ଅଳ୍ପ ସମୟ ଭିତରେ ଭ୍ୟାନ୍ ଆସିବ ବୋଲି କହିଥିଲେ। ଏହି ଘଟଣାରେ ପୋଲିସ ବାଇକ୍‌ରେ ଥିବା କନ୍ଧମାଳ ଜିଲା ଗୋଛାପଡା ଥାନା ନେଦିପଦର ଅଞ୍ଚଳର ସୁମନ୍ତ ରଣା(୨୪) ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ତିଳପଙ୍ଗା ଗ୍ରାମର ଅଙ୍ଗଦ ରଣା(୩୭)ଙ୍କୁ ଅଟକ ରଖିଥିଲେ। ସୁମନ୍ତ ଓ ଅଙ୍ଗଦଙ୍କ ମୋବାଇଲକୁ ଜବତ କରି ପୋଲିସ ଟିମ୍ ଗଞ୍ଜେଇ ବୋଝେଇ ପିକ୍‌ଅପ୍‌କୁ ଅପେକ୍ଷା କରିଥିଲେ। ଅଳ୍ପ କିଛି ମିନିଟ୍ ମଧ୍ୟରେ ମନମୁଣ୍ଡା ପଟୁ ସମ୍ବଲପୁର ଅଭିମୁଖେ ଏକ ପିକ୍‌ଅପ ଭ୍ୟାନ ନଂ. ଓଡି୧୫ସି-୩୪୯୨ ଆସିଥିଲା। ପୋଲିସ ଭ୍ୟାନ୍‌କୁ ଅଟକ ରଖି ତନଖି କରିବା ପରେ ୪ଟି ଜରି ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜଣାପଡିଥିଲା। ଓଜନ ପରେ ୧୦୧କିଲୋ ୬୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଗଞ୍ଜେଇ ବ୍ୟବସାୟୀ ସୁମନ୍ତ, ଅଙ୍ଗଦ ଓ ପିକ୍‌ଅପ ଭ୍ୟାନ୍ ଡ୍ରାଇଭର ତଥା ବୌଦ୍ଧ ଜିଲା ବାଉଁଶୁଣୀ ଥାନା ସାହୁପଡା ଗ୍ରାମର ଆକାଶ ବେହେରା(୨୦)ଙ୍କୁ ଗିରଫ କରାଯାଇଛି। ସେହିଭଳି ପିକ୍‌ଅପ ଓ ବାଇକକୁ ଜବତ କରାଯାଇଛି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା (ନଂ. ୨୦୬।୨୩) ରୁଜୁ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି। ସୋନପୁର ଆଇଆଇସି ପଦ୍ମାସିନୀ ମେହେର ସମ୍ମିଳନୀରେ ଉପସ୍ଥିତ ଥିଲେ। ଏସଆଇ ଲମ୍ବୋଦର ଡାଙ୍ଗଙ୍କ ନେତୃତ୍ୱରେ ହାବିଲଦାର ରାମଜୀ ପାଣିଗ୍ରାହୀ, କନେଷ୍ଟବଳ ରାଜେନ୍ଦ୍ର କୁଅଁର ଓ ସାମନ୍ତ ପ୍ରଧାନ ଚଢାଉ କରିଥିଲେ।






## ସମ୍ପର୍କର ସେତୁ ବାନ୍ଧିବାରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୧୧।୯(ଦିନେଶ ମିଶ୍ର)

ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ନାରୀ କବି ସମ୍ମିଳନୀ, ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ଓ କବିତା ପାଠ କାର୍ଯ୍ୟକ୍ରମ ସଂସଦର ଉପସଭାପତି ରଶ୍ମିବାଳା ରାଉତରାୟଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଏନ୍‌ଆଇଟିର ଡ. ସସ୍ମିତା ଦାସ ମୁଖ୍ୟ ଅତିଥି, ଡା. ଗୀତାଞ୍ଜଳି ପତ୍ରୀ ସମ୍ମାନିତ ଅତିଥି ଏବଂ ଚିନ୍ମୟ ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ 'ସମ୍ପର୍କର ସେତୁ ବିନ୍ଧାଣୀ ନାରୀ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ଡା. ଗୀତାଞ୍ଜଳି ପତ୍ରୀଙ୍କ ଲିଖିତ ପୁସ୍ତକ 'ହେ ସାଇ ହେ ସଦ୍‌ଗୁରୁ' ଲୋକାର୍ପିତ ହୋଇଥିଲା। କବି ଉର୍ବଶୀ ଦାସ ମଞ୍ଚ ପରିଚାଳନା ଓ ମଞ୍ଜୁଳା କୁମାରୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନେହଲତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡଲିରାଣୀ ବ୍ରହ୍ମାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଗାଳ୍ପିକ ପୁଷ୍ପା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ସୋମବାର ବିଶ୍ରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣାରେ ବସିଛନ୍ତି।

# ଧାରଣାରେ ବସିଲେ ଶିକ୍ଷୟିତ୍ରୀ ଶିକ୍ଷକ

ରାଉରକେଲା,୧୧।୯
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲା ଉଦିତନଗର ସ୍ଥିତ ବିଶ୍ରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ନିଖିଳ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ରା ଶିକ୍ଷା ଅଞ୍ଚଳର ୨୧୦ଟି ପ୍ରାଥମିକ ବିଦ୍ୟାଳୟର ୪୫୦ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଗତ ୮ତାରିଖରେ ବିଶ୍ରା ପ୍ରାଥମିକ ସମନ୍ୱିତ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ୬ ବର୍ଷ କାଳ ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀ ସହିତ ଗଣନା, କନିଷ୍ଠ, କ୍ରୀଡ଼ା ଓ କଳା ଶିକ୍ଷକମାନଙ୍କୁ ନିୟମିତ କରାଯିବା, ଏକ୍ସ କ୍ୟାଡରରୁ ଏକ୍ସକୁ ବାଦ ଦେବା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯିବା, ୪୨ଶହ ଗ୍ରେଡ ପେ ପ୍ରଦାନ, ସମାନ କାମକୁ ସମାନ ଦରମା, ପୁରୁଣା ପେନସନ ଓ ୭ମ ବେତନ ଅନୁଯାୟୀ ପଦୋନ୍ନତି ଆଦି ଦାବି କରାଯାଇଥିଲା। ଦାବିଗୁଡ଼ିକ ପୂରଣ ନ ହେଲେ ନିଖିଳ ଓଡିଶା ପ୍ରାଥମିକ ଶିକ୍ଷକ ଫେଡେରେଶନର ଆନ୍ଦୋଳନ ଡାକରାକୁ ସମର୍ଥନ ଜଣାଇ ବିଶ୍ରା ସମନ୍ୱିତ ଶିକ୍ଷକ ସଂଘ ଧାରଣା ଏବଂ ପ୍ରତିବାଦ କରିବ ବୋଲି ସୂଚନା ଦେଇଥିଲା। ତେବେ ଦାବି ପୂରଣ ନ ହେବାରୁ ସୋମବାର ବିଶ୍ରା ବ୍ଲକ ପ୍ରାଥମିକ ସମନ୍ୱିତ ଶିକ୍ଷକ ସଂଘ ସଭାପତି ରବିନ୍ଦ୍ର କୁମାର ମହାପାତ୍ରଙ୍କ ନେତୃତ୍ୱରେ ପ୍ରାଥମିକ ଶିକ୍ଷୟତ୍ରୀ ଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଧାରଣାରେ ସଂଘ ଉପସଭାପତି ଭଲଭଦ୍ର ମହାକୁର, ଉପଦେଷ୍ଟା ବୈକୁଣ୍ଠ ଦ୍ୱିବେଦୀ, ପ୍ରଶାନ୍ତ ସାମଲ, ଲିଆଜ ଉଦ୍ଦିନ ଖାନ, ଯୁଗ୍ମ ସମ୍ପାଦକ ଧୀରନ ମଣ୍ଡଳ ଓ ଶୁକ୍ରା ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୪ଟାରେ ସେମାନେ ଧାରଣାରୁ ଓହରିଥିଲେ। ସେହିପରି ଅନୁରୂପ ଦାବି ନେଇ ଲାଠିକଟା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଯାଇଛି। ସଭାପତି ରବିନାରାୟଣ ନାୟକ, ଘାସିନାଥ ଶତପଥୀ, ସଞ୍ଜଳା ପଣ୍ଡା, ପ୍ରିୟତମା ସାହୁ, ମଦନ ମୋହନ ବେହେରାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ରାଉରକେଲାକୁ ଟ୍ରେନ୍ ସମ୍ପ୍ରସାରଣ ଦାବି ଜୋର୍ ଧରିଲା

ରାଉରକେଲା,୧୧।୯
(ବିପ୍ଳବ ରଞ୍ଜନ ଦାଶ)

ଗୋରଖପୁର-ହାଟିଆକୁ ମୌର୍ଯ୍ୟ ଏକ୍ସପ୍ରେସ ଏବଂ ଥାବେ-ଟାଟା ଏକ୍ସପ୍ରେସକୁ ରାଉରକେଲା ଯାଏ ସମ୍ପ୍ରସାରଣ କରିବା ପାଇଁ ଦାବି ଜୋର୍ ଧରିଛି। ଏଥିପାଇଁ ରାଉରକେଲାର ୧୫ଟି ସାମାଜିକ ସଙ୍ଗଠନ ଅଣ୍ଟା ଭିଡିଛନ୍ତି। ସୋମବାର ସେମାନେ ଏହି ମର୍ମରେ ସେକ୍ଟର-୨ ସ୍ଥିତ କାର୍ଯ୍ୟାଳୟରେ ବିରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କୁ ଭେଟି ସହଯୋଗ କରିବା ପାଇଁ ଜଣାଇଛନ୍ତି। ଏଥିସହ ସେମାନେ ବିଧାୟକ ଓରାମଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ବିଧାୟକ ଓରାମ କହିଛନ୍ତି, ଏଥିରେ ତାଙ୍କର ସମ୍ପୂର୍ଣ୍ଣ ସହଯୋଗ ରହିଛି। ଏହି ଟ୍ରେନ ଦ୍ୱୟ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଲେ ଅଞ୍ଚଳର ଉନ୍ନତି ହେବ ଏବଂ ବୀରମିତ୍ରପୁର, ହାତିବାଡି, ନୂଆଗାଁ ଏବଂ ବିଶ୍ରା ଲୋକମାନଙ୍କ ପାଇଁ ମଧ୍ୟ ସୁବିଧାଜନକ ହେବ। ଏ ବିଷୟରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ବିଚାର ବିମର୍ଶ କରିବେ ବୋଲି ଓରାମ ପ୍ରତିଶ୍ରୁତି ଦେଇଥିଲେ। ବାଲୁ ତିୱାରୀଙ୍କ ନେତୃତ୍ୱରେ ବେଦ ପ୍ରକାଶ ତିୱାରୀ, ଓ.ପି ସିଂଙ୍କ ସମେତ ସାମାଜିକ ସଙ୍ଗଠନ ଦଳ ପ୍ରତିନିଧି ସାକ୍ଷାତକାର ସମୟରେ ଉପସ୍ଥିତ ଥିଲେ।



ସାମାଜିକ ସଙ୍ଗଠନ ପ୍ରତିନିଧି ବିଧାୟକଙ୍କୁ ଦାବିପତ୍ର ଦେଉଛନ୍ତି।

## ରାଉରକେଲାରେ ୫ମ ଓଡ଼ିଶା ଅର୍ଥୋପ୍ଲାଷ୍ଟି ଆସୋସିଏଶନ ସମ୍ମିଳନୀ

ରାଉରକେଲା,୧୧।୯
(ସଙ୍ଗୀତା ଜେନା)

ପଞ୍ଚମ ଓଡ଼ିଶା ଅର୍ଥୋପ୍ଲାଷ୍ଟି ଆସୋସିଏଶନ ସମ୍ମିଳନୀ ୨୦୨୩ ଗତ ୯ ଓ ୧୦ ତାରିଖରେ ସେକ୍ଟର-୨୦ ରାଉରକେଲା କ୍ଲବଠାରେ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଆର୍‌ଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି, ଚିକିତ୍ସା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବି.କେ. ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଉରକେଲା ଅର୍ଥୋପେଡିକ୍ କ୍ଲବର ପୃଷ୍ଠପୋଷକ ଡା. କିରଣ ମିଶ୍ର, ଓଡ଼ିଶା ଅର୍ଥୋପ୍ଲାଷ୍ଟି ଆସୋସିଏଶନ ସଚିବ ଡ. ସଞ୍ଜୀବ ପଟ୍ଟନାୟକ, ଡା. ବସନ୍ତ ବେହେରା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ତଥା ଆୟୋଜକ କମିଟି ଅଧ୍ୟକ୍ଷ ଡା. ଲକ୍ଷ୍ମୀକାନ୍ତ ବିଶ୍ୱାଳ ତଥା ପରିଚାଳନା ସମ୍ପାଦକ ଡା. ଅରୁଣ ନାୟକ ମଞ୍ଚାସୀନ ଥିଲେ। ରାଉରକେଲା ଅର୍ଥୋପେଡିକ୍ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସୂର୍ଯ୍ୟବଂଶୀ ବିଜ୍ଞାନଭିତ୍ତିକ ଆଲୋଚନା ଆୟୋଜନ ପାଇଁ ଅଭିନନ୍ଦନ ଜଣାଇଥିଲେ। ପ୍ରାରମ୍ଭରେ ଡା. ଏଲ୍. କେ. ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡା. ଅରୁଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଆଣ୍ଠୁ, କାନ୍ଧ ଓ ହିପ୍ ରିପ୍ଲେସମେଣ୍ଟର ବିଭିନ୍ନ କ୍ଲିନିକାଲ ଦିଗ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ମ୍ୟାକ୍ସ ଗୋଲ୍ଡ ଆଣ୍ଠୁ ସହିତ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଓ ଅବିଭକ୍ତ ସମ୍ପୂର୍ଣ୍ଣ ହିପ୍ ରିପ୍ଲେସମେଣ୍ଟ ଉପରେ ଲାଇଭ୍ ସର୍ଜିକାଲ ଅଧିବେଶନ ମାଧ୍ୟମରେ ପ୍ରୟୋଗାତ୍ମକ ପ୍ରଦର୍ଶନ ହୋଇଥିଲା। ଏହାବ୍ୟତୀତ ଅର୍ଥୋପ୍ଲାଷ୍ଟି କ୍ଷେତ୍ରରେ ଅତ୍ୟାଧୁନିକ ହସ୍ତକ୍ଷେପ ଉପରେ କେଶ୍ ଆଧାରିତ ପ୍ୟାନେଲ ଆଲୋଚନା ହୋଇଥିଲା।

# କିଶୋର କୁମାରଙ୍କ ସଙ୍ଗୀତ ଚିରସବୁଜ




ସଙ୍ଗୀତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଉରକେଲା,୧୧।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା କିଶୋର ଦା ମ୍ୟୁଜିକାଲ ଲଭର୍ସ ସାଂସ୍କୃତିକ ପ୍ରତିଷ୍ଠାନ ତରଫରୁ ଗ୍ରାଣ୍ଡ ମ୍ୟୁଜିକାଲ ଇଭିନିଂ ଭଞ୍ଜଭବନ ପ୍ରେକ୍ଷାଳୟରେ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସଭାପତି ସୁନିଲ କୟାଲ, ସ୍ୱତନ୍ତ୍ର କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା, ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ଅଶୋକ ଜଲୱାନିଆ ପ୍ରମୁଖ ସମ୍ମାନିତ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଗାୟକ ରଞ୍ଜୁ ମହାନ୍ତି, ଅଶୋକ ଚକ୍ରବର୍ତ୍ତୀ, ଜୟ କିଶୋର ସିଂ, ସତ୍ୟ କୁମାର ଦାସ, ମନୋଜ ସେଠୀ ପ୍ରମୁଖ ଯୋଗଦେଇ ହିନ୍ଦୀ ଚଳଚ୍ଚିତ୍ର ଜଗତର ସୁନାମ ଧନ୍ୟ କଂଠ ଶିଳ୍ପୀ କିଶୋର କୁମାରଙ୍କ ଚିରସବୁଜ ସଙ୍ଗୀତ ପରିବେଷଣ କରିଥିଲେ। କିଶୋରଙ୍କ ସଙ୍ଗୀତର ଯାଦୁ ଦର୍ଶକ ମନରେ ମାଦକତା ଭରି ଦେଇଥିଲା।

## ଉନ୍ନତ ବୈଜ୍ଞାନିକ ଉପକରଣ ବ୍ୟବହାର କର୍ମଶାଳା ଉଦ୍‌ଘାଟିତ

ରାଉରକେଲା, ୧୧।୯(ବିପ୍ଳବ ରଞ୍ଜନ ଦାଶ)

କେନ୍ଦ୍ରୀୟ ଅନୁସନ୍ଧାନ ସୁବିଧା (ସିଆର୍‌ଏଫ୍) ଓ ଏନ୍‌ଆଇଟି ରାଉରକେଲା ପକ୍ଷରୁ ଅତ୍ୟାଧୁନିକ ଓ ଉନ୍ନତ ବୈଜ୍ଞାନିକ ଉପକରଣ ବ୍ୟବହାର କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାରେ ଆଇଆଇଟି, ଏନ୍‌ଆଇଟିର ବରିଷ୍ଠ ଅଧ୍ୟାପକ, ଶିଳ୍ପ ବିଶେଷଜ୍ଞ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ବୈଜ୍ଞାନିକମାନେ ଅଂଶଗ୍ରହଣ କରିଛନ୍ତି। ଏନ୍‌ଆଇଟି ମେକାନିକାଲ ବିଲ୍ଡିଂ ସମାରୋହ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଆରଏଫ ମୁଖ୍ୟ ତଥା କର୍ମଶାଳା ପରିଚାଳକ ପ୍ରଫେସର ଦୟାଲ ଆର. ପାର୍ହି ଯୋଗଦେଇ କହିଥିଲେ, ଅନୁଷ୍ଠାନରେ କେନ୍ଦ୍ରୀୟ ଅନୁସନ୍ଧାନ ସୁବିଧା ପ୍ରତିଷ୍ଠା କରି ଏନଆଇଟିର ଅନୁସନ୍ଧାନ ଓ ବିକାଶ କ୍ଷେତ୍ରରେ ବୃହତ ଭିତ୍ତିଭୂମି ସୃଷ୍ଟି କରିପାରିଛି। ଫଳରେ ବୈଜ୍ଞାନିକମାନେ ଅନୁସନ୍ଧାନ ତଥା ପରୀକ୍ଷଣ ପାଇଁ ଅତ୍ୟାଧୁନିକ ଓ ଉନ୍ନତ ବୈଜ୍ଞାନିକ ଉପକରଣ ବ୍ୟବହାର ବିଷୟରେ ଅବଗତ ହୋଇ ବିଶେଷ ପାରଙ୍ଗମ ହାସଲ କରିବାରେ ସମର୍ଥ ହେବେ। ପ୍ରଫେସର ରାଓ କହିଥିଲେ, ଆଧୁନିକ ଯୁଗରେ ସ୍କିଲ ଡେଭଲପମେଣ୍ଟ ନିତାନ୍ତ ଜରୁରୀ। ଏଣୁ ଅନୁସନ୍ଧାନ କ୍ଷେତ୍ରରେ ଜଡ଼ିତ ଯନ୍ତ୍ରପାତି ଓ ବୈଷୟିକ ବିଜ୍ଞାନ ଜନିତ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନଙ୍କୁ ଅଧିକ ବିଜ୍ଞ କରିବାର କର୍ମଶାଳାର ଉଦ୍ଦେଶ୍ୟ ବୋଲି କହିଥିଲେ। ପ୍ରଫେସର ରୋହନ ଧୀମାନ ଏହି କର୍ମଶାଳା ଏକ ସୁଯୋଗ ସାବ୍ୟସ୍ତ ହେବ ବୋଲି କହିଥିଲେ। ସଂଯୋଜକ ପ୍ରଫେସର ଅର୍ଣ୍ଣବ ସରକାର ଯନ୍ତ୍ରପାତିର ମୂଲ୍ୟାଙ୍କନ ନିର୍ଦ୍ଧାରଣ କରିଥିଲେ। ଡାକ୍ତର ସ୍ମୃତିଶିଖା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲାକୁ ରୌପ୍ୟ ପଦକ

### ଯୋଗାସନ ଚାମ୍ପିୟନଶିପ୍

ରାଉରକେଲା,୧୧।୯
(ସଙ୍ଗୀତା ଜେନା)

୨୯ତମ ରାଜ୍ୟ ଯୋଗାସନ ପ୍ରତିଯୋଗିତା ୨୦୨୩ ଗତ ୯ ଓ ୧୦ତାରିଖ ଦୁଇଦିନ ଧରି କଟକ ଚୌଧୁରୀ ବଜାର କଳିଙ୍ଗ ଜିମ୍‌ନାଜିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଯୋଗ ଆସୋସିଏଶନ କଟକ ପକ୍ଷରୁ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩ଶହ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ସୁନ୍ଦରଗଡ଼ ଜିଲାରୁ ୨୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପାରମ୍ପରିକ ଯୋଗାସନ ବିଭାଗରେ ରାଉରକେଲା ସହରର ଅର୍ଚ୍ଚନା ମହାନ୍ତ ଓ ଶେଷାଦ୍ରି ପାଣ୍ଡେ ଦ୍ୱିତୀୟ ସ୍ଥାନ ସହିତ ରୌପ୍ୟ ପଦକ ହାସଲ କରିଥିଲେ। ରାକେଶ ଯାଦବ ଏବଂ ସଞ୍ଜନା ତନ୍ତୀ ଚତୁର୍ଥ ଓ ପଞ୍ଚମ ସ୍ଥାନ ହାସଲ କରିଥିଲେ। ସେହିପରି ଆର୍ଟିଷ୍ଟିକ ଯୋଗାସନରେ ଅର୍ଚ୍ଚନା ମହାନ୍ତ ରୌପ୍ୟ ପଦକ ଲାଭ କରିଥିଲେ। ଜିତେନ୍ଦ୍ର କୁମାର ଓ ସୌରରଞ୍ଜନ ଲେଙ୍କା ବିଚାରକ ଏବଂ ଦୀପକ ଶାହା ଟିମ୍ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ଏହି ସଫଳତା ପାଇଁ ସୁନ୍ଦରଗଡ଼ ଯୋଗାସନ ସ୍ପୋର୍ଟସ ଆସୋସିଏଶନ ସଭାପତି ହରମନ ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ଦାସ ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ବିଜୟୀ ପ୍ରତିଯୋଗୀ।

# କଳାକାର ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ କଳାକାର ତବଲା ବାଦନ କରୁଛନ୍ତି।

ରାଉରକେଲା,୧୧।୯
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨୧ ସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲରେ ସୋମବାର କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ କଳାକାର ଯୋଗ ଦେଇଥିଲେ। ଜୟଦେବ କଳାବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସେକ୍ଟର-୨୧ ଗୁରୁ ନାନକ ପବ୍ଲିକ ସ୍କୁଲ ଅଧକ୍ଷ ପି. ଭର୍ଦ୍ଧରାଜନ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍ ଏବଂ ବରିଷ୍ଠ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ମନ୍ତ୍ର ସଙ୍ଗୀତ ଗାନ ସହ ବିଭିନ୍ନ ବାଦ୍ୟଯନ୍ତ୍ର ପରିବେଷଣ ହୋଇଥିଲା। ଏଥିସହ କାଳକାରମାନେ ବିଦ୍ୟାର୍ଥୀଙ୍କୁ ଗୀତ, ସଙ୍ଗୀତ ଆଦି କଳା ପ୍ରଦାନ କରିଥିଲେ। ସମାବେଶ କଳା ମାଧ୍ୟମରେ ଛାତ୍ର ଜୀବନକୁ ସମୃଦ୍ଧ କରିବ ବୋଲି ଅତିଥିମାନେ କହିଥିଲେ।

## ଭଲିବଲ ଚାମ୍ପିୟନଶିପ୍ ପାଇଁ ୧୨ ଜଣିଆ ଟିମ୍

ରାଉରକେଲା,୧୧।୯(ସଙ୍ଗୀତା ଜେନା)

ବାଲେଶ୍ୱର ଜିଲା ରେମୁଣା ଭିମ୍‌ପୁର ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡରେ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଭଲିବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ରାଉରକେଲାରୁ ଚନ୍ଦ୍ରଶେଖର ସ୍ପୋର୍ଟସ ଅର୍ଗାନାଇଜେଶନର ଟିମ୍ ମ୍ୟାନେଜର ଓ ଖେଳାଳିମାନେ ସୋମବାର ରାଉରକେଲା ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟିମ୍‌ରେ ମ୍ୟାନେଜର କଳ୍ପନା ମହାନ୍ତ, କୋଚ୍ ପ୍ରବୀଣ ଲାକ୍ରା, ରେଶମା ସୁରୀନ୍, ରୋଜାଲିନ୍ ମାଝୀ, ଆଶା ଓରାମ, ରାଣୀ ଓରାମ, ସ୍ନେହ ଖାଡିଆ, ସ୍ନେହା ଟପ୍ପୋ, ସଂଜୁକ୍ତା ଓରାମ, ବିମଳ ଓରାମ, ତାରା ଏକ୍କା, ରିତେଶ ଲାକ୍ରା ପ୍ରମୁଖ ରହିଛନ୍ତି। ଏହି ଅବସରରେ ଅନୁଷ୍ଠାନର ଆବାହକ କୁନା ଜେନା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଲେଖକ ସାମ୍ମୁଖ୍ୟର ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ରାଉରକେଲା,୧୧।୨(ଦିନେଶ ମିଶ୍ର)

ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ, ମାସିକ ଆଲୋଚନା ଆସର ତଥା କବିତା ପାଠୋତ୍ସବ ସୋମବାର ସଭାପତି ଭୂପେନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଶିକ୍ଷୟିତ୍ରୀ ନିରୁପମା ପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ଇସ୍ରୋ ବୈଜ୍ଞାନିକଙ୍କ ଚନ୍ଦ୍ରଯାନ ୩ ସଫଳତା ହାସଲ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ କୁମାର ହାସନ, ଜୟନ୍ତ ମହାପାତ୍ର ଓ ଜେ. ଜେ. ରାଓଙ୍କ ଆତ୍ମାର ସଦଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ଗୀତାଞ୍ଜଳି ପତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେରଙ୍କ କାବ୍ୟରେ ପ୍ରକୃତି ବର୍ଣ୍ଣନା ଅତୀବ ଚମତ୍କାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. ସୁଚିତ୍ରା ମହାନ୍ତି ଗଙ୍ଗାଧର ମେହେରଙ୍କ ପ୍ରକୃତି ବର୍ଣ୍ଣନାକୁ ବାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ, ସମାଜସେବୀ ଅଭୟ କୁମାର ଦାସ, ପଶୁପତିନାଥ ଚାଟାର୍ଜୀ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ ଓ ସୁଶାନ୍ତ କୁମାର ନାୟକ, ଅର୍ଚ୍ଚନା ପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାର କବୟିତ୍ରୀ ଓ କବିମାନେ ନିଜ କବିତା ପାଠ କରିଥିଲେ। ଶେଷରେ ଚିତ୍ତରଞ୍ଜନ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କବୟିତ୍ରୀ ଓ କବି।

# ଆର୍‌ଏସ୍‌ପି ହକି ଦଳ ଚାମ୍ପିୟନ

### ଦ୍ୱିତୀୟ ସିନିୟର ପୁରୁଷ ରାଜ୍ୟ ହକି ଚାମ୍ପିୟନଶିପ୍

ରାଉରକେଲା,୧୧।୯(ବିପ୍ଳବ ରଞ୍ଜନ ଦାଶ)

ଗତ ୪ରୁ ୯ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ଦ୍ୱିତୀୟ ସିନିୟର ପୁରୁଷ ରାଜ୍ୟ ହକି ଚାମ୍ପିୟନଶିପ୍‌ରେ ଆରଏସପି ହକି ଦଳ ଚାମ୍ପିୟନ ହୋଇଛି। ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଆରଏସପି ଦଳ ସ୍ପୋର୍ଟସ ହଷ୍ଟେଲ ପାନପୋଷ ଦଳକୁ ପରାସ୍ତ କରି ଏହି ଟାଇଟଲ ହାସଲ କରିଛି। ଏହି ପ୍ରତିଯୋଗିତାରେ ଆରଏସପି ଦଳର କରନ ଲାକ୍ରାଙ୍କୁ ଶ୍ରେଷ୍ଠ ଫରୱାର୍ଡ ଖେଳାଳି ଏବଂ କେରୋବିନ ଲାକ୍ରାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ କରାଯାଇଥିଲା। ତରୁଣ ଯାଦବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉକ୍ତ ପ୍ରତିଯୋଗିତାରେ ସମୁଦାୟ ୩୨ଟି ଦଳ ଭାଗ ନେଇଥିଲେ। ସେମି-ଫାଇନାଲରେ ଆରଏସପି ଦଳ ସୁନ୍ଦରଗଡ ଦଳକୁ ୪-୧ରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ଏ ନେଇ ସେକ୍ଟର-୬ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମସ୍ଥିତ କ୍ରୀଡ଼ା ବିଭାଗ କାର୍ଯ୍ୟାଳୟରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ ପି. କେ. ସ୍ୱାଇଁ ଚାମ୍ପିୟନଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିମାନବନ୍ଦର, କ୍ରୀଡା, ପ୍ରୋଟୋକଲ ହସ୍ପିଟାଲିଟି ଓ ସମାଜ ମଙ୍ଗଳ ବିଭାଗର ଜିଏମ ଇନ୍‌ଚାର୍ଜ ଆର. କେ. ବର୍ମା, ଜିଏମ୍ ଜେପି ମିଶ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କ୍ରୀଡ଼ା ବିଭାଗ ସହକାରୀ ପରିଚାଳକ ଆର୍. ଏନ୍ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# ରେକର୍ଡ ସ୍ତରରେ ନିଫ୍ଟିର କାରବାର

■ନିଫ୍ଟି ୨୦,୦୦୦ ଅଙ୍କ ନିକଟବର୍ତ୍ତୀ
■ସେନ୍‌ସେକ୍ସ ୫୨୮ ପଏଣ୍ଟ ବୃଦ୍ଧି




ନୂଆଦିଲ୍ଲୀ,୧୧।୯

ପ୍ରଥମ ଥର ପାଇଁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟିର କାରବାର ପ୍ରଥମ ପର୍ଯ୍ୟାୟରେ ୨୦,୦୦୦ ଅଙ୍କ ପାର କରିଥିବା ବେଳେ ସୋମବାର କାରବାର ଶେଷ ବେଳେକୁ ନିଫ୍ଟି ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏପରିକି ଶେୟାର ବଜାରର କାରବାର ଶେଷ ସୁଦ୍ଧା ନିଫ୍ଟି ୨୦,୦୦୦ (୧୯,୯୯୬.୩୫) ଅଙ୍କର ନିକଟବର୍ତ୍ତୀ ହୋଇଛି। ବିଗତ କିଛି ସପ୍ତାହ ହେବ ଶେୟାର ବଜାରରେ ଉଚ୍ଚ ପ୍ରଦର୍ଶନ ଯୋଗୁ ନିଫ୍ଟି ୨୦,୦୦୦ ଅଙ୍କରେ ପହଞ୍ଚିଛି। ଏହା ପୂର୍ବରୁ ୨୦୨୩ ଜୁଲାଇରେ ମଧ୍ୟ ନିଫ୍ଟିର କାରବାର ସର୍ବୋଚ୍ଚ ସ୍ତରରେ ରହିଥିଲା। ୨୦୨୩ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ ନିଫ୍ଟିର କାରବାର ୧୫% ବୃଦ୍ଧି ହୋଇଥିଲା। ଅପରପକ୍ଷରେ ସୋମବାରର କାରବାର ଶେଷ ସୁଦ୍ଧା ମିଡିଆ ଇଣ୍ଡଷ୍ଟ୍ରିକୁ ଛାଡ଼ି ଦେଲେ ବାକି ସମସ୍ତ ନିବେଶକଙ୍କର ନିବେଶ ବୃଦ୍ଧି ହୋଇଥିଲା। ସେହିଭଳି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସବୁଠାରୁ ଅଧିକ ଶେୟାର କିଣାଯାଇଥିଲା। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍ ୪୧୪ ପଏଣ୍ଟ ବୃଦ୍ଧି ଘଟି ୪୫,୫୭୦ ଅଙ୍କର ପହଞ୍ଚିଛି। ସେହିପରି ନିଫ୍ଟି ଆଇଟି, ଅଟୋ, ଏନର୍ଜି, ଏଫ୍‌ଏମ୍‌ସିଜି ଓ ମେଟାଲ୍ସ, ଫାର୍ମା, ହେଲ୍‌ଥକେୟାର ଭଳି ନିବେଶକମାନେ ଲାଭରେ ରହିଥିଲେ। ଉଲ୍ଲେଖଯୋଗ୍ୟ, ନିଫ୍ଟି ମିଡ୍ କ୍ୟାପ୍,ସ୍ମଲକ୍ୟାପ, ବ୍ୟାଙ୍କିଙ୍ଗ୍ ଆଦି କ୍ଷେତ୍ରରେ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଫଳରେ ନିଫ୍ଟି ମିଡ୍ କ୍ୟାପ୍ ଇଣ୍ଡେକ୍ସ ୪୬୬ ଅଙ୍କ ଉପରକୁ ଉଠି ୪୧,୫୫୫ ଅଙ୍କରେ ବନ୍ଦ ହୋଇଥିଲାବେଳେ ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସ ୧୭୦ ଅଙ୍କ ଉପରକୁ ଉଠି ୧୨୯୮୨ ଅଙ୍କରେ ବନ୍ଦ ହୋଇଥିଲା। ବିଶେଷ କରି ନିଫ୍ଟି ୫୦ର ଶେୟାରଗୁଡିକ ମଧ୍ୟରୁ ୪୫ ଶେୟାରର କାରବାର ବୃଦ୍ଧି ହୋଇଥିବା ବେଳେ ୫ଟି ଶେୟାରର କାରବାର ହ୍ରାସ ଘଟିଛି। ଅପରପକ୍ଷରେ ସେନ୍‌ସେକ୍ସର ୩୦ ଶେୟାର ମଧ୍ୟରେ ୨୮ ଶେୟାରର କାରବାର ବୃଦ୍ଧି ହୋଇଥିବା ବେଳେ ୨ଟି ଶେୟାରର କାରବାର ହ୍ରାସ ହୋଇଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** କ୍ରମାଗତ ୭ମ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି ସହ ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୫୨୮.୧୭ ପଏଣ୍ଟ ବଢ଼ି ୬୭,୧୨୭.୦୮ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୬.୪୦ ପଏଣ୍ଟ ବୃଦ୍ଧି ଘଟି ୧୯,୯୯୬.୩୫ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଅଗଷ୍ଟରେ ସୋନାଲିକାର ୧୦,୬୩୪ ୟୁନିଟ୍ ବିକ୍ରି



ଭୁବନେଶ୍ୱର,୧୧।୯

ସୋନାଲିକା ଟ୍ରାକ୍ଟର୍ସ ୨୦୨୩ ଅଗଷ୍ଟରେ ମୋଟ ୧୦,୬୩୪ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ଏପରିକି କମ୍ପାନୀ ଅଗଷ୍ଟରେ ମାସିକ ସର୍ବାଧିକ ୧୬,୩୦୦ ଟ୍ରାକ୍ଟର ଉତ୍ପାଦନ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଚଳିତ ବର୍ଷ ଅଗଷ୍ଟରେ ଆମେ ୧୦,୬୩୪ ୟୁନିଟ୍ ଟ୍ରାକ୍ଟର ବିକ୍ରି ସହ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛୁ। ଏପରିକି ଆମ ନିକଟରେ ଆଗାମୀ ପାର୍ବଣ ଋତୁ ପାଇଁ ଏକ ମଜଭୁତ ପ୍ଲାଟ୍‌ଫର୍ମ ରହିଛି। ଏହାକୁ ଦୃଷ୍ଟିରେ ରଖି ଆମେ ପ୍ରତ୍ୟେକ କୃଷକଙ୍କ ଚାହିଦା ପୂରଣ କିବା ପାଇଁ ୨୦୨୩ ଅଗଷ୍ଟରେ ସର୍ବାଧିକ ୧୬,୩୦୦ ଟ୍ରାକ୍ଟର ଉତ୍ପାଦନ କରିଛୁ। ସେହିଭଳି ଶକ୍ତିଶାଳୀ ଇଞ୍ଜିନ, ଇଣ୍ଟେଲିଜେଣ୍ଟ ଟ୍ରାନ୍ସମିଶନଠାରୁ ଆରମ୍ଭକରି ଠିକ୍ ହାଇଡ୍ରୋଲିକ୍ସ ପର୍ଯ୍ୟନ୍ତ ଆମେ ହୋସିଆର୍‌ପୁରସ୍ଥିତ ଟ୍ରାକ୍ଟର ମାନୁଫ୍ୟାକ୍ଚରିଂ ୟୁନିଟ୍‌ରେ ସବୁ କିଛି ଇନ୍-ହାଉସ୍ ନିର୍ମାଣ କରୁଛୁ। ବିଶେଷ କରି ଆମେ ଆଗାମୀ ପାର୍ବଣଋତୁ ଏବଂ କୃଷକ କୈନ୍ଦ୍ରିକ ଉତ୍ପାଦ ଓ ସେବାଗୁଡିକ ସହ ଭାରତୀୟ ଟ୍ରାକ୍ଟର ଶିଳ୍ପରେ ନୂଆ ବେଞ୍ଚମାର୍କ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ ରହିଛୁ। ବିଶେଷ କରି କୃଷକମାନଙ୍କ ପରିଚାଳନାକୁ ଉନ୍ନତ କରିବା ଓ ପ୍ରାକୃତିକ ଭାବେ ସେମାନଙ୍କର ସମୃଦ୍ଧତା ନିଶ୍ଚିତ କରିବା ପାଇଁ ୨୦-୧୨୦ ଏଚ୍‌ପିରେ ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜକୁ ସ୍ୱତନ୍ତ୍ର ଓ ଟେକ୍ନୋଲୋଜି ଦୃଷ୍ଟିରୁ ଉନ୍ନତ ଫିଚରଗୁଡିକ ସହ ଡିଜାଇନ୍ କରାଯାଇଛି।

# ଫେମସ ଜର୍ନାଲରେ ପତଞ୍ଜଳିର ଗବେଷଣା

ଭୁବନେଶ୍ୱର,୧୧।୯

ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ନେତୃତ୍ୱରେ ଅନେକ ନୂତନ ଗୁଣାତ୍ମକ ଔଷଧ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ବିଶେଷ କରି ଜଡ଼ି ବୁଟି ସାମଗ୍ରୀ ଉପରେ ଗବେଷଣା କରି ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଅନେକ ନୂଆ ଔଷଧ ପ୍ରସ୍ତୁତ କରିଛି। ଏପରିକି ଅଷ୍ଟ୍ରେଲିଆର ସ୍ୱିନବର୍ଣ୍ଣ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ କରାଯାଇଥିବା ଏକ ମିଳିତ ଗବେଷଣାରୁ ପ୍ରସ୍ତୁତ ବିଭିନ୍ନ ଆୟୁର୍ବେଦିକ ଔଷଧ ଶରୀର ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ଏ ନେଇ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ଏହି ନୂତନ ଗବେଷଣାଗୁଡିକ ବିଶ୍ୱ ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଫେମସ ମାଇକ୍ରୋବାୟୋଲୋଜି ଇକୋଲୋଜି ଜର୍ନାଲରେ ସାମିଲ କରାଯାଇଛି। ଏପରିକି ଉକ୍ତ ଜର୍ନାଲରେ ପତଞ୍ଜଳିର ଗବେଷଣା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ସେହିଭଳି ଭାରତୀୟ ଆୟୁର୍ବେଦର ଶକ୍ତିକୁ ବିଦେଶୀ ବୈଜ୍ଞାନିକମାନେ ମଧ୍ୟ ଗ୍ରହଣ କରୁଥିବା ବେଳେ ଅଧିକ ଗବେଷଣା ପାଇଁ ଉତ୍ସାହ ଦେଖାଇଥିବାରୁ ଆଚାର୍ଯ୍ୟ ଖୁସି ପ୍ରକଟ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ପତଞ୍ଜଳିର ଗବେଷଣାକୁ ଏଲସିଭିଅର, ସ୍ପ୍ରିଙ୍ଗର, ଫ୍ରଣ୍ଟିୟର, ନେଚର, ମଲିକ୍ୟୁଲ୍ସ, ବାୟୋମଲିକ୍ୟୁଲ୍ସ, ଜର୍ନାଲ ଅଫ ସେପାରେଶନ ସାଇନ୍ସ, ଜର୍ନାଲ ଅଫ ଇନଫ୍ଲେମେଶନ ରିସର୍ଚ୍ଚ, ନାନୋସ୍କେଲ ଆଡଭାନ୍ସେସ ଆଦିରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ପତଞ୍ଜଳି ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ କାର୍ଯ୍ୟ କରୁଥିବା ବେଳେ ଏନ୍‌ଏବିଏଲ୍ ମାନ୍ୟତାପ୍ରାପ୍ତ ଲାବ୍ ଓ ପଶୁଙ୍କ ଦେହରେ ପରୀକ୍ଷଣ ସମେତ ଅନ୍ୟାନ୍ୟ ସବୁ ପ୍ରକାର ସୁବିଧା ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନରେ ଉପଲବ୍ଧ ବୋଲି ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।

# ଟୟୋଟା ରୁମିଅନ୍‌ର ଅନାବରଣ




ଭୁବନେଶ୍ୱର,୧୧।୯

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟୟୋଟା କିର୍ଲୋସ୍କର ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଟୟୋଟା ରୁମିଅନ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଇସପିରିଟ ଟୟୋଟା (ଫିଲ୍‌ଡ ମୋଟର ପ୍ରାଇଭେଟ୍ ଲିମିଟେଡ୍) ତେଲଙ୍ଗାପେଣ୍ଠ କଟକ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଫିଲ୍‌ଡ ମୋଟର ପ୍ରାଇଭେଟ୍ ଲିମିଟେଡ୍ (ଇସପିରିଟ ଟୟୋଟା)ର ଏମ୍‌ଡି କବୀର ତାନେଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସପିରିଟ ଟୟୋଟାର ସିଇଓ ରାଜେଶ ଗଣ୍ଡୋତ୍ରା, ଏଜିଏମ୍ ସେଲ୍‌ସ ଶଶିଭୂଷଣ ଦାସ ଏବଂ ଏମ୍‌ଏମ୍ ହରିଚରଣ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ଟୟୋଟା ରୁମିଅନ୍‌ରେ ଅନେକ ଅତ୍ୟାଧୁନିକ ଫିଚର ସହ ୬ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା ଉକ୍ତ ମଡେଲ ୫ଟି ଆକର୍ଷଣୀୟ କଲରରେ ଆସୁଛି।

# ସୋନି ବ୍ରାଭିଆର ନୂତନ ଉତ୍ପାଦ

ଭୁବନେଶ୍ୱର,୧୧।୯

ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ବ୍ରାଭିଆ ଏକ୍ସଆର୍ ମାଷ୍ଟର ସିରିଜକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ନୂଆ ବ୍ରାଭିଆ ଏକ୍ସଆର୍ ମାଷ୍ଟର ସିରିଜ୍ ଏ୯୭ଏଲ୍ ଓଏଲ୍‌ଇଡି ୬୫ ଏବଂ ୫୫ ଇଞ୍ଚର ଦୁଇଟି ସ୍କ୍ରିନ୍‌ରେ ଉପଲବ୍ଧ। ଏପରିକି କଗ୍ନିଟିଭ୍ ପ୍ରୋସେସର ଏକ୍ସଆର୍ ସହ ନୂଆ ଓଏଲ୍‌ଇଡି ପ୍ୟାନେଲ୍ ଥିବା ବ୍ରାଭିଆ ଏକ୍ସଆର୍ ମାଷ୍ଟର୍‌କୁ କମ୍ପାନୀ ପକ୍ଷରୁ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ସୋନି ବ୍ରାଭିଆ ଏକ୍ସଆର୍ ପ୍ରୋସେସର ମଣିଷ ଦେଖି-ଶୁଣିଲା ଭଳି ପ୍ରାକୃତିକ ଅନୁଭୂତିକୁ ଉପସ୍ଥାପନ କରିବାର କ୍ଷମତା ରହିଛି, କଗ୍ନିଟିଭ୍ ପ୍ରୋସେସର ଏକ୍ସଆର୍‌ରେ ୪କେ ମାନର ଛବି ପ୍ରଦାନ କରୁଛି। ଏପରିକି ବ୍ରାଭିଆ ଏକ୍ସଆର୍ ଓଏଲ୍‌ଇଡି ଏ୯୫ଏଲ୍ ଟିଭିରେ ଏକ୍ସଆର୍ ଓଏଲ୍‌ଇଡି କଣ୍ଟ୍ରାଷ୍ଟ ପ୍ରୋ ଯାହା ଜରିଆରେ ଓଏଲ୍‌ଇଡି ପ୍ୟାନେଲ ପ୍ରକୃତ କଣ୍ଟ୍ରାଷ୍ଟ, ଉଜ୍ଜ୍ୱଳ ରଙ୍ଗ ଓ ବିଶୁଦ୍ଧ କଳା ପ୍ରଦାନ କରିବ। ବିଶେଷକରି ତାପମାତ୍ରା ଜାଣିବା ଲାଗି ଏଥିରେ ସେନ୍‌ସର ରହିଛି, ଯାହା ସ୍କ୍ରିନ୍‌ର ତାପମାତ୍ରାକୁ ହ୍ରାସ କରି ଆଲୋକକୁ ନିୟନ୍ତ୍ରଣ କରିବା ସହ ୨୦୦% ପର୍ଯ୍ୟନ୍ତ ବ୍ରାଇଟ୍‌ନେସ୍ ପ୍ରଦାନ କରିବ। ଟିଭିର ଏକ୍ସଆର୍ ଟ୍ରିଲୁମିନସ୍ ମ୍ୟାକ୍ସ ବ୍ୟାପକ ରଙ୍ଗ ପାଲେଟ୍ ପ୍ରଦାନ କରୁଛି,ଏ୯୫ଏଲ୍ ଓଏଲ୍‌ଇଡି ଟିଭି ଏଚ୍‌ଡିଏମ୍‌ଆଇ ୨.୧ରେ କାର୍ଯ୍ୟ କରିବ ଏବଂ ଏଥିରେ ୪କେ ୧୨୦ ଏଫ୍‌ପିଏସ୍, ଭାରିଏବଲ୍ ରିଫ୍ରେସ୍ ରେଟ୍, ଅଟୋ ଲୋ ଲାଟେନ୍‌ସି ମୋଡ୍, ଅଟୋ ଏଚ୍‌ଡିଆର୍ ଟୋନ୍ ଅଟୋ ଗେମ୍ ମୋଡ୍ ଯାହା ସୁଟିଂ ଏବଂ ଉଚ୍ଚ ପ୍ରଦର୍ଶନକାରୀ କ୍ରୀଡ଼ାର ପ୍ରକୃତ ଅନୁଭୂତି ପ୍ରଦାନ କରିବାରେ ସହାୟକ ହେବ। ଏଥିରେ ଡଲ୍‌ବି ଭିଜନ, ଡଲ୍‌ବି ଆଟମସ୍, ଆକୋଷ୍ଟିକ୍ ସରଫେସ୍ ଅଡିଓ ଓ ଗୁଗୁଲ୍ ଟିଭି ସୁବିଧା ରହିଛି।

## ଫୁର୍‌ସତ



ସୁରଜ ପାଞ୍ଚୋଲି

# ୭ ବର୍ଷ ହେବ ରିଲେଶନଶିପ୍‌ରେ ସୁରଜ

**ମୁମ୍ବାଇ:** ଅଭିନେତ୍ରୀ ଜିଆ ଖାନ୍ ଆତ୍ମହତ୍ୟା ମାମଲାରେ ଅଭିନେତା ସୁରଜ ପାଞ୍ଚୋଲିଙ୍କୁ ପ୍ରାୟ ଏକ ଦଶନ୍ଧି ଧରି ପୋଲିସ ଏବଂ କୋର୍ଟର ଚକ୍କର କାଟିବାକୁ ପଡିଥିଲା। ଚଳିତବର୍ଷ ଏପ୍ରିଲରେ ମୁମ୍ବାଇର ସ୍ୱତନ୍ତ୍ର ସିବିଆଇ କୋର୍ଟ ସୁରଜ ପାଞ୍ଚୋଲିଙ୍କୁ ଏହି ଅଭିଯୋଗରୁ ମୁକ୍ତ କରିଛନ୍ତି। ସୁରଜ ବର୍ତ୍ତମାନ ଜୀବନର ଏକ ନୂତନ ଆରମ୍ଭ ପାଇଁ ଯୋଜନା କରୁଛନ୍ତି। ସେ ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ତାଙ୍କ ଅତୀତ ଆଉ ତାଙ୍କୁ ହଇରାଣ କରୁନି। ଏଥିସହ ସେ ଜଣଙ୍କ ସହ ୭ ବର୍ଷ ହେବ ସମ୍ପର୍କରେ ଥିବା କହିଛନ୍ତି। ସେ ଭାବୁଛନ୍ତି ଯେ, ଜିଆଙ୍କ ସହ ତାଙ୍କ ସମ୍ପର୍କ ଖୁବ୍ କମ୍ ସମୟ ପାଇଁ ଥିଲା। ଏହାପରେ ସେ ଏକ ରିଲେଶନଶିପରେ ଅଛନ୍ତି। ବର୍ତ୍ତମାନ ଏହାକୁ ପ୍ରାୟ ୭ ବର୍ଷ ପୂରିଲାଣି। ଏହି ସମ୍ପର୍କ ତାଙ୍କ ପାଇଁ ବହୁତ ବ୍ୟକ୍ତିଗତ। କାରଣ ଲୋକେ ତାଙ୍କୁ ଅତ୍ୟନ୍ତ ଖରାପ ପ୍ରେମୀ ଭାବେ ବିବେଚନା କରନ୍ତି। କେବଳ ନିକଟତର ଲୋକ ହିଁ ତାଙ୍କ ବାବଦରେ ଠିକ୍‌ରେ ଜାଣନ୍ତି। ସେଥିପାଇଁ ସେ ତାଙ୍କର ଏହି ରିଲେଶନଶିପ୍‌କୁ ସମସ୍ତଙ୍କଠାରୁ ଲୁଚାଇ ରଖିଛନ୍ତି। ତେବେ ସୁରଜ ଏଇ କିଛି ବର୍ଷ ମଧ୍ୟରେ ବିବାହ ଯୋଜନା କରୁଥିବା କହିଛନ୍ତି। ସେ ୨୦୧୦ରୁ ତାଙ୍କ ବଲିଉଡ୍ କ୍ୟାରିୟର ଫିଲ୍ମ 'ଗୁଜାରିସ୍'ଠାରୁ ଆରମ୍ଭ କରିଥିଲେ। ଏହାପରେ 'ଏକ ଥା ଟାଇଗର', 'ହିରୋ', 'ସାଟେଲାଇଟ ଶଙ୍କର', 'ଟାଇମ ଟୁ ଡ୍ୟାନ୍ସ' ଆଦିରେ ନଜରକୁ ଆସିଛନ୍ତି। ତାଙ୍କ ହାତରେ ଆଗକୁ ଏକ ଫିଲ୍ମ ରହିଛି। ଯେଉଁଥିରେ ସେ ବ୍ୟସ୍ତ ଅଛନ୍ତି।

# ବସୁଧୈବ କୁଟୁମ୍ବକମ୍

## ଜାତିସଂଘ ଦକ୍ଷିଣ-ଦକ୍ଷିଣ ସହଯୋଗ ଦିବସ

ପୃଥିବୀ ଏକ ବଡ଼ ପରିବାର। ବସୁଧୈବ କୁଟୁମ୍ବକମ୍ ଆଧାରରେ ବିଭିନ୍ନ ଦେଶ-ଦେଶ ମଧ୍ୟରେ ସହଯୋଗ ଦ୍ୱାରା ବିକାଶ ସମ୍ଭବ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଦକ୍ଷିଣ-ଦକ୍ଷିଣ ସହଯୋଗ ପାଇଁ ମିଳିତ ଜାତିସଂଘ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୨ରେ ପାଳିତ ହୋଇଥାଏ। ପୂର୍ବରୁ ଏହି ଦିବସ ଡିସେମ୍ବର ୧୯ରେ ପାଳିତ ହେଉଥିଲା। ମିଳିତ ଜାତିସଂଘର ଦକ୍ଷିଣ-ଦକ୍ଷିଣ ସହଯୋଗ ଦିବସର ତାରିଖ ୨୦୧୧ରେ ସେପ୍ଟେମ୍ବର ୧୨କୁ ଘୁଞ୍ଚାଇ ଦିଆଯାଇଥିଲା। ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ବୈଷୟିକ ସହଯୋଗ ଲାଗି ସଚେତନତା ବୃଦ୍ଧି ପାଇଁ ଏହି ଦିବସ ପାଳିତ ହୋଇଥାଏ। ଦକ୍ଷିଣରେ ଥିବା ଅଞ୍ଚଳ ଏବଂ ଦେଶଗୁଡ଼ିକ ଦ୍ୱାରା ନିକଟ ଅତୀତରେ ହୋଇଥିବା ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ବିକାଶକୁ ଏହି ଅବସରରେ ସ୍ମରଣ କରାଯାଇଥାଏ। ବ୍ୟକ୍ତିବିଶେଷ ଏବଂ ସଙ୍ଗଠନଗୁଡ଼ିକ ପାଇଁ ଦକ୍ଷିଣ-ଦକ୍ଷିଣ ସହଯୋଗର ଗୁରୁତ୍ୱ ଉପରେ ସହମତ ହେବା, ଉତ୍ତର-ଦକ୍ଷିଣ ସହଯୋଗକୁ ପୂର୍ଣ୍ଣ କରିବା, ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକୁ ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟତା କରିବା ପାଇଁ ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହି ଦିନ ବିଭିନ୍ନ ଦେଶର ରାଜନୈତିକ ନେତାମାନେ ବିକାଶଶୀଳ ଦେଶଗୁଡ଼ିକରେ ଦକ୍ଷିଣ-ଦକ୍ଷିଣ ସହଯୋଗ ପ୍ରତି ପ୍ରତିବଦ୍ଧତା ଉପରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଜାତିସଂଘର ନେତାଙ୍କ ସହ କାର୍ଯ୍ୟ କରିବାରେ ସେମାନଙ୍କର ଲକ୍ଷ୍ୟକୁ ନିଶ୍ଚିତ କରିଥାଆନ୍ତି। ଭାଷଣ, କାର୍ଯ୍ୟ ଯୋଜନା, ସ୍ୱତନ୍ତ୍ର ସେମିନାର କିମ୍ବା ଆଲୋଚନାଚକ୍ର କିମ୍ବା ପ୍ରେସ୍ ଘୋଷଣା ମାଧ୍ୟମରେ ଏହା କରାଯାଇଥାଏ। ସାମାଜିକ କିମ୍ବା ରାଜନୈତିକ ବିଜ୍ଞାନ କ୍ଷେତ୍ରରେ ଶିକ୍ଷାବିତ୍‌ମାନେ ଶ୍ରେଣୀଗୃହ କାର୍ଯ୍ୟକଳାପ ମାଧ୍ୟମରେ ଏକ ସଚେତନତା ସୃଷ୍ଟି କରିବାର ପ୍ରୟାସ ମଧ୍ୟ କରିଥା'ନ୍ତି।

କରୋନା ମହାମାରୀ ସମୟରେ ବିଭିନ୍ନ ଦେଶର ସହଯୋଗରେ ପୃଥିବୀ ଏକ ପରିବାର ଭଳି ଲଢ଼ିଥିଲା। ଏହା ସୁଫଳ ମିଳିଥିଲା। କରୋନା ପରାସ୍ତ ହୋଇଥିଲା। ଏହି ଦିବସରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ବିଭିନ୍ନ ଦେଶରେ ଅନୁଷ୍ଠିତ ହୋଇଥାଏ।



# ଛୁଟି କଟାଇବାକୁ ଯାଇ ହରାଇଲେ ଗୋଡ଼

**ଏଡିନବର୍ଗ:** ବେଳେବେଳେ ଏପରି ହୋଇଥାଏ କି ଦୁନିଆର ମଜା ଉଠାଇବାକୁ କୌଣସି ସ୍ଥାନକୁ ଯାଇଥିବାବେଳେ ସେଠାରୁ ଅନେକ ଯନ୍ତ୍ରଣା ନେଇ ଫେରିବାକୁ ପଡ଼ିଥାଏ। ଏପରି କିଛି ଜଣେ ମହିଳାଙ୍କ ସହିତ ହୋଇଛି। ମହିଳା ଜଣକ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ ହେଲେ ଫେରିବା ପରେ ତାଙ୍କ ଜୀବନର ଢାଞ୍ଚା ବଦଳିଗଲା। ରିପୋର୍ଟ ମୁତାବକ, ସ୍କଟ୍‌ଲାଣ୍ଡର ବାସିନ୍ଦା ଭିକି ପେରିସ ନାମ୍ନୀ ମହିଳା ୨୦୧୮ରେ ଛୁଟି ବିତାଇବାକୁ ଯାଇଥିଲେ। ସେ ଏକ ସମୁଦ୍ରରେ ଗାଧୋଉଥିଲେ। ସେଠାରେ ତାଙ୍କୁ ପାଦରେ କିଛି ଫୋଡ଼ି ହୋଇଯିବା ଭଳି ଲାଗିଲା। ସେ ବାହାରକୁ ଆସି ଦେଖିବା ବେଳକୁ ତାଙ୍କ ପାଦରେ ଛୋଟିଆ ଖଣ୍ଡିଆ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ହେଲେ ସେ ତାଙ୍କର ସେ ଛୋଟିଆ ଖଣ୍ଡିଆ ପ୍ରତି ଧ୍ୟାନ ଦେଇ ନ ଥିଲେ। ପାଦ ଦରଜ ହେଲେ ସେ ସେଥିପାଇଁ ଔଷଧ ଖାଇ ଦେଉଥିଲେ। ୯ ବର୍ଷ ବୟସରୁ ଭିକିଙ୍କୁ ମଧୁମେହ ହୋଇଥିଲା। ଫଳରେ ଏହି ଖଣ୍ଡିଆ ନ ଶୁଖି ଅଧିକ ବ୍ୟାପି ଘା'ରେ ପରିଣତ ହେଲା। ଏହାର ୪ର୍ଥ ସପ୍ତାହ ବେଳକୁ ଯନ୍ତ୍ରଣା ସହ ହସ୍ପିଟାଲକୁ ଚେକ୍‌ଅପ୍ ପାଇଁ ଯିବାରୁ ତାଙ୍କ ଗୋଡ଼ କଟା ଯିବାକୁ ଡାକ୍ତର କହିଲେ। ଏହାପରେ ସର୍ଜରି ଜରିଆରେ ଆଣ୍ଠୁ ତଳୁ ଗୋଡ଼କୁ କଟାଗଲା। ସର୍ଜରିର କିଛି ମାସ ପରେ ତାଙ୍କୁ ହୁଇଲଚେୟାରରେ ବସିବାକୁ ପଡ଼ିଲା। ତା' ପରେ ସେ କୃତ୍ରିମ ଗୋଡ଼ ସାହାଯ୍ୟରେ ଚାଲିବାକୁ ଚେଷ୍ଟା କଲେ। ଭିକିଙ୍କୁ ବର୍ତ୍ତମାନ ୪୨ ବର୍ଷ ବୟସ ହୋଇଥିବାବେଳେ ଯେତେବେଳେ ଏହି ଘଟଣା ଘଟିଲା ତାଙ୍କୁ ୩୦ ବର୍ଷ ବୟସ ହୋଇଥିଲା। ସେତେବେଳେ ଏକ ଛୋଟ ଖଣ୍ଡିଆକୁ ଗୁରୁତ୍ୱ ଦେଇ ନ ଥିବାରୁ ତାଙ୍କୁ ତାଙ୍କର ଗୋଡ଼ ହରାଇବାକୁ ପଡ଼ିଥିଲା। ଏବେ ସେ ଏଥିପ୍ରତି ସମସ୍ତଙ୍କୁ ସତର୍କ କରାଉଛନ୍ତି।



# ଫିଲ୍ମର ୩୦୦ ସଦସ୍ୟଙ୍କୁ ସୁନା କଏନ ଉପହାର

## 'ଜେଲର' ସଫଳତାରେ ନିର୍ମାତା ଖୁସି

**ମୁମ୍ବାଇ:** ସିନେମା ଜଗତର ଲୋକପ୍ରିୟ ଅଭିନେତା ଭାବେ ରଜନୀକାନ୍ତ ବେଶ୍ ଜଣାଶୁଣା। ନିଜର ଅଭିନୟ ଜରିଆରେ ସେ ଏବେ କୋଟି କୋଟି ଲୋକଙ୍କ ହୃଦୟ ଜିଣି ପାରିଛନ୍ତି। ତାଙ୍କ ଅଭିନୀତ ଫିଲ୍ମ 'ଜେଲର'କୁ ଦର୍ଶକଙ୍କ ବେଶ୍ ଲୋକପ୍ରିୟତା ମିଳିଛି। ତେବେ 'ଜେଲର' ବିଶ୍ୱବ୍ୟାପୀ ୫୦୦ କୋଟି ଟଙ୍କା ରୋଜଗାର କରିଛି। ଏହି ସଫଳତା ପାଇଁ ଚଳଚ୍ଚିତ୍ର ତଥା ସନ୍ ପିକ୍ଚର୍ସର ନିର୍ମାତା କାଲାନିଥୀ ମାରନ ଅଭିନେତା ରଜନୀକାନ୍ତଙ୍କ ସମେତ ଫିଲ୍ମର ସମସ୍ତ ସଦସ୍ୟଙ୍କୁ ଭେଟିଛନ୍ତି। ସେ ରଜନୀକାନ୍ତଙ୍କୁ ଏକ ୧୦୦ କୋଟିର ଚେକ୍ ପ୍ରଦାନ କରିଥିବାବେଳେ ଅନ୍ୟ ୩୦୦ ସଦସ୍ୟଙ୍କୁ ସୁନା କଏନ ଦେଇଛନ୍ତି। ଏଥିସହ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏନେଇ ସନ୍ ପିକ୍ଚର୍ସ ପକ୍ଷରୁ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଶେୟାର କରାଯାଇଛି।



# ଜୋକୋଭିଚ୍ ଚାମ୍ପିୟନ

ନ୍ୟୁୟର୍କ,୧୧।୯(ପି.ଟି.)

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍। ରବିବାର ଅନୁଷ୍ଠିତ ଫାଇନାଲରେ ରୁଷିଆ ଡାନିଲ ମେଡଭେଡେଭଙ୍କୁ ୬-୩, ୭-୬(୫) ଓ ୬-୩ ସେଟ୍‌ରେ ପରାସ୍ତ କରିଥିଲେ ଜୋକୋଭିଚ୍। ଏହି ମ୍ୟାଚ୍‌ଟି ୧ ଘଣ୍ଟା ୪୪ ମିନିଟ ଧରି ଚାଲିଥିଲା। ଏହା ସହିତ ବୟସ୍କ ଖେଳାଳି ଭାବରେ ୟୁଏସ୍ ଓପନ ବିଜେତା ହେବାର ରେକର୍ଡ ନିଜ ନାମରେ କରିଛନ୍ତି ୩୬ ବର୍ଷୀୟ ଜୋକୋଭିଚ୍। ଏହା ସହିତ ୨୦୨୧ ସଂସ୍କରଣ ଫାଇନାଲ୍ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ନେଇଛନ୍ତି। ଉଭୟଙ୍କ ଖେଳିବା ଶୈଳୀ ପ୍ରାୟ ଏକାଭଳି ହୋଇଥିବାରୁ କେହି କାହାରିକୁ ଛାଡିବାକୁ ପ୍ରସ୍ତୁତ ନ ଥିଲେ। ତେବେ ଜୋକୋଭିଚ୍ ନିଜ ଅଭିଜ୍ଞତା ଆଧାରରେ କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଉଭୟ ଖେଳାଳିଙ୍କ ମଧ୍ୟ ଏକ ୩୨ ଷ୍ଟ୍ରୋକ ପଏଣ୍ଟ ଦେଖିବାକୁ ମିଳିଥିଲା। ମ୍ୟାଚ୍ ପରେ ଏହି ପଏଣ୍ଟ ଜିତିଥିବା ଜୋକୋଭିଚ୍‌ଙ୍କ ପ୍ରଶଂସା କରିଥିଲେ ମେଡଭେଡେଭ୍। ଏହା ହିଁ ପ୍ରମାଣିତ କରୁଛି ଜୋକୋଭିଚ୍ କାହିଁକି ଶ୍ରେଷ୍ଠ। ପ୍ରଥମ ସେଟ୍‌କୁ ଜୋକୋଭିଚ୍ ୬-୩ରେ ଜିତିବା ପରେ ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ ପାଇଁ ମେଡଭେଡେଭଙ୍କ ନିକଟରେ ସୁଯୋଗ ରହିଥିଲା। ଏପରିକି ସେ ୫-୪ରେ ଆଗୁଆ ମଧ୍ୟ ରହିଥିଲେ। ତେବେ ଜୋକୋଭିଚ୍ ଲଢୁଆ ପ୍ରତ୍ୟାବର୍ତ୍ତନ କରିବା ସହ ଟାଇବ୍ରେକରରେ ସେଟ୍‌କୁ ଜିତି ନେଇଥିଲେ। ମେଡଭେଡେଭଙ୍କ କ୍ୟାରିୟରର ଏହା ତୃତୀୟ ଗ୍ରାଣ୍ଡସ୍ଲାମ ତଥା ପଞ୍ଚମ ମେଜର ଫାଇନାଲ। ପୂର୍ବରୁ ୨୦୨୧ ଓ ୨୦୨୨ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ୨୦୨୧ରେ ନାଡାଲ ଓ ୨୦୨୨ରେ ସେ ଜୋକୋଭିଚଙ୍କଠାରୁ ପରାଜିତ ହୋଇଥିଲେ।



ଗାବ୍ରିଲା ଡାବ୍ରୋସ୍କି ଓ ଏରିନ୍ ରୋଟ୍‌ଲିଫ୍।

## ଡାବ୍ରୋସ୍କି-ରୋଟ୍‌ଲିଫ୍ ଜିତିଲେ ମହିଳା ଡବଲ୍ସ

**ନ୍ୟୁୟର୍କ, ୧୧।୯ (ଏପି):** ଗାବ୍ରିଲା ଡାବ୍ରୋସ୍କି ଓ ଏରିନ୍ ରୋଟ୍‌ଲିଫ୍ ୟୁଏସ୍ ଓପନ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ଯୋଡ଼ିଙ୍କର ଏହା ହେଉଛି ଚତୁର୍ଥ ଟୁର୍ନାମେଣ୍ଟ। ଫାଇନାଲରେ ସେମାନେ ୨୦୨୦ ଚାମ୍ପିୟନ ଲାଉରା ସିଜମଣ୍ଡ ଓ ଭେରା ଭୋନାରେଭାଙ୍କୁ ୭-୬ (୯), ୬-୩ରେ ହରାଇ ଦେଇଛନ୍ତି। ଡାବ୍ରୋସ୍କି କାନାଡାର ହୋଇଥିବା ବେଳେ ରୋଟ୍‌ଲିଫ୍ ହେଉଛନ୍ତି ନ୍ୟୁଜିଲାଣ୍ଡର। ଉଭୟଙ୍କର ଏହା ହେଉଛି ପ୍ରଥମ ମହିଳା ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ। ଫ୍ଲସିଂ ମିଡୋଜ୍‌ରେ ୧୬ତମ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡ଼ି ଚଳିତ ଗ୍ରୀଷ୍ମଋତୁରେ ମଣ୍ଟ୍ରିଲଠାରେ ପ୍ରଥମେ ପାର୍ଟନରଶିପ୍‌ରେ ଖେଳିଥିଲେ।

# ଗ୍ରାଣ୍ଡସ୍ଲାମ୍ ନମ୍ବର ୨୪

**୧୯୬୮ରେ ଓପନ ଯୁଗ ଆରମ୍ଭ ହେବା ପରଠାରୁ ଜୋକୋଭିଚ୍ ସର୍ବାଧିକ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ରେକର୍ଡ କରିଛନ୍ତି। ତାଙ୍କ ପଛକୁ ସେରେନା ୱିଲିୟମ୍ସ ୨୩, ରାଫାଲ ନାଡାଲ ୨୨ ଏବଂ ଗତବର୍ଷ ଅବସର ନେଇଥିବା ରୋଜର ଫେଡେରର ୨୦ଟି ଗ୍ରାଣ୍ଡସ୍ଲାମ ଜିତିଛନ୍ତି।**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ-୨୦୨୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ୬-୩, ୭-୬ (୫), ୬-୩ ସେଟ୍‌ରେ ହରାଇ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ଜୋକୋଭିଚ୍‌ଙ୍କ କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିସହ ୧୯୬୮ରେ ଓପନ ଯୁଗ ଆରମ୍ଭ ହେବା ପରଠାରୁ ଜୋକୋଭିଚ୍ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ରେକର୍ଡ କରିଛନ୍ତି। ତାଙ୍କ ପଛକୁ ସେରେନା ୱିଲିୟମ୍ସ ୨୩, ରାଫାଲ ନାଡାଲ ୨୨ ଏବଂ ଗତବର୍ଷ ଅବସର ନେଇଥିବା ରୋଜର ଫେଡେରର ୨୦ଟି ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ଜୋକୋଭିଚ୍‌ଙ୍କ ଭଳି ମାର୍ଗାରେଟ କୋର୍ଟ ମଧ୍ୟ ୨୪ଟି ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ମାତ୍ର ଏହା ମଧ୍ୟରୁ ସେ କେତେକ ଟେନିସର ଆମେଚର ଯୁଗରେ ଜିତିଛନ୍ତି। ଜୋକୋଭିଚ୍ କ୍ୟାରିୟରରେ ୧୦ ଅଷ୍ଟ୍ରେଲିଆନ ଓପନ, ୭ ୱିମ୍ବଲଡନ, ୪ ୟୁଏସ୍ ଓପନ ଏବଂ ୩ଥର ଫ୍ରେଞ୍ଚ ଓପନ ଚାମ୍ପିୟନ ହୋଇଛନ୍ତି। ତାଙ୍କର ଏହି ୨୪ ଗ୍ରାଣ୍ଡସ୍ଲାମ ଟାଇଟଲକୁ ନେଇ ବିଶେଷ ଉପସ୍ଥାପନା...

**୧:** ୨୦୦୮ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଜୋ-ୱିଲିଫ୍ରେଡ୍ ସୋଙ୍ଗା, ସେଟ୍ ୪-୬, ୬-୪, ୬-୩, ୭-୬ (୨)। ସେମିଫାଇନାଲରେ ରୋଜର ଫେଡେରରଙ୍କୁ ହରାଇଥିବା ଜୋକୋଭିଚ୍ ସୋଙ୍ଗାଙ୍କ ବିପକ୍ଷ ଫାଇନାଲରେ ଦ୍ୱିତୀୟ ଓ ତୃତୀୟ ସେଟ୍‌ରେ ବ୍ରେକ୍ ପଏଣ୍ଟର ସମ୍ମୁଖୀନ ହୋଇ ନ ଥିଲେ।

**୨:** ୨୦୧୧ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ମୁରେ, ସେଟ୍ ୬-୪, ୬-୨, ୬-୩। ଫାଇନାଲରେ ୩୮ ଷ୍ଟ୍ରୋକ୍ ପଏଣ୍ଟ ବିନିମୟରେ ପ୍ରଥମ ସେଟ୍ ଜିତିବାପରେ ଆଉ ପଛକୁ ଫେରି ନ ଥିଲେ। ଏହି ଟୁର୍ନାମେଣ୍ଟ ପୂର୍ବରୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଫେଡେରର ୧୬ ଓ ନାଡାଲ ୯ ଗ୍ରାଣ୍ଡସ୍ଲାମ ଜିତିସାରିଥିଲେ।

**୩:** ୨୦୧୧ ୱିମ୍ବଲଡନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ, ସେଟ୍ ୬-୪, ୬-୧, ୧-୬, ୬-୩। ଫେଡେରରଙ୍କ ବ୍ୟତୀତ ପ୍ରଥମ ଖେଳାଳିଭାବେ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ନାଡାଲଙ୍କୁ ପରାସ୍ତ କଲେ। ଏଥିରେ ବିଜୟ ସହ ସେ ନାଡାଲଙ୍କୁ ହଟାଇ ବିଶ୍ୱ ର୍‌୍ୟାଙ୍କିଙ୍ଗରେ ନମ୍ବର ଓ୍ୱାନ ହେଲେ।

**୪:** ୨୦୧୧ ୟୁଏସ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ, ସେଟ୍ ୬-୨, ୬-୪, ୬-୭ (୭), ୬-୧। ସେମି ଫାଇନାଲରେ ୨ଟି ସେଟ୍‌ରେ ପଛୁଆ ରହିବା ସତ୍ତ୍ୱେ ଫେଡେରରଙ୍କୁ ହରାଇଥିବା ଜୋକୋଭିଚ୍ ଫାଇନାଲରେ ନାଡାଲଙ୍କୁ ୪ ଘଣ୍ଟା ୧୦ ମିନିଟ ବିଶିଷ୍ଟ ମୁକାବିଲାରେ ପରାସ୍ତ କରିଥିଲେ।

**୫:** ୨୦୧୨ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ, ସେଟ୍ ୫-୭, ୬-୪, ୬-୨, ୬-୭ (୫), ୭-୫। ଟାଇଟଲ ପର୍ଯ୍ୟାୟରେ ୫ ଘଣ୍ଟା ୫୩ ମିନିଟ ବିଶିଷ୍ଟ ମାରାଥନ ମୁକାବିଲା ହୋଇଥିବାରୁ ଉଭୟ ଖେଳାଳିଙ୍କୁ ଟ୍ରଫି ପ୍ରଦାନ ବେଳେ ବସିବା ପାଇଁ ଚେୟାର ଦିଆଯାଇଥିଲା।

**୬:** ୨୦୧୩ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ମୁରେ, ସେଟ୍ ୬-୭ (୨), ୭-୬ (୩), ୬-୩, ୬-୨। ଓପନ ଯୁଗରେ ପ୍ରଥମ ଖେଳାଳିଭାବେ ଜୋକୋଭିଚ୍ କ୍ରମାଗତ ୩ ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ।

**୭:** ୨୦୧୪ ୱିମ୍ବଲଡନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରୋଜର ଫେଡେରର, ସେଟ୍ ୬-୭ (୭), ୬-୪, ୭-୬ (୪), ୫-୭, ୬-୪। ଅଲ୍ ଇଂଲଣ୍ଡ କ୍ଲବରେ ଫେଡେରରଙ୍କ କ୍ରମାଗତ ୮ ଟାଇଟଲ ହାସଲରେ ବାଧା ସୃଷ୍ଟି କଲେ ଜୋକୋଭିଚ୍।

**୮:** ୨୦୧୫ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ମୁରେ, ସେଟ୍ ୭-୬ (୫), ୬-୭ (୪), ୬-୩, ୬-୦। ମେଲବୋର୍ନ ପାର୍କରେ କ୍ୱାର୍ଟର ଫାଇନାଲ ପରାଜୟର ଗୋଟିଏ ବର୍ଷ ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ଜୋକୋଭିଚ୍।

**୯:** ୨୦୧୫ ୱିମ୍ବଲଡନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରୋଜର ଫେଡେରର, ସେଟ୍ ୭-୬ (୧), ୬-୭ (୧୦), ୬-୪, ୬-୩। ଫାଇନାଲ ପୂର୍ବରୁ ୯୦ରୁ ୮୯ଟି ସର୍ଭିସ୍ ଗେମ୍ସ ଜିତିଥିବା ଫେଡେରରଙ୍କ ବିପକ୍ଷରେ ୪ ବ୍ରେକ୍ ପଏଣ୍ଟ ହାସଲ କରିବାରେ ସକ୍ଷମ ହୋଇଥିଲେ ଜୋକୋଭିଚ୍।

**୧୦:** ୨୦୧୫ ୟୁଏସ୍ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରୋଜର ଫେଡେରର, ସେଟ୍ ୬-୪, ୫-୭, ୬-୪, ୬-୪। ୨୩ରୁ ୧୯ଟି ବ୍ରେକ୍ ପଏଣ୍ଟ ସେଭ୍ କରିବାରେ ସକ୍ଷମ ହୋଇଥିଲେ।

**୧୧:** ୨୦୧୬ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ମୁରେ, ସେଟ୍ ୬-୧, ୭-୫, ୭-୬ (୩)। ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲରେ ରଡ୍ ଲାଭର ଓ ବିୟନ ବର୍ଗଙ୍କ ରେକର୍ଡର ସମକକ୍ଷ।

**୧୨:** ୨୦୧୬ ଫ୍ରେଞ୍ଚ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ମୁରେ, ସେଟ୍ ୩-୬, ୬-୧, ୬-୨, ୬-୪। କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂର୍ଣ୍ଣ କଲେ। ଏହା ବ୍ୟତୀତ ୧୯୬୯ରେ ଲାଭରଙ୍କ ପରେ ପ୍ରଥମ ଖେଳାଳିଭାବେ କ୍ରମାଗତ ୪ ମେଜର ଟାଇଟଲ ହାସଲ କଲେ।

**୧୩:** ୨୦୧୮ ୱିମ୍ବଲଡନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ କେଭିନ ଆଣ୍ଡରସନ, ସେଟ୍ ୬-୨, ୬-୨, ୭-୬ (୩)। ଡାହାଣ କହୁଣିରେ ଅସ୍ତ୍ରୋପଚାରପରେ ପ୍ରଥମ ମେଜର ଟାଇଟଲ ଜିତିଲେ।

**୧୪:** ୨୦୧୮ ୟୁଏସ୍ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଜୁଆନ ମାର୍ଟିନ ଡେଲ ପେଟ୍ରୋ, ସେଟ୍ ୬-୩, ୭-୬ (୪), ୬-୩। ନିଜ ଆଦର୍ଶ ଖେଳାଳି ପିଟ୍ ସାମ୍ପ୍ରାସଙ୍କ ୧୪ ମେଜର ଟାଇଟଲ ବିଜୟ ରେକର୍ଡର ସମକକ୍ଷ।

**୧୫:** ୨୦୧୯ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ, ସେଟ୍ ୬-୩, ୬-୨, ୬-୩। ପୂରା ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ୩୪ଟି ୱିନର୍ସ ମାରିଥିଲେ। ମାତ୍ର ୯ ଥର ଅନ୍‌ଫୋର୍ସଡ୍ ଏରର କରିଥିଲେ।

**୧୬:** ୨୦୧୯ ୱିମ୍ବଲଡନ ଓପନ: ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ରୋଜର ଫେଡେରର, ସେଟ୍ ୭-୬ (୫), ୧-୬, ୭-୬ (୪), ୪-୬, ୧୩-୧୨ (୩)। ୱିମ୍ବଲଡନରେ ପ୍ରଥମ ଥରପାଇଁ ୫ମ ସେଟକୁ ଟାଇବ୍ରେକରରେ ଜିତିଲେ।

**୧୭:** ୨୦୨୦ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଡୋମିନିକ୍ ଥିମ୍, ସେଟ୍ ୬-୪, ୪-୬, ୨-୬, ୬-୩, ୬-୪। ଡିହାଇଡ୍ରେଶନ ହୋଇଥିଲେ ମଧ୍ୟ ଜୋକୋଭିଚ୍ କଡ଼ା ଚ୍ୟାଲେଞ୍ଜ ଦେଇ ଟାଇଟଲ ଜିତିଥିଲେ।

**୧୮:** ୨୦୨୧ ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଡାନିଲ ମେଡଭେଡେଭ, ସେଟ୍ ୭-୫, ୬-୨, ୬-୨। ଏଠାରେ ମେଡଭେଡେଭଙ୍କ ୨୦ ମ୍ୟାଚ ବିଜୟ ଧାରା ଭାଙ୍ଗିଥିଲେ ଜୋକୋଭିଚ୍।

**୧୯:** ୨-୨୧ ଫ୍ରେଞ୍ଚ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଷ୍ଟିଫାନୋସ ସିତ୍‌ସିପାସ, ସେଟ୍ ୬-୭ (୬), ୨-୬, ୬-୩, ୬-୨, ୬-୪। ସେମିଫାଇନାଲରେ ନାଡାଲଙ୍କୁ ହରାଇଥିବା ଜୋକୋଭିଚ୍ ଫାଇନାଲରେ ୨ ସେଟ୍‌ରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ରୋଲାଣ୍ଡ ଗାରୋସରେ ନାଡାଲଙ୍କୁ ୨ ଥର ହରାଇବାରେ ପ୍ରଥମ ଖେଳାଳି ହୋଇଥିଲେ।

**୨୦:** ୨୦୨୧ ୱିମ୍ବଲଡନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ମାଟେଓ ବେରେଟିନି, ସେଟ୍ ୬-୭(୪), ୬-୪, ୬-୪, ୬-୩। ଫେଡେରର ଓ ନାଡାଲଙ୍କ ସମକକ୍ଷ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ।

**୨୧:** ୨୦୨୨ ୱିମ୍ବଲଡନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ନିକ୍ କିର୍ଗିଓସ, ସେଟ୍ ୪-୬, ୬-୩, ୬-୪, ୭-୬ (୩)। ସେ ୩୧ ୱିନର୍ସ ମାରିବା ସହ ମାତ୍ର ୮ ଅନ୍‌ଫୋର୍ସଡ ଏରର କରିଥିଲେ।

**୨୨:** ଅଷ୍ଟ୍ରେଲିଆନ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଷ୍ଟିଫାନୋସ ସିତ୍‌ସିପାସ, ସେଟ୍ ୬-୩, ୭-୬ (୪), ୭-୬ (୫)। କୋଭିଡ୍ ଟିକା ନେଇ ନ ଥିବାରୁ ଏହି ବର୍ଷ ଅଷ୍ଟ୍ରେଲିଆନ ଓପନରୁ ବାଦ୍ ପଡ଼ିଥିଲେ। ହାମଷ୍ଟ୍ରିଙ୍ଗ ଇଞ୍ଜୁରିରୁ ମୁକୁଳି ଏଠାରେ ଟାଇଟଲ ହାସଲ କରିଥିଲେ।

**୨୩:** ଫ୍ରେଞ୍ଚ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ କାସ୍ପର ରୁଡ୍, ସେଟ୍ ୭-୬)୧), ୬-୩, ୭-୫। ନାଡାଲଙ୍କ ୨୨ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡକୁ ଭାଙ୍ଗିଲେ। ଏହା ବ୍ୟତୀତ ପ୍ରଥମ ଖେଳାଳିଭାବେ ୪ଟି ଯାକ ଗ୍ରାଣ୍ଡସ୍ଲାମରେ ଅତିକମ୍‌ରେ ୩ ଥର ଲେଖାଏ ଟାଇଟଲ ହାସଲ କଲେ।

**୨୪:** ୨୦୨୩ ୟୁଏସ୍ ଓପନ, ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଡାନିଲ ମେଡଭେଡେଭ, ସେଟ୍ ୬-୩, ୭-୬(୫), ୬-୩ । ୩୬ ବର୍ଷୀୟ ଜୋକୋଭିଚ୍ ସବୁଠାରୁ ବୟସ୍କ ଖେଳାଳିଭାବେ ୟୁଏସ୍ ଓପନ ଟାଇଟଲ ଜିତିଲେ। ସେ ଟୁର୍ନାମେଣ୍ଟରେ ମାତ୍ର ୨ ସେଟ୍ ଡ୍ରପ୍ କରିଥିଲେ।



ୟୁଏସ୍ ଓପନ ଟ୍ରଫି ସହ ନୋଭାକ୍ ଜୋକୋଭିଚ୍

# ଓଏଫ୍‌ସି ଜର୍ସିରେ ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ସଚେତନତା



କଳିଙ୍ଗ ଷ୍ଟାଡିୟମରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଏଫ୍‌ସି ଖେଳାଳି ଓ କୋଚ୍।

ଭୁବନେଶ୍ୱର,୧୧।୯
(ସରୋଜ ଜେନା)

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ତଥା ଏସିଆନ୍ ଏଏଫ୍‌ସି କପ୍‌ର ଚଳିତ ସଂସ୍କରଣ ପାଇଁ କିଟ୍ ଓ ଜର୍ସି ଲଞ୍ଚ କରିଛି ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି)। ପଞ୍ଚମ ସିଜନରେ ପହଞ୍ଚିଥିବା ଓଏଫ୍‌ସି ସୋମବାର କଳିଙ୍ଗ ଷ୍ଟାଡିୟମରେ ୩ଟି ଭିନ୍ନ ରଙ୍ଗର ଜର୍ସି ଲଞ୍ଚ କରିଥିଲା। ପୂର୍ବ ପରି କଳା, ବାଇଗଣୀ ସହିତ ଧଳା ରଙ୍ଗର ଜର୍ସି ରହିଥିବା ବେଳେ ପ୍ରଥମ ଥର ପାଇଁ ଶିମିଳିପାଳ ବ୍ୟାଘ୍ରଙ୍କ ସୁରକ୍ଷା ପାଇଁ ଏକ ନୂତନ ଜର୍ସି ଲଞ୍ଚ କରାଯାଇଛି। କଳା ଓ ବାଇଗଣୀ ଜର୍ସି ଘରୋଇ ମ୍ୟାଚ୍ ପାଇଁ ରହିଥିବା ବେଳେ ଧଳା ଜର୍ସି ବାହାର ମ୍ୟାଚ୍ ପାଇଁ ରଖାଯାଇଛି। ସେହିପରି ତୃତୀୟ ଜର୍ସି ଭାବରେ ହଳଦିଆ ଓ ବାଇଗଣୀ ରଙ୍ଗର ଜର୍ସି ଲଞ୍ଚ କରାଯାଇଛି। ଶିମିଳିପାଳର ବ୍ୟାଘ୍ର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଜର୍ସିକୁ ଡିଜାଇନ କରାଯାଇଛି। ଜର୍ସି ଲଞ୍ଚ ଅବସରରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା, ଦୁଇ ଅଧିନାୟକ ଅମରିନ୍ଦର ସିଂ, ରୟ କ୍ରିଷ୍ଣା, ୟୁଥ୍ ଡେଭଲପମେଣ୍ଟ ମୁଖ୍ୟ ସନ୍ତୋଷ କଶ୍ୟପ, ବ୍ୟବସାୟିକ ମୁଖ୍ୟ ରବି ଖାଦେର ଯୋଗ ଦେଇଥିଲେ। କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଅତିଥି ଭାବରେ ଯୋଗ ଦେଇଥିଲେ। ସିଦ୍ଧାର୍ଥ ଦାସଙ୍କୁ ଏକ ହୋମ ଜର୍ସି ପ୍ରଦାନ କରିଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ଅନ୍ୟପକ୍ଷରେ ଅଧିନାୟକ ଅମରିନ୍ଦର ଏକ ଆୱେ ଜର୍ସି ବିଜୟାନନ୍ଦଙ୍କୁ ପ୍ରଦାନ କରିଥିଲେ। କ୍ଲବ ପ୍ରେସିଡେଣ୍ଟ ରାଜ ଅଠୱାଲ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିବା ବେଳେ ଦଳର ସଫଳତା ପାଇଁ ଏକ ଭିଡିଓ ମେସେଜ୍ ଦେଇଥିଲେ।

ଏଏଫ୍‌ସି ଏସିଆନ୍ ଗେମ୍ସ ପ୍ରସ୍ତୁତି: ଚଳିତ ମାସର ୧୯ ତାରିଖରେ ଏଏଫସି ଏସିଆନ୍ ଗେମ୍ସରେ ମୋହନବାଗାନର ମୁକାବିଲା କରିବ ଓଡ଼ିଶା ଏଫ୍‌ସି। ଏହି ମ୍ୟାଚ୍ ପାଇଁ ଦଳ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ବୋଲି ମୁଖ୍ୟ କୋଚ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ବିଗତ ସିଜନରେ ଦଳ ଆଇଏସ୍‌ଏଲ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ବେଳେ ସୁପର କପ୍‌ରେ ଚାମ୍ପିୟନ ହୋଇଥିଲା। ଚଳିତ ସିଜନରେ ସମାନ ପ୍ରଦର୍ଶନ ଆଉଥରେ ଦୋହରାଇବାକୁ ପ୍ରୟାସ କରିବୁ ବୋଲି ସେ କହିଥିଲେ। ଏକ ସମୟରେ ଏସିଆନ୍ ଗେମ୍ସ ଓ ଆଇଏସ୍‌ଏଲ ଆୟୋଜିତ ହେବାକୁ ଥିବାରୁ ଜାତୀୟ ଦଳ ପାଇଁ ଖେଳାଳିଙ୍କୁ ରିଲିଜ୍ କରିବା ଉପରେ ଇଗୋର ଷ୍ଟିମାକଙ୍କ ସହିତ ଆଲୋଚନା କରିବେ ବୋଲି ଲୋବେରା ସୂଚନା ଦେଇଛନ୍ତି। ଖେଳାଳିଙ୍କ ପାଇଁ ଜାତୀୟ ଦଳ ପକ୍ଷରୁ ଖେଳିବା ସର୍ବଦା ପ୍ରାଥମିକତା ରହିବା। ଷ୍ଟିମାକଙ୍କ ପ୍ରୟାସରେ ହିଁ ଭାରତକୁ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବାର ସୁଯୋଗ ମିଳିଛି। ଷ୍ଟିମାକଙ୍କ ସହିତ ଆଲୋଚନା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଲୋବେରା କହିଛନ୍ତି। ଦଳର ପ୍ରସ୍ତୁତି ବର୍ତ୍ତମାନ ଠିକ୍ ରହିଛି। ସମସ୍ତ ଖେଳାଳି ଫିଟ୍ ରହିଥିବା ବେଳେ କୌଣସି ଇଞ୍ଜୁରୀ ସମସ୍ୟା ନାହିଁ। ପ୍ରସ୍ତୁତି ଠିକ ରହିଥିବା ବେଳେ ଚଳିତ ସିଜନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ଅଧିନାୟକ ଅମରିନ୍ଦର ସିଂ।

ଯୁବ ଖେଳାଳି ମାନଙ୍କୁ ସୁଯୋଗ ଦେବା ପାଇଁ ଓଏଫ୍‌ସି ପକ୍ଷରୁ ବିଭିନ୍ନ ବୟସ ବର୍ଗରେ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି ବୋଲି ୟୁଥ୍ ଡେଭଲପମେଣ୍ଟ ମୁଖ୍ୟ ସନ୍ତୋଷ କଶ୍ୟପ ପ୍ରକାଶ କରିଥିଲେ। ପ୍ରଥମ ପ୍ରୟାସରେ ରିଜର୍ଭ ଟିମକୁ ଡୁରାଣ୍ଡ କପ୍ ପାଇଁ ଚୟନ କରାଯାଇଥିଲା। ୧୨ରୁ ନେଇ ୧୯ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ଟୁର୍ନାମେଣ୍ଟ କରାଯାଇ ଖେଳାଳିମାନଙ୍କୁ ପ୍ରସ୍ତୁତ କରାଯିବ। ସେହିପରି ସ୍କୁଲ ସ୍ତରରୁ ପ୍ରତିଭା ଚୟନ ପାଇଁ ଫୁଟବଲ ଓ ଫୁଟସାଲ ଭଳି ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି ବୋଲି କହିଛନ୍ତି ବ୍ୟବସାୟିକ ମୁଖ୍ୟ ରବି ଖାଦେର।

## ରିଲେ: ଶ୍ରାବଣୀ, ଅମିୟ ନିରାଶ

ଭୁବନେଶ୍ୱର, ୧୧।୯
(ତପନ ସ୍ୱାଇଁ)

ଚଣ୍ଡିଗଡ଼ର ସେକ୍ଟର-୭ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାର ଶେଷ ହୋଇଥିବା ଇଣ୍ଡିଆନ ଗ୍ରାଁ ପ୍ରି-୫ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ଓ ପୁରୁଷ ୪x୧୦୦ ମିଟର ରିଲେ ରେସ୍‌ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ଓ ଅମିୟ କୁମାର ମଲିକ ସାମିଲ ଥିବା ଟିମ୍ ପ୍ରଥମସ୍ଥାନ ଅଧିକାର କରିଛି। ମାତ୍ର ୨ଟି ଯାକ ଦଳ ଏସିଆନ ଗେମ୍ସ ଯୋଗ୍ୟତା ଟାଇମିଂ ସ୍ପର୍ଶ କରିପାରି ନାହିଁ। ଫଳରେ ଦୁଇ ଓଡ଼ିଆ ଆଥଲେଟ୍ ନିରାଶ ହୋଇଛନ୍ତି। ମହିଳା ରିଲେ ରେସ୍‌ରେ ଶ୍ରାବଣୀ, ନିଥ୍ୟା ଗାନ୍ଧେ, ବିଜୟା କୁମାରୀ ଓ ଜ୍ୟୋତି ଆରାଜିଙ୍କୁ ନେଇ ଗଠିତ ଟିମ୍-ଏ ୪୪.୬୬ ସେକେଣ୍ଡ ସମୟ ନେଇଥିଲା। ମାତ୍ର ଯୋଗ୍ୟତା ଟାଇମିଂ ଥିଲା ୪୪.୫୦ ସେକେଣ୍ଡ। ଅର୍ଥାତ୍ ଏହି ଦଳ ୧୬ ସେକେଣ୍ଡ ପଛରେ ପଡ଼ି ଯାଇଥିଲା। ସେହିପରି ପୁରୁଷ ରିଲେ ରେସ୍‌ରେ ହର୍ଷିତ ସିଂ, ଅମିୟ କୁମାର ମଲିକ, ଅମ୍ଲାନ ବୋରଗୋହେନ ଓ ଶିବ କୁମାର ବି.ଙ୍କୁ ନେଇ ଗଠିତ ଟିମ୍-ଏ ୩୯.୨୪ ସେକେଣ୍ଡ ସମୟ ନେଇଥିଲା। ଯୋଗ୍ୟତା ଟାଇମିଂ ୩୯ ସେକେଣ୍ଡ ଥିବାରୁ ଟିମ୍-ଏ ୨୪ ସେକେଣ୍ଡ ପଛରେ ରହି ଯାଇଥିଲା। ଅନ୍ୟପକ୍ଷରେ ୪୦୦ମିଟର ହର୍ଡଲ୍ସରେ କିମ୍ବଦନ୍ତୀ ପି.ଟି. ଉଷା (୫୫.୪୨ ସେକେଣ୍ଡ)ଙ୍କ ଦୀର୍ଘ ୩୯ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିବାରେ ଅଳ୍ପକେ ବଞ୍ଚିତ ହୋଇଛନ୍ତି ତାମିଲନାଡୁର ଆର. ବିଦ୍ୟା ରାମରାଜ (୫୫.୪୩ ସେକେଣ୍ଡ)।

## ପାକିସ୍ତାନୀ କ୍ରିକେଟରଙ୍କୁ ୧୨ ବର୍ଷ ଜେଲ

### ନେତାଙ୍କୁ ହତ୍ୟା ସୁପାରି

କଲମ୍ବୋ,୧୧।୯(ପି.ଟି)

ଜଣେ ନେତାଙ୍କ ହତ୍ୟାର ସୁପାରି ଦେବା ଅଭିଯୋଗରେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଖଲିଦ୍ ଲତିଫଙ୍କୁ ୧୨ ବର୍ଷ ଜେଲ ଦଣ୍ଡ। ଇସଲାମ ବିରୋଧରେ ଆଇ ପ୍ରଣୟନକୁ ବିରୋଧ କରି ଲତିଫ୍ ୨୧ ହଜାର ୟୁରୋର ସୁପାରି ଦେଇଥିଲେ। ନିଜର ଇସଲାମ ବିରୋଧୀ ମତବାଦ ପାଇଁ ପ୍ରସିଦ୍ଧ ଗିର୍ଟ ୱିଲ୍ଡର୍ସଙ୍କ ହତ୍ୟା ପାଇଁ ସୁପାରି ଦେଇଥିବା କାରଣରୁ ନେଦରଲାଣ୍ଡ୍ସର ଏକ କୋର୍ଟ ତାଙ୍କୁ ୧୨ ବର୍ଷର ଜେଲ ଦଣ୍ଡ ପ୍ରଦାନ କରିଛନ୍ତି। ୨୦୧୮ ମସିହାରେ ୱିଲ୍ଡର୍ସଙ୍କୁ ହତ୍ୟା କରିବା ପାଇଁ ସେ ଜଣେ ସୁପାରି କିଲରଙ୍କୁ ପଇସା ଦେଉଥିବାର ଭିଡିଓ ଭାଇରାଲ ହୋଇଥିଲା। ୨୦୧୮ରୁ ଏହି ମାମଲାର ଟ୍ରାଏଲ୍ସ ଚାଲିଥିଲା। ସୋମବାର ରାୟ ପ୍ରକାଶ ପାଇବା ସମୟରେ ଲତିଫ୍ ଓ ତାଙ୍କ ଓକିଲ କୋର୍ଟରେ ଅନୁପସ୍ଥିତ ଥିଲେ। ୩୭ ବର୍ଷୀୟ ଲତିଫ ପାକିସ୍ତାନ ପାଇଁ ୫ ଦିନିକିଆ ଓ ୧୦ ଟି୨୦ ମ୍ୟାଚ ଖେଳିଛନ୍ତି। ୨୦୧୭ରେ ଏକ ସ୍ପଟ୍ ଫିକ୍ସିଂ ମାମଲାରେ ଲତିଫଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ ୫ ବର୍ଷ ବାସନ୍ଦ କରିଥିଲା। ଏହାପରେ ଜଣେ ଇସଲାମ ପ୍ରଚାରକ ଭାବରେ କାର୍ଯ୍ୟ କରୁଥିଲେ ଲତିଫ୍। ଏହି ରାୟ ପ୍ରକାଶ ସମୟରେ ୱିଲ୍ଡର୍ସ କୋର୍ଟରେ ଉପସ୍ଥିତ ରହିଥିଲେ। ୨୦୧୮ରେ ମହମ୍ମଦଙ୍କ କାର୍ଟୁନ୍‌ର ଏକ ପ୍ରଦର୍ଶନୀ କରିବା ପାଇଁ ୱିଲ୍ଡର୍ସ ଘୋଷଣା କରିବା ପରେ ଲତିଫ୍ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏପରିକି ଜଣେ ସୁପାରି କିଲରକୁ ୨୧ ହଜାର ଡଲାର ମଧ୍ୟ ପ୍ରଦାନ କରିଥିଲେ। ବିଗତ କିଛି ବର୍ଷ ଧରି ୱିଲ୍ଡର୍ସ ପୋଲିସ୍ ସୁରକ୍ଷା ମଧ୍ୟରେ ଜୀବନ ବିତାଉଛନ୍ତି।



ଖଲିଦ୍ ଲତିଫ

## ବିକାଶ ସ୍କୁଲ, କ୍ୟାପିଟାଲ ହାଇସ୍କୁଲ ସେମିରେ

ଭୁବନେଶ୍ୱର, ୧୧।୯ (ବିଜୟ ରଣା)

ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ମେମୋରିଆଲ ୩୨ତମ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବିକାଶ ସ୍କୁଲ ଓ କ୍ୟାପିଟାଲ ହାଇସ୍କୁଲ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବିକାଶ ସ୍କୁଲ ୨-୦ ଟାଇବ୍ରେକରରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ହରାଇ ଦେଇଛି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ର କାର୍ଯ୍ୟକାରୀ ସଦସ୍ୟ ନିହାରକାନ୍ତ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବିଜୟୀ ଦଳର ସୋମ ଥାପାଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚରେ ଉଚ୍ଚ କୋଟୀର ପ୍ରଦର୍ଶନ ପାଇଁ ସାଇ ଇଣ୍ଟରନ୍ୟାଶନାଲର ଆୟୁଷ ମହାନ୍ତିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସୋମବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ୧-୦ ଗୋଲ୍‌ରେ ଲୋୟଲା ଓଡ଼ିଆ ସ୍କୁଲକୁ ପରାସ୍ତ କରିଛି। ମ୍ୟାଚ ପରେ କ୍ୟାପିଟାଲ ହାଇସ୍କୁଲର ଅବସରପ୍ରାପ୍ତ ଖେଳଶିକ୍ଷକ ପ୍ରସନ୍ନ କୁମାର ଦଳେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କ୍ୟାପିଟାଲ ହାଇସ୍କୁଲର ବାଇଧର ତିରିଆଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚରେ ଉଚ୍ଚ କୋଟୀର ପ୍ରଦର୍ଶନ ପାଇଁ ଲୋୟଲା ସ୍କୁଲର ଆର୍ୟନ କେରକେଟାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

**କଟକ-ଚୌଦ୍ୱାର ସିଟି କମିଟି ଉପସଭାପତି ବିଜେଡିରୁ ବହିଷ୍କୃତ**

**ଭୁବନେଶ୍ୱର,(ଅନିଲ ଦାସ):** ଦଳବିରୋଧୀ କାର୍ଯ୍ୟ ପାଇଁ କଟକ-ଚୌଦ୍ୱାରା ବିଧାନସଭା ନିର୍ବାଚନମଣ୍ଡଳୀର ସିଟି କମିଟି ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ଦଳ ପକ୍ଷରୁ ସୋମବାର ଏ ନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଉଦ୍ଧବଙ୍କ ରାମ ମନ୍ଦିର ସମ୍ପର୍କିତ ମନ୍ତବ୍ୟକୁ ଭାଜପାର ନିନ୍ଦା

**ନୂଆଦିଲ୍ଲୀ,୧୧।୯:** ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଜଳଗାଁଓଠାରେ ଏକ ସଭାରେ କହିଥିଲେ, ଆଗାମୀ ଦିନରେ ରାମ ମନ୍ଦିର ଉଦ୍‌ଘାଟନ ହେବ। ଏଥିଲାଗି ଦେଶରୁ ଅନେକ ହିନ୍ଦୁଙ୍କୁ ଡକାଯିବାର ସମ୍ଭାବନା ରହିଛି ଏବଂ ସମାରୋହ ସମାପ୍ତ ପରେ ଲୋକଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ଗୋଧ୍ରା ପରି ଘଟଣା ସୃଷ୍ଟି ହୋଇପାରେ। ଉଦ୍ଧବଙ୍କ ଏହି ମନ୍ତବ୍ୟକୁ ନିନ୍ଦା କରିଛି ଭାଜପା। ସୋମବାର ଭାଜପା ଏମ୍‌ପି ରବି ଶଙ୍କର ପ୍ରସାଦ କହିଛନ୍ତି, ମୁଁ କେବଳ କହିବାକୁ ଚାହେଁ ଯେ ଭୋଟ୍ ପାଇଁ ବିରୋଧୀ ମେଣ୍ଟ 'ଇଣ୍ଡିଆ' ଯେକୌଣସି ସ୍ତରକୁ ଯାଇପାରିବ। ସେମାନଙ୍କୁ ସଦ୍‌ବୁଦ୍ଧି ଦେବାପାଇଁ ଭଗବାନ ରାମଙ୍କୁ ପ୍ରାର୍ଥନା କରିବାକୁ ଚାହେଁ। ଏହା ଏକ ଲଜ୍ଜାଜନକ ଏବଂ ଅଶ୍ଳୀଳ ମନ୍ତବ୍ୟ। ଆମେ ଏହାକୁ ନିନ୍ଦା କରୁଛୁ।

# ନୀତୀଶ ବଡ଼ ଚତୁର: ପିକେ

**ପାଟନା,୧୧।୯ :** ଜି-୨୦ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆୟୋଜିତ ନୈଶ ଭୋଜିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଯୋଗଦେଇଥିଲେ। ଏପ୍ରସଙ୍ଗକୁ ନେଇ ପ୍ରଶାନ୍ତ କିଶୋର (ପିକେ) ନୀତୀଶଙ୍କୁ କଡ଼ା ସମାଲୋଚନା କରିଛନ୍ତି । ନୀତୀଶ ଭାଜପାକୁ ଏକ ବାର୍ତ୍ତା ଦେବାକୁ ଯାଇଥିଲେ ଯେ, ଯଦି ସେମାନେ ଗୁରୁତ୍ୱ ନ ଦିଅନ୍ତି ତଥାପି ଆମେ ମଧ୍ୟ ସେଠାକୁ ଯାଇପାରୁ। ଗତ ୮ ବର୍ଷ ମଧ୍ୟରେ ନୀତୀଶ ସେଠାକୁ ଯାଇ ନ ଥିଲେ। ସେ ଭାଜପା ସହିତ ଥିବା ସମୟରେ ମଧ୍ୟ ଏପରି କରି ନ ଥିଲେ। ପ୍ରଶାନ୍ତ କିଶୋର କହିଛନ୍ତି, ନୀତୀଶ ଭାରି ଚତୁର। ତାଙ୍କର ରାଜନୀତି କରିବାର ନିଜସ୍ୱ ରଣନୀତି ଅଛି। ଗୋଟିଏ କବାଟ ଖୋଲା ରଖି ଉଭୟ ଝରକା ଏବଂ ସ୍କାଏଲାଇଟ ପଛ ପଟରୁ ଖୋଲା ରଖିଛନ୍ତି। କେତେବେଳେ କାଳେ କ'ଣ ଆବଶ୍ୟକ ହେବ। ତେଣୁ ସେ ନିଜର ରାସ୍ତା ଖୋଲା ରଖିଛନ୍ତି। ଇଣ୍ଡିଆ ମେଣ୍ଟ ହେଉଛି ନୀତୀଶଙ୍କ ଘର କବାଟ ଏବଂ ଝରକା ହେଉଛି ଏନ୍‌ଡିଏ ଯାହାର ରାଜ୍ୟସଭା ସଦସ୍ୟ ହେଉଛନ୍ତି ହରିବଂଶ ନାରାୟଣ। ହରିବଂଶଙ୍କ ମାଧ୍ୟମରେ ସେ ଭାଜପା ସହ ଯୋଗାଯୋଗରେ ଅଛନ୍ତି। କୋଠରୀକୁ ଆଲୋକ ଆସିବା ପାଇଁ ଆମେ ସ୍ଥାନ ଛାଡିବା ପରି ଏହା ଏକ ମେସେଜିଂ ଅଟେ। ଏହା ଭାଜପା ଏବଂ ଏନଡିଏ ସଦସ୍ୟଙ୍କୁ ବାର୍ତ୍ତା ଦେଉଛି। କେହି ଜଣେ ନୀତୀଶ କୁମାରଙ୍କୁ ପଚାରିବା ଉଚିତ ସେ ଗତ ବର୍ଷ କାହିଁକି ଯାଇ ନ ଥିଲେ? ଏନ୍‌ଡିଏ ଲୋକଙ୍କ ଉପରେ ଚାପ ପକାଇବାର ଏହା ହେଉଛି ସେମାନଙ୍କର ଉପାୟ। ଯଦି ଆପଣଙ୍କ ଲୋକମାନେ ଆମକୁ ଗୁରୁତ୍ୱ ଦିଅନ୍ତି ନାହିଁ ତେବେ ଆମେ ମଧ୍ୟ ସେଠାକୁ ଯାଇପାରିବୁ। ବିହାରରେ ନୀତୀଶ କୁମାରଙ୍କ ରାଜନୀତି ସମସ୍ତଙ୍କୁ ଜଣା ବୋଲି ପିକେ କହିଛନ୍ତି।



ନବୀନ ନିବାସଠାରେ ସୋମବାର ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିଜେଡି କର୍ମକର୍ତ୍ତା ଓ କର୍ମୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

# ଜନହିତକର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ

## ଆରମ୍ଭ ହେଲା ବିଜେଡିର କର୍ମୀ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୧।୯(ଅନିଲ ଦାସ)**

ଶଙ୍ଖ ଭବନରେ ସୋମବାରଠାରୁ ବିଜେଡି କର୍ମୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିବସରେ କଟକ, ଚୌଦ୍ୱାର, ହିଞ୍ଜିଳିକାଟୁ, ଭଞ୍ଜନଗରର ବିଜେଡି କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ୩ରୁ ୪ ମାସ ଯାଏ ଚାଲିବ। ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାୟ ୩୦ ହଜାର କର୍ମୀଙ୍କୁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ପଞ୍ଚାୟତରୁ ୪ ଜଣଙ୍କୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଦଳର ବରିଷ୍ଠ ନେତାମାନେ ମଧ୍ୟ ଏଥିରେ ଉପସ୍ଥିତ ରହିବେ । ବିଧାୟକ ପ୍ରଣବ ବଳବନ୍ତରାୟ ଯୁବ ଓ ଛାତ୍ରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକୁ କିପରି ସମସ୍ତଙ୍କ ନିକଟରେ ପହଞ୍ଚାଯାଇ ପାରିବ ସେ ନେଇ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତାମାନେ କର୍ମୀଙ୍କର ମାର୍ଗଦର୍ଶନ କରିବେ।

ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରତ୍ୟେକ ଜିଲ୍ଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକ ପର୍ଯ୍ୟବେକ୍ଷକଙ୍କୁ ନିକଟରେ ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶ ଦେଇଥିଲେ ।

CLASSIFIED DISPLAY
MORE SPACE ' SAME PRICE
TARIFF / GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 8x4 | 12x4 | 8x4 | 12x4 | 8x4 | 12x4 | 8x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅକ୍ଟୋବର ଶେଷ ସୁଦ୍ଧା ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବ କଂଗ୍ରେସ

**ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର):** ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଦ୍ୱାରା ଗଠିତ ପ୍ରଦେଶ କଂଗ୍ରେସ ନିର୍ବାଚନୀ ଇସ୍ତାହାର କମିଟିର ୨ୟ ବୈଠକ ଅଧକ୍ଷ ପଞ୍ଚାନନ କାନୁନ୍‌ଗୋଙ୍କ ସଭାପତିତ୍ୱରେ କଂଗ୍ରେସ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୩ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଇସ୍ତାହାର କମିଟି ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତକରି ଲୋକପ୍ରତିନିଧି, ସାଧାରଣ ଜନତା, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କର୍ମୀମାନଙ୍କ ସହ ବିଶଦ ଆଲୋଚନା କରିବ। ରାଜ୍ୟରେ ଥିବା ବିଭିନ୍ନ ବିଷୟ ବିଶାରଦଙ୍କ ସହ ଆଲୋଚନା କରି ମତ ସଂଗ୍ରହ କରାଯିବ। ବିଭିନ୍ନ ରାଜ୍ୟର କଂଗ୍ରେସ କମିଟି ଦ୍ୱାରା ପ୍ରସ୍ତୁତ ଇସ୍ତାହାରକୁ ଅଧ୍ୟୟନ କରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ନିଜର ଇସ୍ତାହାର ପ୍ରସ୍ତୁତ କରିବ। ଏହି ସମସ୍ତ ପ୍ରକ୍ରିୟା ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଚୂଡ଼ାନ୍ତ କରିବାକୁ ପିସିସି ସଭାପତି ଶରତ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବହୁ ବରିଷ୍ଠ ନେତା ତଥା ଇସ୍ତାହର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଜ୍ଞପ୍ତି ତୁରନ୍ତ ପ୍ରତ୍ୟାହାର କରାଯାଉ: ଭାଜପା

## ୨୦ ହଜାର ଶିକ୍ଷକଙ୍କୁ ଠିକାରେ ନିଯୁକ୍ତି ଲାଗି ବିଜ୍ଞପ୍ତି

**ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର):** ରାଜ୍ୟ ସରକାର ୨୦ ହଜାର ଶିକ୍ଷକ ପଦବୀରେ ଠିକା ନିଯୁକ୍ତି କରିବା ପାଇଁ ନେଇଥିବା ନିଷ୍ପତ୍ତି ବେଆଇନ ଓ ଅଗଣତାନ୍ତ୍ରିକ। ବିଜେଡି ଶାସନରେ ମାଲିକ ସାଜିଥିବା ଅଣଓଡ଼ିଆ ଅଧିକାରୀମାନେ ଓଡ଼ିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟକରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ରଚିଛନ୍ତି ଏହା ହେଉଛି ତା'ର ପ୍ରମାଣ। ସ୍କୁଲ କାନ୍ଥବାଡ଼କୁ ସବୁଜ ରଙ୍ଗ କରିବାରେ ଯଦି ୩୪୧୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାରଙ୍କ ପାଖରେ ଟଙ୍କା ଅଛି ତେବେ ଶିକ୍ଷକଙ୍କ ଦରମା ଦେବା ପାଇଁ କାହିଁକି ଅର୍ଥର ଅଭାବ ପଡୁଛି ବୋଲି ଭାଜପା ପ୍ରଶ୍ନ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀ ଜରିଆରେ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ଅକ୍ଟୋବର ୨୦୨୨ରେ ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶାରୁ ଠିକା ନିଯୁକ୍ତି ହଟିଗଲା ବୋଲି ଘୋଷଣା କରିଥିଲେ। ପୁନଃ ଏପ୍ରିଲ ୨୦୨୩ରେ ଆଉ ଥରେ ଘୋଷଣାକଲେ ଯେ, ଓଡ଼ିଶାରେ ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଆଉ କେହି ଠିକା ଶିକ୍ଷକ ରହିବେ ନାହିଁ। ତେବେ ସୋମବାର ପୁଣି ଏହି ଠିକା ନିଯୁକ୍ତି ନିଷ୍ପତ୍ତି କାହାର ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ଯେଉଁକଥା ନିଜେ ଘୋଷଣା କରୁଛନ୍ତି ସେହି କଥାକୁ କାହିଁକି ମାନୁନାହାନ୍ତି। ତୁରନ୍ତ ସରକାର ଏହି ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ସହ ସେହି ୨୦ ହଜାର ଶିକ୍ଷକ ପଦବୀରେ ନିୟମିତ ନିଯୁକ୍ତି କରିବା ପାଇଁ ଆଉ ଥରେ ବିଜ୍ଞପ୍ତି ପ୍ରକାଶ କରନ୍ତୁ। ସରକାରଙ୍କ ଭୁଲ୍ ନିଷ୍ପତ୍ତି ପାଇଁ ୪ ଦିନ ହେଲା ରାଜ୍ୟର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଫଳରେ ବିଦ୍ୟାଳୟ ଶିକ୍ଷା ପ୍ରଦାନ ବ୍ୟବସ୍ଥା ପ୍ରଭାବିତ ହେଉଛି ବୋଲି ଅନିଲ କହିଛନ୍ତି।

# ଭାଜପାରେ ବିଭିନ୍ନ ନିର୍ବାଚନମଣ୍ଡଳୀର ସାମାଜିକ କର୍ମୀ

**ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର):** ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସୋମବାର ବିଭିନ୍ନ ନିର୍ବାଚନମଣ୍ଡଳୀର ସାମାଜିକ କର୍ମୀ ପଦ୍ମ ଧରିଛନ୍ତି। ବାସୁଦେବପୁର ନିର୍ବାଚନମଣ୍ଡଳୀର ସାମାଜିକ କର୍ମୀ ମନୋଜ କୁମାର ନାୟକ, କଟକ ସଦର ନିର୍ବାଚନମଣ୍ଡଳୀର ସାମାଜିକ କର୍ମୀ ପ୍ରକାଶ କୁମାର ସେଠୀ, ବିଜେବି କଲେଜ ଛାତ୍ର ସଂସଦ ତଥା ଏନ୍‌ଏସୟୁଆଇ ପୂର୍ବତନ ରାଜ୍ୟ ସମ୍ପାଦକ ସୁପ୍ରିମକୋର୍ଟ ଆଇନଜୀବୀ ସୂର୍ଯ୍ୟକାନ୍ତ ପାଢ଼ୀ, ଧର୍ମଗଡ ନିର୍ବାଚନମଣ୍ଡଳୀ ବାସିନ୍ଦା ତଥା ଯୁବ ଆଇନଜୀବୀ ସଞ୍ଜୀବ ଜୋଷୀ, ଜନ୍ମେଜୟ ରାୟ, ରାଜ୍ୟ ମତ୍ସ୍ୟ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରତାପ ରାଉତ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି।

Classified Everyday
0674-2580101, 2549949



REAL ESTATE

SALE

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ନଖରା ତ୍ରିନାଥବଜାର ମହାଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Patia (KIIT) ବାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407. D-75212

House for Sale Sector-3, Near Water Tank Plot No- S3-136+139 Niladrivihar, Chandrasekharpur, Bhubaneswar. Contact- 9437229575. D-1266

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

Barimunda (Balijatrapadia) 20,000sqft. @480 (Wirehouse, Petrol Pump, Farmhouse). 7008711445, 6372801963. D-1273

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

Duplex sale at Bhubaneswar @ 57lakhs only. Contact- 9777433701. D-75213





Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

Home service full body massage only for female Whatsapp 9777267601, 7853083303. D-1219

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

Newly open SPA positively health benefits with expert therapist. 9938843929. D-75147

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Only male to male full body massage with relax. Contact: 9938237028, BBSR. D-1270





All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LOST

My name is Mrs. Nirupama Nayak, W/o Dhusasan Nayak, resident of plot No. 65, Paika Nagar, PO-Delta, Dist.-Khordha, Bhubaneswar unfortunately I have lost/ misplaced the Original Conveyance Deed/ Document No. 11132104811 dt.-17.05.21 of the propety situated at Mz-Bharatpur, Bhubaneswar, ( vide F.I.R No. CPREG-3689 dt.-9.9.23) if the same has been used by anybody for any purpose then said transaction shall be treated as void used I will not be responsible. Mob:- 9437632314. D-71781

AFFIDAVIT

I, K Budhimati Rao, D/o- K Ganesh Rao, aged 27 years, resident of MIG-65, Ananta Vihar, Phase-2, Pokhariput, Bhubaneswar-751020, Odisha declare by this affidavit No. 9069 dtd-18.5.2023 that now onwards I shall be known as K BUDHIMMATI RAO for all future purposes. D-1280

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By an affidavit No.-256, dtd 01. 09. 2023 I , Karunakar Karua, S/o- late Laxmidhar Karua, At-Rengalbeda, P.O.- Chilida, P.S Turumunga, Dist.- Keonjhar, Odisha declare that my nick name Babula, which has been mentioned in Aadhaar Card, PAN Card, Bank Passbook as Babula Mahanta. Karunakar Karua and Babula Mahanta is one and same person and shall be known as Babula Mahanta for all purposes. D-1285

ମୁଁ ପ୍ରଭାତ କୁମାର ଭୂୟାଁ, ପି: ପ୍ରଦୀପ୍ତ କୁମାର ଭୂୟାଁ, ବାଟେଶ୍ୱରୀ ନିବାସୀ, ଥା: ସାଲେପୁର, ଜିଲ୍ଲା- କଟକ, ପୋଷ୍ୟପୁତ୍ର ଦଲିଲ୍ ନଂ- ୪୦୫୦୧୬୦୩୯୭୨ dt.- 14.12.2016ରିଖରେ ପୋଷ୍ୟପିତା କୃଷ୍ଣଚନ୍ଦ୍ର ପ୍ରଧାନ ଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ହୋଇ ନୂତନ ଭାବରେ ରବି କୁମାର ପ୍ରଧାନ ଭାବରେ ପରିଚୟ ହେଲେ। ପ୍ରଭାତ କୁମାର ଭୂୟାଁ ଓ ରବି କୁମାର ପ୍ରଧାନ, ଏକା ଓ ସମାନ ବ୍ୟକ୍ତି ଅଟନ୍ତି। ଧ-୭୪୦୯୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ଜଟାଧାରୀ ସେଠୀ
ମୂଳଗାଁ, ଜଗତ୍‌ସିଂହପୁର
ଆବିର୍ଭାବ-୧୬।୦୬।୧୯୩୬
ସ୍ୱର୍ଗାରୋହଣ- ୧୫।୦୩।୨୦୨୦
ପିତା ଧର୍ମ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ।
ବାପା, ସାଂସାରିକ ମୋହର ଘନ ଅନ୍ଧକାରକୁ ହଟାଇ ତୁମେ ବରିନେଲ ଜୀବନର ପରମ ଓ ଚିରନ୍ତନ ସତ୍ୟକୁ। ଜୀବନବ୍ୟାପୀ ସତ୍‌ମାର୍ଗରେ ଚାଲିବା ପାଇଁ ତୁମେ ଛାତ୍ରଛାତ୍ରୀ ତଥା ଆମ୍ଭମାନଙ୍କୁ ପ୍ରେରିତ କରୁଥିଲ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଖେ ଆମେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପ୍ରଶାନ୍ତ-ଇତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୫୩୦୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅପରାଜିତା ମହାପାତ୍ର
ଲୁଇସ୍ ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୩।୦୭।୧୯୫୭
ତିରୋଧାନ: ୧୨।୦୯।୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ତୁମର ସ୍ନେହ, ଶ୍ରଦ୍ଧା, ପରୋପକାର, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଚିର ସ୍ମରଣୀୟ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମେ ଯେଉଁଠି ଥାଅ ସୁଖ ଓ ଶାନ୍ତିରେ ଥାଅ ଓ ଆମମାନଙ୍କୁ ପଥ ପ୍ରଦର୍ଶନ କରୁଥାଅ।
ଶୋକସନ୍ତପ୍ତ: ତୁମର ପ୍ରିୟ ପରିବାର ବର୍ଗ, ବନ୍ଧୁ ତଥା ଆତ୍ମୀୟସ୍ୱଜନ ।
ଧ-୭୩୮୧

ଏକାଦଶାହ ଉପଲକ୍ଷେ



୰କାହ୍ନୁଚରଣ ସାହୁ
ବାଲ୍ୟାୟା,ଭାପୁର, ଢେଙ୍କାନାଳ
ଆବିର୍ଭାବ: ୦୨।୦୪।୧୯୫୩
ତିରୋଧାନ: ୦୨।୦୯।୨୦୨୩
(ଭାଦ୍ରବ କୃଷ୍ଣପକ୍ଷ ତୃତୀୟା )
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଆଦର୍ଶ ଓ ପରୋପକାରିତା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଓ ଶାନ୍ତି ଲାଭ କରୁ ଏତିକି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୭୪୦୯୨

ମନେ ପଡ଼ନ୍ତି
ଦ୍ୱାବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୭୪୫୮୨

୧୭ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯାମିନୀ ବଲ୍ଲଭ ଦାଶ
(ଘାଟିକିଆ, ଭୁବନେଶ୍ୱର)
ଆପଣଙ୍କର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟ ପରାୟଣତା, ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ପାଥେୟ ହୋଇ ରହୁ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚରଣରେ ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ପତ୍ନୀ- ବାସନ୍ତି, ପୁତ୍ର ଓ ପୁତ୍ରବଧୂ, ନାତୁଣୀ-ଟୁଡୁ, ଗୁଡୁ, ନାତି-ଭୋଲୁ, କନ୍ୟା ଓ ଜାମାତା ଏବଂ ପରିବାରବର୍ଗ ।
ଧ-୭୪୫୮୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ପିଲାଙ୍କୁ ଗଢ଼ନ୍ତୁ ଏମିତି

ପିଲାଙ୍କୁ ଲାଳନପାଳନ କରି ଭଲ ମଣିଷ କରିବାକୁ ହେଲେ ଛୋଟବେଳରୁ ହିଁ ସବୁ ଦିଗକୁ ଦୃଷ୍ଟି ଦେବାକୁ ହେବ। ତେବେ ଏନେଇ ଜାଣି ରଖନ୍ତୁ କିଛି ଟିପ୍ସ।



- ପିଲାଙ୍କୁ ଆପଣ ଜନ୍ମ ଦେଇଛନ୍ତି ସତ କିନ୍ତୁ ସେମାନଙ୍କୁ ନିଜ ସମ୍ପତ୍ତି ଭାବି ନିଜ ଇଚ୍ଛାକୁ ଲଦିବାକୁ ଚେଷ୍ଟା କରନ୍ତୁ ନାହିଁ। ବରଂ ସେମାନଙ୍କ ସ୍ୱପ୍ନକୁ ସମର୍ଥନ କରି ଖୁସିରେ ଜୀବନ ବିତାନ୍ତୁ।
- ବେଳେବେଳେ ଅଭିଭାବକମାନେ ନିଜେ ପୂରା କରିପାରି ନ ଥିବା ସ୍ୱପ୍ନକୁ ପିଲାଙ୍କ ମାଧ୍ୟମରେ ପୂରା କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏପରି ନ କରି ପିଲାମାନେ କ'ଣ କରିବାକୁ ଚାହୁଁଛନ୍ତି ସେକଥା ବୁଝିବାକୁ ଚେଷ୍ଟା କରନ୍ତୁ। ସେମାନଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ସବୁ ପ୍ରକାରର ସହଯୋଗ କରନ୍ତୁ।
- ଛୋଟବେଳରୁ ପିଲାମାନେ ଯେ ସବୁ ଶିଖିଯିବେ ସେକଥା ଅଭିଭାବକମାନେ ଭାବିବା ଠିକ୍ ନୁହେଁ। ଶିଖିବାର ଏକ ନିର୍ଦ୍ଦିଷ୍ଟ ବୟସ ଥାଏ। ତେଣୁ ପିଲାଙ୍କୁ ଛୋଟ ବୟସରେ ସବୁ କରିବା ପାଇଁ ଚାପ ପକାନ୍ତୁ ନାହିଁ।
- ପିଲା ଛୋଟବେଳରୁ ଯେଉଁ ପରିବେଶରେ ବଡ ହୁଏ ସେହି ଅନୁସାରେ ତା'ର ଭବିଷ୍ୟତ ଗଢ଼ିହୁଏ। ତେଣୁ ପିଲାଙ୍କୁ ଛୋଟବେଳେ ଏକ ସୁନ୍ଦର ହସଖୁସିଭରା ପରିବେଶରେ ବଢ଼ିବାକୁ ଦିଅନ୍ତୁ।
- ପିଲାଙ୍କ ସହ ସାଙ୍ଗ ଭଳି ମିଶନ୍ତୁ। ଅଭିଭାବକମାନେ ପିଲାଙ୍କ ସହ ସାଙ୍ଗ ଭଳି ବ୍ୟବହାର କଲେ ସେମାନେ ବାହାର ପିଲାଙ୍କ ସହ କମ୍ ମିଶିବେ। ପିଲାମାନେ ବି ଅଭିଭାବକଙ୍କ ସହ ନିଜର ସାଙ୍ଗ ଭଳି ହୃଦୟର ସବୁ କଥା ଶେୟାର କରିପାରିବେ। ତେଣୁ ଏକ ସମୟରେ ପିଲାଙ୍କୁ ବାପା ମା'ଙ୍କର ସ୍ନେହ ମିଳିବା ସହିତ ପିଲାମାନେ କୌଣସି ଭୁଲ୍ କାମ କରିବା ପୂର୍ବରୁ ତାଙ୍କୁ ଠିକ୍ ରାସ୍ତାକୁ ଆଣିବାର ସୁଯୋଗ ପାଇପାରିବେ।

# ମାଇଗ୍ରେନ୍‌ରୁ ମିଳିବ ମୁକ୍ତି

ମୁଣ୍ଡର ଏକ ନିର୍ଦ୍ଦିଷ୍ଟ ଭାଗ ବିନ୍ଧାହେଲେ ତାହା ମାଇଗ୍ରେନ୍ ବୋଲି କୁହାଯାଏ। ଏହି ସମସ୍ୟା କିଛି ମିନିଟ୍ କିମ୍ବା କିଛି ଘଣ୍ଟାରେ ଭଲ ହୋଇ ନ ଥାଏ। ବେଳେବେଳେ ୨ଦିନ ପର୍ଯ୍ୟନ୍ତ ଏହା ଭଲ ହୋଇ ନ ଥାଏ। ତେବେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...



- ଏକ ଗ୍ଲାସ ଉଷୁମ ପାଣିରେ କିଛି ଲବଙ୍ଗ ଗୁଣ୍ଡ ପକାଇ ରାତିରୁ ଭିଜାଇ ଦିଅନ୍ତୁ। ଏହି ପାଣିକୁ ସକାଳୁ ପିଇବା ଫଳରେ ମୁଣ୍ଡବିନ୍ଧା ସମ୍ପୂର୍ଣ୍ଣ ଭଲ ହୋଇଯିବ।
- ଠିକ୍ ସମୟରେ ଖାଆନ୍ତୁ ଓ ରାତିରେ ଠିକ୍ ସମୟରେ ଶୁଅନ୍ତୁ। କାରଣ ଏହି ଲାଇଫ୍‌ଷ୍ଟାଇଲ୍‌ରେ ଅନିୟମିତତା ହିଁ ମାଇଗ୍ରେନ୍‌ର ମୁଖ୍ୟ କାରଣ ହୋଇଥାଏ।
- କୌଣସି ଚିନ୍ତା କିମ୍ବା ହରମୋନ୍ ପରିବର୍ତ୍ତନ ହେଲେ ମାଇଗ୍ରେନ୍ ହୋଇଥାଏ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ।
- ବେଳେବେଳେ କିଛି ଦୁର୍ଗନ୍ଧ ପାଇଁ ମଧ୍ୟ ମୁଣ୍ଡବିନ୍ଧା ହୋଇଥାଏ। ଏଥିପ୍ରତି ଧ୍ୟାନ ଦେଇ ଏହାର ନିରାକରଣ କରନ୍ତୁ।



# ଖରାପ ନ ହେଉ ସମ୍ପର୍କ

ପରିବାର ଭଳି ଅଫିସରେ ବି ସହକର୍ମୀଙ୍କ ସହ ଗଢ଼ିଉଠିଥାଏ ବନ୍ଧୁତା। ବେଳେବେଳେ ଏଇ ବନ୍ଧୁତାରେ ମତଭେଦ ବି ସୃଷ୍ଟି ହୁଏ। ହେଲେ ଏଭଳି ସ୍ଥିତିରୁ ଅନ୍ୟ କେହି ଫାଇଦା ନେବା ପୂର୍ବରୁ ସମ୍ପର୍କ ସଜାଡ଼ି ନେବା ଦରକାର।





ଭଲ କ୍ୟାରିୟର ପାଇଁ ପରିଶ୍ରମ ତ ନିହାତି ଜରୁରୀ। ଏହା ସହିତ ଅଫିସରେ ସହକର୍ମୀଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ହୋଇଥାଏ। ନଚେତ ଏକ ସୁସ୍ଥ ପରିବେଶରେ କାମ କରିବା ଅତ୍ୟନ୍ତ କଷ୍ଟକର। ଏହି ଦୃଷ୍ଟିରୁ ବିଚାର କଲେ ସହକର୍ମୀଙ୍କ ସହ ସମ୍ପର୍କ ଭଲ ରଖିବା ଏକ ବ୍ୟକ୍ତିଗତ କଳା। ମାତ୍ର କେବେକେବେ ଭୁଲ୍ ବୁଝାମଣା ହେଉ ଅଥବା କୌଣସି ମତଭେଦ କାରଣରୁ ସହକର୍ମୀଙ୍କ ସହିତ ସମ୍ପର୍କ ଖରାପ ହୋଇଯାଏ। ଏଭଳି ସ୍ଥିତିରେ କୌଣସି ଭୁଲ୍ ପଦକ୍ଷେପ ଅନେକ ସମସ୍ୟା ସୃଷ୍ଟି କରିଥାଏ। ଅଫିସରେ ଏଭଳି ପରିସ୍ଥିତି କ୍ୟାରିୟର ଉପରେ ବି ପ୍ରଭାବ ପକାଇପାରେ। ତେଣୁ ସହକର୍ମୀଙ୍କ ସହିତ ଭଲ ସମ୍ପର୍କ ରଖିବା ନିହାତି ଜରୁରୀ। କୌଣସି କାରଣରୁ ଯଦି ସମ୍ପର୍କ ଖରାପ ହୋଇଥାଏ ତା'ହେଲେ କୌଣସି ଭୁଲ୍ ପଦକ୍ଷେପ ନିଅନ୍ତୁ ନାହିଁ। ନଚେତ୍ ସମ୍ପର୍କ ଆହୁରି ଖରାପ ହୋଇପାରେ। ସେଥିପାଇଁ ସତର୍କ ରହିବାକୁ ହେବ।

**ଅଭିଯୋଗ କରନ୍ତୁ ନାହିଁ:** ସହକର୍ମୀଙ୍କ ସହିତ ଯଦି କୌଣସି କଥାକୁ ନେଇ ଅବା କାମ ପାଇଁ କେବେ ମତଭେଦ ହୋଇଥାଏ ତେବେ ସେନେଇ ସିନିୟରଙ୍କ ଆଗରେ ଭୁଲ୍‌ରେ ବି ଅଭିଯୋଗ କରନ୍ତୁ ନାହିଁ। ବରଂ ଉଭୟ ମିଳିମିଶି କଥାବାର୍ତ୍ତା ହୋଇ ପରସ୍ପର ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ଦୂର କରନ୍ତୁ। ଅଭିଯୋଗ କରିବା ଫଳରେ କୌଣସି ସମାଧାନ ବାହାରିବା ବଦଳରେ ସମ୍ପର୍କ ଆହୁରି ଖରାପ ହୋଇପାରେ। ତେଣୁ ଏଭଳି ସ୍ଥିତିରେ ଆପଣ ଅଭିଯୋଗ କରିବା ବଦଳରେ ସମାଧାନର ରାସ୍ତା କଥା ହିଁ ଚିନ୍ତା କରନ୍ତୁ।

**ସିଧା କଥା ହୁଅନ୍ତୁ:** ଯଦି କୌଣସି ସହକର୍ମୀଙ୍କ ସହ ଆପଣଙ୍କର ମତଭେଦ ହୋଇଥାଏ ତେବେ ସେନେଇ ତାଙ୍କ ସହିତ ସିଧା କଥା ହୁଅନ୍ତୁ। ଅଫିସରେ ସମସ୍ତେ ବନ୍ଧୁ ହୋଇ ନ ଥାନ୍ତି। ତେଣୁ ଅନ୍ୟ କେହି ଆପଣଙ୍କ ସମ୍ପର୍କକୁ ନେଇ ହୁଏତ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି। ସିଧାସଳଖ କଥା ହେବା ଫଳରେ ଆପଣ ପରସ୍ପର ମଧ୍ୟରେ ଥିବା ମତଭେଦର କାରଣକୁ ବୁଝିପାରିବେ। ଆଉ ଯଦି କୌଣସି କାରଣରୁ ଭୁଲ୍ ବୁଝାମଣା ଦୂର ହୋଇପାରି ନାହିଁ ତେବେ ସମ୍ପର୍କ ଅଧିକ ଖରାପ ତ ହେବ ନାହିଁ ବରଂ ଆପଣ ସମାଧାନ ପାଇଁ ଯେଉଁ ଚେଷ୍ଟା କରିଛନ୍ତି ତା'ର ପ୍ରଭାବ କେବେ ନା କେବେ ନିଶ୍ଚୟ ପଡ଼ିବ।

**ଚର୍ଚ୍ଚା କରନ୍ତୁ ନାହିଁ:** ଅଫିସରେ ଅନ୍ୟମାନଙ୍କ ଆଗରେ ଏହାକୁ ନେଇ କୌଣସି ପ୍ରକାରର ଚର୍ଚ୍ଚା କରିବା ଠିକ୍ ନୁହେଁ। ଏପରି କରିବା ଫଳରେ ଅଫିସ ଗସିପ୍ ଧୀରେ ଧୀରେ ବଢ଼ିଥାଏ। ପ୍ରଭାବରେ ସମ୍ପର୍କ ଭଲ ହେବା ବଦଳରେ ଆହୁରି ଖରାପ ହୋଇଥାଏ। ବେଳେବେଳେ ଅନ୍ୟମାନେ ଏହି ସ୍ଥିତିରୁ ଫାଇଦା ନେବାକୁ ବି ପଛାନ୍ତି ନାହିଁ।

**ନୈତିକତା ରଖନ୍ତୁ:** ସହକର୍ମୀଙ୍କ ସହିତ ମତଭେଦ ହୋଇଥିଲେ ବି ନିଜ ନୈତିକତାକୁ ଭୁଲିଯିବା ଆଦୌ ଠିକ୍ ନୁହେଁ। ନିଜ ବିବେକ ଓ ନୈତିକତା ଆଧାରରେ ଅଫିସିଆଲ୍ ସମ୍ପର୍କକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ତାଙ୍କୁ ସାହାଯ୍ୟ ବି କରନ୍ତୁ। ଅଫିସ କାମ ଦୃଷ୍ଟିରୁ ଯଦି ଆବଶ୍ୟକ ହୁଏ ଆପଣ କଥାବାର୍ତ୍ତା କରନ୍ତୁ ଏବଂ ତାଙ୍କ ସହିତ ମତଭେଦ ହୋଇଥିବା ନେଇ ଅନ୍ୟ କାହାକୁ ବି ଅନୁଭବ କରିବାକୁ ଦିଅନ୍ତୁ ନାହିଁ। କୌଣସି ସମୟରେ ବି ତାଙ୍କ ପ୍ରତି ଆକ୍ଷେପ କରି କିଛି କଥା କୁହନ୍ତୁ ନାହିଁ ଏବଂ କୌଣସି ପ୍ରକାରର ଅପଶବ୍ଦ ପ୍ରୟୋଗ କରନ୍ତୁ ନାହିଁ।





## ଏମାନେ କ'ଣ କରନ୍ତି

### ବେଶି ଦିନ ରହେନି



ମୁଁ ଟିମ୍ ୱର୍କରେ ବିଶ୍ୱାସ କରେ। କର୍ମକ୍ଷେତ୍ରରେ କାହା ସହିତ କେବେ ବି ସମ୍ପର୍କ ଖରାପ କରି ବେଶି ଦିନ ରହିପାରେନି। ଯଦି କେବେ କାହା ଉପରେ ରାଗିଥାଏ ତେବେ ଦିନେ କି ଦୁଇଦିନ ପରେ ପୁଣି ଆଗୁଆ ମୋ ଆଡୁ କଥା ହୋଇଯାଏ। କଥା ହୋଇ ବରଂ ମୋ ଆଡୁ ଅଧିକାର ଦେଖାଇ ତାଙ୍କୁ ଗାଳି ଦିଏ କିନ୍ତୁ କଥାବାର୍ତ୍ତା ବନ୍ଦ କରି ବେଶି ଦିନ ରହି ନ ଥାଏ। ସେଥିପାଇଁ ମୋର କାହା ସହିତ ବି ଶତ୍ରୁତା ନାହିଁ। ତା ଛଡା ମୋର ସବୁ କାମକୁ ମୁଁ ଠିକ୍ ସମୟରେ କରେ।

**ମମତାମୟୀ ମହାନ୍ତି, *ଶିକ୍ଷୟିତ୍ରୀ, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର***

### ଖାଇବାବେଳେ ସବୁ ଶେଷ



ମୋର ସବୁ ସହକର୍ମୀ ବହୁତ ଭଲ। ଆମେ ସମସ୍ତେ ଏକାଠି ହସଖୁସିରେ କାମ କରୁ। ପରସ୍ପରର ସୁବିଧା ଅସୁବିଧାକୁ ବୁଝି ସେମାନଙ୍କୁ ବ୍ୟକ୍ତିଗତ ସ୍ତରରେ ଯାହା ସାହାଯ୍ୟ ଦରକାର କରିଥାଉ। ଆମ ଟିମ୍ ଲିଡର ବି ବହୁତ ଭଲ। ତେଣୁ ଏକ ସୁନ୍ଦର ପରିବେଶରେ ଆମେ ଅଫିସରେ କାମ କରୁ। କାହା ଉପରେ ରାଗ ଅଭିମାନ ଥିଲେ ଅଫିସରେ ଖରାବେଳେ ଖାଇବା ସମୟରେ ସମସ୍ତେ କଥା ହୋଇ ଭୁଲ୍ ବୁଝାମଣା ଦୂର କରିଦେଉ। ତେଣୁ କାହା ସହ କଥାବାର୍ତ୍ତା କେବେ ବନ୍ଦ ହୁଏନି।

**ଶୁଭଦର୍ଶିନୀ ଜେନା, *କର୍ମଜୀବୀ, ପୁରୁଷୋତ୍ତମପୁର, ଗଡନଈ, କେନ୍ଦ୍ରାପଡା***

### ଧୀରେଧୀରେ କମିଯାଏ



ଆମର ଅଫିସ କାମ ଏକ ଟିମ୍ ୱାର୍କ। ପରସ୍ପର ମିଶିକି ହିଁ ସବୁ କରିବାକୁ ହୁଏ। ତେଣୁ କାହା ସହ ସମ୍ପର୍କ ଖରାପ କରି ବେଶି ସମୟ ରହିହେବନି। ଯଦି ବି କେବେ କାହା ସହ ପାଟିତୁଣ୍ଡ ହୋଇଥାଏ ଧୀରେଧୀରେ ତାହା କମିଯାଏ। କାହିଁକି ନା ସବୁଦିନ କିଛି ନା କିଛି କାମ ପାଇଁ କଥାବାର୍ତ୍ତା ହେବା ଭିତରେ ରାଗ ଅଭିମାନ କେବେ ଚାଲିଯାଏ ଜଣାପଡ଼େନି।

**ଜୟସ୍ମିତା ସାହୁ, *କର୍ମଜୀବୀ, ବୃନ୍ଦାବନ ବିହାର, ଧାଙ୍ଗରପଡା, କେନ୍ଦୁଝର***

ସୌନ୍ଦର୍ଯ୍ୟ

# ସୁନ୍ଦର ତ୍ୱଚା ପାଇଁ

ତ୍ୱଚାକୁ ସବୁବେଳେ ସୁନ୍ଦର ରଖିବା ପାଇଁ ଅଧିକାଂଶ ମହିଳା ବିଭିନ୍ନ ପ୍ରକାରର କସ୍‌ମେଟିକ୍ ବ୍ୟବହାର କରିଥାନ୍ତି। କିନ୍ତୁ ଏଥିପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବା ବଦଳରେ ସହଜରେ ଘରୋଇ ଉପାୟରେ ମଧ୍ୟ ତ୍ୱଚାକୁ ସୁନ୍ଦର କରିହେବ।





- ମୁହଁ କିମ୍ବା ତ୍ୱଚାର ଅନ୍ୟ କୌଣସି ସ୍ଥାନରେ କୁଞ୍ଚନ କିମ୍ବା ଅନ୍ୟ ଦାଗ ଦେଖାଯାଉଥାଏ ସେଠାରେ ଆଲୋଭେରା ଜେଲ୍ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ।
- କାକୁଡ଼ି ଓ ମହୁ ମିଶାଇ ଏକ ଫେସ୍ ପ୍ୟାକ୍ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଲଗାତର ଏହି ପ୍ୟାକ୍ ଲଗାଇଲେ ମୁହଁରେ ବୟସର ଛାପ ଦେଖାଯିବ ନାହିଁ।
- ଶୁଷ୍କ ତ୍ୱଚାରେ ବୟସର ଛାପ ଶୀଘ୍ର ଦେଖାଯାଏ। ତେଣୁ କ୍ଷୀରରେ ଅଧା ଚାମଚ ରାଶି ତେଲ ମିଶାଇ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ପରେ ତୁଳାକୁ ପାଣିରେ ଭିଜାଇ ପୋଛି ନିଅନ୍ତୁ। ପ୍ରତିଦିନ ଏପରି କରିବା ଫଳରେ ତ୍ୱଚା ଅଧିକ କୋମଳ ହେବ।
- ଶୁଷ୍କ ତ୍ୱଚାରେ ପ୍ରତିଦିନ ମଶ୍ଚରାଇଜର ଲଗାନ୍ତୁ। ଏହା ସହ ପ୍ରତିଦିନ ଶୋଇବା ପୂର୍ବରୁ ବାଦାମ ତେଲ କିମ୍ବା ନଡିଆ ତେଲରେ ମଧ୍ୟ ମସାଜ କରନ୍ତୁ।
- ଅମୃତଭଣ୍ଡାରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରହିଛି। ଏହାକୁ ପ୍ରତିଦିନ ଲଗାଇଲେ ତ୍ୱଚାରେ ଥିବା ମୃତ କୋଷ ବାହାରିଯିବା ପରେ ତ୍ୱଚା ଅଧିକ ଗ୍ଲୋ କରିଥାଏ। ତେଣୁ ଅମୃତଭଣ୍ଡାକୁ ଭଲଭାବେ ଗ୍ରାଇଣ୍ଡିଂ କରି ମୁହଁରେ ଲଗାଇ ଶୁଖିବା ପରେ ହିଁ ଧୋଇ ଦିଅନ୍ତୁ।
- ପାଚିଲା କଦଳୀକୁ ଭଲଭାବେ ଗ୍ରାଇଣ୍ଡିଂ କରି ସେଥିରେ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ କିଛି ସମୟ ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ନିୟମିତ ଏପରି କରିବା ଫଳରେ ମୁହଁରେ ବୟସର ଛାପ ଦିଶିବ ନାହିଁ।
- ସିଗାରେଟ୍ କିମ୍ବା କୌଣସି ପ୍ରକାରର ନିଶା ନିଅନ୍ତୁ ନାହିଁ। ସେହିପରି ଅତ୍ୟଧିକ ମିଠା ଓ ତେଲ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ବଦଳରେ ଫଳ, ସାଲାଡ, ସବୁଜ ପନିପରିବା, ଦହି, ସୁପ୍ ଆଦି ଖାଆନ୍ତୁ। ଏହା ସହ ପ୍ରତିଦିନ ଯୋଗ ଓ ଧ୍ୟାନ କରନ୍ତୁ।

ଖାଦ୍ୟରୁଚି

# ଆଳୁ ପନିର ଲଲିପପ୍

**ଆବଶ୍ୟକ ସାମଗ୍ରୀ:**
ପନିର- ୧ କପ୍, ଆଳୁ- ୨ଟି (ସିଝା), କଞ୍ଚାଲଙ୍କା- ୨ଟି, କ୍ୟାପ୍ସିକମ୍- ୧ଟି ଛୋଟ, ଅଦା ପେଷ୍ଟ- ୧ ଚାମଚ, ରସୁଣ ପେଷ୍ଟ- ୧ ଚାମଚ, ଗରମ ମସଲା ଗୁଣ୍ଡ- ଅଧା ଚାମଚ, ଚାଟ ମସଲା- ଅଧା ଚାମଚ, ମଇଦା- ଅଧା କପ୍, ବ୍ରେଡ ଖଣ୍ଡ- ୧ କପ୍, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ ଏବଂ ଧନିଆପତ୍ର।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ପନିର ଓ ସିଝା ଆଳୁକୁ ଏକ ପାତ୍ରରେ ରଖି ଚକଟି ଦିଅନ୍ତୁ। ଏହାପରେ କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ସେଥିରେ ପକାଇ ଅନ୍ୟ ସମସ୍ତ ମସଲାକୁ ପକାଇ ଦିଅନ୍ତୁ। ଏହି ମିଶ୍ରଣକୁ ଭଲଭାବେ ମିଶାଇ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ଗୋଲ କରି ରଖି ଦିଅନ୍ତୁ। ଏହାପରେ ମଇଦାକୁ ପାଣିରେ ବହଳିଆ ଘୋଳ ତିଆରି କରି ସେଥିରେ ଏହାକୁ ବୁଡାଇ ବ୍ରେଡ ଗୁଣରେ ଗଡାଇ ଗରମ ତେଲରେ ଛାଣି ଦିଅନ୍ତୁ। ବ୍ରାଉନ୍ ହେବା ପରେ ପନିର ବଲ୍‌ଗୁଡ଼ିକୁ ବାହାର କରି ଦିଅନ୍ତୁ। ଏବେ ଏହି ପନିର ବଲ୍‌ରେ ଟୁଥ୍ ପିକ୍ ଲଗାଇ ସସ୍ କିମ୍ବା ଚଟଣି ସହିତ ପରଷି ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୨/୨୦୨୩ Bhubaneswar, Tuesday, September 12/ 2023

# ଭାରତର ବୃହତ୍ ବିଜୟ

## ପାକିସ୍ତାନ ୨୨୮ ରନ୍‌ରେ ପରାସ୍ତ

**କଲମ୍ବୋ, ୧୧।୯**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ବର୍ଷା ବାଧାପ୍ରାପ୍ତ ସୁପର-୪ ମ୍ୟାଚରେ ଭାରତ ୨୨୮ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଦୁଇ ଦିନରେ ଶେଷ ହୋଇଥିବା ଏହି ମ୍ୟାଚରେ ଭାରତ ୫୦ ଓଭରରେ ୨ ଉଇକେଟ ହରାଇ ୩୫୬ ରନ କରିଥିବାବେଳେ ପାକିସ୍ତାନ ୩୨ ଓଭରରେ ୮ ଉଇକେଟ ହରାଇ ୧୨୮ ରନରେ ସୀମିତ ରହିଥିଲା। ଆହତ ସମସ୍ୟା ଯୋଗୁ ହାରିସ ରୌଫ ଓ ନସିମ ଶାହା ବ୍ୟାଟିଂପାଇଁ ଆସିପାରି ନ ଥିଲେ। ଦଳ ପକ୍ଷରୁ ଫଖର ଜମନ ସର୍ବାଧିକ ୨୭ ରନ କରିଥିଲେ। ଭାରତୀୟ ସ୍ପିନର କୁଲଦୀପ ଯାଦବ ୨୫ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ପାକିସ୍ତାନ ବିପକ୍ଷରେ ଭାରତର ଏହା ସର୍ବ ବୃହତ୍ ବିଜୟ। ପୂର୍ବରୁ ୨୦୦୮ରେ ମୀରପୁରରେ ୧୪୦ ରନର ବିଜୟ ସର୍ବାଧିକ ଥିଲା। ରବିବାର ବର୍ଷା ଯୋଗୁ ଖେଳ ବନ୍ଦ ରହିବା ବେଳକୁ ଭାରତ ୨୪.୧ ଓଭରରେ ୨ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ସୋମବାର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ ହୋଇଥିଲା। ବିରାଟ କୋହଲି ଓ ଲୋକେଶ ରାହୁଲ ପୁରା ୨୫.୫ ଓଭର ଖେଳି ଭାରତପାଇଁ ବଡ଼ ସ୍କୋର ଛିଡ଼ା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅସମାପ୍ତ ତୃତୀୟ ଉଇକେଟରେ ଦୁହେଁ ୨୩୩ ରନର ଭାଗୀଦାରି ଗଢ଼ିବାରୁ ଭାରତ ସ୍କୋର ୩୫୦ ଅତିକ୍ରମ କରି ଯାଇଥିଲା। କୋହଲି କ୍ୟାରିୟରର ୪୭ତମ ଦିନିକିଆ ଶତକ ହାସଲ କରିଥିବାବେଳେ ୧୩,୦୦୦ ରନର ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ୮୪ ବଲ୍‌ରୁ ୧୦୦ ରନ ପୂରଣ କରିଥିବା କୋହଲି ମୋଟ ୯୪ଟି ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୩ ଛକା ସହାୟତାରେ ୧୨୨ ରନକରି ଅପରାଜିତ ରହିଥିଲେ। ଲୋକେଶ ରାହୁଲଙ୍କ ପାଇଁ ଏହି ମ୍ୟାଚଥିଲା ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଆହତ ସମସ୍ୟାରୁ ମୁକୁଳିବାପରେ ଏଠାରେ ପ୍ରଥମ ମ୍ୟାଚ ଖେଳିଥିଲେ। ମାତ୍ର ଦକ୍ଷତାର ଭରପୂର ଉପଯୋଗ କରି ନିଜ ପ୍ରତ୍ୟାବର୍ତ୍ତନ ମ୍ୟାଚରେ ହିଁ କ୍ୟାରିୟରର ୭ମ ଦିନିକିଆ ଶତକ ହାସଲ କରିଥିଲେ ନିର୍ଭରଯୋଗ୍ୟ ରାହୁଲ। ସେ ୧୦୬ ବଲ୍‌ରୁ ୧୧୧ (୧୨ ଚୌକା, ୨ ଛକା) ରନକରି ଅପରାଜିତ ରହିଥିଲେ।



ଲୋକେଶ ରାହୁଲ।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୩୫୬/୨ (ବିରାଟ କୋହଲି-୧୨୨*, ଲୋକେଶ ରାହୁଲ-୧୧୧*, ଶୁବମନ ଗିଲ-୫୮, ରୋହିତ ଶର୍ମା-୫୬, ଶାହିନ ଆଫ୍ରିଦୀ-୧/୭୯, ଶଦାବ ଖାଁ-୧/୭୧)। ପାକିସ୍ତାନ ୩୨ ଓଭରରେ ୧୨୮/ଅଲ୍‌ଆଉଟ (ଫଖର ଜମନ-୨୭, ଆଘା ସଲମନ-୨୩, ଇଫତିଖାର ଅହମଦ-୨୩, କୁଲଦୀବ ଯାଦବ-୫/୨୫, ଶାର୍ଦ୍ଦୂଳ ଠାକୁର-୧/୧୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୧୭, ଯଶପ୍ରୀତ୍ ବୁମ୍‌ରା-୧/୧୮)।

## କୋହଲିଙ୍କ ଦ୍ରୁତ ୧୩ ହଜାର ରନ୍

ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପୂରଣ କରିଛନ୍ତି ୧୩ ହଜାର ରନ୍। ପାକିସ୍ତାନ ବିପକ୍ଷ ଏସିଆ କପ୍‌ର ସୁପର-୪ ମ୍ୟାଚରେ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଏହି ମ୍ୟାଚ୍ ପୂର୍ବରୁ କୋହଲିଙ୍କୁ ୧୩ ହଜାର ରନ୍ ପୂରଣ କରିବାକୁ ୯୮ ରନ୍ ଆବଶ୍ୟକ ଥିଲା। ଏହି ମ୍ୟାଚ୍‌ରେ ଦିନିକିଆ କ୍ୟାରିୟରର ୪୭ତମ ଶତକ ପୂରଣ କରିବା ସହିତ ସମ୍ପୂର୍ଣ୍ଣ ଷ୍ଟାଇଲରେ ୧୩ ହଜାର ରନ୍ ପୂରଣ କରିଛନ୍ତି। ଏହା ସହିତ ବିଶ୍ୱର ଦ୍ରୁତତମ ଖେଳାଳି ଭାବରେ କୋହଲି ୧୩ ହଜାର ରନ୍ କ୍ଲବରେ ପ୍ରବେଶ କରିଛନ୍ତି। ଭାରତର କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି କୋହଲି। ତେନ୍ଦୁଲକର ୩୨୧ ଇନିଂସରେ ୧୩ ହଜାର ରନ୍ ପୂରଣ କରିଥିବା ବେଳେ କୋହଲି ୨୬୭ ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ବିଶ୍ୱର ପଞ୍ଚମ ଖେଳାଳି ଭାବରେ କୋହଲି ଅନ୍ତର୍ଜାତୀୟ ଦିନିକିଆରେ ୧୩ ହଜାର ରନ୍ ସମ୍ପୂର୍ଣ୍ଣ କରିଛନ୍ତି। ସଚିନ୍ ତେନ୍ଦୁଲକର (୧୮,୪୨୬ ରନ୍), କୁମାର ସଙ୍ଗକାରା(୧୪,୨୩୪ ରନ୍), ରିକି ପଣ୍ଟିଂ(୧୩, ୭୦୪ ରନ୍) ଓ ସନଥ ଜୟସୁରିୟା(୧୩,୪୩୦ ରନ୍) ପୂର୍ବରୁ ୧୩ ହଜାର କ୍ଲବରେ ସାମିଲ ଅଛନ୍ତି।



ଶତକ ହାସଲ ପରେ ଉଲ୍ଲସିତ ବିରାଟ କୋହଲି।



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ORBIT MOTORS:** ROURKELA: 9437041155, 9040404444, SUNDARGARH: 9437049161, 9437131074, DEOGARH: 9437061223, 7064400290.

**LEGEND CARS:** JEYPORE: 7894406481, RAYGADA: 9692883042, BHAWANIPATNA: 7894442907.

**APARNAA MOTORS:** SAMBALPUR (PARDHIAPALI): 9237395001

**SKY AUTOMOBILES:** BERHAMPUR: 9778202019, BHANJANAGAR: 9778202019, PARALAKHEMUNDI: 9778202019, PHULBANI: 9778202019.

**ODYSSEY MOTORS:** SAMBALPUR (AINTHAPALI):7381433909, BOLANGIR: 9438068327, BARGARH: 9556352943, NUAPADA: 7381017851, SONEPUR: 9438068327, JHARSUGUDA: 9439892153, BOUDH: 8594908009, PADAMPUR: 7381661837.

*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only. **Fuel efficiency as certified by test agency under Rule 115 of CMVR 1989. For details on functioning of safety features, including air bag, kindly refer to the Owner's Manual. All Loans & schemes are under the sole discretion of the Finance Partner.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ